# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୧୪/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, April 14/ 2019 ★★

୧୫ଶ ଭାଗ ୧୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-








■ ଫେମିନା ମିସ୍ ଇଣ୍ଡିଆ ଭୁବନେଶ୍ୱର ଅଡିଶନ

# ଶ୍ରେଷ୍ଠ ୩ରେ ତମନ୍ନା, ଶୀତଲ, ଅରୂପା

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**



(ବାମରୁ) ଅରୂପା ରଥ, ଶୀତଲ୍ ସାହୁ ଓ ତମନ୍ନା ବ୍ୟାସ।

ଦେଶର ଲୋକପ୍ରିୟ ବିଉଟି କଣ୍ଟେଷ୍ଟ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆର ଭୁବନେଶ୍ୱର ଅଡିଶନ ଶନିବାର ଏସ୍ପ୍ଲାନେଡ୍ ମଲ୍‌ସ୍ଥିତ ବିଗ୍‌ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଓଡିଶାରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଭାବେ ତମନ୍ନା ବ୍ୟାସ, ଶୀତଲ ସାହୁ ଏବଂ ଅରୂପା ରଥ ମନୋନୀତ ହୋଇଛନ୍ତି। ଏପ୍ରିଲ ୨୩ରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟ୍ ଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଏମାନେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ୩ ସୁନ୍ଦରୀ ଓଡିଶାକୁ ଗୌରାବାନ୍ୱିତ କରିବା ସହ ଚଳିତବର୍ଷ ମିସ୍ ଇଣ୍ଡିଆ ଟାଇଟଲ୍‌ର ବିଜୟିନୀ ହେବାକୁ ଆଶାବାଦୀ ଥିବା କହିଛନ୍ତି।

ଚଳିତବର୍ଷ ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୮ ପ୍ରତିଯୋଗିତାର ଭୁବନେଶ୍ୱର ଅଡିଶନ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଅଡିଶନ୍‌ର ୪ରୁ ଉର୍ଦ୍ଧ୍ୱ ରାଉଣ୍ଡରେ ପ୍ରତିଯୋଗୀମାନେ ସେମାନଙ୍କ ସୌନ୍ଦର୍ଯ୍ୟ ସହ ପ୍ରତିଭା, ବୁଦ୍ଧିମତ୍ତା ଏବଂ ର୍‌ୟାମ୍ପ୍ ଦକ୍ଷତାକୁ ପ୍ରଦର୍ଶିତ କରିଥିଲେ। ଇଣ୍ଟ୍ରୋଡକ୍ସନ, ର୍‌ୟାମ୍ପ୍ ୱାକ୍, ପ୍ରଶ୍ନୋତ୍ତର ଏବଂ କକ୍‌ଟେଲ୍ ରାଉଣ୍ଡ ପରେ ଶ୍ରେଷ୍ଠ ୬ ପ୍ରତିଯୋଗୀ ଚୟନ ହୋଇ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେମାନଙ୍କୁ ଉପସ୍ଥିତ ଦର୍ଶକ ଏବଂ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ପଡିଥିଲା। ସେହିଭଳି ପ୍ରତିଯୋଗୀମାନେ ର୍‌ୟାମ୍ପ୍‌ରେ ବିଭିନ୍ନ ଶୈଳୀରେ ଚାଲି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଫ୍ୟାଶନ ଡିଜାଇନର ରିମ୍‌ଲି ମହାନ୍ତି ଏବଂ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ୨୦୧୮ ଟାଇଟଲ ବିଜେତା ଶ୍ରୁତିକ୍ଷା ନାୟକ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବିଜେବି କଲେଜରେ ଜର୍ନାଲିଜିମ୍ ପଢିବା ସହ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ତମନ୍ନା, ବମ୍ବେରେ ସଫ୍ଟୱେର୍ ଇଞ୍ଜିନିୟରଭାବେ କାର୍ଯ୍ୟରତ ଶୀତଲ ଏବଂ କିଟ୍‌ରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଏଚ୍‌ଆର୍ ଭାବେ କାର୍ଯ୍ୟରତ ଅରୂପା ଏଥର ଗୋଲ୍ଡେନ୍ ଟିକେଟ ହାସଲ କରି ଜାତୀୟସ୍ତରରେ ଓଡିଶାରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଚଳିତବର୍ଷ ମିସ୍ ଇଣ୍ଡିଆର ୫୬ତମ ସଂସ୍କରଣ ଅନୁଷ୍ଠିତ ହେଉଥିବାବେଳେ ଦେଶର ସମସ୍ତ ରାଜ୍ୟରେ ଅଡିଶନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ପ୍ରତ୍ୟେକ ରାଜ୍ୟରୁ ୩ଜଣ ଲେଖାଏ ପ୍ରତିଯୋଗୀ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେଠାରେ ରାଜ୍ୟ ସୁନ୍ଦରୀ ଟାଇଟଲ୍ ହାସଲ କରିବେ। ଓଡିଶାରୁ ୩ଜଣ ପ୍ରତିଯୋଗୀ ଇଷ୍ଟ ଜୋନାଲ କ୍ରାଉନିଂ ସେରିମନିରେ ଭାଗନେବାପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ 'ମିସ୍ ଇଣ୍ଡିଆ ଓଡିଶା ୨୦୧୯' ଟାଇଟଲ୍ ପ୍ରଦାନ କରାଯିବ। ଭଲ ପ୍ରଦର୍ଶନ କଲେ ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନୀତ ହେବାସହ ଜୁନ୍ ୧୫ରେ ମୁମ୍ବାଇରେ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେରେ ମିସ୍ ଇଣ୍ଡିଆ ଟାଇଟଲ୍ ଜିତିବାର ଗୌରବ ମଧ ଅର୍ଜନ କରିପାରିବେ।

# ବିଜେଡି ଷ୍ଟାରଙ୍କୁ ଲୋଡ଼ା ପଡ଼ିଲେ ବଲିଉଡ୍ ଷ୍ଟାର

**ଝାରସୁଗୁଡ଼ା ଅଫିସ,୧୩।୪**




ପ୍ରଚାର ମଞ୍ଚରେ ବିଜେଡି ଷ୍ଟାର ଓ ବଲିଉଡ୍ ଷ୍ଟାର।

ସାଧାରଣ ନିର୍ବାଚନ ପାଇଁ ଚାରିଆଡ଼େ ସରଗରମ ପରିସ୍ଥିତି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇସାରିଛି। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ନେତାଏ ସକାଳ ୬ରୁ ଘରୁ ବାହାରି ଅଧରାତି ଯାଏ ଭୋଟ ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ଭୋଟ ହାତେଇବାକୁ କିଏ କେଉଁ ରଣନୀତି ଅପଣଉଛି ତାକୁ ଅନ୍ୟ ରାଜନୈତିକ ଦଳ ଏବଂ ଭୋଟର ନିକଟରୁ ନିରିଖେଉଛନ୍ତି। ଏପରି ସ୍ଥଳେ ଶୁକ୍ରବାର ଏବଂ ଶନିବାର ଝାରସୁଗୁଡ଼ାରେ ବଲିଉଡ୍ ଷ୍ଟାର ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଚର୍ଚ୍ଚାର ବିଷୟ ହୋଇଛି। ବଲିଉଡ୍ ଷ୍ଟାର ସୁନୀଲ ଶେଟ୍ଟି ଏବଂ ମହିମା ଚୌଧୁରୀ ଦୁଇଦିନ ଧରି ବରଗଡ଼ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଏକାଧିକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଦୁଇ ଷ୍ଟାରଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିଲା।

ପ୍ରସଙ୍ଗ ହେଲା, ବିଜେଡି ମୁଖିଆ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛନ୍ତି। ଏହି ତାଲିକାର ଉପର ଆଡ଼କୁ ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ନବ କିଶୋର ଦାସ ଏବଂ ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ କିଶୋର କୁମାର ମହାନ୍ତିଙ୍କ ନାମ ରହିଛି। ହେଲେ ଏହି ତିନି ଷ୍ଟାରଙ୍କ ପାଇଁ ବଲିଉଡ୍ ଅଭିନେତା ସୁନୀଲ ଶେଟ୍ଟି ଓ ଅଭିନେତ୍ରୀ ମହିମା ଚୌଧୁରୀ ଶୁକ୍ରବାର ଝାରସୁଗୁଡ଼ାର କଣ୍ଡାପାଲି, ବମ୍ବେଛକ ଏବଂ ଝଣ୍ଡାଛକରେ ପ୍ରଚାର କରିଥିବାବେଳେ ଶନିବାର ବ୍ରଜରାଜନଗରରେ ପ୍ରଚାର କରିଥିଲେ। ନବୀନ ଘୋଷଣା କରିଥିବା ଷ୍ଟାର ପ୍ରଚାରକଙ୍କ ପାଇଁ ବଲିଉଡ୍ ଷ୍ଟାରଙ୍କ ପ୍ରଚାର ସହଯୋଗର ଆବଶ୍ୟକତା ପଡ଼ିବା ନେଇ ଚର୍ଚ୍ଚା ହେଉଛି। ଭାଜପାର ଶକ୍ତି ବୃଦ୍ଧି ପାଇଁ ବିଜେଡି ନେତା ଚିନ୍ତିତ ଥିବାଭଳି ମନେ ହେଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ବିଜେଡିର ଷ୍ଟାର ପ୍ରଚାରକ କୁହାଯାଉଥିବା ଏହି ତିନି ନେତାଙ୍କ ପ୍ରଚାର ଅପେକ୍ଷା ବଲିଉଡ୍ ଅଭିନେତା, ଅଭିନେତ୍ରୀଙ୍କ ପ୍ରଚାର ବାସ୍ତବରେ ପ୍ରଭାବ ପକାଇବ କି ବୋଲି ମଧ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ବଲିଉଡ୍ ଷ୍ଟାରଙ୍କ ଦ୍ୱାରା ପ୍ରଚାର କରାଇବାରେ ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ନବ ଦାସଙ୍କ ଆଗରୁ ଅଭିଜ୍ଞତା ରହିଛି। ୨୦୦୯ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢୁଥିବା ବେଳେ ନବ ବଲିଉଡ୍ କଳାକାର ଶକ୍ତି କପୁର ଏବଂ ଆଶ୍ରାନୀଙ୍କ ଦ୍ୱାରା ପ୍ରଚାର କରାଇଥିଲେ। ସେହିପରି ୨୦୧୪ରେ ନବଙ୍କ ପାଇଁ ଆଦିତ୍ୟ ପାଞ୍ଚୋଲି ଏବଂ ପ୍ରୀତି ଝିଙ୍ଗ୍ୟାନୀ ନିର୍ବାଚନ ପ୍ରଚାର କରିଥିଲେ। ସେଥିପାଇଁ ଚଳିତ ନିର୍ବାଚନରେ ମଧ ନବଙ୍କଠାରୁ ଭୋଟର ସେପରି କିଛି ଆଶା ରଖିଥିଲେ, ଯାହା ଗତ ଦୁଇଦିନ ଭିତରେ ସରିଛି। ତେବେ ଏହି ବଲିଉଡ୍ କଳାକାରଙ୍କ ପ୍ରଚାର ବିଜେଡି ନେତାଙ୍କୁ କେତେ ସଫଳତା ଦେବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ।


ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ବଡ଼ଗାଁ ରାମଲୀଳା ଯାତ୍ରା ଉପଲକ୍ଷେ ଜିଲ୍ଲାର ସମସ୍ତ ମା' ଭଉଣୀ ଭାଇଙ୍କ ଶୁଭକାମନା କରୁଛୁ।
ସୌଜନ୍ୟ
ଦିଲ୍ଲୀପ ସେନାପତି
ଭା.ଜ.ପା. ବଡ଼ଗାଁ ମଣ୍ଡଳ କାର୍ଯ୍ୟକାରୀ ସଭାପତି
ପିଣ୍ଟୁ ହୋତା
ଭା.ଜ.ପା. ମଣ୍ଡଳ ସଭାପତି, ବଡ଼ଗାଁ





ବଡ଼ଗାଁ ରାମଲୀଳା ଯାତ୍ରା ଉପଲକ୍ଷେ ଜିଲ୍ଲାର ସମସ୍ତ ମା' ଭଉଣୀ, ଭାଇଙ୍କ ଶୁଭ କାମନା କରୁଛି।
ସାରଥି ପାଣ୍ଡେ
ବଡ଼ଗାଁ ବ୍ଲକ ଉପାଧକ୍ଷ





ପ୍ରଭୁ ଶ୍ରୀରାମଙ୍କ ଜନ୍ମତିଥି ଓ ରାମଲୀଳା ଯାତ୍ରା ଉପଲକ୍ଷେ ସମସ୍ତଙ୍କ ଶୁଭ କାମନା କରୁଛି। ପ୍ରଭୁ ଶ୍ରୀରାମ ଆପଣଙ୍କ ଜୀବନ ସୁଖମୟ କରନ୍ତୁ।
ଉପାଧ୍ୟାୟ ପାଣିଗ୍ରାହୀ
ଭା.ଜ.ପା. ସୁନ୍ଦରଗଡ଼ ସଂଗଠନ ଜିଲ୍ଲା, ଉପସଭାପତି





ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ଅବସରରେ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।
ନିର୍ଦ୍ଦେଶକ
ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର


■ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ଦେଢ଼ଶହ ମିଟର ଗଡ଼ିଲା ରଥ

**୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ହେଲା ରଥଟଣା**



**ପୁରୁଣା ଭୁବନେଶ୍ୱର, ୧୩। ୪(ଡି.ଏନ.ଏ.)**

ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପରେ ମନ୍ଦିରରୁ ସେବାୟତମାନେ ୨ଟା ୨୦ ମିନିଟ୍‌ରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ଭଉଣୀ ରୁକୁଣା ଦେବୀ, ଦୋଳଗୋବିନ୍ଦଙ୍କ ଚଳନ୍ତି ପ୍ରତିମାଙ୍କୁ ପହଣ୍ଡିରେ ଆଣିଥିଲେ। ଜୀଉମାନେ ରଥାରୂଢ଼ ହେବା ପରେ ଟାହିଆ ଲାଗି କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବନିର୍ଘଣ୍ଟ ସମୟ ଅନୁସାରେ ଅପରାହ୍ନ ୪ଟାରେ ରଥଟଣା ହେବାକୁ ଥିଲା। ହେଲେ ୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ରଥଟଣା ଯାଇଥିଲା। ରଥଖଳାରୁ ମାତ୍ର ଦେଢଶହ ମିଟର ରଥ ଗଡିଲା ପରେ ସନ୍ଧ୍ୟା ହୋଇଯିବାରୁ ଟଣା ବନ୍ଦ ରହିଛି। ରଥ ଯାଇ ଶ୍ରୀଲିଙ୍ଗରାଜଙ୍କ ମାମୁଘର ନିକଟ କପାଳିମଠ ପାଖରେ ଅଟକି ରହିଛି। ପ୍ରବଳ ଖରା ସତ୍ତ୍ୱେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶରେ ରଥ ଟାଣିବାକୁ ଅପେକ୍ଷା କରି ରହିଥିଲେ। ଅଳ୍ପ ସମୟ ରଥଟଣା ଯୋଗୁ ସେମାନେ ନିରାଶ ହୋଇ ଫେରିଥିଲେ। ରଥଟଣା ବିଳମ୍ବକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ଗୋଟିଏ ଦିନରେ ରଥଟଣା ଯାଇ ମାଉସୀ ମା' ଘର ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ଥିଲା ବେଳେ ଏହା ହୋଇ ପାରି ନ ଥିଲା। ଅପରାହ୍ନ ୪ଟା ୨୫ ମିନିଟ୍‌ରେ ରଥରେ ଘୋଡା ଯୋଚା ଯାଇଥିଲା। ୫ଟାରେ ରଥରେ ଚାରମାଳ ଖୋଲା ଯାଇଥିଲା। ୫ଟା ୨୫ ମିନିଟ୍‌ରେ ରଥରେ ଆଳତି ହୋଇଥିଲା, ୫ଟା ୩୬ରେ ରଥରେ ସାରଥି ଭବାନୀ ଖୁଣ୍ଟିଆ ରଥ ଟାଣିବା କାର୍ଯ୍ୟ ପାଇଁ ଘୋଡାରେ ବସିଥିଲେ। ୫ଟା ୩୮ ମିନିଟ୍‌ରେ ରଥଟଣା ଯାଇଥିଲା।


୨୦୧୯ ରାମଲୀଳା ଯାତ୍ରା, ବଡ଼ଗାଁ
ଶୁଭାରମ୍ଭ-୧୩।୦୪।୧୯
ଶନିବାର
୧୨ ଦିନ ବ୍ୟାପୀ ଯାତ୍ରାରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ। ପ୍ରଭୁ ଶ୍ରୀରାମ ସମସ୍ତଙ୍କ ମଙ୍ଗଳ କରନ୍ତୁ।



ରାମଲୀଳା ଯାତ୍ରା ସଂସଦ, ବଡ଼ଗାଁ


# ନିମୋନିଆରେ ଛୁଆହାତୀର ମୃତ୍ୟୁ

**ଦଶପଲ୍ଲା, ୧୩।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳର ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରେ ନିମୋନିଆରେ ଆକ୍ରାନ୍ତ ହୋଇ ୨ ମାସର ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୧୦ ତାରିଖ ରାତିରେ ଏକ ହାତୀପଲ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲକୁ ପଶିଆସିଥିବା ସୂଚନା ମିଳିଥିଲା। ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖ ସକାଳୁ ବନ କର୍ମଚାରୀ ଜଙ୍ଗଲରେ ପହଞ୍ଚି ଅନୁଧ୍ୟାନ କରିବା ସମୟରେ ଘୁମୁସର ନର୍ଥଠାରୁ ମାତ୍ର ୧୫ ଫୁଟ ଦୂରରେ ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ବନ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏସିଏଫ୍ ଅରବିନ୍ଦ ମହାନ୍ତି ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପ୍ରାଣୀ ଚିକିତ୍ସକ ନିହାର ରଞ୍ଜନ ସାମନ୍ତରାୟ ହାତୀ ଛୁଆର ଶବ ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଥିଲା। ହାତୀ ଛୁଆଟି ନିମୋନିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିବା ପ୍ରାଣୀ ଚିକିତ୍ସକ ସାମନ୍ତରାୟ କହିଛନ୍ତି।

# ବେକରେ ରଶି ବାନ୍ଧି ପିଉସୀ, ଝିଆରୀଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୧୩।୪**

■ କାରଣ ଅସ୍ପଷ୍ଟ, ପୋଲିସର ତନାଘନା ଜାରି

■ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

ନୂଆପଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି. ଦୂର ଲଖନା ଥାନା ଅନ୍ତର୍ଗତ ସମରସିଂ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାରର ୨ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପଦ୍ମିନୀ ମାଝି (୨୨) ଏବଂ ମୌନାବତୀ ମାଝି (୨୦)। ସେମାନେ ସମ୍ପର୍କରେ ପିଉସୀ ଓ ଝିଆରୀ। ଦୁହିଁଙ୍କ ଗଳିତ ମୃତଦେହକୁ ପୋଲିସ ସ୍ଥାନୀୟ ଏକ ଜଙ୍ଗଲରୁ ଜବତ କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ସମରସିଂ ଗାଁର ପଦ୍ମିନୀ ଓ ମୌନାବତୀ ଗୁରୁବାର ସ୍ଥାନୀୟ କୁରୁମପୁରୀ ବଜାରକୁ ଯାଉଥିବା କହି ଘରୁ ବାହାରିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକ ଦୁଇଦିନ ଧରି ଖୋଜାଖୋଜି କରିଥିଲେ ମଧ ଉଭୟଙ୍କ କୌଣସି ଖବର ପାଇ ନ ଥିଲେ। ଶେଷରେ ସ୍ଥାନୀୟ ଖଜୁରବାହାଲ ବଡ ଡଙ୍ଗରରେ ଥିବା ଏକ ଗଛରୁ ଉଭୟଙ୍କ ଗଳିତ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏ ନେଇ ଲଖନା ଥାନା ପୋଲିସକୁ ଖବର ଦିଆଯାଇଥିଲା। ଶନିବାର ପୂର୍ବାହ୍ନରେ ପୋଲିସ ଦୁଇ ମୃତଦେହକୁ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯ ଏବଂ ୫/୧୯) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ତପନ କୁମାର ଦାସ କହିଛନ୍ତି। ଗୋଟିଏ ପରିବାରର ୨ ଯୁବତୀ ଗୋଟିଏ ଜାଗାରେ କିପରି ଓ କାହିଁକି ଆତ୍ମହତ୍ୟା ଭଳି ପନ୍ଥାକୁ ଆଦରି ନେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହିଳାଙ୍କ କ୍ରୋଧର ନିଆଁରେ ଧ୍ୱଂସ ହେବ ବିଜେଡି ସରକାର

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

**ଜଟଣୀ ବଳାତ୍କାର, ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା**

ଖୋର୍ଦ୍ଧା ଜିଲା ଜଟଣୀରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ମା' ଭଉଣୀଙ୍କ ଇଜ୍ଜତ ଉପରେ ଯିଏ ହାତ ପକେଇବ, ସେ ସେମାନଙ୍କ କ୍ରୋଧର ନିଆଁରେ ଜଳି ପୋଡି ପାଉଁଶ ହୋଇଯିବ। ତୃତୀୟ ମହଲାର ଅନୁମତି ବିନା ରାଜ୍ୟର ୫୦୦ ଥାନାରେ ସୋରିଷ ଫୁଟେ ନାହିଁ। ଚଳିତ ମାସ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରହୁଥିବା ରାଜଧାନୀର ନାକତଳ ଅଞ୍ଚଳ ଜଟଣୀରେ ଜଣେ ନିରୀହ ଝିଅକୁ ଆତତାୟୀ ବଳାତ୍କାର କରି ହତ୍ୟା କଲେ। ଶିଶୁ କନ୍ୟାର ବାପା ଅଭିଯୋଗ କରିବାକୁ ଆସିବା ସତ୍ତ୍ୱେ ମଧ ପୋଲିସ୍ ଏଫ୍‌ଆଇଆର ରଖିଲା ନାହିଁ। ଶାସକ ଦଳ କର୍ମୀ ଥାନା ଭିତରେ ମୃତ କନ୍ୟାର ବାପାକୁ ବାଡେଇଲେ। କାହା ଚକ୍ରାନ୍ତରେ ଦୀର୍ଘ ସମୟ ଧରି ଜଟଣୀ ଥାନା ଅଧିକାରୀ ଏଫ୍ ଆଇଆର ଗ୍ରହଣ କଲେ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ସେହିପରି ବେବିନା ହତ୍ୟାକାଣ୍ଡର ଦୋଷୀମାନେ ମୁକୁଳିବା ପରେ ସେ ସମୟର ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମନ୍ତବ୍ୟ ମଧ ଲଜ୍ଜାଜନକ ଥିଲା। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା, ହେଲେ ଚଳିତ ନିର୍ବାଚନରେ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିବା ଜଣେ ବ୍ୟକ୍ତିଙ୍କୁ ଭୁବନେଶ୍ୱରରେ ପ୍ରାର୍ଥୀ କରାଯାଇଛି। ମୟୂରଭଞ୍ଜ ମହିଳାଙ୍କ ବାରମ୍ବାର ଅଭିଯୋଗ ପରେ ଜଣେ ନିନ୍ଦିତ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା କ'ଣ ମହିଳା ସଶକ୍ତୀକରଣର ନମୁନା ବୋଲି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ନିଜର ଭୋଟ୍ ସର୍ବସ୍ୱ ରାଜନୀତିକୁ ରକ୍ଷା କରିବା ପାଇଁ ନବୀନ ବାବୁ ମା' ଭଉଣୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶାସନ ବୋଝରେ ସ୍ୱାଭିମାନୀ ଓଡ଼ିଆମାନେ ଦାରିଦ୍ର୍ୟ ବୋଝ ତଳେ ଲଦି ହୋଇଗଲେଣି। ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ସରିଆସିଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୧୪/୨୦୧୯ | Sambalpur, Sunday, April 14/ 2019 | ପୃଷ୍ଠା-୧




**ବଞ୍ଚିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିଆ ମିର୍ଜା**

ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ଦିଆ ମିର୍ଜା ଆଗ୍ରହ ପ୍ରକାଶ କରିଛନ୍ତି।

୦୨

୧୩

**ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଜିତାଇବାରେ ପ୍ରମୁଖ ଭୂମିକା ପାଇଁ ଜୋସ୍ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।








## ଅନିଲ ଅମ୍ବାନୀଙ୍କ କମ୍ପାନୀକୁ 'ମୋଦି କୃପା'

# ଫ୍ରାନ୍ସରେ ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼

**ନୂଆଦିଲ୍ଲୀ,୧୩।୪(ପି.ଟି.)**

ମୋଦି ସରକାରଙ୍କ ପିଛା ଛାଡୁନାହିଁ ରାଫାଲ ଯୁଦ୍ଧବିମାନ ଚୁକ୍ତି ବିବାଦ। ଏହି ଡିଲ୍ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଆସୁଥିବାବେଳେ ଫ୍ରାନ୍ସର ଏକ ଖବରକାଗଜ ଏ ସମ୍ପର୍କିତ ତଥ୍ୟ ପଦାକୁ ଆଣିଛି। ରାଫାଲ ଚୁକ୍ତି ଘୋଷଣା ପରେ ଅନିଲଙ୍କ ରିଲାଏନ୍ସ କମ୍ୟୁନିକେଶନ୍ସର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀକୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିବା ଖବରକାଗଜ 'ଲି ମଣ୍ଡେ' ପ୍ରକାଶ କରିଛି। ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଏହି ଚାଞ୍ଚଲ୍ୟକର ପ୍ରଘଟ ଜାତୀୟ ରାଜନୀତିରେ ଭୂକମ୍ପ ସୃଷ୍ଟି କରିଛି। ତେବେ ରିଲାଏନ୍ସ କମ୍ୟୁନିକେଶନ୍ସ ଏଭଳି ଖବରକୁ ଖଣ୍ଡନ କରିଛି। ଫ୍ରାନ୍ସର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଟିକସ ବିବାଦର ସମାଧାନ ହୋଇଛି ଏବଂ ଅନ୍ୟ କମ୍ପାନୀଗୁଡ଼ିକ ଭଳି ସୁବିଧା ଆମକୁ ମିଳିଛି ବୋଲି ରିଲାଏନ୍ସ କମ୍ୟୁନିକେଶନ୍ସ ପକ୍ଷରୁ କୁହାଯାଇଛି।

'ଲି ମଣ୍ଡେ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୦୭ରୁ ୨୦୧୦ ମଧ୍ୟରେ ଅନିଲଙ୍କ କମ୍ପାନୀ 'ରିଲାଏନ୍ସ ଆଟଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' ୬୦ ନିୟୁତ ୟୁରୋ ଟିକସ ପଇଠ କରିବାକୁ ଥିଲା। ଉକ୍ତ କମ୍ପାନୀ ୭.୬ ନିୟୁତ ୟୁରୋ ଯାଚିଥିଲା, ଯାହା ଫ୍ରାନ୍ସ ଟିକସ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ପରେ ୨୦୧୦ରୁ ୨୦୧୨ ମଧ୍ୟରେ ଟିକସ କର୍ତ୍ତୃପକ୍ଷ ଆଉ ଏକ ତଦନ୍ତ କରି ସେହି ଅବଧି ମଧ୍ୟରେ ଅତିରିକ୍ତ ୯୧ ନିୟୁତ ୟୁରୋ ପୈଠ କରିବା ଲାଗି କମ୍ପାନୀକୁ କହିଥିଲେ। ଫ୍ରାନ୍ସରେ କେବୁଲ ନେଟୱାର୍କ ଓ



- ରାଫାଲ ଯୁଦ୍ଧବିମାନ କିଣିବା ନେଇ ଘୋଷଣା ପରେ ରିହାତି
- ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ
- ଅଭିଯୋଗକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଖଣ୍ଡନ

ଅନ୍ୟାନ୍ୟ ଟେଲିକମ୍ ଭିତ୍ତିଭୂମି କାର୍ଯ୍ୟ କରୁଥିବା ଅନିଲଙ୍କ କମ୍ପାନୀ ଉପରେ ୨୦୧୫ ଏପ୍ରିଲ ସୁଦ୍ଧା ମୋଟ ୧୫୧ ନିୟୁତ ୟୁରୋ ଟିକସ ବକେୟା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଘୋଷଣା କରିବାର ୬ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ।

୨୦୧୫ ଏପ୍ରିଲ୍ ୧୦ରେ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଁସୁଆ ହଲାନ୍ଦେଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଲୋଚନା ପରେ ଯୁଦ୍ଧବିମାନ କିଣାଯିବା ସମ୍ପର୍କରେ ଘୋଷଣା ହୋଇଥିଲା। ୨୦୧୬ ସେପ୍ଟେମ୍ବର ୨୩ରେ ଚୂଡାନ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏଥିରେ ବ୍ୟାପକ ☞ପୃଷ୍ଠା-୨

## ଦଶପଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ

# ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ

**ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.),୧୩।୪**

ନୟାଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ନିଜ ଦଳ ସପକ୍ଷରେ ପ୍ରଚାର ଲାଗି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲାଠାରେ ପହଞ୍ଚିଥିଲେ। ଗାନ୍ଧୀ ମଇଦାନରେ ବିଜେଡି ଜିଲା ସଭାପତି ତଥା ରଣପୁର ବିଧାୟକ ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଭାଜପା ଡବଲ ଇଞ୍ଜିନ ବୋଲି ପ୍ରଚାର କରୁଛି। ଦିଲ୍ଲୀରେ ଗୋଟିଏ ଇଞ୍ଜିନ ଥିବାବେଳେ ଆଉ ଗୋଟିଏ ଇଞ୍ଜିନ କିଏ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେ କେଉଁଠି ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି। ସେହିପରି ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଓ ତାଙ୍କର ବିଧାନସଭା ନିର୍ବାଚନମଣ୍ଡଳୀ କେଉଁଟା ବୋଲି ପଚାରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଭାଜପା ଡରୁଛି କି ବୋଲି ନବୀନ ପ୍ରଶ୍ନ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ରଖୁଛନ୍ତି।

- ନିର୍ବାଚନ ସମୟରେ ଓଡ଼ିଶାକୁ ଆସୁଛି ଦିଲ୍ଲୀ ଇଞ୍ଜିନ

ଆରମ୍ଭରୁ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାର ସଫଳ ଗାଥା ଗାଇଥିଲେ। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଚାଷୀ ଉପକୃତ ହେଲେଣି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ☞ପୃଷ୍ଠା-୨

# ୧ ଟଙ୍କାରେ ଚାଉଳ, ଡାଲି, ଲୁଣ ଦେବୁ: ଧର୍ମେନ୍ଦ୍ର

**କଟକ ଅଫିସ/ଚୌଦ୍ୱାର, ୧୩।୪(ଡି.ଏନ୍.ଏ.)**

ଓଡ଼ିଶାରେ ଭାଜପା ସରକାରକୁ ଆସିଲେ ୧ ଟଙ୍କାରେ ମିଳିବ ଚାଉଳ, ଡାଲି ଓ ଲୁଣ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଏଭଳି ଘୋଷଣା କରିଛନ୍ତି। ମୁଣ୍ଡପିଛା ମାସିକ ୫ କେଜି ଚାଉଳ, ଅଧ କେଜି ଡାଲି ଓ ଲୁଣ ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେବେ ରାଜ୍ୟର ୩.୨୬ କୋଟି ହିତାଧିକାରୀ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର କପାଳେଶ୍ୱର ପଡ଼ିଆରେ ଆୟୋଜିତ ଭାଜପାର ଏକ ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ଏହି ଘୋଷଣା କରିବା ସହିତ ଓଟିଏମ୍ ପୁନରୁଦ୍ଧାର ପାଇଁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି। କଟକ-ଭୁବନେଶ୍ୱର-ଚୌଦ୍ୱାରକୁ ମିଶାଇ ମେଟ୍ରୋ ରେଳର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ସେହିପରି ୨୦୨୨ ସୁଦ୍ଧା ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଓ ପକ୍କା ଘର, ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ କରାଯିବ। ଚୌଦ୍ୱାର ସମେତ



କପାଳେଶ୍ୱର ପଡ଼ିଆ ସଭାରେ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶାର ୧୫ ସହରକୁ ସ୍ମାର୍ଟ ସିଟିରେ ପରିଣତ କରାଯିବ। ୬୦ ବର୍ଷରୁ ଅଧିକ ଶ୍ରମିକଙ୍କ ପାଇଁ ୩ ହଜାର ଟଙ୍କାର ପେନସନ ବ୍ୟବସ୍ଥା, +୨ ପାସ୍ କରିଥିବା ମେଧାବୀ ଛାତ୍ରୀଙ୍କୁ ସ୍କୁଟି ଓ ସବୁ ଚାଷୀଙ୍କୁ ବିନା ସୁଧରେ ଋଣ ଦିଆଯିବ ଧର୍ମେନ୍ଦ୍ର ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଅଙ୍ଗନୱାଡି ଦିଦିଙ୍କ ମାସିକ ୧୫ହଜାର ଟଙ୍କା ଓ ସହାୟିକାଙ୍କ ଦରମା ୯ ହଜାର ଟଙ୍କା କରାଯିବ। ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀକୁ ☞ପୃଷ୍ଠା-୨

## ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

## ଆଜିର ମନ୍ତବ୍ୟ

"ନିର୍ବାଚନ କମିଶନ ସ୍ୱୟଂଚାଳିତ ସଂସ୍ଥା ହୋଇଥିଲେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିଚାଳିତ।

-ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

No.DADLS-01

ସତ୍ୟମେବ ଜୟତେ

## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

15001/13/0002/1920






**ଆଜିର ସମ୍ପାଦକୀୟ** ନେତାଙ୍କ ଶିକ୍ଷା।





NECC NATIONAL EGG CO-ORDINATION COMMITTEE 13.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 88 | 142 | 152 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers








ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଆଏସା
ପରିବାରବର୍ଗ



ସାଇଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ବୋଲି କଲି ବାଲିଗରଡ଼ା,**
**ବନ୍ଧୁ ବୋଲି କଲି ଶାମ ପରିଡ଼ା।**

ବାଲିଗରଡ଼ା କୌଣସି ମୂଲ୍ୟବାନ ଧାତୁ କି ପଥରରେ ଗଣା ହୋଇ ନ ଥାଏ। ଏହାର ମୂଲ୍ୟ ସାମାନ୍ୟ ମାଟିଠାରୁ ମଧ କମ୍ ହୋଇଥାଏ। ସେହିପରି ଯିଏ ବନ୍ଧୁତ୍ୱ କ'ଣ ଜାଣି ନ ଥାଏ, ତା'ଠାରୁ ବନ୍ଧୁପଣିଆ ଆଶା କରିବା ବୃଥା ହୋଇଥାଏ। ଭଲକୁ ଆଶା କରି ଭେଲ ପାଇଲେ ବ୍ୟକ୍ତି ହତୋତ୍ସାହିତ ହୋଇଯାଏ। ଏପରି ସ୍ଥଳେ କେବଳ ମନସ୍ତାପ କରିବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧନ୍ୟ ତା ପିତାମାତା,**
**ଧନ୍ୟ ତା ଜନ୍ମଦାତା।**

ଏହା ଉଭୟ ଭଲ ଓ ଖରାପ ଅର୍ଥରେ ସୂଚିତ କରାଯାଇଛି। ସନ୍ତାନ ଭଲ କାମ କଲେ ପିତାମାତାଙ୍କୁ ପ୍ରଶଂସା ମିଳିଥାଏ। ଏପରି ଗୁଣବନ୍ତ ପିଲାକୁ ଜନ୍ମ ଦେଇଥିବା କାରଣରୁ ପିତାମାତାଙ୍କୁ ଧନ୍ୟ ମନେ କରାଯାଇଥାଏ। ପରନ୍ତୁ ସନ୍ତାନ ଯଦି କୌଣସି ନାଁ ପକା କାମ କରେ ବା ଖରାପ କାମ କରେ, ତା'ହେଲେ ସେହି ଅନୁସାରେ ପିତାମାତାଙ୍କୁ ବିନା ଦୋଷରେ ନିନ୍ଦିତ ହେବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ କୋଲ ଇଣ୍ଡିଆ ଲିମିଟେଡ ୬୦୭ ନିୟୁତ ଟନ କୋଇଲା ଉତ୍ତୋଳନ କରିଛି। ୨୦୧୭-୧୮ରେ ଏହା ୫୬୭.୩୭ ନିୟୁତ ଟନ୍ ଥିଲା

**- କୋଇଲା ମନ୍ତ୍ରଣାଳୟ**



ସଙ୍ଗକ୍ରୋନ୍ ଉତ୍ସବ ଅବସରରେ ବିହାରର ବୋଧଗୟାସ୍ଥିତ ମହାବୋଧୀ ମନ୍ଦିରରେ ବୌଦ୍ଧଭିକ୍ଷୁମାନେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ନେଉଛନ୍ତି।

# ଏନ୍‌କାଉଣ୍ଟରରେ ସେକ୍ ନଦୀମ୍ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ୍, ୧୩।୪**



ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ସେକ୍ ନଦୀମ (୩୦)ଙ୍କୁ କେନ୍ଦ୍ରାପଡ଼ା ଜିଲା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ବାଜିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଗ୍ରାମର ନଦୀମଙ୍କ ନାମରେ ପାଟକୁରା ଥାନାରେ ଦୁଇଟି ଡକାୟତି ମାମଲା ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ନଦୀମ ତାଙ୍କ ସହଯୋଗୀଙ୍କୁ ମାଉଜର ଦେବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା ପୋଲିସ ଖବର ପାଇଥିଲା। ପାଟକୁରା ଥାନା ଅଧିକାରୀ ସୁଜିତ ପ୍ରଧାନ ଓ ଜିଲା ସ୍ପେଶାଲ ସ୍କ୍ୱାଡ ଏସ୍‌ଆଇ ପିକେ କାନୁନ୍‌ଗୋଙ୍କ ନେତୃତ୍ୱରେ ଦୁଇଟି ଟିମ ଅର୍ଜ୍ଜୁନପୁର ଛକରେ ଛକି ରହିଥିଲେ। ନଦୀମ ପ୍ରଥମେ ପୋଲିସ ଉପରକୁ ଦୁଇଟି ଗୁଳି ଚଳାଇ ଥିଲେ। ଏହାପରେ ପୋଲିସ ତାଙ୍କ ଉପରକୁ ୩ଟି ଗୁଳି ଚଳାଇଥିଲା। ଏଥିରୁ ଗୋଟିଏ ନଦୀମଙ୍କ ବାମ ପାଦରେ ଲାଗିଥିବା ବେଳେ ଅନ୍ୟଟି ପାଦର ଉପର ଅଂଶରେ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସକାଳ ୬ଟାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି, ମାଡ଼ ମାରିବା, ମୋଟର ସାଇକେଲ ଚୋରି କରିବା ଆଦି ମାମଲା ରହିଥିବା ସୂଚନା ମିଳିଛି। ନଦୀମଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ଲାଗିଛି। ନଦୀମଙ୍କ ନିକଟରୁ ଗୋଟିଏ ମାଉଜର, ଏକ ନମ୍ବର ବିହୀନ ସ୍କୁଟି ଓ ମୋବାଇଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ଓ ରାଜ୍ୟରଅନ୍ୟ ଜିଲାର ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ଥିବା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ପାଟକୁରା ଥାନାରେ ୮୪/୧୯ରେ ମାମଲା ରୁଜୁ ହୋଇଛି।

## ଖବରଦାତାଙ୍କ ପିତୃବିୟୋଗ



**ବରଗଡ଼ ଅଫିସ, ୧୩।୪**

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ନିବାସୀ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଅରକ୍ଷିତ ମହାପାତ୍ରଙ୍କ ଶନିବାର ଭୋର୍ ସମୟରେ ପରଲୋକ ଘଟିଛି। ବରାହଗୋଡ଼ା ନିକଟ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଓଡ଼ିଶା ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରି ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ। ପରଲୋକ ଖବର ପାଇ ଜାବ୍‌ର ସଭାପତି ରବିନାରାୟଣ ପଣ୍ଡା, ଭାଜପା ନେତା ମିଳନ ସେଠ, ବୃନ୍ଦାବନ ମେହେରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ୬ ଝିଅ, ଏକମାତ୍ର ପୁଅ ତଥା ଧରିତ୍ରୀର ବରଗଡ ଜିଲା ସରଣ୍ଡା ଖବରଦାତା ଯୁଧିଷ୍ଠିର ମହାପାତ୍ର ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଝାଇଁଜୋର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ରଥକାଠ ଚିରଟ ଅନୁକୂଳ



ରଥକାଠ ଚିରଟ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

**ପୁରୀ ଅଫିସ, ୧୩।୪**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ଶନିବାର ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆ କରତ କଳରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ସକାଳେ ଶ୍ରୀମନ୍ଦିର ପ୍ରଶାସନର ୬ଜଣିଆ ଟିମ୍ କଟକ ଗସ୍ତ କରିଥିଲେ। ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମହାର୍ଦ୍ଧ, ଧୂପ, ଦୀପ, ପତନୀ, ନଡ଼ିଆ ନେଇଥିଲେ। ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପୂଜାର୍ଚ୍ଚନା। ଏହାପରେ କାଠ ଚିରଟ ଅନୁକୂଳ ହୋଇଥିଲା। ଏହି ଟିମ୍‌ରେ ଓଆଇସି (ନୀତି) ରବୀନ୍ଦ୍ରନାଥ ଦାଶ, ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାୟ, ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ସାମିଲ ଥିଲେ।

# ବଞ୍ଚିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିୟା ମିର୍ଜା

**ମୁମ୍ବାଇ**

ଶୁକ୍ରବାର ଅନ୍ତର୍ଜାତୀୟ ଷ୍ଟ୍ରିଟ୍ ଚିଲ୍‌ଡ୍ରେନସ ଡେ' ପାଳିତ ହୋଇଥିବା ବେଳେ ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ତଥା ସାମାଜିକ କର୍ମୀ ଦିୟା ମିର୍ଜା ନିଜର ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି। ତାଙ୍କ ଭାଷାରେ ପ୍ରତ୍ୟେକ ପିଲା ନିଜର ହକ୍ ପାଇବା ପର୍ଯ୍ୟନ୍ତ ସେ ସଂଗ୍ରାମ କରିବେ। ପ୍ରତି ପିଲାଠାରେ ପ୍ରତିଭା ଲୁକ୍‌କାୟିତ ହୋଇ ରହିଛି। ସୁଯୋଗ ମିଳିଲେ ଶିଶୁମାନଙ୍କ ପ୍ରତିଭାର ବିକାଶ ଘଟିପାରିବ। ତେଣୁ ବିଶ୍ୱ ଏ ଦିଗରେ ଜାଗ୍ରତ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଶିଶୁଙ୍କର ଶିକ୍ଷା ପାଇବା, ସ୍ୱାସ୍ଥ୍ୟର ଯତ୍ନ ଏବଂ ସୁବିଧା ସୁଯୋଗ ପାଇବାର ଅଧିକାର ରହିଛି। ତେଣୁ ସେମାନଙ୍କ ଭିତରେ ଥିବା ଅଦୃଶ୍ୟ ଶକ୍ତିକୁ ଦୃଶ୍ୟମାନ କରାଇବା ଆବଶ୍ୟକ ବୋଲି ଦିୟା ଏକ ବିବୃତିରେ ପ୍ରକାଶ କରିଛନ୍ତି।

ଏକ କଲ୍ୟାଣକାରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାସ୍ତାକଡର ଝୁମ୍ପୁଡିରେ ବାସକରୁଥିବା ପିଲାଙ୍କ ନିମନ୍ତେ ସର୍ବପ୍ରଥମ ଥର ପାଇଁ ଲଣ୍ଡନରେ ଆସନ୍ତା ମାସରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଷ୍ଟ୍ରିଟ୍ ଚାଇଲ୍ଡ କ୍ରିକେଟ ୱାର୍ଲଡ କପ୍ (ଏସ୍‌ସିଡବ୍ଲ୍ୟୁସି) ନାମକ ଏହି କ୍ରୀଡା ପ୍ରତିଯୋଗିତା ବିଭିନ୍ନ ଦେଶର ଶିଶୁଙ୍କୁ ଏକତ୍ର ହେବା ପାଇଁ ସୁଯୋଗ ସୃଷ୍ଟି କରିବ। ୯ଟି ଦେଶର ୧୦ଟି ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବେ ଟିମ୍ ଇଣ୍ଡିଆ ନର୍ଥ, ଟିମ୍ ଇଣ୍ଡିଆ ସାଉଥ୍, ଇଂଲଣ୍ଡ, ତାଞ୍ଜାନିଆ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଦି କଙ୍ଗୋ, ନେପାଳ ଏବଂ ମରିସସ୍।



## ଫ୍ରାନ୍ସରେ...

ଅନିୟମିତତା ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଉପା ସରକାର ଅମଳରେ ପ୍ରତି ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣିବା ପାଇଁ କଥାବାର୍ତ୍ତା ହୋଇଥିଲାବେଳେ ଏନ୍‌ଡିଏ ସରକାର ୧୬୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ କିଣିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାବ୍ୟତୀତ ଅନିଲଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ ନିର୍ମାତା ଫ୍ରାନ୍ସର ଡାସଲ୍ଟ ଆଭିଏସନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ତେବେ ଉକ୍ତ ଅଭିଯୋଗକୁ କେନ୍ଦ୍ର ସରକାର ଖଣ୍ଡନ କରିଥିଲେ।

ଏବେ ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଫ୍ରାନ୍ସ ଖବରକାଗଜରେ ଉପରୋକ୍ତ ଖବର ପ୍ରକାଶ ପାଇବା ପରେ ରାଫାଲ ପ୍ରସଙ୍ଗରେ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଘୋଷଣାର କିଛିମାସ ପରେ ୨୦୧୫ରେ ଅନିଲଙ୍କ କମ୍ପାନୀକୁ ଫ୍ରାନ୍ସ ସରକାର ଟିକସ ଛାଡ଼ କରିବା 'ମୋଦି କୃପା' ବୋଲି କଂଗ୍ରେସ କହିଛି। ଏହି ବ୍ୟବସାୟୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜଣେ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ। ଏହା ଜିରୋ ସମ୍ ଚଏସେସ୍, ଚମତ୍କାରୀ ଟିକସ ରିହାତି ଏବଂ ମୋଦିଙ୍କ ଆଶୀର୍ବାଦ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାଫାଲ ଚୁକ୍ତି ସହ ଟିକସ ଛାଡ଼ର କୌଣସି ସମ୍ପର୍କ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖବରକାଗଜରେ ପ୍ରକାଶିତ ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍। କାରଣ ଫ୍ରାନ୍ସର ଏକ କମ୍ପାନୀଠାରୁ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ନେଇ ଭାରତ ସରକାର ଚୁକ୍ତି ସ୍ୱାକ୍ଷର କରିଥିଲେ। କୌଣସି ଘରୋଇ କମ୍ପାନୀକୁ ଟିକସ ଛାଡ଼ କରାଯିବା ସହ ଏହାର କୌଣସି ସମ୍ପର୍କ ନାହିଁ। ରାଫାଲ ଡିଲ୍ ସମୟ ଓ ଟିକସ ଛାଡ଼ ସମୟ ସମ୍ପୂର୍ଣ୍ଣ ଅଲଗା ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସଫେଇ ଦିଆଯାଇଛି।

## ଭାଜପାର...

ଦିନରୁ ହିଁ ସମସ୍ତ ଚାଷୀଙ୍କୁ ୨ଟି କିସ୍ତି ବାବଦକୁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏହା ପରେ ମିଶନ ଶକ୍ତି ବିଷୟରେ ବର୍ଣ୍ଣନା କରି ଏଥିଯୋଗୁ ମା'ମାନେ ଆଜି ସମାଜର ଶକ୍ତି ହୋଇପାରିଛନ୍ତି। ସମାଜର ଶକ୍ତି, ଦେଶର ଶକ୍ତି ଓ ବିକାଶର ପ୍ରକୃତ ଡବଲ ଇଞ୍ଜିନ ବୋଲି ଭାଜପାକୁ ତାଚ୍ଛଲ୍ୟ କରି କହିଥିଲେ। ଫାଇଲିନ୍, ହୁଦ୍‌ହୁଦ୍, ମରୁଡ଼ି, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡବଲ ଇଞ୍ଜିନର ଦେଖା ମିଳୁନାହିଁ। ନିର୍ବାଚନ ହେଲେ ଦିଲ୍ଲୀ ଇଞ୍ଜିନ ଓଡ଼ିଶାକୁ ଆସୁଛି ଓ ଜୋର୍‌ରେ ଚିତ୍କାର କରୁଛି, ଏହା ପରେ ଦେଖା ମିଳିବ ନାହିଁ ବୋଲି ନବୀନ କହିଥିଲେ। ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଘୋଷଣା ହୋଇ ନ ଥିବାବେଳେ ଆପଣଙ୍କ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣମାନଙ୍କ ସାଥିରେ ରହିଛନ୍ତି। ଆପଣମାନେ ମୋର ପରିବାର, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣମାନଙ୍କ ସେବା କରୁଥିବି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେଥିପାଇଁ ସେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ୨୦ ବର୍ଷରେ ବିଜେଡି ସ୍ଥିର ସରକାର ଭାବେ କାର୍ଯ୍ୟ କରିଆସିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଗୁଣଗାନ କରିବା ସହିତ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ବଞ୍ଚିବାର ଅଧିକାର ଦିଆଯାଇଥିବା ସେ ପ୍ରକାଶ କରିଥିଲେ। ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନିଜ ବକ୍ତବ୍ୟରେ ନିର୍ବାଚନମଣ୍ଡଳୀରେ ଉନ୍ନତି ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କଳାକାର ରାଇମୋହନ ପରିଡ଼ା, ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର, କଣ୍ଠଶିଳ୍ପୀ ତାରିକ୍ ଅଜିଜ୍, ଅର୍ପିତା ଚୌଧୁରୀ ପ୍ରମୁଖ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀ ମାଳା ମହାନ୍ତି, ଉପାଧ୍ୟକ୍ଷ ଅଖିଳ କୁମାର ଜାନି, ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବ୍ଲକ ଉପାଧ୍ୟକ୍ଷ ବସନ୍ତ ସାହୁ, ଦିଲୀପ କୁମାର ପଣ୍ଡା, ଯୁବ ଜନତା ସଭାପତି ଦିଲୀପ ବେହେରା, କୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଢ଼େ ୪ କୋଟି ଓଡ଼ିଆ ଭାଜପାର
## ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୪(ବ୍ୟୁରୋ)- ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ଏକ ସଭାରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ନବୀନ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ସାଢେ ୪ କୋଟି ଓଡ଼ିଆ ଭାଜପାର ଜଣେ ଜଣେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। କଳିଙ୍ଗ ଯୁଦ୍ଧ ସମୟରେ ଓଡ଼ିଶାର କିଏ ରାଜା ଥିଲେ, ସେ କଥା ନବୀନ ବାବୁଙ୍କୁ ଜଣା ଅଛି କି ନାହିଁ। କଳିଙ୍ଗର ସୁରକ୍ଷା ଓ ସ୍ୱାଭିମାନର ଲଢେଇ କରୁଥିବା ପ୍ରତ୍ୟେକ ଓଡ଼ିଆ ରାଜ୍ୟର ରାଜା। ତାମିଲ ଇତିହାସ ମାଧ୍ୟମରେ ଓଡ଼ିଶାକୁ ବୁଝୁଥିବା ନବୀନ ବାବୁ କାହିଁକି ଓଡ଼ିଆଙ୍କୁ କଷ୍ଟ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆତ୍ମା ଓ ମନକୁ ବୁଝିପାରିବେ ନାହିଁ, କାହିଁକି ସେ ଧନ୍ଦାରେ ପଡୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ୧ ଟଙ୍କାରେ...

ସରକାରକୁ ଆସିବାର ୨ ବର୍ଷ ମଧ୍ୟରେ ପୂରଣ କରାଯିବ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ ରାଜ୍ୟ ସରକାରଙ୍କୁ ଅପାରଗ କହିବା ସହିତ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଥିବା କହିଥିଲେ। ଏପରି କି ବିଜୁ ବାବୁଙ୍କ ହାତଗଢ଼ା ଶିଳ୍ପନଗରୀ ଚୌଦ୍ୱାର ଆଜି ଶିଳ୍ପଶୂନ୍ୟ ହୋଇପଡ଼ିଛି। ସରକାରରେ ତାଙ୍କ ପୁତ୍ର ଥାଇ ମଧ୍ୟ ଏହି ଶିଳ୍ପନଗରୀକୁ ଅଣଦେଖା କରିଥିବା ଧର୍ମେନ୍ଦ୍ର କହିଥିଲେ। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି

ପ୍ରଥମ ପୃଷ୍ଠାରୁ...

ସଭାରେ କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର, ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ପ୍ରଶାନ୍ତ ହୋତା, ଜିଲା ପ୍ରଭାରୀ ପ୍ରାଣବନ୍ଧୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ପ୍ରତିଶ୍ରୁତିକୁ ନେଇ ରାଜନୈତିକ ଚର୍ଚ୍ଚା ସୃଷ୍ଟି ହୋଇଛି। ଧର୍ମେନ୍ଦ୍ର ଗରିବ, ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବର୍ଗର ଭୋଟ ହାତେଇବା ପାଇଁ ଯୋଜନା କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ଧର୍ମେନ୍ଦ୍ରଙ୍କ ଏହି ଘୋଷଣା ନବୀନଙ୍କ ୧ ଟଙ୍କିଆ ଚାଉଳ ଯୋଜନାକୁ ମାତ୍ ଦେବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ନୟାଗଡ଼ ଜିଲା ଖଣ୍ଡପଡ଼ାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର ସେଠାକାର ବିଜେଡି ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ଧର୍ମେନ୍ଦ୍ର କହିଲେ ଯେ, ସୌମ୍ୟବାବୁ ବୁଲି ବୁଲି ଚାଷୀମାନଙ୍କର ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ କଥା କହୁଥିଲେ। କିନ୍ତୁ ଚାଷୀଙ୍କ ପରିବର୍ତ୍ତେ ସୌମ୍ୟବାବୁଙ୍କୁ ପ୍ରାଇସ୍ ମିଳିଲା, ରାଜ୍ୟସଭାର ପ୍ରେଷ୍ଟିଜ ଓ ପକେଟ ଗରମ କରିବାର ପଇସା ମିଳିଲା। ମାତ୍ର ଓଡ଼ିଶାରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିଲା ନାହିଁ ବୋଲି ଧର୍ମେନ୍ଦ୍ର କହିଥିଲେ।

## ସବୁଠାରୁ ବଡ଼ ଜୁମଲା କହିଲା ବିଜେଡି

ଭୁବନେଶ୍ୱର, ୧୩।୪(ବ୍ୟୁରୋ)- ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟବାସୀଙ୍କୁ ୧ ଟଙ୍କାରେ ଚାଉଳ, ଡାଲି ଓ ଲୁଣ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତି ଚଳିତ ନିର୍ବାଚନର ସବୁଠାରୁ ବଡ଼ ଜୁମଲା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ଲେଲିନ୍ ମହାନ୍ତି କହିଛନ୍ତି ଯେ ଧର୍ମେନ୍ଦ୍ର ଜଣେ ଅଭ୍ୟାସଗତ ମିଛୁଆ ଭାବେ ଜଣାଶୁଣା। ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପାର ସ୍ଥିତି ତାଙ୍କୁ ଅଧିକ ବିବ୍ରତ କରିଛି, ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ମିଛ ଆଉ ବାଡ଼ବତା ମାନୁନାହିଁ। ଦେଶର ଏକାଧିକ ରାଜ୍ୟରେ ଭାଜପା ଶାସନ କରୁଛି। ହେଲେ କେଉଁ ରାଜ୍ୟରେ ଭାଜପାର ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ଗୁଜରାଟରେ ଏଭଳି କାର୍ଯ୍ୟକ୍ରମର ପ୍ରଚଳନ ହୋଇନାହିଁ। ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଭାଜପା ୧୫ ବର୍ଷ ଧରି କ୍ଷମତାରେ ଥିଲେ ମଧ୍ୟ ସେଠାରେ ଏଭଳି ଯୋଜନା କାର୍ଯ୍ୟକାରୀ କାହିଁକି ହୋଇନାହିଁ ବୋଲି ଲେଲିନ୍ ପ୍ରଶ୍ନ କରିଛନ୍ତି। ପୂର୍ବରୁ ଭାଜପା ବାର୍ଷିକ ୨ କୋଟି ଚାକିରି, ପ୍ରତି ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ମିଛ ପ୍ରତିଶ୍ରୁତି ଦେଇ ସାରିଛି। ଜନସାଧାରଣଙ୍କୁ ଦିନଦ୍ୱିପ୍ରହରେ କିଭଳି ଚୂନ ମରାଯାଏ, ତାହା ଅଭ୍ୟାସଗତ ମିଛୁଆ ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଥିବା ଲେଲିନ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପବିତ୍ର ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ଚନ୍ଦ୍ର ସ୍ୱଗୃହରେ ରହି ଆପଣଙ୍କୁ ମାନସିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବେ। ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁମାନଙ୍କ ସାନ୍ନିଧ୍ୟ ଓ ପରିବାର ସହ ଭ୍ରମଣର ସୁଯୋଗରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ ଓ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ।

**ବୃଷ**
ତୃତୀୟାଧିପତି ସ୍ୱଗୃହସ୍ଥ ଯୋଗୁ ମିତ୍ର, ବନ୍ଧୁମାନଙ୍କ ଆଦର, ଗୌରବ ମଧ୍ୟରେ ଦିନଟି ଅତିବାହିତ ହେବ। ଧର୍ମଭାବକୁ ଚନ୍ଦ୍ର ଦେଖୁଥିବାରୁ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ।

**ମିଥୁନ**
ଧନାଧିପତି ଧନ ଭାବରେ ଏବଂ ରାଶିରେ ରାହୁ ଥିବାରୁ ବିଭିନ୍ନ ପ୍ରକାର କୌଶଳ ମାଧ୍ୟମରେ କାର୍ଯ୍ୟହାସଲ କରିବେ। ଯୋଜନା କ୍ଷେତ୍ରରେ ଉଦ୍ୟମକୁ ସାକାର କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ଅଯାଚିତ ସାହାଯ୍ୟ ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ ଋଣପରିଶୋଧ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ସାଙ୍ଗକୁ ଭାଗ୍ୟସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କୁ ଏକାଧାରରେ ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ଓ ଉପହାରାଦି ପ୍ରାପ୍ତ ହେବାର ଯୋଗ ରହିଛି। ମନ ଯେମିତି ଚାହୁଁଛି ସେହି ପ୍ରକାରେ ଆଜିର ସମସ୍ତ କାର୍ଯ୍ୟ ଆପଣ ସମ୍ପାଦନ କରିପାରିବେ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତିରେ ବନ୍ଧୁମିଳନରୁ ଖୁସୀ ରହିପାରନ୍ତି।

**ସିଂହ**
ଦ୍ୱାଦଶସ୍ଥ ହେଲେ ମଧ ଚନ୍ଦ୍ରଙ୍କ ନବମସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କ ପାଇଁ କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରାଇବ। ଆଜି କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆପଣଙ୍କ ପ୍ରଶଂସନୀୟ ଉଦ୍ୟମ ବହୁଜନ ପ୍ରଶଂସିତ ହେବ। ନିଜେ ଠିକ୍ ଥିଲେ ମଧ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର କ୍ରୟ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
କର୍ମସ୍ଥାନରେ ଚନ୍ଦ୍ର ଏବଂ ଧନସ୍ଥାନକୁ ମଙ୍ଗଳଙ୍କ ଦୃଷ୍ଟି ସହ ଶୁକ୍ରଙ୍କ ସ୍ଥିତି ଆପଣଙ୍କ ସର୍ବବିଧ ସାଧନ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯିବ। ଅର୍ଥ ପାଇବେ ଏବଂ ପାରିବାରିକ ସ୍ଥିରତା ଆସିଯିବା ସାଙ୍ଗକୁ ଯାତ୍ରା, ନୂତନ କର୍ମାରମ୍ଭ ମଧ ପ୍ରୀତିପ୍ରଦ ରହିବ। ସରକାରୀ କାମ, ଚୁକ୍ତିପତ୍ର, ପ୍ରଶାସନ, ରାଜନୀତି, ସାମ୍ବାଦିକତା କ୍ଷେତ୍ରରେ ଅସ୍ଥିରତାର ଆଶଙ୍କା ଦେଖାଦେଇପାରେ।

**ବିଛା**
ସୁଖ ଭାବରେ ବକ୍ରୀ ବୃହସ୍ପତି ସହ ଶନି ଓ କେତୁ ଥିବାରୁ ଆପଣଙ୍କ ବକ୍ତବ୍ୟ ବନ୍ଧୁଙ୍କ ଅଗ୍ରହଣୀୟ ହୋଇପାରେ। ଅର୍ଥହାନି, ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିଲେ ମଧ ଗଣତନ୍ତ୍ରର ପ୍ରତୀକ ଶନି ଆପଣଙ୍କୁ ରାଜନୈତିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। ନବମସ୍ଥ କଳାକର ଚନ୍ଦ୍ରଙ୍କ ସ୍ଥିତି ହେତୁ କଳା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ ସାଙ୍ଗକୁ ଗୋପନୀୟ କଥାରେ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନକରେ। ସାହାଯ୍ୟ ସହଯୋଗ ଲାଭକରି ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର**
ଆଜିର ଅସାଧାରଣ ଗ୍ରହ ସ୍ଥିତି ପ୍ରଭାବରେ ଦିନଟି ଆପଣଙ୍କ ପାଇଁ ସ୍ମରଣୀୟ ହୋଇ ରହିଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟକାରୀ ମନୋଭାବରୁ ଖୁସି ହେବେ। କୌଣସି କାମ ଅଟକି ରହିବନାହିଁ। ଅର୍ଥନୈତିକ, ରାଜନୈତିକ ସ୍ଥିତି ବହୁତ ଭଲ ରହିବ। ଶତ୍ରୁ ପରାସ୍ତ ହେବେ, କିନ୍ତୁ ଧନବ୍ୟୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାଜନିତ ଟେନ୍‌ସନ ଲାଗିରହିବ।

**କୁମ୍ଭ**
ଆଜି ସ୍ୱରାଶିଠାରୁ କର୍କଟରାଶି ପର୍ଯ୍ୟନ୍ତ ଷଡ଼୍‌ଗ୍ରହ ଅବସ୍ଥାନ କରିବା ଯୋଗୁ ସମ୍ମାନଜନକ ସ୍ଥିତି ସହ ବସ୍ତ୍ରାଳଙ୍କାର, ଉପହାର ପାଇପାରନ୍ତି। ଏଣେ ଷଷ୍ଠସ୍ଥ ଶୁକ୍ର ଆପଣଙ୍କ ଯାତ୍ରାକୁ ସହଜ ସୁଗମ କରାଇବା ସହିତ ନୂତନ କାର୍ଯ୍ୟାରମ୍ଭକୁ ପ୍ରୀତିପ୍ରଦ କରାଇବ। ତଥାପି ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯାଇପାରେ

**ମୀନ**
ରାଶିରେ ବୁଧ ବୌଦ୍ଧିକ ସହାୟତା, ଦୈହିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଚନ୍ଦ୍ରଙ୍କ ସ୍ଥିତିରୁ ଶିକ୍ଷା, ସନ୍ତାନ, ଲେଖାପଢ଼ା, ସାଙ୍ଗକୁ ଆଶା ପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ।

ଆଜି ମହାବିଷୁବ ପଣା ସଂକ୍ରାନ୍ତି, ଭକ୍ତ ଶିରୋମଣି ହନୁମାନଙ୍କ ଜୟନ୍ତୀ, ପୀଠେ ବାସନ୍ତୀ ଦଶହରା, ବୈଷ୍ଣବ ସମ୍ମତ ଶ୍ରୀରାମ ନବମୀ, ଚୈତ୍ର ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଏପ୍ରିଲ ୧୪ ତାରିଖ, ଅଗ୍ନିଶମ ଦିବସ, ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଜୟନ୍ତୀ, ୧୯୪୧ ଶକାବ୍ଦ ଆରମ୍ଭ, ରାଶି ନକ୍ଷତ୍ର- ସକାଳ, ଘ୮।୦୬ମି. ଗତେ ଅଶ୍ଳେଷା/କର୍କଟ, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ ଘ୧।୨୧ମି. ଗତେ ଘ୧।୫୬ମି. ମଧ୍ୟେ ଅମୃତବେଳା।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'






## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କୁ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କ ଆକ୍ରମଣ ଅଭିଯୋଗ

## ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୩।୪(ବ୍ୟୁରୋ): ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ୟୁନିଟ୍-୮ ସ୍ଥିତ ମହାବୀର କ୍ଲବ୍ ଯାହାକି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ମାତ୍ର ୧ କିମି ଦୂରରେ ଥିବା ଅଞ୍ଚଳରେ ଭୁବନେଶ୍ୱର ଭାଜପାର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ମଧ୍ୟ ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏକ ନିର୍ବାଚନ ପ୍ରଚାର ଶୋଭାଯାତ୍ରରେ ଯାଉଥିବା ବେଳେ ବିଜୁ ଯୁବ ବାହିନୀର ୪୦ ରୁ ୫୦ ଜଣ କର୍ମକର୍ତ୍ତା ଅଶାଳୀନ ବ୍ୟବହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଟେକା ପଥର ମାଡ କରିଛନ୍ତି। ଏହି ଘଟଣାରେ ପ୍ରଧାନ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରାଜଧାନୀରେ ଶାସକ ଦଳର ଏପରି ଗୁଣ୍ଡା ଗର୍ଦ୍ଦି ଚାଲିଥିବା ବେଳେ ପାଖରେ ପୋଲିସ ଉପସ୍ଥିତ ଥାଇ ମଧ୍ୟ କିଛି କଲେ ନାହିଁ। ଯଦି ରାଜଧାନୀର ସ୍ଥିତି ଏମିତି ଆଉ ଅନ୍ୟ ବିଧାନସଭା କ୍ଷେତ୍ରରେ କିପରି ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ଏହାର ପ୍ରତିବାଦରେ ଶନିବାର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଘଟଣା ଘଟିଥିଲା ବେଳେ ପୋଲିସ ବିଭାଗର ଦୁଇଜଣ ଏସିପି, ନୟାପଲ୍ଲୀ ଥାନାଧିକାରୀ ଏବଂ ଭୁବନେଶ୍ୱର ବିଭିନ୍ନ ଅଞ୍ଚଳର ଥାନାଧିକାରୀମାନଙ୍କ ସହ ଏକ ବଡ ପୋଲିସ ପ୍ଲାଟୁନ ଉପସ୍ଥିତ ଥାଇ ମଧ ନୀରବଦ୍ରଷ୍ଟା ସାଜି ବିଜେଡିର ଗୁଣ୍ଡା ମାନଙ୍କୁ ହିଂସା ଘଟାଇବାକୁ ପ୍ରଶ୍ରୟ ଦେଉଥିଲେ। ସେମାନଙ୍କୁ କାହିଁକି ପୋଲିସ ସେତେବେଳେ ଅଟକାଇଲା ନାହିଁ କି ଏବେ ସୁଧା ଗିରଫ କରିନାହାନ୍ତି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ଏହି ପ୍ରତିନିଧୀ ଦଳରେ ମଧ ଭୁବନେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପ୍ରଦୀପ କୁମାର ଧଳ ଏବଂ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

## ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାଁରେ ଆଣିଲେ ଅଭିଯୋଗ

ଫୁଲବାଣୀ ଅଫିସ, ୧୩।୪

କନ୍ଧମାଳ ଜିଲାରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି । ଜିଲାର ଜଣାଶୁଣା ସୂଚନା ଅଧିକାର କର୍ମୀ ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦଙ୍କୁ ତୁମୁଡିବନ୍ଧ ଅଞ୍ଚଳରେ ମରଣାନ୍ତକ ଆକ୍ରମଣ କରାଯାଇଛି । ଏ ସମ୍ପର୍କରେ ଜିଆଉଦ୍ଦିନ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାମରେ ତୁମୁଡିବନ୍ଧ ଥାନାରେ ଅଭିଯୋଗ କରିଛନ୍ତି।

ଓଡିଶା ସୂଚନା ଅଧିକାର ଅଭିଯାନର ଜିଲା ସହ ସଂଯୋଜକ ଜିଆଉଦ୍ଦିନ୍ ଶୁକ୍ରବାର ସନ୍ଧ୍ୟାରେ ଲାବଣ୍ୟବତୀ ଗ୍ରାମ ରାସ୍ତା ପାଖରେ ଠିଆ ହୋଇଥିଲେ। ସେହି ସମୟରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପ୍ରଚାର ଗାଡି ଆସି ତାଙ୍କ ଗାଡି ଆଗରେ ଠିଆ ହେଲା । ଗାଡିରୁ ୭ ଜଣ କର୍ମୀ ବାହାରି ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଜିଆଉଦ୍ଦିନଙ୍କ ଗାଡିରେ ଥିବା ପ୍ରଚାରପତ୍ର ଫିଙ୍ଗି ମୁହଁକୁ ମୁଥ ମାରିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଏବଂ ବାଇକ୍‌ରେ କେତେକ କର୍ମୀ ଆସି ପହଞ୍ଚିଥିଲେ । ସେମାନେ ଅଚ୍ୟୁତ ସାମନ୍ତ ଜିନ୍ଦାବାଦ ସ୍ଲୋଗାନ ଦେବାପରେ ଜିଆଉଦ୍ଦିନ୍‌ଙ୍କୁ ଘେରିଯାଇ ଗୋଇଠା ବିଧା ମାରି ଗାଡିରେ ବସାଇ ନେବାକୁ ଚେଷ୍ଟା କଲାବେଳେ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ । କିଛି ସମୟ ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ଅଚ୍ୟୁତ ସାମନ୍ତଙ୍କ କଳାକାରନାମା ଉପରେ ଆମେ ସୂଚନା ଅଧିକାର ଆଇନ ଅନୁଯାୟୀ, ତଥ୍ୟ ସଂଗ୍ରହ କରି ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ଆସୁଛୁ । ତାଙ୍କ ଦ୍ୱାରା ଭବିଷ୍ୟତରେ ପୁଣି ଆକ୍ରମଣ ହେବାର ଆଶଙ୍କା ଥିବା ଜିଆଉଦ୍ଦିନ୍ ଏତଲାରେ ଦର୍ଶାଇଛନ୍ତି। ଜିଆଉଦ୍ଦିନ୍‌ଙ୍କ ଏତଲାକ୍ରମେ ତୁମୁଡିବନ୍ଧ ଥାନାରେ ନଂ. ୩୯/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ବିପକ୍ଷ ଲୋକଙ୍କ ଅଭିଯୋଗ କ୍ରମେ ଜିଆଉଦ୍ଦିନ୍‌ଙ୍କ ନାଁରେ ନଂ. ୪୦/୧୯ରେ ମାମଲା ରୁଜୁ କରାଯାଇଛି । ଏ ସମ୍ପର୍କରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ମୋବାଇଲ ଫୋନ ନଂ. ୯୮୬୮୧୮୧୨୯୮ ଏବଂ ୯୪୩୭୦୯୬୯୨୮ରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ତାହା ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ । ଏ ନେଇ ଫୁଲବାଣୀ ପ୍ରେସ୍ କ୍ଲବରେ ଶନିବାର ସନ୍ଧ୍ୟାରେ ଓଡିଶା ସୂଚନା ଅଧକାର ଅଭିଯାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି ।


ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦ

# ୪୩ ଡିଗ୍ରୀ ଟପିଲା ପାରଦ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟରେ ତାତି ଅସହ୍ୟ ହେଲାଣି ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ଗତ ଦୁଇ ଦିନରେ ପାରଦ ୪ ଡିଗ୍ରୀ ସେଲସିୟସ ବଢି ଗଲାଣି। ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରକୁ ଟପିଲାଣି। ଏଥିସହିତ ରାଜ୍ୟର ୯ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ ୪୩, ଅନୁଗୋଳ ୪୨.୭, ଭବାନୀପାଟଣା ୪୨.୫, ବଲାଙ୍ଗୀର ୪୨, ଝାରସୁଗୁଡା ୪୦.୯, ସୋନପୁର ୪୦.୮, ସମ୍ବଲପୁର ୪୦.୧ ଏବଂ ସୁନ୍ଦରଗଡରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ହୀରାକୁଦରେ ୩୯.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୯.୫, ମାଲକାନଗିରି ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଯୋଗୁ ତାତି ଆହୁରି ବଢିବ। ପାରଦ ୪୫ ଡିଗ୍ରୀ ଯାଏ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ୧୮ ତାରିଖରୁ ତାତିର ପ୍ରକୋପ ହ୍ରାସ ପାଇବ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହେବା ସହ ବଙ୍ଗୋପ ସାଗରରୁ ଜଳୀୟ ବାଷ୍ପ ଓଡିଶାକୁ ପ୍ରବେଶ କରିବ। ଏହାଛଡା ଓଡିଶା ଉପରେ ଏକ ଟ୍ରଫ ଲାଇନ ସୃଷ୍ଟି ହେବ। ଏହାର ପ୍ରଭାବରେ ୧୮ରୁ ୨୦ ତାରିଖ ମଧରେ ରାଜ୍ୟର ଅଧିକାଂଶ ଭାଗରେ କାଳବୈଶାଖୀଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଉପକୂଳରେ ତାତି ୩୫ ଡିଗ୍ରୀକୁ ଖସିବା ବେଳେ ଆଭ୍ୟନ୍ତରୀଣରେ ୪୦ ଡିଗ୍ରୀ ତଳକୁ ଚାଲି ଆସିବ । ଆସନ୍ତା ୨୪ ଘଣ୍ଟା ମଧରେ କନ୍ଧମାଳ, ଝାରସୁଗୁଡା, ଦେବଗଡ, ସୋନପୁର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।




# ବହୁ ନେତାଙ୍କୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ

■ ବିଜୟ ଭୁବନେଶ୍ୱର ପର୍ଯ୍ୟବେକ୍ଷକ
■ ଦଳରୁ ରବି, ଅରୁଣ ବହିଷ୍କୃତ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଛି। ଆଗକୁ ୩ ପର୍ଯ୍ୟାୟ ଭୋଟ ଗ୍ରହଣ ବାକି ରହିଛି। ଶାସକ ଦଳ ବିଜେଡିରେ ଅନେକ ଟିକେଟ୍ ଆଶାୟୀ ଥିଲେ। ହେଲେ ସମସ୍ତଙ୍କୁ ଟିକେଟ୍ ମିଳିନାହିଁ। ତେଣୁ ଟିକେଟ୍‌ରୁ ବଞ୍ଚିତ ହୋଇଥିବା ଦଳୀୟ ନେତାମାନଙ୍କୁ ବିଜେଡି ସାଙ୍ଗଠନିକ ପଦରେ ଅବସ୍ଥାପିତ କରିବାରେ ଲାଗିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକାଧିକ ନେତାଙ୍କୁ ନିଯୁକ୍ତି ଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କେତେଜଣ ନେତାଙ୍କୁ ନିଲମ୍ବିତ ମଧ କରିଛନ୍ତି।

ବିଧାୟକ ବିଜୟ କୁମାର ମହାନ୍ତିଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ନିକଟରେ ଦଳରେ ସାମିଲ ହୋଇଥିବା ପ୍ରମୋଦ କିଶୋର ଜେନା ଏବଂ ସାରଦା ପ୍ରସନ୍ନ ଜେନାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଦେବୀ ପ୍ରସାଦ ଭୂତିଆ, ହର୍ଷବର୍ଦ୍ଧନ ସିଂହଦେଓ, ଶଶୀ କୁମାର ସାହୁଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଯୁବ ବିଜେଡି ଉପସଭାପତି ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କୁ ରାଜ୍ୟ ସମ୍ପାଦକ ସହ ଭୁବନେଶ୍ୱର(ଉତ୍ତର) ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଯୁବ ବିଜେଡି ସଭାପତି ଅମରେଶ ପତ୍ରୀଙ୍କୁ କେନ୍ଦ୍ରାପଡା ଜିଲା ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଧୀର କୁମାର ଦାସଙ୍କୁ ବୌଦ୍ଧ ଜିଲା କଣ୍ଟାମାଳ, ସୁଶୀଲ ରାୟଙ୍କୁ ବାଲେଶ୍ୱର ଜିଲା ସହପର୍ଯ୍ୟବେକ୍ଷକ, ଭୁବନାନନ୍ଦ ଦାସ ଓ ଗିରିଶ ଚନ୍ଦ୍ର ଦାସଙ୍କୁ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି। ବାଲେଶ୍ୱର ଜିଲା ସମ୍ପାଦକ ଭାବେ ମନୋଜ କୁମାର ରାଉତ, ଆଶିଷ ଘୋଷ ଏବଂ ଅରୁଣ ଚାଟାର୍ଜୀଙ୍କୁ ନିଯୁକ୍ତି ଦିଆଯାଇଛି। ମିହିର ରଞ୍ଜନ ପରିଡ଼ାଙ୍କୁ ଯୁବ ବିଜେଡି ଉପସଭାପତି ଏବଂ କେନ୍ଦ୍ରାପଡ଼ା ଜିଲା ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ଲୋହିତ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ପୂର୍ବତନ ଦେବଗଡ଼ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ପୂର୍ବତନ ବିଧାୟକ ରବି ମଲ୍ଲିକ ଏବଂ ଗଞ୍ଜାମ ବିଜେଡି ନେତା ଅରୁଣ ପଣ୍ଡାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି।









କାହିଁକି ଭଲା ଭଗବାନ ଏ ପୃଥିବୀ ଉପରେ ବେଳେ ବେଳେ ଏମିତି ଭୟଙ୍କର ଆଘାତ ହାଣନ୍ତି ? କାହିଁକି ସେ ଏ ପୃଥିବୀକୁ ବାରମ୍ବାର ଆପଣା ରକ୍ତରେ ସ୍ନାନ କରାନ୍ତି ? କାହିଁକି ମଧ୍ୟ ସେ ଏ ପୃଥିବୀକୁ ନରକର ଡହଡହ ନିଆଁରେ ଦଗ୍ଧ କରୁଥାନ୍ତି ? କାରଣ –ମନୁଷ୍ୟ ସମାଜ ତଥାପି ମଧ୍ୟ ଏକ ଶକ୍ତ, କର୍କଶ ଓ ବନ୍ଧୁର ଲୌହପ୍ରସ୍ତର ରୂପେ ରହିଥାଏ। ତାଙ୍କର ଉପାଦାନ ସବୁ ଯେପରି –ଉପାୟ ମଧ୍ୟ ସେହିପରି। –ଶ୍ରୀଅରବିନ୍ଦ

# ନେତାଙ୍କ ଶିକ୍ଷା



ଆକାର ପଟେଲ

ଜଣେ ନେତା କେତେ ଶିକ୍ଷିତ ହେବା ଆବଶ୍ୟକ ଏବଂ ତାଙ୍କଠାରେ ଶିକ୍ଷା ଓ ବୌଦ୍ଧିକତାର ଅଭାବ ଥିଲେ କ'ଣ ଅସୁବିଧା ହୁଏ ? ସ୍ମୃତି ଇରାନୀ କଲେଜରେ ପାଠ ପଢ଼ିନାହାନ୍ତି କହି କଂଗ୍ରେସ ତାଙ୍କୁ ପରିହାସ କରୁଛି। ସେ ଏକ ପତ୍ରବିନିମୟ ପାଠ୍ୟକ୍ରମରେ ଯୋଗ ଦେଇଥିଲେ, କିନ୍ତୁ ତାକୁ ଶେଷ କରିନାହାନ୍ତି। ଏଥିରୁ ମନେହେଉଛି ତାଙ୍କର ସମ୍ଭବତଃ ଆଉ ଅଧିକ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ନ ଥିଲା।

ଇରାନୀ ଜଣେ ଚତୁର ଓ ବୁଦ୍ଧିମତୀ ମହିଳା। ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ପ୍ରଗତିରେ ବାଧା ସୃଷ୍ଟି କରିନାହିଁ। ଜଣେ କଲେଜ ଯାଇନାହିଁ ବୋଲି ଲାଜ କରିବାର କିଛି ନାହିଁ। କିନ୍ତୁ ଇରାନୀ ଅସୁବିଧାରେ ପଡ଼ିବାର କାରଣ ହେଉଛି, ସେ ତାଙ୍କର ଶିକ୍ଷା ନେଇ କିଛି ଦାବି କରିଥିଲେ (ୟେଲ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ ବୋଲି କହିଥିଲେ), ଯାହା ସମ୍ପୂର୍ଣ୍ଣ ମିଥ୍ୟା ନ ହେଲେ ବି ବିଭ୍ରାନ୍ତିକର। କୁହାଯାଇପାରେ ଯେ କଂଗ୍ରେସର ଗାନ୍ଧୀ ପରିବାର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ନୁହନ୍ତି। ରାଜୀବ ଗାନ୍ଧୀ କେମ୍ବ୍ରିଜରେ ପଢ଼ିବା ପାଇଁ ଇଂଲଣ୍ଡ ଯାଇଥିଲେ କିନ୍ତୁ ପରୀକ୍ଷାରେ ଫେଲ ହେବା ଯୋଗୁ କୌଣସି ଡିଗ୍ରୀ ପାଇପାରି ନ ଥିଲେ। ତାଙ୍କ ଭାଇ ସଞ୍ଜୟ ତ ଏପରି କି ମାଟ୍ରିକ୍ ବି ପାସ୍ କରି ନ ଥିଲେ। ସେ ଗାଡ଼ି ମରାମତି ସମ୍ପର୍କିତ ଏକ କୋର୍ସ କରିବା ପାଇଁ ସ୍କୁଲ ଛାଡ଼ିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଭଳି ଲୋକ ତାଙ୍କ ମାଆଙ୍କ ଯୋଗୁ ବହୁ କ୍ଷମତାଶାଳୀ ଥିଲେ। ସଞ୍ଜୟଙ୍କ ସ୍ତ୍ରୀ ମାନେକା ତାଙ୍କୁ ୧୮ ବର୍ଷ ବୟସରେ ବିବାହ କରିଥିଲେ, ଯେଉଁଥିପାଇଁ ସେ ମଧ୍ୟ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଲୋକ ସଭା ବିବରଣୀରୁ ଜଣାଯାଏ ଯେ, ସେ କେବଳ ସ୍କୁଲ ସ୍ତରରେ ପାଠ ପଢ଼ିଛନ୍ତି। ସୋନିଆ ଗାନ୍ଧୀ ମଧ୍ୟ କଲେଜ ଯାଇନାହାନ୍ତି। ୧୮ ବର୍ଷରେ ତାଙ୍କର ଶିକ୍ଷା ଶେଷ ହୋଇଥିଲା ଏବଂ ସେ ମଧ୍ୟ ସଅଳ ବାହା ହୋଇଥିଲେ। ଇନ୍ଦିରା ଗାନ୍ଧୀ ମଧ୍ୟ ଡିଗ୍ରୀ ହାସଲ କରି ନ ଥିଲେ।

ରାହୁଲ ଗାନ୍ଧୀଙ୍କୁ ତାଙ୍କ ସମାଲୋଚକମାନେ 'ପପୁ' ବୋଲି ସମ୍ବୋଧନ କରନ୍ତି, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ ଉଜ୍ଜ୍ୱଳ ଥିବା ଜଣାଯାଏ। କେମ୍ବ୍ରିଜର ଟ୍ରିନିଟି କଲେଜରୁ ସେ ଫିଲୋସଫି ଇନ୍ ଡେଭ୍‌ଲପ୍‌ମେଣ୍ଟ ଇକୋନମିକ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ନେହେରୁ ମଧ୍ୟ ସେଠାରେ ପଢୁଥିଲେ। ନେହେରୁ ଭଲ ଛାତ୍ର ନ ଥିଲେ ଏବଂ ସେ ଥାର୍ଡ ଡିଭିଜନରେ ପାସ୍ କରିଥିଲେ। ଗାନ୍ଧୀ ପରିବାରରେ ରାହୁଲ ହେଉଛନ୍ତି ସବୁଠୁ ଉଚ୍ଚଶିକ୍ଷିତ। ବିଖ୍ୟାତ ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ କଲେଜ ଯାଇ ନ ଥିଲେ ଏବଂ ତାଙ୍କର କୌଣସି ଆନୁଷ୍ଠାନିକ ଶିକ୍ଷା ନ ଥିଲା। ତେବେ ଉଲ୍ଲେଖନୀୟ ଯେ, ସେ ଜଣେ ଐତିହାସିକ ଓ ଔପନ୍ୟାସିକ ଥିଲେ ଏବଂ ୧୯୫୩ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ। ଆଉ ଜଣେ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଉଛନ୍ତି ଜନ୍ ମେଜର, ଯିଏ ୧୬ ବର୍ଷ ବୟସରେ ସ୍କୁଲ ଛାଡ଼ିଥିଲେ ଏବଂ କଲେଜ ଯାଇ ନ ଥିଲେ। ସେ ଥିଲେ ମାର୍ଗାରେଟ୍ ଥାଚରଙ୍କ ଉତ୍ତରାଧିକାରୀ। ମୋଟ ୧୧ ଜଣ ବ୍ରିଟିଶ ପ୍ରଧାନମନ୍ତ୍ରୀ କଲେଜ ଯାଇ ନ ଥିଲେ।

ନରେନ୍ଦ୍ର ମୋଦି ୧୭ ବର୍ଷ ବୟସରେ ତାଙ୍କ ଘର ଓ ସ୍ତ୍ରୀକୁ ଛାଡ଼ିଥିଲେ। ସେଥିପାଇଁ ସେ କଲେଜ ଯାଇନାହାନ୍ତି। କିନ୍ତୁ ସେ ପତ୍ରବିନିମୟ ପାଠ୍ୟକ୍ରମରେ ପାଠ ପଢ଼ିଥିଲେ, ଯାହାକୁ ନେଇ କିଛି ବିବାଦ ରହିଛି। ଆନୁଷ୍ଠାନିକ ଶିକ୍ଷାର ଅଭାବ ସତ୍ତ୍ୱେ ତାଙ୍କୁ ଆମେ ଜଣେ ଭଲ ଓ ସଫଳ ରାଜନେତା ବୋଲି କହିପାରିବା। କିନ୍ତୁ ତାଙ୍କର ଗୋଟିଏ ଅଭାବ ଅଛି। ମନମୋହନ, ଓବାମା ବା ଅନ୍ୟ ବିଜ୍ଞ ରାଜନେତାଙ୍କ ପରି ସେ ପଲିସି ପ୍ରସଙ୍ଗ ଭିତରକୁ ବେଶି ପଶନ୍ତି ନାହିଁ। ତାଙ୍କ ସହ ଏକ ସାକ୍ଷାତ୍କାରରେ ସେ କିପରି କାମ କରନ୍ତି, ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ''ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାର ତିନି ଚାରିଦିନ ପରେ ମୁଖ୍ୟ ସଚିବ ମୋ ପାଖକୁ ଆସିଲେ। ସେ ପ୍ରାୟ ତିନିଫୁଟ୍ ଉଚ୍ଚା ଫାଇଲର ଗଦା ନେଇ ଆସିଥିଲେ। ସେଗୁଡ଼ିକ ୧୫ରୁ ୨୦ କିଲୋ ହେବ। ପିଅନ ତାକୁ ମୋ ଟେବୁଲ ଉପରେ ରଖିଲା। ମୁଖ୍ୟ ସଚିବ କହିଲେ ସେଗୁଡ଼ିକ ନର୍ମଦା ସମ୍ପର୍କିତ ଫାଇଲ। ମୋର ନର୍ମଦା କଥା ମନେଅଛି, କିନ୍ତୁ ତା' ସହ ଆଉ ତିନୋଟି ଫାଇଲ ବି ଥିଲା। ମୁଖ୍ୟ ସଚିବ କହିଲେ ଯେ, ଏଗୁଡ଼ିକ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଆପଣ ସମୟ ନେଇ ଏଗୁଡ଼ିକୁ ପଢ଼ନ୍ତୁ ଓ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଅନ୍ତୁ। ମୁଁ ତିନି ଚାରିଥର ଫାଇଲଗୁଡ଼ିକର ଉଚ୍ଚତାକୁ ଉପରୁ ତଳ ଦେଖିଲି। ମୁଁ ତାଙ୍କୁ କହିଲି, ଆପଣ ଫାଇଲଗୁଡ଼ିକୁ ଏଇଠି ରଖିଦେଇ ଯାଆନ୍ତୁ, ମୁଁ କିଛିଦିନ ପରେ ଆପଣଙ୍କୁ ଡାକିବି। ମୁଁ ଫାଇଲଗୁଡ଼ିକୁ ଖୋଲି ବି ନ ଥିଲି। ମୁଁ ଭାବିଲି ପଢ଼ିବାକୁ ଆରମ୍ଭ କଲେ ତାହା କେବେ ସରିବ ନାହିଁ। ତିନି ଚାରିଦିନ ପରେ ମୁଖ୍ୟ ସଚିବ ଆସିଲେ। ମୁଁ ତାଙ୍କୁ କହିଲି, ଏ ଫାଇଲଗୁଡ଼ିକରେ ଥିବା ସାରକଥା ମୋତେ ବୁଝାଅ। ସେ ମୋତେ ବୁଝାଇଲେ। ତା'ପରେ ମୁଁ କହିଲି, ସେତିକି ମୋ ପାଇଁ ଯଥେଷ୍ଟ। ଏବେ ଆପଣ ଫାଇଲଗୁଡ଼ିକୁ ନେଇଯାଆନ୍ତୁ। ଏହାପରେ ମୋତେ ଏ ବିଷୟରେ ଆଉ କାହାକୁ କିଛି ବୁଝାଇବାକୁ ପଡ଼ିନାହିଁ। ଏହା ଭିତରେ ୧୩ ବର୍ଷ ବିତିଗଲାଣି। ଅଳ୍ପକଥାରୁ ପ୍ରସଙ୍ଗ ବିଷୟରେ ପୂରା ବୁଝିବାର କ୍ଷମତା ମୋର ଅଛି। ମୁଁ ଅଫିସରମାନଙ୍କ ସହ ଯୁକ୍ତି କରେ ନାହିଁ। ମୁଁ ସେମାନଙ୍କ କଥା ମନଦେଇ ଶୁଣେ। ମୁଁ ଆଜି କହିପାରିବି ଯେ ମୋର ବିକାଶରେ ପାଠପଢ଼ା ୩୦ ପ୍ରତିଶତ ଓ ଶୁଣିବା ୭୦ ପ୍ରତିଶତ ଭୂମିକା ଗ୍ରହଣ କରିଛି। ମୁଁ ଯାହା ଶୁଣେ, ତାକୁ ବିଶ୍ଳେଷଣ କରେ ଏବଂ ମୋ ମନର ବିଭିନ୍ନ ଥାକରେ ତାକୁ ବର୍ଗୀକରଣ କରି ସଜାଇ ରଖେ। ଏଥିପାଇଁ ମୋତେ ବେଶି ସମୟ ଲାଗେ ନାହିଁ ଏବଂ ଯେତେବେଳେ ଦରକାର ପଡ଼େ ମୋ ମନ ଭିତରେ ସାଇତି ରଖିଥିବା ଜ୍ଞାନର ମୁଁ ଉପଯୋଗ କରେ। ଏବେ ବି ଯେତେବେଳେ କୌଣସି ଅଫିସର ମୋ ପାଖକୁ କିଛି କାଗଜ ନେଇ ଆସନ୍ତି, ମୁଁ ତା'ର ସାରାଂଶ ଦୁଇ ମିନିଟ୍ ଭିତରେ ମୋତେ କହିବାକୁ କୁହେ। ମୋ ପାଇଁ ଏହି ଦୁଇ ମିନିଟ୍‌ର କଥା ୧୦ ପୃଷ୍ଠାର ଦଲିଲଠାରୁ ବି ଅଧିକ ହୁଏ।'' ତେବେ ମୋ ମତରେ ଏକ ଜଟିଳ ଓ ବିଶାଳ ଦେଶକୁ ଚଳାଇବା ପାଇଁ ଏହା ଠିକ୍ ପଦ୍ଧତି ନୁହେଁ।


Email: aakar.patel@gmail.com


## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | B | 7 | | 2 | | 3 | A | | | 8 | | |
| | B | | | 0 | | | | | | 4 | | | | A |
| | | | | | 6 | | 1 | | 7 | | 9 | | | |
| 0 | 6 | | | | | C | A | 9 | 5 | 1 | | | | |
| C | | | 3 | | D | 8 | | | | | 6 | 1 | | |
| | | 4 | | | | | | | | | | | C | |
| | | | | 4 | 0 | | | | | | | | | 3 |
| | | | | 2 | | 7 | | 4 | C | E | 3 | | 6 | 0 |
| | | D | 1 | 5 | E | | B | | | | | | A | 9 |
| A | 7 | 0 | D | | B | | 5 | | | | | | | 8 |
| | | 2 | | | | | | A | B | | | | | |
| 4 | | | | 8 | 2 | | 3 | | | | | | | B |
| | 8 | A | 0 | B | 3 | | 2 | | | | 4 | | | D |
| | 9 | | | | | 4 | D | | 3 | 6 | | C | 7 | |
| | | | 6 | 9 | | | 8 | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | 8 | B | 6 | 2 | D | 0 | 9 | A | 4 | 3 | 1 | C | 5 |
| A | 9 | C | E | 0 | 3 | 2 | 4 | 6 | 5 | 1 | D | 8 | B | 7 |
| 5 | D | 3 | 7 | C | 4 | 1 | A | B | 8 | E | 6 | 0 | 9 | 2 |
| 2 | 6 | 0 | 1 | A | 5 | 7 | E | 8 | B | C | 9 | D | 4 | 3 |
| 1 | 4 | B | 9 | 8 | D | 3 | C | 5 | 2 | 7 | 0 | E | 6 | A |
| 9 | 5 | 2 | 8 | 4 | 7 | A | 1 | E | 0 | B | C | 6 | 3 | D |
| 4 | 3 | 7 | A | 9 | 6 | B | D | 0 | 1 | 8 | 2 | C | 5 | E |
| D | C | A | 5 | E | 0 | 8 | 9 | 4 | 6 | 3 | 7 | B | 2 | 1 |
| 0 | B | 6 | 2 | D | 1 | C | 7 | 3 | 4 | 5 | E | A | 8 | 9 |
| 8 | E | 1 | C | 3 | B | 5 | 6 | 2 | D | 9 | A | 7 | 0 | 4 |
| 3 | 1 | E | 4 | 5 | A | 9 | 8 | C | 7 | 0 | B | 2 | D | 6 |
| 7 | 2 | D | 3 | B | 9 | 6 | 5 | 1 | C | A | 8 | 4 | E | 0 |
| B | 0 | 5 | D | 1 | C | E | 2 | A | 9 | 6 | 4 | 3 | 7 | 8 |
| C | A | 4 | 6 | 7 | 8 | 0 | 3 | D | E | 2 | 5 | 9 | 1 | B |
| 6 | 8 | 9 | 0 | 2 | E | 4 | B | 7 | 3 | D | 1 | 5 | A | C |

ଗତକାଲିର ଉତ୍ତର

# ସୋସିଆଲ ମିଡିଆ ଅଳିଆ ନ ହେଉ



ପ୍ରକାଶ ତ୍ରିପାଠୀ

ସୋସିଆଲ ମିଡିଆ (ଫେସ୍‌ବୁକ ଓ ହ୍ୱାଟ୍‌ସଆପ)ରେ ସକ୍ରିୟ ଥିବା ମୋର ଜଣେ ବନ୍ଧୁ ନିର୍ବାଚନ ଘୋଷଣା ହେବା ଦିନଠାରୁ ଆଉ ଅନ୍‌ଲାଇନରେ ଆସୁନାହାନ୍ତି। କାରଣ ପଚାରନ୍ତେ କୁହନ୍ତି, ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ସୋସିଆଲ ମିଡିଆଠାରୁ ଦୂରରେ ରହିବେ। ଫେକ୍ ନ୍ୟୁଜ ପଢି ସମୟ ବରବାଦ କରିବେ ନାହିଁ କି ବିଭ୍ରାନ୍ତ ହେବେ ନାହିଁ। ବନ୍ଧୁଙ୍କ ନିଷ୍ପତ୍ତିକୁ ମୁଁ ମନେ ମନେ ତାରିଫ କରୁଥିଲି। ଭାରତର ସାଧାରଣ ନିର୍ବାଚନ ୨୦୧୯ ଆରମ୍ଭ ହୋଇଯାଇଛି ଓ ସମଗ୍ର ବିଶ୍ୱର ରାଜନୈତିକ ବିଶାରଦମାନେ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ନିର୍ବାଚନ ପ୍ରକ୍ରିୟାକୁ ଉତ୍ସୁକତାର ସହିତ ଦେଖିବା ସହ ତର୍ଜମା ବି କରୁଛନ୍ତି। ବିଗତ ସାତ ଦଶନ୍ଧି ଧରି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସଫଳ ରୂପାୟନ କରି ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ନିଜକୁ ଅନ୍ତର୍ଜାତୀୟ ସମୁଦାୟରେ ପ୍ରମାଣିତ କରିପାରିଛି। ମାତ୍ର ଚଳିତ ନିର୍ବାଚନରେ ରାଜନୈତିକ ପ୍ରଚାର ଅଭିଯାନ ସୋସିଆଲ ମିଡିଆରେ ଯେପରି ଭାବେ ସକ୍ରିୟ ରହିଛି ଓ ଯେପରି ଭାବେ ଅସତ୍ୟ, ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ଓ ଭିଡିଓ ପ୍ରସାରିତ ହେଉଛି, ଏହା ନିଶ୍ଚିତ ଭାବେ ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ପରିପନ୍ଥୀ। ମୋ ବନ୍ଧୁଙ୍କ ଭଳି ଅନେକ ସଚେତନ ବ୍ୟକ୍ତି ଏଭଳି ଅସତ୍ୟ ଖବରରେ ଭ୍ରମିତ ହେବା ଅପେକ୍ଷା ସୋସିଆଲ ମିଡିଆଠାରୁ ସାମୟିକ ଭାବେ ଦୂରେଇ ଯାଉଛନ୍ତି।

ସୋସିଆଲ ମିଡିଆର ବିଭିନ୍ନ ମଞ୍ଚ ଯଥା ହ୍ୱାଟ୍‌ସଆପ, ଫେସ୍‌ବୁକ, ଟୁଇଟର, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଆଦିରେ ଯେପରି ଭାବେ ଅସତ୍ୟ ଖବର, ତଥ୍ୟ, ବ୍ୟକ୍ତିଗତ ନିନ୍ଦା, ଗାଳି, ଅସଭ୍ୟ ଭାଷା ପ୍ରୟୋଗ ତଥା ଅତିରଞ୍ଜିତ ତଥ୍ୟମାନ ସ୍ଥାନ ପାଉଛି, ସେଥିରେ ଜଣେ ସାଧାରଣ ଭୋଟର ଭ୍ରମିତ ହେବା ସ୍ୱାଭାବିକ। ନିର୍ବାଚନ ସମୟରେ ସୋସିଆଲ ମିଡିଆରେ ଅସଂଖ୍ୟ ଅସତ୍ୟ ବା ଫେକ୍ ଆକାଉଣ୍ଟକୁ ଦେଖିଲେ ମନେହୁଏ ସତେଯେମିତି ଫେକ୍ ଆକାଉଣ୍ଟର ବନ୍ୟା ଆସିଯାଇଛି। ପାକିସ୍ତାନ କବଳରୁ ଭାରତୀୟ ବାୟୁସେନାର ପାଇଲଟ ଅଭିନନ୍ଦନ ମୁକ୍ତ ହେବା ପରେ ତାଙ୍କ ନାମରେ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ଏତେ ସଂଖ୍ୟକ ଫେକ୍ ଆକାଉଣ୍ଟ ଖୋଲାଗଲା ଯେ, ଶେଷରେ ବାୟୁସେନା ପକ୍ଷରୁ ଘୋଷଣା କରାଗଲା ସେସବୁ ଅସତ୍ୟ। ଇତିମଧ୍ୟରେ ନିର୍ବାଚନ ପ୍ରଚାରରେ ଅସତ୍ୟ ଖବର ଓ ଭିଡିଓ ପ୍ରସାରଣରେ ବ୍ୟସ୍ତ ଥିବା ଶହ ଶହ ଗ୍ରୁପ୍ ଓ ଏକକ ଫେସ୍‌ବୁକ ଆକାଉଣ୍ଟକୁ ଫେସ୍‌ବୁକ ନିଜ ତରଫରୁ ହଟାଇ ଦେଇଛି। ଫେସ୍‌ବୁକର ଏହି ଅଭିଯାନକୁ ଅଳିଆ ସଫା କାର୍ଯ୍ୟକ୍ରମ କୁହାଯାଉଛି ଓ ଆଗାମୀ ଦିନରେ ଏହି ଅଳିଆ ସଫା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଫେସ୍‌ବୁକ ତରଫରୁ ସୂଚନା ଦିଆଯାଇଛି।

ଚଳିତ ନିର୍ବାଚନରେ ୯୦.୮୪ କୋଟି ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଏହି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ କୋଟି ଭୋଟର ଇଣ୍ଟରନେଟଯୁକ୍ତ ମୋବାଇଲ ଫୋନ୍ (ସ୍ମାର୍ଟଫୋନ୍) ବ୍ୟବହାର କରୁଛନ୍ତି। ଏହା ହିଁ ଏକ ବିରାଟ ଉପଲବ୍ଧି। ସୋସିଆଲ ମିଡିଆର ପ୍ରମୁଖ ପ୍ଲାଟଫର୍ମ ଫେସ୍‌ବୁକରେ ପ୍ରାୟ ୩୦ କୋଟି ଭୋଟର ଯୋଡି ହୋଇଥିଲା ବେଳେ ହ୍ୱାଟ୍‌ସଆପରେ ୨୪ କୋଟି ଓ ଟୁଇଟରରେ ପ୍ରାୟ ୫ କୋଟି ଲୋକ ଯୋଡିହୋଇ ରହିଛନ୍ତି। ଭାରତୀୟମାନେ ହାରାହାରି ଦୁଇଘଣ୍ଟାରୁ ଚାରିଘଣ୍ଟା ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାରୁ ବିଭିନ୍ନ ରାଜନୈତିକ ଦଳ ପାଇଁ ସୋସିଆଲ ମିଡିଆ ଏକ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ନିର୍ବାଚନ ପ୍ରଚାର ପାଇଁ ଏହା ଏକ ବୃହତ୍ ଓ ଉର୍ବର ଭିତ୍ତିଭୂମି ଭାବେ ଉଭା ହୋଇଛି ଏବଂ ଅସତ୍ୟ, ଅତିରଞ୍ଜିତ ତଥା ଘୃଣା ସୃଷ୍ଟିକାରୀ ଲେଖା, ଚିତ୍ର ଓ ଭିଡିଓ ମାଧ୍ୟମରେ ଭୋଟରଙ୍କୁ ଆକର୍ଷିତ କରିବାରେ ସହାୟକ ହୋଇଛି। ନିଜ ସପକ୍ଷରେ ଓ ଅପରପକ୍ଷର ବିରୋଧରେ ଅତିରଞ୍ଜିତ ତଥ୍ୟମାନ ଉପସ୍ଥାପିତ କରି ଭୋଟରଙ୍କୁ ଭ୍ରମିତ କରିବାରେ ଏହା ଖୁବ୍ ଫଳପ୍ରଦ ହୋଇପାରୁଛି। ହ୍ୱାଟ୍‌ସଆପ ଭଳି ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରାଯାଇ କିପରି ଭିଡ଼ହିଂସା ସୃଷ୍ଟି କରାଯାଇପାରେ, ଆମେ ତା'ର ଅନେକ ପ୍ରମାଣ ନିକଟ ଅତୀତରେ ପାଇସାରିଛେ। ନିର୍ବାଚନରେ ସୋସିଆଲ ମିଡିଆର ଅପବ୍ୟବହାରଜନିତ ଫାଇଦାର ପ୍ରମାଣ ୨୦୧୬ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସମଗ୍ର ବିଶ୍ୱ ଦେଖିଥିଲା। ଡୋନାଲ୍ଡ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ବିଜୟରେ ସୋସିଆଲ ମିଡିଆ ଫେସ୍‌ବୁକର ବଳିଷ୍ଠ ଭୂମିକା କୌଣସି ରାଜନୈତିକ ବିଶାରଦଙ୍କୁ ଅଛପା ନାହିଁ। ଏହି ନିର୍ବାଚନରେ ଫେସ୍‌ବୁକକୁ ମିଳିଥିଲା ଅନେକ ଶିକ୍ଷା, ସେଥିପାଇଁ ୨୦୧୮ର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଆମେରିକାରେ ଅସତ୍ୟ ତଥା ଭ୍ରମାତ୍ମକ ଖବର ପ୍ରସାରଣକୁ ଅନେକାଂଶରେ ରୋକାଯାଇପାରିଲା। ତେବେ ଗତବର୍ଷ ମେକ୍ସିକୋ, ବ୍ରାଜିଲ ଓ କଲମ୍ବିଆର ସାଧାରଣ ନିର୍ବାଚନରେ ଅସତ୍ୟ ତଥ୍ୟ ପ୍ରସାରଣକୁ ଫେସ୍‌ବୁକ ରୋକି ପାରି ନ ଥିଲା। ଆଟ୍‌ଲାଣ୍ଟିକ କାଉନସିଲର ଡିଜିଟାଲ ଫରେନସିକ ରିସର୍ଚ୍ଚ ଲାବର ନିର୍ଦ୍ଦେଶକ ଗ୍ରାହାମ ବ୍ରୁକିଙ୍କ ଭାଷାରେ ୨୦୧୯ ଭାରତର ସାଧାରଣ ନିର୍ବାଚନ ଫେସ୍‌ବୁକ ପାଇଁ ଏକ ଏସିଡ୍ ଟେଷ୍ଟ ହେବ। ଯଦି ଭାରତୀୟ ନିର୍ବାଚନରେ ଅସତ୍ୟ ଖବର ପରିବେଷଣକୁ ଫେସ୍‌ବୁକ ଅଟକାଇପାରିବ ତେବେ ଆସନ୍ତାବର୍ଷ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ନିରପେକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବ ବୋଲି ଆଶା ସୃଷ୍ଟି ହେବ। ସେହିପରି ଗତ ମାର୍ଚ୍ଚରେ ଏଥେନ୍ସ ଓ ମାଡ୍ରିଡ୍‌ରେ ଆଟଲାଣ୍ଟିକ କାଉନସିଲ ପକ୍ଷରୁ ପାଳିତ ହୋଇଥିବା 'ଡିସ୍‌ଇନ୍‌ଫୋଡଇକ୍' ଅବସରରେ ଏହାର ଅନ୍ୟତମ ପ୍ରବକ୍ତା ଡାନିଏଲ ଫେଡ୍‌ଙ୍କ ବକ୍ତବ୍ୟ ବି ତାତ୍ପର୍ଯ୍ୟପୂର୍ଣ୍ଣ। କେବଳ ନିର୍ବାଚନ ସମୟରେ ନୁହେଁ, ଅନ୍ୟ ସମୟରେ ମଧ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଅସତ୍ୟ ଖବର ପ୍ରସାରଣକୁ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମ ରୋକିବା ଆବଶ୍ୟକ।

ଗତ ସାଧାରଣ ନିର୍ବାଚନ ୨୦୧୪ରେ ଫେସ୍‌ବୁକ ଭାରତକୁ ପ୍ରଥମଥର ପାଇଁ ଏକ ପ୍ରୟୋଗଶାଳା ଭାବେ ବ୍ୟବହାର କରିଥିଲା ଓ ଆଶାନୁରୂପ ସଫଳ ବି ହୋଇଥିଲା। ତା' ପରବର୍ଷ ଅର୍ଥାତ୍ ୨୦୧୫ରେ ସିଲିକନଭ୍ୟାଲିସ୍ଥିତ ଫେସ୍‌ବୁକର ମୁଖ୍ୟ କାର୍ଯ୍ୟାଳୟରେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଫେସବୁକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍କ ଜୁକରବର୍ଗ ସରକାରୀ କାର୍ଯ୍ୟକ୍ରମରେ ଫେସ୍‌ବୁକର ଉପଯୋଗକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରାଜନୈତିକ ଦଳ ଦ୍ୱାରା ଅସତ୍ୟ ସୂଚନା ପ୍ରସାରଣ ଆଶଙ୍କାରେ ସେ ଏଥିରୁ ଓହରିଯାଇଥିଲେ। ନିର୍ବାଚନ ସମୟରେ ଫେସ୍‌ବୁକର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଏହାର ବ୍ୟବହାରକାରୀମାନେ ଯେପରି କୌଣସି ଅସତ୍ୟ ତଥ୍ୟ ଦ୍ୱାରା ଭ୍ରମିତ ନ ହୁଅନ୍ତି, ସେଥିପାଇଁ ଫେସ୍‌ବୁକ ନିଜକୁ ଅଧିକ ପ୍ରସ୍ତୁତ କରୁଛି। ଭାରତୀୟ ନିର୍ବାଚନ ପରିପ୍ରେକ୍ଷୀରେ ନିଜକୁ ଯଥାସମ୍ଭବ ନିରପେକ୍ଷ ରଖିବା ପାଇଁ ପ୍ରାୟ ବର୍ଷକ ତଳୁ ଫେସ୍‌ବୁକ ପ୍ରସ୍ତୁତ ହୋଇଥିଲେ ହେଁ ବର୍ତ୍ତମାନ ଏହାକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତି ମୁହୂର୍ତ୍ତରେ ପୋଷ୍ଟ ହେଉଥିବା ସୂଚନାକୁ ଯାଞ୍ଚ ସହ ଦୈନିକ ପ୍ରାୟ ୧୦ ଲକ୍ଷ ଆକାଉଣ୍ଟକୁ ହଟାଇ ଦିଆଯାଉଛି। ଅହୋରାତ୍ର ପ୍ରାୟ ୩୦ ହଜାର ବୈଷୟିକ କର୍ମଚାରୀ ଏଥିପାଇଁ କାର୍ଯ୍ୟରତ ଅଛନ୍ତି। ସେହିପରି ବହୁଳ ବ୍ୟବହାର ହେଉଥିବା ହ୍ୱାଟ୍‌ସଆପ ମଧ୍ୟ ଚେକ୍ ପଏଣ୍ଟ ଟିପ୍‌ଲାଇନ ପ୍ରସ୍ତୁତ କରିଛି, ଯେଉଁଥିରେ କି ସୂଚନାର ସତ୍ୟତାକୁ ପରଖାଯାଇପାରିବ ଏବଂ ଅସତ୍ୟ ଲେଖା ଓ ଭିଡିଓକୁ ହଟାଇ ଦିଆଯାଇପାରିବ।

ଯଦି ଆମେରିକା, ବ୍ରାଜିଲ, ମେକ୍ସିକୋ ଓ କଲମ୍ବିଆ ଭଳି ଶିକ୍ଷିତ, ସଚେତନ ଓ ଉନ୍ନତ ଜ୍ଞାନକୌଶଳଯୁକ୍ତ ରାଷ୍ଟ୍ରର ନାଗରିକମାନେ ସୋସିଆଲ ମିଡିଆରେ ପ୍ରସାରିତ ଅସତ୍ୟ ତଥ୍ୟ, ଫଟୋ ଓ ଭିଡିଓର ସତ୍ୟତାକୁ ପରଖି ନ ପାରି ପ୍ରଭାବିତ ହୋଇପାରୁଛନ୍ତି, ତେବେ ନୂଆ ନୂଆ ସ୍ମାର୍ଟଫୋନ୍ ଧରି ସୋସିଆଲ ମିଡିଆର ମାୟାରେ ଘାରି ହେଉଥିବା ଭାରତର ଅଧିକାଂଶ ନାଗରିକ ଅସତ୍ୟ ଖବରର ଜାଲରେ ନ ଫସିବେ କାହିଁକି? ଅବଶ୍ୟ ସୋସିଆଲ ମିଡିଆରେ ନିର୍ବାଚନ ପ୍ରଚାର ଉପରେ ନିର୍ବାଚନ କମିଶନ ତୀକ୍ଷ୍ଣ ନଜର ରଖିବା ସହ ବିଭିନ୍ନ ମିଡିଆ ମଞ୍ଚ ସହ ସମ୍ଭାବ୍ୟ ସମସ୍ୟା ଓ ନିରାକରଣ ଉପରେ ଅନେକବାର ଆଲୋଚନା କରିଛନ୍ତି। ଅନେକ କଟକଣାର ପ୍ରାବଧାନ ମଧ୍ୟ କରାଯାଇଛି। ଏହା ସତ୍ତ୍ୱେ ସୋସିଆଲ ମିଡିଆରେ ଏଡିଟିଂର ସ୍ୱତନ୍ତ୍ର ପ୍ରାବଧାନ ନ ଥିବାରୁ ସହଜରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପ୍ରସାରଣ ହୋଇପାରୁଛି। ସୋସିଆଲ ମିଡିଆର ପ୍ରଭାବ ସାମ୍ପ୍ରତିକ ସମାଜରେ ବ୍ୟାପକ ଥିବାରୁ ଏହାର ଦୁରୁପଯୋଗକୁ ରୋକାଯିବା ଆବଶ୍ୟକ। ଏକ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଗୋଟିଏ ରାଜନୈତିକ ଦଳ ନିଜକୁ ସର୍ବୋତ୍ତମ ଭାବେ ଭୋଟରଙ୍କ ଆଗରେ ଉପସ୍ଥାପିତ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଏହାର ଅର୍ଥ ନୁହେଁ ଯେ, ଅନ୍ୟ ରାଜନୈତିକ ଦଳ ସମ୍ପର୍କରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପରିବେଷଣ କରି ନିଜକୁ ସୁଯୋଗ୍ୟ ବୋଲି ପ୍ରଦର୍ଶନ କରିବା। ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରିବା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ। ସୋସିଆଲ ମିଡିଆକୁ ଅଳିଆ ନ କରି ଏକ ସକାରାତ୍ମକ ଢଙ୍ଗରେ ଉପଯୋଗ କରିପାରିଲେ ଏହା ସମାଜ ପାଇଁ ମଙ୍ଗଳକର ହୋଇପାରନ୍ତା।


ଇମେଲ–prakas.tripathy09@gmail.com


# କୃଷ୍ଣଗହ୍ୱରର ଆଲୋକବର୍ତ୍ତିକା

### ବ୍ୟକ୍ତିତ୍ୱ



କାଥେରିନ୍ ବୋମାନ୍

ମହାକାଶରେ ବ୍ଲାକ୍‌ହୋଲ୍ ବା କୃଷ୍ଣଗହ୍ୱର ରହିଥିବା ପ୍ରଥମେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଓ ପରେ ଷ୍ଟିଫେନ୍ ହକିଂ ସିଦ୍ଧାନ୍ତରେ ପହଞ୍ଚିଥିଲେ। ଏକ ଶତାବ୍ଦୀ ପୂର୍ବରୁ ଆଇନଷ୍ଟାଇନ୍‌ଙ୍କ 'ଥିଓରୀ ଅଫ୍ ଜେନେରାଲ ରିଲେଟିଭିଟି'ରେ ବ୍ଲାକ୍‌ହୋଲ୍ ଧାରଣା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଯେତେବେଳେ ଅସଂଖ୍ୟ ପଦାର୍ଥ ଗୋଟିଏ ସ୍ଥାନରେ ଖୁନ୍ଦି ହୋଇଯାଇଥାଆନ୍ତି ସେତେବେଳେ ତା'ର ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ହୋଇଯାଏ ଯେ ଏହା ଆଲୋକ, ସମୟ ସମେତ ସବୁକିଛିକୁ ନିଜ ଆଡ଼କୁ ଟାଣିନେଇ ଗିଳିଦେଇଥାଏ। ବ୍ଲାକ୍‌ହୋଲ୍‌ର ଏହି ରହସ୍ୟ ସର୍ବଦା ବିଜ୍ଞାନମନସ୍କ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରିଥାଏ। ତେବେ ଏହି କୃଷ୍ଣଗହ୍ୱରର ଛବି କେହି ଦେଖିପାରି ନ ଥିଲେ। ୨୦୧୯ ଏପ୍ରିଲ ୧୦ରେ ଏହି ଚିତ୍ର ପ୍ରକାଶ କରି ଇତିହାସ ରଚିଛନ୍ତି ୨୯ ବର୍ଷୀୟା ବୈଜ୍ଞାନିକ କାଥେରିନ୍ ବୋମାନ୍। କମ୍ପ୍ୟୁଟର ଏଲ୍‌ଗୋରିଦିମ୍‌ସ ମାଧ୍ୟମରେ ସେ ଏହି ଛବି ଲୋକଲୋଚନକୁ ଆଣିବା ପରେ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବିଖ୍ୟାତ ହୋଇଛି।

୧୯୮୯ ମେ ୯ରେ ଜନ୍ମିତ କାଥେରିନ୍‌ଙ୍କ ପିଲାଦିନ ଆମେରିକାର ଇଣ୍ଡିଆନା ପ୍ରଦେଶର ୱେଷ୍ଟ ଲାଫାୟେଟିରେ କଟିଥିଲା। ପିତା ଚାର୍ଲସ ବୋମାନ୍ ହେଉଛନ୍ତି ପୁର୍ଡ୍ୟୁ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପୁଟର ଇଞ୍ଜିନିୟରିଂର ପ୍ରଫେସର। କାଥେରିନ୍ ୨୦୦୭ରେ ୱେଷ୍ଟ ଲାଫାୟେଟି ଜୁନିୟର-ସିନିୟର ହାଇସ୍କୁଲରୁ ୨୦୦୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହି ସମୟରେ ସେ ପୁର୍ଡ୍ୟୁ ବିଶ୍ୱବିଦ୍ୟାଳୟ ଅଧୀନରେ ଇମେଜିଂ ଉପରେ ଗବେଷଣା ଆରମ୍ଭ କରିଦେଇଥିଲେ। ସେତେବେଳେ ସେ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଉପରେ ପ୍ରଥମେ ଜାଣିବାକୁ ପାଇଥିଲେ। ଅନିସନ୍ଧିତ୍ସୁ ମନ ତାଙ୍କୁ ଏ ବିଷୟରେ ଅଧିକ ଗବେଷଣା କରିବାକୁ ରାସ୍ତା ଦେଖାଇଥିଲା। ୨୦୧୧ରେ ସେ ମିଚିଗାନ୍ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଠ ପଢ଼ିଥିଲେ। ପରେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି (ଏମ୍‌ଆଇଟି)ରୁ ୨୦୧୩ ଓ ୨୦୧୭ରେ ଯଥାକ୍ରମେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଆଣ୍ଡ୍ କମ୍ପୁଟର ସାଇନ୍ସରେ ସ୍ନାତକୋତ୍ତର ଓ ଡକ୍ଟରାଲ ଡିଗ୍ରୀ ହାସଲ କରିଥିଲେ। ଏମ୍‌ଆଇଟିର ଛାତ୍ରୀ ଥିବା ବେଳେ ସେ ହାସ୍‌ଟାକ୍ ଅବଜରଭେଟୋରିର ସଦସ୍ୟ ହୋଇଥିଲେ ଏବଂ ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ୍ ଗ୍ରାଜୁଏଟ୍ ଫେଲୋଶିପ୍ ପାଇଥିଲେ। ଏପରି କି ସ୍ନାତକୋତ୍ତର ବେଳେ ତାଙ୍କ ସନ୍ଦର୍ଭ 'ଏଷ୍ଟିମେଟିଂ ମେଟେରିଆଲ୍ ପ୍ରପର୍ଟିଜ୍ ଅଫ୍ ଫେବ୍ରିକ୍ ଥ୍ରୋ ଦି ଅବଜର୍ଭେଶନ ଅଫ୍ ମୋଶନ୍' ଉଚ୍ଚ ପ୍ରଶଂସିତ ହୋଇଥିଲା। ସେଥିପାଇଁ ତାଙ୍କୁ ଅର୍ନେଷ୍ଟ ଗୁଲେମିନ୍ ସମ୍ମାନ ମିଳିଥିଲା। ସେହିପରି ଗବେଷଣା ବେଳର ସନ୍ଦର୍ଭ ଥିଲା 'ଏକ୍ସଟ୍ରିମ୍ ଇମେଜିଂ ଭାୟା ଫିଜିକାଲ୍ ମଡେଲ୍ ଇଭର୍ସନ୍: ସିଂ ଏରାଉଣ୍ଡ୍ କର୍ନର୍ସ ଆଣ୍ଡ୍ ଇମେଜିଂ ବ୍ଲାକ୍‌ହୋଲ୍ସ'। ୱିଲିୟମ୍ ଟି. ଫ୍ରିମେନ୍‌ଙ୍କ ତତ୍ତ୍ୱାବଧାନରେ କାଥେରିନ୍ ଗବେଷଣା ଜାରି ରଖି କିଛି ନୂଆ କରି ଦେଖାଇବା ପାଇଁ ଲକ୍ଷ୍ୟ ରଖିଥିଲେ। କୃଷ୍ଣଗହ୍ୱରର ଛବିକୁ କିଭଳି ତୋଳି ଧରିବେ ସେଥିନେଇ ସେ ଅନବରତ ଉଦ୍ୟମ ଜାରି ରଖିଥିଲେ। ଅଧିକ ଗବେଷଣା କରିବା ଲାଗି ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରାଲ ଫେଲୋ ଭାବେ ଯୋଗଦେଇ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଇମେଜିଂ ଟିମ୍‌ରେ ସାମିଲ ହୋଇଥିଲେ। ନିଜ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ସେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲଜି (କାଲ୍‌ଟେକ୍)ର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଜୁନ୍ ୨୦୧୯ରେ ଯୋଗଦେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇନଷ୍ଟାଇନ୍‌ଙ୍କ ସେଦିନର କୃଷ୍ଣଗହ୍ୱର ବିଷୟରେ ପଢୁଥିବା ଯୁବ ବୈଜ୍ଞାନିକ କାଥେରିନ୍ ତା'ର ଛବି ଉଠାଇ ଏବେ ସମଗ୍ର ଜଗତକୁ ଚମତ୍କୃତ କରିପାରିଥିବାରୁ ସେ ଏବେ ଅନ୍ୟ ଗବେଷକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିପାରିଛନ୍ତି ବୋଲି କୁହାଯାଇପାରିବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଣିଷର ଆଦିମ ସାଥୀ ହେଉଛି କୁକୁର। ମଣିଷ ଓ ପୋଷା କୁକୁର ସମ୍ପର୍କରେ ଅନେକ କାହାଣୀ ରହିଛି। ସଭ୍ୟତାର ଆରମ୍ଭରୁ କୁକୁର ଅତି ବିଶ୍ୱସ୍ତ ପ୍ରାଣୀ ହୋଇ ରହିଆସିଛି। ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ବାନ୍ଧା ନିକଟସ୍ଥ ଉତ୍ତରାରେ ଏକ ପୋଷା କୁକୁର ୩୫ ଜଣଙ୍କ ଜୀବନ ବଞ୍ଚାଇଥିଲେ ମଧ୍ୟ ତା' ଜୀବନକୁ ବଞ୍ଚାଇବାକୁ କେହି ଆଗେଇଆସି ନ ଥିଲେ। ନିଜ କର୍ତ୍ତବ୍ୟ ସମ୍ପାଦନ କରି ସେ ନିଜ ଜୀବନକୁ ଉତ୍ସର୍ଗ କରିଛି। କଥାଟି ହେଉଛି, ଏଠାରେ ଥିବା ଏକ ଶୋ'ରୁମ୍‌ରେ ନିଆଁ ଲାଗିଯାଇଥିଲା। ଏହାକୁ ଦେଖି ତଳ ମହଲାରେ ଜଞ୍ଜିରରେ ବନ୍ଧା ହୋଇଥିବା ପୋଷା କୁକୁରଟି ଭୁକିବାକୁ ଲାଗିଥିଲା। ଏହା ଶୁଣି କିଛି ଲୋକଙ୍କ ନିଦ ଭାଙ୍ଗିଯିବାରୁ ସେମାନେ ଅନ୍ୟମାନଙ୍କୁ ସତର୍କ କରାଇଦେବା ସହିତ ସୁରକ୍ଷିତ ସ୍ଥାନକୁ ପଳାଇଯାଇଥିଲେ। ତେବେ ସେମାନେ ଜଞ୍ଜିରରେ ବନ୍ଧା ଯାଇଥିବା ପୋଷା କୁକୁରକୁ ସାଙ୍ଗରେ ନେବାକୁ ଭୁଲିଯାଇଥିଲେ। କୁକୁର ଦେହରେ ନିଆଁ ଲାଗିଯିବାରୁ ସେ ଭୁକିଥିଲେ ସୁଦ୍ଧା ତାକୁ ରକ୍ଷା କରିବା ପାଇଁ କେହି ପାଖରେ ନ ଥିଲେ। ଶେଷରେ କୁକୁରଟି ପ୍ରାଣ ହରାଇଥିଲା। ଏବେ ଏହି ପୋଷା କୁକୁରର ବିଶ୍ୱସନୀୟ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଳାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।
''ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
''ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି !
''ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
''ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ !

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୧୪ ଏପ୍ରିଲ ୧୯୯୪

- ଆଲଜେରିଆର ନୂତନ ପ୍ରଧାନମନ୍ତ୍ରୀ ରୂପେ ମୋକଦା ସିଫି ନିଯୁକ୍ତ।
- ସିକ୍ୟୁରିଟି ହେର୍‌ଫେର କାରବାରରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଷ୍ଟକ୍ ଦଲାଲ ହର୍ଷଦ୍ ମେହେଟ୍ଟାଙ୍କ ସମେତ ଅନ୍ୟ ୯ ଜଣ ବ୍ୟାଙ୍କ ଅଫିସରଙ୍କୁ ଗିରଫ କରିଛି।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ

ମହାଶୟ,

ବର୍ତ୍ତମାନ ବିବାହ, ବ୍ରତ, ନିର୍ବାଚନ ଆଦିର ସମୟ। ତେଣୁ ଗାଁ, ସାହି, ସହର କୋଳାହଳମୁଖର। ଏହି କୋଳାହଳକୁ ହଳାହଳମୟ କରିଚାଲିଛି ଆତସବାଜି, ବମ୍, ଡିଜେ, ଗାଡ଼ିର ଗର୍ଜନ। ବିଭିନ୍ନ ଦଳର ଶୋଭାଯାତ୍ରା ବରରୋଶଣିର ଜୟଯାତ୍ରାଠାରୁ କିଛି କମ୍ ନୁହେଁ। ଏ ସବୁକୁ ନିୟନ୍ତ୍ରଣ କରିବା ପାଇଁ ସହରରେ ଅନୁମତି ନେବାକୁ ପଡୁଛି ଏବଂ ରାତି ୧୦ଟା ପରେ ଏସବୁ ସମ୍ପୂର୍ଣ୍ଣ ବନ୍ଦ ଥିଲାବେଳେ ଗାଁ ଗଣ୍ଡା ପାଇଁ ଏହାର କୌଣସି ଆବଶ୍ୟକତା ନ ଥିବା ମନେହୁଏ। ପ୍ରଦୂଷଣ ଆଇନର କଟକଣା ଏଠି ବାଟବଣା। କାରଣ ପ୍ରଶାସନ, ପୋଲିସ ଏସବୁ ଦେଖିବା ପାଇଁ ଦଣ୍ଡାୟମାନ। କିନ୍ନର ନାଚ ଦେଖିବା ଓ ଡିଜେ ସଙ୍ଗୀତ ଶୁଣିବା ବେଳେ ପୋଲିସର ତୁଣ୍ଡ ବନ୍ଦ। ଏସବୁ ଶବ୍ଦ ପ୍ରଦୂଷଣ ବନ୍ଦ କରାଯାଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଆଜିର ଝିଅ କାଲିର ମାଆ

ଆଜିର ଶିଶୁକନ୍ୟା ଆଗାମୀ କାଲିର ମା'। ବଡ଼ ଦୁଃଖର କଥା, ଶିଶୁ କନ୍ୟାମାନଙ୍କୁ ଅନେକ କ୍ଷେତ୍ରରେ ହତାଦର କରାଯାଉଛି। ଏପରି କି ହତ୍ୟା ମଧ୍ୟ କରାଯାଉଛି। କାମାନ୍ଧ ପୁରୁଷମାନେ ନାବାଳିକା ଓ ଶିଶୁକନ୍ୟାଠାରୁ ଆରମ୍ଭ କରି ଯୁବତୀମାନଙ୍କ ପର୍ଯ୍ୟନ୍ତ ଯେଉଁଠି ସୁଯୋଗ ପାଉଛନ୍ତି, ସେଠାରୁ ଅପହରଣ କରିନେଇ ବଳାତ୍କାର କରୁଛନ୍ତି। ଆହୁରି ବିଡ଼ମ୍ବନାର ବିଷୟ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ କନ୍ୟା ସନ୍ତାନର ଅଭାବ ଯୋଗୁ ଓଡିଶାରୁ ଅନେକ ଦଲାଲ କାମ ଯୋଗାଇଦେବାର ବାହାନା ଦେଖେଇ ସେହି ସବୁ ରାଜ୍ୟକୁ ଚାଲାଣ କରୁଛନ୍ତି ଏବଂ ମାଲାମାଲ ହେଉଛନ୍ତି। ଏଭଳି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଝିଅମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ। କାମାନ୍ଧମାନଙ୍କୁ ନପୁଂସକ କରିବା ସହିତ ଯୁବତୀ ଚାଲାଣ ର୍ୟାକେଟକୁ ଚିହ୍ନଟ କରି କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ । ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ । ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ । – ସ୍ୱାମୀ ବିବେକାନନ୍ଦ



# ବିଭୁ କଲ୍ୟାଣ ଏଫ୍ଆଇଏଚ୍ ସ୍ୱାସ୍ଥ୍ୟ, ନିରାପତ୍ତା କମିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**




ବିଭୁ କଲ୍ୟାଣ ନାୟକ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍)ର ସ୍ୱାସ୍ଥ୍ୟ ଓ ନିରାପତ୍ତା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବେ। ଭୁବନେଶ୍ୱର ବାସିନ୍ଦା ବିଭୁ କଲ୍ୟାଣ କ୍ୟୁବାର ହାଭାନାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ ମେଡିସିନ ଏବଂ ସ୍ପେନର ମାଡ୍ରିଡଠାରେ ରହିଥିବା ନ୍ୟାଶନାଲ ସ୍ପୋର୍ଟ୍ସ ସେଣ୍ଟରଠାରେ ସ୍ପୋର୍ଟ୍ସ ଟ୍ରମାଟୋଲୋଜି ଏବଂ ସ୍ପୋର୍ଟ୍ସ ଏକ୍ସରସାଇଜ୍ ଫିଜିଓଲୋଜି ଉପରେ ବିଶେଷ ତାଲିମ ନେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ରହିବ। ବିଭୁ କଲ୍ୟାଣ ପୁରୁଷ ବିଶ୍ୱକପ୍ ୨୦୧୮ରେ ଜଣେ ମେଡିକାଲ ଅଫିସର ଭାବେ ଏବଂ ୧୯୯୫ରେ ଇଣ୍ଡିଆନ ଆର୍ମିର ମେଡିକାଲ କର୍ପସରେ କାର୍ଯ୍ୟ କରିଛନ୍ତି। ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ଇନଷ୍ଟିଚ୍ୟୁଟ୍‌ରେ ୬ ବର୍ଷ ପାଇଁ ସେ କାର୍ଯ୍ୟ କରିଛନ୍ତି। ୨୦୦୭ରେ ତାଙ୍କୁ ପ୍ରଥମ ଥର ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବା ସୁଯୋଗ ମିଳିଥିଲା। ଇଣ୍ଡିଆନ ୟୁଥ୍ ବର୍କିଂ ଟିମ୍ ସହିତ ଦୁଇ ବର୍ଷ ସଂଶ୍ଳିଷ୍ଟ ଥିଲେ। ୨୦୦୯ରେ ସେ ଭାରତୀୟ ହକି ଦଳ ସହିତ ରହିଥିଲେ। ସେ ସୁଲ୍‌ତାନ ଆଜଲାନ ଶାହ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ବହୁ ଇଭେଣ୍ଟରେ ଦଳ ପାଇଁ କାର୍ଯ୍ୟ କରିଥିଲେ। ବିଭୁ କଲ୍ୟାଣ କହିଛନ୍ତି, ଜଣେ ଭାରତୀୟ ହିସାବରେ ଏହି ନିଯୁକ୍ତି ନେଇ ମୁଁ ଗୌରବାନ୍ୱିତ ମନେ କରୁଛି। ଗତ ଦୁଇ ଦଶନ୍ଧି ଧରି ଏଲିଟ୍ ଆଥଲେଟିକ୍‌ଙ୍କ ସହିତ କାର୍ଯ୍ୟ କରି ମୁଁ ଯେଉଁ ଅଭିଜ୍ଞତା ହାସଲ କରିଥିଲି ତାହାର ଠିକଣା ଉପଯୋଗ କରିବାର ସୁଯୋଗ ମୋତେ ମିଳିଛି।

# ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟତା ମୋଦିଙ୍କର ନାହିଁ : ନବୀନ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟତା ନରେନ୍ଦ୍ର ମୋଦିଙ୍କର ନାହିଁ। ବିଗତ ୫ ବର୍ଷରେ କୃଷି, ଜଳସେଚନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଦର୍ଶନ ଉତ୍ସାହଜନକ ନୁହେଁ। ଅଟଳ ବିହାରୀ ବାଜପେୟୀ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଦେଶରେ ସାଧାରଣ ନିର୍ବାଚନ ଚାଲିଛି, ଓଡ଼ିଶାରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେଉଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ଦେଇଥିବା ଏହି ମନ୍ତବ୍ୟ ଜାତୀୟ ରାଜନୀତିକୁ ସରଗରମ କରିଛି। ପୂର୍ବ ଭଳି ବିଜେଡି କୌଣସି ମେଣ୍ଟ ବା ଦଳକୁ ସମର୍ଥନ କରିବ ନାହିଁ ବୋଲି ନବୀନ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି କେନ୍ଦ୍ର ନିକଟରେ ରାଜ୍ୟର କେତେକ ମୌଳିକ ସମସ୍ୟା ରହିଛି। ସେଗୁଡିକର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁଥିବା ମେଣ୍ଟ ତଥା ଦଳକୁ ବିଜେଡି ସମର୍ଥନ କରିବ। ସେହିପରି ଚଳିତ ଥର କେନ୍ଦ୍ରରେ ସରକାର ଗଢିବାରେ ବିଜେଡି ପ୍ରମୁଖ ଭୂମିକା ନେବ ବୋଲି ନବୀନ ପୂର୍ବରୁ କହିଥିଲେ। ନବୀନ ଆହୁରି କହିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ରାଜନୈତିକ ଭାବେ ଆହୁରି ପରିପକ୍ୱ ହେବାର ଆବଶ୍ୟକତା ରହିଛି। ଗୋଟିଏ ରାଜ୍ୟକୁ ଫୋକସ୍ କରିବା ରାହୁଲଙ୍କ ପକ୍ଷରେ ଉତ୍ତମ ହେବ ବୋଲି ନବୀନ କହିଛନ୍ତି।

# କିମ୍ବଦନ୍ତୀ ଲିଭରପୁଲ୍ ଖେଳାଳି ସ୍ମିଥ୍‌ଙ୍କ ବିୟୋଗ

**ଲଣ୍ଡନ,୧୩।୪(ଏଏଫ୍‌ପି):** ଲିଭରପୁଲ୍ କିମ୍ବଦନ୍ତୀ ଖେଳାଳି ଟମି ସ୍ମିଥ୍‌ଙ୍କର ଶନିବାର ବିୟୋଗ ଘଟିଛି। ଦଳର ସ୍ୱର୍ଣ୍ଣିମ ଅଧ୍ୟାୟର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଦଳ ପାଇଁ ୧୮ ବର୍ଷ ଧରି ପ୍ରତିନିଧିତ୍ୱ କରିଥିଲେ। ମୋଟ ୬୩୮ ମ୍ୟାଚ୍ ଖେଳିଥିଲେ। ଏହି ପୂର୍ବତନ ଡିଫେନ୍ସ ଲାଇନ ଖେଳାଳି ୧୯୬୦ରୁ ୭୮ ପର୍ଯ୍ୟନ୍ତ ସର୍ବାଧିକ ରେଡ୍ କାର୍ଡ ପାଇଥିଲେ। ସେ ୩ ବର୍ଷ ପାଇଁ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ।


**ଟେଣ୍ଡର ବିଜ୍ଞପ୍ତି**

**୦୧ ମୋଟରସାଇକେଲ ଏବଂ ୦୨ ସ୍କୁଟର୍‌ର ସ୍କ୍ରାପିଂ**

ସମସ୍ତ ଗାଡ଼ି ଭୁବନେଶ୍ୱରଠାରେ ଅବସ୍ଥିତ

ତଦାରଖ ତାରିଖ: 17.04.2019

ଜଉମୁଦଦିଆ କୋଟେଶନ୍ ପ୍ରଶାସନିକ ବିଭାଗ ନିକଟକୁ ନିମ୍ନପ୍ରଦତ୍ତ ଠିକଣାରେ ପଠାଯାଇପାରିବ।

ଠିକଣା: 4ର୍ଥ ମହଲା, କ୍ରିଏଟିଭ୍ ପ୍ଲାଜା, ରସୁଲଗଡ଼ ଛକ, ଭୁବନେଶ୍ୱର - 751010

ଅଧିକ ବିବରଣୀ ପାଇଁ କଲ୍ କରନ୍ତୁ: 9078000302


# ଅବସରପ୍ରାପ୍ତ ଆଇଏଏସ୍ ଅଶୋକ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ତଥା କବି ଅଶୋକ ମହାପାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ୭୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିବା ପରେ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସଚିବଭାବେ ଅବସର ଗ୍ରହଣ କରିଥିଲେ। ଓଡ଼ିଶାରେ ବିଭିନ୍ନ ଶିଳ୍ପାଞ୍ଚଳକୁ ଯୋଗାଯୋଗ କ୍ଷେତ୍ରକୁ ସୁଗମ କରିବା ଦିଗରେ ମହାପାତ୍ର ଅନେକ ପଦକ୍ଷେପ ନେଇଥିଲେ। କଟକ-ପାରାଦୀପ ଏବଂ ଚଣ୍ଡିଖୋଲ-ପାରାଦୀପ ଅତ୍ୟାଧୁନିକ ରାଜପଥ ନିର୍ମାଣରେ ତାଙ୍କର ଅବଦାନ ଥିଲା। ସେ ବନ୍ଦରର ବିକାଶ, ସଂଯୋଗୀକରଣ, ଜାହାଜ ଶିଳ୍ପର ବିକାଶ, ଅନ୍ତର୍ଜାତୀୟ ବାଣିଜ୍ୟିକ ବ୍ୟାପାର କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ସେ ୧୯୭୧ ବ୍ୟାଚ୍ ହିମାଚଳ ପ୍ରଦେଶ କ୍ୟାଡରର ଆଇଏଏସ୍ ଅଫିସର ଥିଲେ।


**ପୂର୍ବ ତଟ ରେଳପଥ**

**ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ 10 (ଦଶ) ଗୋଟି 'E' ବର୍ଗର ଷ୍ଟେସନ ରେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି**

ସଂ.C/SBP/E.Catg.Stn/19 ତାରିଖ : 09.04.2019

ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର ନିମ୍ନଲିଖିତ 10 (ଦଶ) ଗୋଟି 'E' ବର୍ଗର ଷ୍ଟେସନରେ 3 (ତିନି) ବର୍ଷ ସମୟାବଧି ନିମନ୍ତେ କମିଶନ ଭିତ୍ତିରେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକଟ ପ୍ରଣାଳୀ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ବିକ୍ରୟ ପାଇଁ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବଶ୍ୟକୀୟ ସର୍ତ୍ତ ପୂରଣ କରୁଥିବା ଆଗ୍ରହୀ ବ୍ୟକ୍ତିବିଶେଷମାନେ ନିର୍ଦ୍ଧାରିତ ଫର୍ମାଟ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ସମ୍ବଲପୁର ମଣ୍ଡଳଙ୍କ ନିକଟରେ ଆବେଦନ କରି ପାରିବେ।

**"E" ବର୍ଗ ଷ୍ଟେସନ ଗୁଡ଼ିକର ନାମ** (1) ଡୁରେକେଲା ରୋଡ୍, (2) ଲଖନା, (3) ଜରପଡ଼ା, (4) ମୁରିବାହାଲ, (5) ବାମୁର, (6) ମାନେଶ୍ୱର, (7) ଅତାବିରା, (8) କୋମାଖାନ୍, (9) ନୂଆପଡ଼ା ରୋଡ୍ ଏବଂ (10) ଲପଙ୍ଗା ।

ପ୍ରଦାନଯୋଗ୍ୟ କମିଶନ :
ଯୋଗ୍ୟତାର ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀ ମାନଙ୍କୁ ଏବଂ ସର୍ବନିମ୍ନ କମିଶନ (4% କମିଶନ ସ୍ଲାବ୍‌ରେ) ପସନ୍ଦ କରିଥିବା ପ୍ରାର୍ଥୀ ମାନଙ୍କୁ STBA ରୂପେ ଚୟନ କରାଯିବ ।
କମିଶନର ଦେୟ ନିମ୍ନାନୁଯାୟୀ ହେବ :
ସ୍ଲାବ୍-1 : • ₹ 1 ରୁ ₹ 15,000/- ପର୍ଯ୍ୟନ୍ତ : 15% (ସର୍ବନିମ୍ନ ₹ 500/-) • ସ୍ଲାବ୍-2 : ₹ 15,001 ରୁ ₹ 50,000/- ପର୍ଯ୍ୟନ୍ତ : 12%, ସ୍ଲାବ୍-3 : • ₹ 50,001 ରୁ ₹ 1,00,000/- ପର୍ଯ୍ୟନ୍ତ : 9%, • ସ୍ଲାବ୍-4 : ₹ 1,00,001 ଏବଂ ଏହା ଠାରୁ ଅଧିକ : 4% କିମ୍ବା ସୂଚିତ କରାଯାଇଥିବା ସର୍ବନିମ୍ନ ପ୍ରତିଶତ
ଆବେଦନକାରୀଙ୍କୁ 4% କମିଶନ ସ୍ଲାବ୍‌ରେ 0% ରୁ 4% ମଧ୍ୟରେ କମିଶନର ପ୍ରତିଶତ ସୂଚିତ କରିବାକୁ ହେବ । କୌଣସି ନାକାରାତ୍ମକ ବିଡ୍‌କୁ ବିଚାରକୁ ନିଆଯିବ ନାହିଁ ।
ଆବେଦନକାରୀ କମିଶନକୁ କେବଳ ଦୁଇ ଦଶମିକ ଚିହ୍ନ ପର୍ଯ୍ୟନ୍ତ ଭଗ୍ନାଂଶରେ ସୂଚିତ କରିପାରିବେ ।
ସବିଶେଷ ବିବରଣୀ ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ ରୁ ଅର୍ଥାତ୍ www.eastcoastrail.indianrailways.gov.in ରୁ ଉପଲବ୍ଧ ହୋଇପାରିବ ଏବଂ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସର 1030 ଘଟିକାରୁ 1800 ଘଟିକା ମଧ୍ୟରେ ମିଳିପାରିବ ।
ଆବେଦନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ : ତା 07.05.2019 ରିଖର 1530 ଘଟିକା
ଉପରୋକ୍ତ ସମୟାବଧି ପରେ ପହଞ୍ଚିଥିବା ଆବେଦନପତ୍ର କିମ୍ବା କୌଣସି ପ୍ରକାର ଅସମ୍ପୂର୍ଣ୍ଣ ଆବେଦନପତ୍ରକୁ ଗ୍ରହଣ/ବିଚାରକୁ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ପତ୍ରାଳାପ କରାଯିବ ନାହିଁ ।

PR-26/K/19-20 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର




ସୁପର କପ୍ ଫୁଟବଲ ଚାମ୍ପିୟନ ଏଫ୍‌ସି ଗୋଆ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ପ୍ରଥମ ଥର ବିଶ୍ୱରେ ପ୍ରସାରଣ ହେବ ମହିଳା ବିଶ୍ୱକପ୍

**ପ୍ୟାରିସ,୧୩।୪(ଏଏଫ୍‌ପି):** ୧୯୯୧ ପ୍ରଥମ ମହିଳା ବିଶ୍ୱକପର ସିଧା ପ୍ରସାରଣ କେବଳ ଆୟୋଜକ ଚାଇନାର ଦର୍ଶକମାନେ ଦେଖିଥିଲେ। କିନ୍ତୁ ଚଳିତ ବର୍ଷ ଫ୍ରାନ୍ସରେ ହେବାକୁ ଥିବା ସଂସ୍କରଣ ୨୦୦ରୁ ଅଧିକ ଦେଶରେ ସିଧା ପ୍ରସାରଣ କରାଯିବ। ୨୪ ଦଳକୁ ନେଇ ହେବାକୁ ଯାଉଥିବା ଇଭେଣ୍ଟକୁ ବିଶ୍ୱର ଏକ ନିୟୁତ ଦର୍ଶକ ଉପଭୋଗ କରନ୍ତୁ ବୋଲି ଆୟୋଜକ ଫ୍ରାନ୍ସ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକା ଓ ଜାମାଇକାରେ ମହିଳା ଫୁଟ୍‌ବଲର ଲୋକପ୍ରିୟତା ବୃଦ୍ଧି କରିବ। ଏହି ବହୁ ଦଳୀୟ ଇଭେଣ୍ଟ ଜୁନ ୭ରୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୩ ଥର ବିଶ୍ୱକପ୍ ଓ ୪ ଥର ଅଲିମ୍ପିକ୍ ଚାମ୍ପିୟନ ଆମେରିକାରେ ସର୍ବାଧିକ ସଂଖ୍ୟକ ଦର୍ଶକ ଉପଭୋଗ କରିବେ। ୨୦୧୧ ବିଶ୍ୱକପ୍ ଓ ୨୦୧୨ ଅଲିମ୍ପିକ୍ସ ରନର୍ସ ଅପ୍ ଜାପାନର ୩୦ ପ୍ରତିଶତ ଫୁଟ୍‌ବଲ ପ୍ରଶଂସକ ଦେଖିବେ। ଏହି ବିଶ୍ୱକପ ବେଳେ ବିଜ୍ଞାପନ ବାବଦକୁ ପୁରୁଷ ଇଭେଣ୍ଟ ଅପେକ୍ଷା ୫୦ ପ୍ରତିଶତ କମ୍ ପଡ଼ିବ ବୋଲି ଫ୍ରାନ୍ସର କ୍ରୀଡ଼ା ଓ ଟେଲିଭିଜନ ନିର୍ଦ୍ଦେଶକ ଲୌରେଣ୍ଟ ଇରିକ ଲେ କହିଛନ୍ତି।

# ଏଫ୍‌ସି ଗୋଆ ନୂଆ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪(କ୍ରୀଡ଼ା ପ୍ରତିନିଧି):** ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି । ଫାଇନାଲରେ ଚେନ୍ନାଇନ୍ ଏଫସିକୁ ୨-୧ ଗୋଲରେ ହରାଇ ଏଫସି ଗୋଆ ହୋଇଛି ନୂଆ ଚାମ୍ପିୟନ । ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଫାଇନାଲରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଗୋଆ ଏଠାରେ କିନ୍ତୁ ପିନ୍ଧିଛି ବିଜୟ ମୁକୁଟ । ଜାତୀୟ ଫୁଟବଲରେ ଏଫସି ଗୋଆର ଏହାଥିଲା ପ୍ରଥମ ଟାଇଟଲ । ଚାମ୍ପିୟନ ଗୋଆକୁ ଟ୍ରଫି ସହ ୨୫ ଲକ୍ଷ ଏବଂ ରନର୍ସଅପ୍ ଚେନ୍ନାଇନ୍ ଏଫସିକୁ ୧୫ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ବରିଷ୍ଠ ଉପସଭାପତି ସୁବ୍ରତ ଦତ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚେନ୍ନାଇନ୍ ଏଫସି ସହ ମାଲିକ ତଥା ବଲିଉଡ ଅଭିନେତା ଅଭିଷେକ ବଚନ ଚେନ୍ନାଇନ୍ ଡଗ୍‌ଆଉଟ ନିକଟରେ ଉପସ୍ଥିତ ରହି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୋଆ ଗୋଲକିପର ମହମଦ ନୱାଜ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ହିରୋ ଅଫ ଦି ସିରିଜ ପୁରସ୍କାର ପାଇଥିଲେ ଏଫସି ଗୋଆ ଫରୱାର୍ଡ ଫେରାନ କୋରୋମିନାସ। ବାସନ୍ଦ ଯୋଗୁ ସେମିଫାଇନାଲ ଖେଳିପାରି ନ ଥିବା ମିଡ୍‌ଫିଲ୍ଡର ଏଡୁଆର୍ଡୋ ବେଡିଆ ପେଲେଜ ଫାଇନାଲରେ ଗୋଆ ଦଳର ନେତୃତ୍ୱ ନେଇଥିଲେ। ସେ ଜାଇଦ୍ କ୍ରୋଚ୍‌ଙ୍କ ସ୍ଥାନରେ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ। ଦୁଇ ହେଭିୱେଟ ଦଳ ମଧ୍ୟରେ ଲଢ଼େଇ ଆରମ୍ଭରୁ ବେଶ୍ ରୋମାଞ୍ଚକ ହୋଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ଉଭୟ ଦଳ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମାର୍ଦ୍ଧର ନିର୍ଦ୍ଧାରିତ ସମୟ ଓ ୨ ମିନିଟର ଇଞ୍ଜୁରି ଟାଇମ୍‌ରେ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଗୋଆ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୫୦ତମ ମିନିଟରେ ବେଡିଆ ମାରିଥିବା ଶଟ୍ ଚେନ୍ନାଇନ୍ ଗୋଲପୋଷ୍ଟରେ ବାଜି ଫେରି ଆସିଥିଲା। ମାତ୍ର ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଟୁର୍ନାମେଣ୍ଟର ଅନ୍ୟତମ ଅଗ୍ରଣୀ ସ୍କୋରର ଫେରାନ କୋରୋମିନାସ। ଚେନ୍ନାଇନ୍‌ର ଅନିରୁଦ୍ଧ ଥାପା ବଲ୍‌କୁ କ୍ଲିୟର କରିଦେବାକୁ ଉଦ୍ୟମ କରିଥିବାବେଳେ ଦୁର୍ବଳ ଶଟ୍‌କୁ କୋରୋମିନାସ ରୋକିବା ସହ ବାମପାଦରେ ବଲ୍‌କୁ ଚେନ୍ନାଇନ୍ ଗୋଲପୋଷ୍ଟ ମଧ୍ୟକୁ ଠେଲିଦେଇଥିଲେ। ୫୧ତମ ମିନିଟରେ କୋରୋ ଏହି ଗୋଲଟି ଦେଇଥିଲେ। ମାତ୍ର ଗୋଆର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା । ଗୋଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଚେନ୍ନାଇନ୍‌ର ରାଫାଲ ଅଗଷ୍ଟୋ ୫୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ । ଫଳରେ ମ୍ୟାଚରେ ଉଷ୍ମତା ଭରିଥିଲା । ଗୋଆ କିନ୍ତୁ ସହଜରେ ଛାଡ଼ିବାର ନ ଥିଲା । ୬୪ତମ ମିନିଟରେ ଇଡୁ ବେଡିଆ ବଲ୍‌କୁ ନିୟନ୍ତ୍ରଣକୁ ଆଣି ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଦ୍ରୁତ ବେଗରେ ଚେନ୍ନାଇନ୍ ବକ୍ସ ଏରିଆକୁ ଯାଉଥିବାର ଦେଖିଥିଲେ। ତେଣୁ ସେ ଫର୍ନାଣ୍ଡିଜ୍‌ଙ୍କୁ ପାସ୍ ଦେଇଥିଲେ ଏବଂ ସେ ଏହାକୁ ଗୋଲରେ ପରିଣତ କରିଥିଲେ । ୭୫ତମ ମିନିଟରେ ବେଡିଆ ଓ କୋରୋମିନାସ ମିଳିତଭାବେ ବଲ୍ ନେଇ ଚେନ୍ନାଇନ୍ ଗୋଲପୋଷ୍ଟରେ ପହଞ୍ଚିଥିଲେ । ବେଡିଆ ବାମ ପାଦରେ ବଲ୍‌କୁ ଗୋଲପୋଷ୍ଟକୁ ଠେଲି ଥିଲେ ହେଁ ଚେନ୍ନାଇନ୍ ଗୋଲକିପର କରନଜିତ ସିଂ ଚମତ୍କାରଭାବେ ଏହାକୁ ସେଭ୍ କରିଥିଲେ । ୮୧ତମ ମିନିଟରେ ଜ୍ୟାକିଚାନ୍ଦ ସିଂ ଗୋଲପୋଷ୍ଟ ନିକଟରୁ ମାରିଥିବା ଶଟ୍‌କୁ ଗୋଲକିପର କରନଜିତ ଅଟକାଇ ଦେଇଥିଲେ । ବଲ ଫେରି ଆସୁଥିବାବେଳେ କୋରୋମିନାସ ତାହାକୁ ଗୋଲରେ ପରିଣତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଶୋଇପଡ଼ି ବଲ୍‌କୁ ଧରିବା ଉଦ୍ୟମରେ ଗୋଲକିପର କରନଜିତଙ୍କ ହାତ କୋରୋମିନାସଙ୍କ ଗୋଡ଼ରେ ବାଜିଥିଲା। ଫଳରେ କୋରୋମିନାସ ତଳେ ପଡ଼ି ଯାଇଥିଲେ। ୬ ମିନିଟ ଇଞ୍ଜୁରି ଟାଇମ୍ ଆରମ୍ଭରେ ଚେନ୍ନାଇନ୍‌କୁ ଏକ କର୍ନର ମିଳିଥିଲା । ମାତ୍ର ଗୋଆ ଡିଫେଣ୍ଡର ସରିଗ୍ନେ ମୋର୍ଟାଦା ଫଲ୍ ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ । ଶେଷ ମିନିଟରେ ଚେନ୍ନାଇନ୍ ପକ୍ଷରୁ ମରାଯାଇଥିବା ଏକ ଶଟ୍ ଗୋଆ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା । ପରେ ରେଫରିଙ୍କ ମ୍ୟାଚ ଶେଷ ହ୍ୱିସିଲ ବାଜିଥିଲା ଏବଂ ଗୋଆ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟ ସଦସ୍ୟମାନେ ନାଚି ଖୁସି ମନାଇଥିଲେ ।

**ସୁପର କପ୍ ଫୁଟବଲ**

- ଚାମ୍ପିୟନ ଏଫ୍‌ସି ଗୋଆ- ୨୫ ଲକ୍ଷ
- ରନର୍ସଅପ୍ ଚେନ୍ନାଇନ୍- ୧୫ ଲକ୍ଷ
- ହିରୋ ଅଫ୍ ଦି ମ୍ୟାଚ୍ - ମହମ୍ମଦ ନୱାଜ
- ହିରୋ ଅଫ୍ ଦି ସିରିଜ - ଫେରାନ କୋରୋମିନାସ



ଫେରାନ କୋରୋମିନାସଙ୍କୁ ଅତିଥିମାନେ ହିରୋ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରୁଛନ୍ତି ।


Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | TANKADHAR KANTA | Padampur | SDJM court Padampur CT GR-415/11 (Pending) | U/S 448 294 506 of IPC (On 25.10.2011 at 3PM at Gathuguda UGME School while a meeting was running the accused Tanadhar kanta entered into school campus and scolded filthy languages and threatned to kill the complainant) | N.A | N.A |
| | TANKADHAR KANTA | Padampur | SDJM court Padampur CT GR-68/13 (Pending) | U/S 452 341 323 294 506 of IPC (On 02.03.2013 at 7.30 PM at Asha Training Centre of Shanti nagar Padampur the accused Tanadhar kanta entered and abuse and threatned to kill and assaulted) | N.A | N.A |
| 2 | ASHOK KALET | Bijepur | SDJM Padampur Dist Bargarh GR-210/2000 charges framed on 19.09.2007 (Pending) | U/S 384 500 34 OF IPC (Extortion Defamation & Common intention | N.A | N.A |
| 3 | BISHNU CHARAN MAHANTA | Rourkela | In the court of SDJM Panposh at Rourkela G R case No 628/2016 (Pending) | U/S 143 147 323 294 506 &149 of IPC (Protested In scarcity of water in RSP Township locality for the benefit of public at large | N.A | N.A |
| 4 | LABA SUNA | Patnagarh | GR NO 30/2012 (Pending) | U/S 376 511/109 of IPC (Rape allegation) | N.A | N.A |
| | LABA SUNA | Patnagarh | GR NO 261/2012 (Pending) | U/S 34 329 of IPC (Grivious hunt) | N.A | N.A |



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ପଞ୍ଚଶାସନୀ ବ୍ରାହ୍ମଣ ସମାଜର ବୈଠକ
## ବ୍ରାହ୍ମଣ ବିରୋଧୀ ମନ୍ତବ୍ୟକୁ ନିନ୍ଦା

**ସମ୍ବଲପୁର, ୧୩।୪ (ବ୍ୟୁରୋ):** ପଞ୍ଚଶାସନୀ ବ୍ରାହ୍ମଣ ସମାଜର ବୈଠକ ଶନିବାର କମଲିବଜାର ଗୋପାଳଜୀ ମଠରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ସଭାପତି ମହନ୍ତ ହୃଷୀକେଶ ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବ୍ରାହ୍ମଣମାନଙ୍କୁ ଭୋଟ ଦିଅ ନାହିଁ, ଭିକ୍ଷା ଦିଅ ବୋଲି କେତେକ ଖଳ ପ୍ରକୃତିର ଲୋକ ପ୍ରଚାର ପତ୍ର ବାଣ୍ଟୁଛନ୍ତି । ଏପରି କି ଗ୍ରାମଗୁଡିକର ବିଭିନ୍ନ କାନ୍ଥରେ ପ୍ରଚାରପତ୍ର ଛପା ଯାଉଛି । ଏହା ଏକ ଘୃଣ୍ୟକାମ ବୋଲି ବୈଠକରେ ନିନ୍ଦା କରାଯାଇଛି। ଉପଦେଷ୍ଟା ଶିବ ପ୍ରସାଦ ତ୍ରିପାଠୀ, ଡ. ଶ୍ୟାମସୁନ୍ଦର ଧର, ପ୍ରସନ୍ନ କୁମାର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସାଧାରଣ ସମ୍ପାଦକ ମୀନକେତନ ନାଥ ସୂଚନା ପ୍ରଦାନ ଓ କୁଳପୁରୋହିତ ଲକ୍ଷ୍ମଣ କୁମାର ବେହେରା ଶାନ୍ତିପାଠ କରିଥିଲେ ।

## ନୂଆଁ ରମ୍ଭେଲା ସମଲେଶ୍ୱରୀ ମନ୍ଦିରରେ ନବରାତ୍ର ପୂଜା

**ରେଙ୍ଗାଲି, ୧୩।୪(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁରମ୍ଭେଲାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ନବରାତ୍ର ପୂଜା ଶେଷ ହୋଇଛି । ଗତ ୫ ତାରିଖରୁ ଏହି ନବରାତ୍ର ପୂଜା ଆରମ୍ଭ ହୋଇ ଶନିବାର ନବମୀରେ ନବକୁମାରୀ ପୂଜା ସହ ନବରାତ୍ର ପୂଜା ସମାପ୍ତ ହୋଇଥିଲା। ଏହି ଅବସରରେ ୯ଜଣ ନବକୁମାରୀଙ୍କୁ ପୂଜା କରାଯାଇ ଭୋଜନ କରାଯାଇଥିଲା । ପୂଜାରେ ପଣ୍ଡିତ ମନୋଜ ଦେବତା, ବାପି ଦାସ ଏବଂ ପ୍ରଶାନ୍ତ ଦାସ ପୂଜକ ଦାୟିତ୍ୱ ତୁଲାଇଥିଲେ। ପୂଜାରେ କବି ଚନ୍ଦ୍ର ସାହୁ, ଅଶ୍ୱିନୀ ଷଡଙ୍ଗୀ, ନେପାଳି ପୃଷ୍ଟି, ଗୋବର୍ଦ୍ଧନ ବାରିକ, ଲକ୍ଷ୍ମୀ ସାହୁ, ନବକିଶୋର ପାଣିଗ୍ରାହୀ,ସନ୍ଧ୍ୟା ମହାନ୍ତି, ଶଶାଙ୍କ ସାହୁ, ବିଟୁନ ପଧାନ ପ୍ରମୁଖ ୯ଦିନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନବରାତ୍ର ପୂଜାରେ ରମ୍ଭେଲା ତଥା ଆଖପାଖ ଗ୍ରାମର ବହୁ ଭକ୍ତ ମା' ଦର୍ଶନ କରିବା ଦୀପ ଜାଳି ଥିଲେ।

## ଗୋପାଳଜୀଉ ମନ୍ଦିରରେ ଶ୍ରୀରାମନବମୀ ମହୋତ୍ସବ

**ଦେବଗଡ଼, ୧୩।୪(ସ୍ୱ.ପ୍ର.):** ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ଶ୍ରୀରାମନବମୀ ମହୋତ୍ସବ ଆନନ୍ଦ ଓ ଉଲ୍ଲାସର ସହ ଶନିବାର ଆରମ୍ଭ ହୋଇଯାଇଛି। ନଅ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ଚଳିତବର୍ଷ ମଧ ମନ୍ଦିର ଭିତରେ ପୂଜାପାଉଥିବା ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ସନ୍ଧ୍ୟାରେ ଘଣ୍ଟ, କୀର୍ତ୍ତନ, ହରିବୋଲ ହୁଳହୁଳି ମଧରେ ମନ୍ଦିରରୁ ଅଣାଯାଇ ସମ୍ମୁଖରେ ଥିବା ସ୍ଥାୟୀ ମଣ୍ଡପରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗିଥିଲା । ଏଥିସହ ଟ୍ରଷ୍ଟବୋର୍ଡ କମିଟି ତରଫରୁ ୯ଦିନ ବ୍ୟାପୀ ଆଧାତ୍ମିକ ପ୍ରବଚନ ସହ ସମୂହ ହନୁମାନ ଚାଳିଶା ପାଠ କରାଯିବ ବୋଲି ଜଣାପଡିଛି। ସେହିପରି ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ପିଠା ଭୋଗ ଓ ଅନ୍ନଭୋଗର ବ୍ୟବସ୍ଥା ମଧ କରାଯାଇଥିବା ଜଣାପଡିଛି। ସେହିପରି ୯ ଦିନବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ସ୍ଥିରୀକୃତ ହୋଇଥିବା କମିଟି ତରଫରୁ ସୂଚନା ଦିଆଯାଇଛି। ପୂଜକ ଭାବେ ରାଜେଶ ରାଉତ ପୂଜା କାର୍ଯ୍ୟ ତୁଲାଉଥିବାବେଳେ କାର୍ଯ୍ୟକ୍ରମ ଆୟୋଜନରେ ଟ୍ରଷ୍ଟବୋର୍ଡ କମିଟିର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ମଠସାହିରେ ଭାଜପାର ବୈଠକ

**ଦେବଗଡ଼,୧୩।୪ (ସ୍ୱ.ପ୍ର.):** ଆଗାମୀ ୨୩ରେ ହେବାକୁ ଥିବା ନିର୍ବାଚନ ମତଦାନ ପାଇଁ ଭାଜପା ପକ୍ଷରୁ ସହରର ୱାର୍ଡ ନଂ. ୩ ମଠସାହିରେ ସ୍ଥାନୀୟ ମନୋରମା କ୍ଲବରେ ମହିଳାଙ୍କୁ ନେଇ ନିର୍ବାଚନ ସମ୍ବନ୍ଧୀୟ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେବା ସହ ବିଧାୟକ ପ୍ରାର୍ଥୀ ସୁବାସ ପାଣିଗ୍ରାହୀ ଏବଂ ଲୋକସଭା ପ୍ରାର୍ଥୀ ରାଜା ନିତେଶ ଗଙ୍ଗଦେବଙ୍କୁ କିପରି ବହୁସଂଖ୍ୟାରେ ଭୋଟ ଦେଇ ଜିତାଇବା ସେ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ଦେବଗଡ ନଗର ସଭାପତି ରମଣୀକାନ୍ତ ଦାଶ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅମୀୟ ମିଶ୍ର, ନରୋତ୍ତମ ସାହୁ, ରମଣି ରଞ୍ଜନ ଆଚାର୍ଯ୍ୟ, କିଶୋର ବେହେରାଙ୍କ ସମେତ ସାହିର ବହୁସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

# ଆରାଧନା ନୃତ୍ୟ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୩।୪ (ବ୍ୟୁରୋ)**

ଆରାଧନା ନୃତ୍ୟ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ ଶନିବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷାର୍ଥୀଙ୍କ ନୃତ୍ୟ ଓ ଗୀତରେ ଝୁମି ଉଠିଥିଲା ମଞ୍ଚ। ଆଧୁନିକ, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଅନୁଷ୍ଠାନ ସଭାପତି ଦୀପକ କୁମାର ଦାଶଙ୍କ ଅଧ୍ୟକ୍ଷତା ଓ ମାନସରଞ୍ଜନ ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର, ଗୁରୁ ତୁଳାରାମ କଲେତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରଙ୍ଗବତୀ ଗାୟିକା ଡ. କ୍ରିଷ୍ଣା ପଟେଲ ଓ ଲୋକ ନୃତ୍ୟ ଗୁରୁ ଗାନ୍ଧୀ ବାରିକଙ୍କୁ ଜୀବନ ବ୍ୟାପି ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଗୁରୁ ରଞ୍ଜିତ ସାହୁ, ନୃତ୍ୟ ନିର୍ଦ୍ଦେଶକ ଉତ୍ତମ ସିଂ, ଓଡ଼ିଶୀ ନୃତ୍ୟ ଗୁରୁ ରିଙ୍କୁ ସାହୁଙ୍କୁ ଯୁବ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ସ୍ମୃତିସମ୍ପର୍ଣ୍ଣା ଶର୍ମାଙ୍କୁ ଶିଶୁ ନୃତ୍ୟ ଶିଳ୍ପୀ ଭାବେ ସମ୍ବର୍ଦ୍ଧିତ କରାଯିବା ସହ ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ ଗ୍ୟାମ୍ସରେ କାଂଶ୍ୟ ଓ ରୌପ୍ୟ ପଦକ ବିଜେତା ରେଖା ଦେ ଓ ନମିତା ପଟେଲଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ପାଦିକା ରଞ୍ଜିତା ଦାଶ, ମମତା ସାହୁ, ଲକ୍ଷ୍ମଣ ସାହୁ, ଜ୍ୟୋତି ମୁଣ୍ଡା, ସୌମ୍ୟରଞ୍ଜନ ସୁନାଙ୍କ ନିର୍ଦ୍ଦେଶନାରେ ପ୍ରଶିକ୍ଷାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ନବୀନ କୁଜୁର ସୂଚନା ପ୍ରଦାନ କରିଥିଲେ ।



ଶନିବାର ସମ୍ବଲପୁର ଝାଡୁଆପଡ଼ାଠାରେ ଆୟୋଜିତ ଉତ୍ସବରେ ପ୍ରଶିକ୍ଷାର୍ଥୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ସମୀକ୍ଷା ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

## ଟ୍ରାଫିକ, ସୁରକ୍ଷାରେ ସମୀକ୍ଷା କଲେ ଡିଆଇଜି

**ସମ୍ବଲପୁର,୧୩।୪(ବ୍ୟୁରୋ)**

ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ପାଇଁ ଚଳଚଞ୍ଚଳ ହୋଇପଡିଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ବିଭାଗ ସଜାଗ ରହିଛି । ଶନିବାର ସ୍ଥାନୀୟ ପୋଲିସ ପଡ଼ିଆରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏସ୍‌ପି ସଞ୍ଜୀବ ଆରୋରାଙ୍କ ସହ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରୀ ବିଭିନ୍ନ ରାସ୍ତାରେ ସନ୍ଧ୍ୟାରେ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ଜେଲଛକ, ବୁଥାପଡ଼ା ଛକ, ଧନକଉଡ଼ା, ସୋନାପାଲି, ଜିଲାସ୍କୁଲ ଛକ, ଲକ୍ଷ୍ମୀ ଟକିଜ ଛକ, ମୋଦିପଡ଼ା ଛକ, କୁଞ୍ଜେଲପଡା ଛକ, ପୀରବାବା ଛକରେ ଟ୍ରାଫିକ କଟକଣା ଲାଗୁ ରହିବ ବୋଲି ପୋଲିସ ପକ୍ଷରୁ ସ୍ଥିର କରାଯାଇଛି।

## ମେଘପାଲରେ ଭାଜପାର ବୈଠକ

**ପଡିଆବାହାଲ,୧୩।୪(ଡି.ଏନ.ଏ.)**

### ବିଜେଡିର ୩୨ କର୍ମୀଙ୍କ ଯୋଗଦାନ

ମେଘପାଲ ଆଶ୍ରମଠାରେ ମେଘପାଲ ପଞ୍ଚାୟତର ୧୧ଟି ୱାର୍ଡକୁ ନେଇ ଭାଜପାର ଏକ ବୈଠକ ମାନଧାତା ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଝୁଝୁମୁରା ମଣ୍ଡଳ-୧ ସଭାପତି ପ୍ରମୋଦ ମିଶ୍ର, ସଭାପତି ଓମପ୍ରକାଶ ବିଶ୍ୱାଳ, ଡା. ରାଜାରାମ ଷଡଙ୍ଗୀ, ବେଦବ୍ୟାସ ସିଂ, ଧିରୋଜ ରାଉଳ ପ୍ରମୁଖ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଲୋକସଭା ପ୍ରାର୍ଥୀ ନୀତିଶ ଗଙ୍ଗଦେବ ଏବଂ ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ ବିଜୟୀ କରାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦିକା ସଲିଲା ପଣ୍ଡା, ସରୋଜିନୀ ବନଛୋରଙ୍କ ଉପସ୍ଥିତିରେ ମନ୍ଦାକିନୀ ମିର୍ଦ୍ଧା, ଅଞ୍ଜନା ମିର୍ଦ୍ଧା, ନଳିନୀ ମିର୍ଦ୍ଧା, ତପସ୍ୱିନୀ ସିଂ, ସତ୍ୟବତୀ ଓରାମ, ମାରିୟନ କାଣ୍ଡୁଲାନ, ଅଭିମନ୍ୟୁ ଭଞ୍ଜ ସଫଳ, ଅରୁଣ ବର୍ଗାୱ, କ୍ଷୀରୋଦ ମିର୍ଦ୍ଧା ପ୍ରମୁଖଙ୍କ ସହ ୩୨ ବିଜେଡି କର୍ମୀ ଭାଜପାରେ ଯୋଗଦେଇଥିଲେ। ଭାଜପା କର୍ମକର୍ତ୍ତା ଯୋଗଦେଇଥିବା ନୂତନ କର୍ମୀଙ୍କୁ ପୁଷ୍ପମାଲ ଦେଇ ସ୍ୱାଗତ କରିଥିଲେ।

## ପଞ୍ଚମୁଖୀ ହନୁମାନ ପ୍ରତିଷ୍ଠା ଉତ୍ସବ

**ପଡିଆବାହାଲ,୧୩।୪(ଡି.ଏନ.ଏ.)**

ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ଖସୁପାଲି ଗ୍ରାମରେ ପବିତ୍ର ରାମନବମୀ ଅବସରରେ ମନ୍ଦିର ସହ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। ପ୍ରଦୀପ କୁମାର ବେହେରା ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ ବେହେରାଙ୍କ ନେତୃତ୍ୱରେ ପଣ୍ଡିତ ପ୍ରକାଶ ମିଶ୍ର ଓ ପିଙ୍କୁ ନାୟକଙ୍କ ପୌରହିତ୍ୟରେ ୧୨ ତାରିଖରେ ଅଧିବାସ ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏପରି କି ପଣା ସଂକ୍ରାନ୍ତି ଉପଲକ୍ଷେ ଶନିବାର ବନ୍ଧପଡ଼ା ଓ ଖେଜୁରପାଲି ସଂକୀର୍ତ୍ତନ୍ୟ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରବିବାର ରଙ୍ଗିନ କୀର୍ତ୍ତନ ଓ ରାତିରେ ମିକ୍ସଚର ଦଣ୍ଡ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଖସୁପାଲି ଗ୍ରାମବାସୀ ପରିଚାଳନା କରୁଛନ୍ତି । ଗ୍ରାମର ଆଦିବାସୀ ଯୁବକ ସଂଘ ସଭ୍ୟମାନେ ପ୍ରସାଦ ବଣ୍ଟନ ତଥା ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ରହିଛନ୍ତି। ପବିତ୍ରୟ ବାଗ, ଆନବ ମାଝି, ସୁବାସ ବେସନ, କୃପାସିନ୍ଧୁ ମାଝି ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି।

## ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ରେଙ୍ଗାଲି,୧୩।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପରଦେଶୀପାଲିଠାରେ ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱ ଏବଂ ଅଜୟ ମହାପାତ୍ରଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ଯୁବକ ଭାଜପାରେ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ଭାଜପା ବିଧାୟକ ପ୍ରାର୍ଥୀ ନାଉରୀ ନାଏକ, ଗୋବର୍ଦ୍ଧନ ବାରିକ, ବିଶିକେଶନ ପଣ୍ଡା, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜାଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଗିନିଜ ବୁକ ଅଫ ୱାର୍ଲ୍ଡ ବିଜେତା ତାମିଲନାଡୁର ରାଜଲକ୍ଷ୍ମୀ ମଣ୍ଡଳଙ୍କ ସହ ସମର୍ଥକମାନେ।

## ଭାଜପା ପ୍ରଚାରରେ ଗିନିଜ ବୁକ ଅଫ ୱାର୍ଲ୍ଡ ବିଜେତା

**ସମ୍ବଲପୁର,୧୩।୪(ବ୍ୟୁରୋ)**

ଗିନିଜ ବୁକ ଅଫ ୱାର୍ଲ୍ଡ ବିଜେତା ତାମିଲନାଡୁର ରାଜଲକ୍ଷ୍ମୀ ମଣ୍ଡଳ ତାଙ୍କ ୨୬ ଜଣ ସମର୍ଥକଙ୍କ ସହ ବାଇକ୍‌ରେ ବୁଲି ଭାଜପା ପାଇଁ ପ୍ରଚାର କରୁଛନ୍ତି। ଶନିବାର ସେମାନେ ସମ୍ବଲପୁରରେ ପହଞ୍ଚି ସମଲେଇଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନୀତିଶ ଗଙ୍ଗଦେବଙ୍କ ତାଙ୍କ ସ୍ତ୍ରୀ ଅରୁନ୍ଧତି କୁମାରୀ ଦେବୀ ସବୁଜ ପତାକା ଦେଖାଇ ସମ୍ବଲପୁର ସହରରେ ପ୍ରଚାର ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରଚାର ଯାତ୍ରା ସହର ବିଭିନ୍ନ ପଡାରେ ବାଇକ୍ ରାଲି କରି ନିର୍ବାଚନୀ ପ୍ରଚାର କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମିଡିଆ ପ୍ରବକ୍ତା ମାନସ ବକ୍ସି , ମହିଳା ମୋର୍ଚ୍ଚା ସଦସ୍ୟା ଅନ୍ନପୂର୍ଣ୍ଣା ବାରିକ, ପ୍ରଭାତି ଦାସ, ପ୍ରଭାସିନୀ ଦାଶ, ସୁଜାତା ଗୁରୁ, ଅର୍ଚ୍ଚନା ସାହାଣୀ, ସୁବର୍ଣ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

**CLASSIFIED DISPLAY**

**ALL EDITION - B/W (Every Day)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph-9658822477
7008410379
(Clinical Psychologist)

BUSINESS BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | | Fuel Chg. |
|---|---|---|---|---|
| 13 / 17 | 18/-per Km. | 1800/- | Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- | Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- | Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- | Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Explore ODISHA
Unit of Annapurna Ventures Pvt. Ltd. GST 5% applicable
N5/525, IRC Village, BBSR www.exploreodishatours.com
Tours, Travels, Package Tours
7008652192, 9777968477

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଖଣ୍ଡା ବୁଲାଇବେ ନାହିଁ ଜୟନାରାୟଣ

**ସମ୍ବଲପୁର,୧୩।୪(ବ୍ୟୁରୋ)**- ହନୁମାନ ଜୟନ୍ତୀ ଅବସରରେ ପ୍ରତିବର୍ଷ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଶୋଭାଯାତ୍ରାରେ ଆସି ଖଣ୍ଡା ବୁଲାଇ ଆଖଡା ପ୍ରଦର୍ଶନ କରିଥାନ୍ତି। ହେଲେ ଚଳିତ ବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆଖଡାରେ ସେ ସାମିଲ ହେବ ନାହିଁ ବୋଲି ଜଣାପଡିଛି। ଏନେଇ ଜୟନାରାୟଣଙ୍କୁ ପଚାରିବାରୁ ଦେହ ଅସୁସ୍ଥତା ଯୋଗୁ ଖଣ୍ଡା ବୁଲାଇ ଆଖଡା ପ୍ରଦର୍ଶନ କରିବେ ନାହିଁ। ସେ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରିବେ ବୋଲି କହିଛନ୍ତି।

### ରାମନବମୀ ଉତ୍ସବ

**ପଡିଆବାହାଲ,୧୩।୪ (ଡି.ଏନ.ଏ.)**- ଖଲିଆପାଲିସ୍ଥିତ ଜଗନ୍ନାଥ ମନ୍ଦିରରେ ଶନିବାର ସମାରୋହରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ମହିଳାମାନେ ନିଷ୍ଠାର ସହ ରାମାୟଣ ଶ୍ରବଣ କରିଥିଲେ। ପଣ୍ଡିତ ଅରବିନ୍ଦ ବିଶ୍ୱାଳ ପୁରାଣ ପାଠ କରିଥିଲେ। ପଣ୍ଡିତ ଅଭୟ କୁମାର ନାୟକ ପୂଜା କର୍ମରେ ସହଯୋଗ କରିଥିଲେ । କମଳା ପାଣିଗ୍ରାହୀ, ସନ୍ତୋଷିନୀ ନାୟକ, ଅନ୍ନପୂର୍ଣ୍ଣା ନାୟକଙ୍କ ପରିଚାଳନାରେ ଭଜନ, ସଂକୀର୍ତ୍ତନ୍ୟ ସହ ପ୍ରସାଦ ସେବନ କାର୍ଯ୍ୟ ହୋଇଥିଲା।

### ଶାନ୍ତିନଗର ବିଜେଡି ଅଫିସରେ ନିର୍ବାଚନୀ ସଭା

**ସମ୍ବଲପୁର,୧୩।୪(ବ୍ୟୁରୋ)**- ଶାନ୍ତିନଗରସ୍ଥିତ କାର୍ଯ୍ୟାଳୟରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଘୁନଘୁଟି ପଡ଼ା, ଠେଲକୋପଡ଼ା, ହୀରାକୁଦ ଅଞ୍ଚଳର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ଏହି ଅବସରରେ ଦଳୀୟ କର୍ମକର୍ତ୍ତା ନୂତନ କର୍ମୀଙ୍କୁ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଧାୟିକା ତଥା ବିଜେଡି ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ଦଳକୁ ବିଜୟୀ କରିବା ପାଇଁ କର୍ମୀ ଓ ନେତାଙ୍କୁ ଆହ୍ୱାନ ଦେଇଥିଲେ । ଘୁନଘୁଟିପଡ଼ା ବିଜେଡି ଯୁବ ମୋର୍ଚ୍ଚା ନବକିଶୋର ବାଗଙ୍କ ନେତୃତ୍ୱରେ ମନ୍ତନୁ ଦୀପ, ସ୍ୱାଧୀନ ବାଗ, ପରମ ବାଗ, ରମାକାନ୍ତ ମହାନନ୍ଦଙ୍କ ସହ କର୍ମୀମାନେ ଯୋଗଦେଇଥିଲେ। ସତିଶ ବିଶି, ବିହାରୀଲାଲ ପଂସାରି, ସୌରୀନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ହାତୀ ଉପଦ୍ରବ ପ୍ରତିକାର ଦାବି

**ସମ୍ବଲପୁର,୧୩।୪ (ବ୍ୟୁରୋ)**



ହାତୀ ଉପଦ୍ରବ ପ୍ରତିକାର ଦାବିରେ ଅତିରିକ୍ତ ଜିଲାପାଳଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

- ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ତ୍ରିପାକ୍ଷିକ ଆଲୋଚନା ପ୍ରତିଶ୍ରୁତି

ସମ୍ବଲପୁର ଜିଲା କୁକୁଡ଼ାପାଲି ଓ ତବଲା ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଦୀର୍ଘ ଦିନ ହେଲା ଅଞ୍ଚଳରେ ଏକ ହାତୀପଲ ରହି ଥିବା ବେଳେ ତାଙ୍କୁ ଘଉଡାଇବାରେ ବନ ବିଭାଗ ବିଫଳ ହୋଇଛି। ଏପରିସ୍ଥିତିରେ ହାତୀପଲ ଡାଲୁଆ ଫସଲ ଖାଇବା ସହ ଘର ଦ୍ୱାରା ଭାଙ୍ଗି ବ୍ୟାପକ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏପରି କି ଦିନ ଦ୍ୱିପ୍ରହରେ ହାତୀ ବୁଲୁଥିବା ବେଳେ ଲୋକେ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏନେଇ ହାତୀ ଉପଦ୍ରବ ପ୍ରତିକାର ଦାବିରେ ଅଞ୍ଚଳବାସୀ ଶନିବାର ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୨ ଦିନ ମଧ୍ୟରେ ଅଞ୍ଚଳର ଚାଷୀ, ବନ ବିଭାଗ ଓ ଜିଲାପ୍ରଶାସନ ପକ୍ଷରୁ ଏକ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରିବାକୁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଅଞ୍ଚଳବାସୀ ଏପ୍ରିଲ ୧ ତାରିଖରେ ସମ୍ବଲପୁର ଡିଏଫଓଙ୍କୁ ହାତୀ ଉପଦ୍ରବ ସଂକ୍ରାନ୍ତରେ ଜଣାଇବା ସହ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ଓ ସୁରକ୍ଷା କର୍ମୀ ଯୋଗାଇ ଦେବାକୁ ଦାବି କରାଯାଇଥିଲା । ହେଲେ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିଲା। ପ୍ରତିନିଧି ଦଳରେ ଜଗଦୀଶ ନାୟକ, ଅମୂଲ୍ୟ କୁମାର ପାଢ଼ୀ, ଚିନ୍ତାମଣୀ ନାୟକ, ପ୍ରଶାନ୍ତ ବେହେରା, କପିଳେଶ୍ୱର ନାୟକ, ସଞ୍ଜୁକ୍ତା ଧର, କେ.ବି. ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଜିଲା ସଂଗଠନ ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ବିଭୁତିଭୂଷଣ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

### ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭିଏସ୍ଏସ୍ କ୍ଲବ, ଶାସନ ବିଜୟୀ

**ସମ୍ବଲପୁର,୧୩।୪ (ବ୍ୟୁରୋ)**

ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ମ୍ୟାଚରେ ଭିଏସ୍ଏସ୍ କ୍ଲବ ଓ ଶାସନ କ୍ରୀଡ଼ା ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ପହଞ୍ଚିଛି । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଭିଏସ୍ଏସ୍ କ୍ଲବ ଏବଂ ଯବାନ ଇ-ହିନ୍ଦ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ବ୍ୟାଟିଂ କରି ଯବାନ ଇ-ହିନ୍ଦ୍ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ୍ ସଂଗ୍ରହ କରିଥିଲା। ସେକ୍ ନଦିମ୍ ୩୧ ବଲ୍‌ରେ ୩୭ ରନ୍ କରିଥିଲେ। ଭିଏସ୍ଏସ୍ ବୋଲର୍ ସୁପ୍ରିମ ପ୍ରଧାନ, ସ୍ୱରୂପ ପ୍ରଧାନ, ରାଜା ରଣା ୨ଟି ଲେଖାଏଁ ଉଇକେଟ ନେଇଥିଲେ। ୧୩୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଭିଏସ୍ଏସ୍ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ନବୀନ ରାଉଲ ୩୦ ବଲରେ ୪୦ ରନ୍ କରିଥିଲେ। ଯବାନ ଇ-ହିନ୍ଦ ବୋଲର ମହମ୍ମଦ କାସିମ ଓ ମିଥିଲେଶ ପ୍ରସାଦ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଦ୍ୱିତୀୟ ମ୍ୟାଚ ଶାସନ କ୍ରୀଡ଼ା ସଂଘ ଏବଂ ସ୍ପୋର୍ଟିଂ ୟୁନିୟନ କ୍ଲବ ମଧ୍ୟରେ ହୋଇଥିଲା। ସ୍ପୋର୍ଟିଂ ୟୁନିୟନ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୧୫ ରନ୍ କରିଥିଲା । ହିତ୍ରିକ ୪୮ ବଲରେ ୩୪ ରନ୍ କରିଥିଲେ । ଶାସନ ବୋଲର କ୍ଷୀରୋଦ ପ୍ରଧାନ, ପ୍ରଶାନ୍ତ ଦାଶ, ପ୍ରଣୟ ବିଶ୍ୱାଳ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଶାସନ ବ୍ୟାଟିଂ କରି ୧୭.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଭିନାଶ ସାମଦ ୮ବଲରେ ଅପରାଜିତ ୨୪ ରନ୍ କରିଥିଲେ । ସ୍ପୋର୍ଟିଂ ୟୁନିୟନ ବୋଲର ଲକି ଶର୍ମା ଓ ସଞ୍ଜିବ ନାୟକ ୨ଟି ଲେଖାଏଁ ଏବଂ ସଚିନ ଗୋଟିଏ ଉଇକେଟ ହାସଲ କରିଥିଲେ। ସୌମ୍ୟଦର୍ଶନ ମହାନ୍ତି, ମହେଶ ମୁନସି ମ୍ୟାଚ ପରିଚାଳନା କରିଥିଲେ। ସୟଦ ଜ୍ୟାକି ସ୍କୋରର ଥିଲେ।



ଶନିବାର ସମ୍ବଲପୁର ରାମଜୀଗୁଡିରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଛି ।

# ରାମନବମୀରେ ଭକ୍ତଙ୍କ ଭିଡ଼

**ସମ୍ବଲପୁର, ୧୩।୪ (ବ୍ୟୁରୋ)**

ସମ୍ବଲପୁର ସହରରେ ପବିତ୍ର ରାମନବମୀ ଶନିବାର ପାଳିତ ହୋଇଯାଇଛି। ବିଭିନ୍ନ ଛକରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇଛି। ସୁସଜ୍ଜିତ ଆଲୋକମାଳାରେ ବ୍ରୁକ୍ସହିଲ ରାମ ମନ୍ଦିର, କମଳିବଜାର ରାମଜୀ ଗୁଡି, ମୁଦିପଡ଼ା ରାମ ମନ୍ଦିର ଝଟକୁଛି । ପ୍ରାତଃ ଓ ସନ୍ଧ୍ୟାରେ ଭକ୍ତଙ୍କ ଭିଡ ଲାଗି ରହିଥିଲା । ଶ୍ରୀରାମ ଧ୍ୱନୀରେ ମୁଖରିତ ହୋଇଥିଲା ଅଞ୍ଚଳ । ଚୈତ୍ର ଶୁକ୍ଳପକ୍ଷ ନବମୀରୁ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟ ତିଥି ପର୍ଯ୍ୟନ୍ତ ୯ ଦିନ ଧରି ବିଭିନ୍ନ ମନ୍ଦିରରେ କାର୍ଯ୍ୟକ୍ରମ ହୋଇଥାଏ । ବ୍ରୁକ୍ସହିଲ୍ ରାମ ମନ୍ଦିରରେ ହନୁମାନ ମନ୍ଦିର ପରିଚାଳନା କମିଟି ଆୟୋଜନରେ ସ୍ୱତନ୍ତ୍ର ହୋମ ଓ ପୂଜାର୍ଚ୍ଚନା ହୋଇଥିଲା । ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା, ମଧ୍ୟାହ୍ନ ୧୨ଟାରେ ଠାକୁରଙ୍କ ଅଭିଷେକ ଓ ୨ଟାରେ ପୂର୍ଣ୍ଣାହୂତି ହୋଇଥିଲା । ସନ୍ଧ୍ୟା ୫ଟାରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିଥିଲେ । ମୁଖ୍ୟ ପୂଜକ ହରିଶ୍ଚନ୍ଦ୍ର ମିଶ୍ର ବିଗ୍ରହଙ୍କୁ ସୁସଜ୍ଜିତ କରିଥିଲେ। ଐତିହାସିକ କମଳିବଜାର ରାମଜୀଗୁଡି ମୁଖ୍ୟଦ୍ୱାରରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରଥମେ ଠାକୁରଙ୍କ ବିଗ୍ରହରେ ରଙ୍ଗ, ଜନ୍ମ ଓ ପ୍ରତିଷ୍ଠା କରାଯାଇଥିଲା। ମଧ୍ୟାହ୍ନରେ ମଙ୍ଗଳ ଆଳତି, ଅନ୍ନଭୋଗ ଓ ପରେ ବାଳଭୋଗ ଅର୍ପଣ କରାଯାଇଥିଲା । ସନ୍ଧ୍ୟା ୬ଟାରୁ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିଥିଲେ । ୯ଦିନ ପର୍ଯ୍ୟନ୍ତ ଠାକୁରଙ୍କ ଜନ୍ମ, ବ୍ରତ, ବିବାହ, ବନବାସ, ଚିତ୍ରକୂଟ, ସୀତାଚୋରି, ଅହଲ୍ୟାପାରି, ଯୁଦ୍ଧ, ଅଭିଷେକ ପ୍ରଭୃତି ୯ଟି ବେଶ ହୋଇଥାଏ । ପୂଜକ ମାନସରଞ୍ଜନ ପଣ୍ଡା, ଭକ୍ତ ବିନୋଦ ପଣ୍ଡା ଓ ଆନନ୍ଦ ବର୍ଦ୍ଧନ ପଣ୍ଡା ପୂଜା କାର୍ଯ୍ୟ କରିଥିଲେ।

### ରକ୍ତଦାନ ଶିବିର

# ୭୬ ୟୁନିଟ ରକ୍ତ ସଂଗ୍ରହ

**ଚିପିଲିମା, ୧୩।୪ (ଡି.ଏନ.ଏ.)**

ବୁର୍ଲା ଭୀମସାର ରକ୍ତ ଭଣ୍ଡାରରେ ଆବଶ୍ୟକ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଶେୟାର ଲାଇଫ ପକ୍ଷରୁ ରକ୍ତ ଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ବିଭିନ୍ନ ବର୍ଗର ୭୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ଭୀମସାର ଅଧକ୍ଷ ପ୍ରଫେସର ଡା. ବ୍ରଜମୋହନ ମିଶ୍ର, ପ୍ରଫେସର ଡା. ଜୟଶ୍ରୀ ଦୋରା, ବୁର୍ଲା ଥାନା ଅଧିକାରୀ ବିଭୁତିଭୂଷଣ ଭୋଇ, ସମାଜସେବୀ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତ ଭଣ୍ଡାର ମୁଖ୍ୟଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଶେୟାର ଲାଇଫର ନାରାୟଣ ପ୍ରଧାନ, ଅନିଲ ବାର୍ଲା, ରୋହିତ ପ୍ରଧାନ, ପର୍ଶୁରାମ ଜେନା, ଛବି ହରିପାଳ, ରାହୁଲ ଶର୍ମା ପ୍ରମୁଖ ସହଯୋଗ କରିଥିଲେ ।



ଲୋକ ସଭା ପ୍ରାର୍ଥୀ ଶରତ ଏବଂ ବିଧାୟକ ପ୍ରାର୍ଥୀ ଶୋଭାରାମ ଶନିବାର ଜମନକିରା ବ୍ଲକରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ଜମନକିରାରେ କଂଗ୍ରେସର ନିର୍ବାଚନୀ ପ୍ରଚାର

**ଜମନକିରା,୧୩।୪ (ଡି.ଏନ୍.ଏ.)**

ଜମନକିରା ବ୍ଲକରେ ଶନିବାର କଂଗ୍ରେସର ନିର୍ବାଚନୀ ପ୍ରଚାର କରାଯାଇଥିଲା। ଏହି ଅବସରରେ ଏକ ନୂତନ କାର୍ଯ୍ୟାଳୟ ପୁରୁଣା ସମବାୟ ବ୍ୟାଙ୍କ କୋଠାରେ ଖୋଲାଯାଇଛି। ୧ ନମ୍ବର ଜୋନ ସଭାପତି ସରୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଶରତ କୁମାର ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଶୋଭାରାମ ପଧାନ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାର୍ଥୀ ଦ୍ୱୟ ଏକ ଶୋଭାଯାତ୍ରାରେ ବାହାରି ଗାଁ କରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଏପରି କି କଂଗ୍ରେସ ସରକାରକୁ ଆସିଲେ ପ୍ରଥମ ଦିନରୁ ଦଳ ପକ୍ଷରୁ ଘୋଷଣା କରାଯାଇଥିବା କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟତା ରାଶି ୨୬ ଶହ ଟଙ୍କା ପ୍ରଦାନ, ଡାଲି ଯାତୀୟ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ ସହ ବୋନସ ପ୍ରଦାନ, କୃଷକଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ସୌରଚାଳିତ ପମ୍ପ ସେଟ ପ୍ରଦାନ, ବେକାରୀଙ୍କୁ ୩୫ ଶହ ଟଙ୍କା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ୧୦୦୦ରୁ ୧୫ ଶହ ଟଙ୍କା ସହ କନ୍ୟାମାନଙ୍କୁ ମାଗଣାରେ ଉଚ୍ଚ ଶିକ୍ଷା ପ୍ରଦାନ କରିବାକୁ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ଦାନୀ, ସନ୍ତୋଷ ପଟ୍ଟନାୟକ, ମନୋଜ ନାଏକ, ଜୋନ ୨ ସଭାପତି ଅଶୋକ ଦାନୀ, କିଶୋର ନାଏକ, ଧନେଶ୍ୱର ପଧାନ ପ୍ରମୁଖଙ୍କ ସହ ବହୁ ନେତା ଓ କର୍ମୀ ସାମିଲ ଥିଲେ।

# ପ୍ରଚାରବେଳେ ବିଜେଡି କର୍ମୀଙ୍କୁ ମାଡ଼

**ବଲାଙ୍ଗୀର ଅଫିସ,୧୩।୪**

ବଲାଙ୍ଗୀର ସଦର ଥାନା ଚନ୍ଦନଭାଟି ଗାଁରେ ନିବାଚନୀ ପ୍ରଚାର ବେଳେ ଶନିବାର ରାତିରେ ଜଣେ ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ପ୍ରଫୁଲ କୁମାର ମେହେର। ତାଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହାସପାତାଲରେ ଭର୍ତ୍ତି କରାଯାଇଛି। କଂଗ୍ରେସ କର୍ମୀମାନେ ତାଙ୍କୁ ଆକ୍ରମଣ କରିଥିବା ପ୍ରଫୁଲ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଓ ବରିଷ୍ଠ ବିଜେଡି ନେତା ଡା.ବାସୁଦେବ ପତି ମେଡିକାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ଆଜି ହନୁମାନ ଜୟନ୍ତୀ

# ପୋଲିସ ଛାଉଣୀରେ ସହର

**ସମ୍ବଲପୁର,୧୩।୪ (ବ୍ୟୁରୋ)**

ସମ୍ବଲପୁର ସହରରେ ରବିବାର ହନୁମାନ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ଏନେଇ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶନିବାର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଉଥିଲା । ପୋଲିସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ସହରରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ୨୮ ପ୍ଲାଟୁନ ପୋଲିସ ଫୋର୍ସ ମୁତାୟନ କରାଯିବ। ୩ ଜଣ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି, ୨୫୦ ହୋମଗାର୍ଡ, ୧୫୦ ମହିଳା କନେଷ୍ଟବଲ ନିୟୋଜିତ କରାଯିବ । ସହର ବିଭିନ୍ନ ସ୍ଥାନରେ ୧୮ଟି ପୋଲିସ କେନ୍ଦ୍ର, ୨୬ଟି ସ୍ଥାନରେ ସତନ୍ତ୍ର କ୍ୟାମ୍ପ କରାଯାଉଛି ।

# ଯୁଯୁମୁରା-ଧମା ରାସ୍ତା ନିର୍ମାଣରେ ଅନିୟମିତତା

**ସମ୍ବଲପୁର,୧୩।୪(ବ୍ୟୁରୋ)**



ସମ୍ବଲପୁର ଯୁଯୁମୁରାଠାରେ ଫେବୃୟାରୀ ୨୮ ତାରିଖରେ ଶିଳାନ୍ୟାସ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିଗଣ (ଫାଇଲ ଫଟୋ)।

- ନିର୍ବାଚନ ଭେଟି, ତରବରିଆ କାମ ଆରମ୍ଭ
- ବିଭାଗୀୟ ଅଧିକାରୀଙ୍କ ହେଉନି ଯାଞ୍ଚ

ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନମଣ୍ଡଳୀ ଯୁଯୁମୁରା ବ୍ଲକରେ ରାସ୍ତା ସମସ୍ୟା ରହିଛି। ସମସ୍ୟାର ସମାଧାନ ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଆସୁଥିଲେ । ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ନିର୍ବାଚନ ପୂର୍ବରୁ ବ୍ଲକରେ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଅନେକ ପକଳ୍ପର ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟାରେ କରାଯାଇଛି। ଫେବ୍ରୁୟାରୀ ୨୮ ତାରିଖରେ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ଉପସ୍ଥିତିରେ ଯୁଯୁମୁରା-ଧମା ରାସ୍ତାର ଶିଳାନ୍ୟାସ ହୋଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତା କାମ ନିମ୍ନମାନର ହେଉଥିବା ବେଳେ ଅଟକଳ ଅନୁସାରେ କାମ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ନିର୍ବାଚନକୁ ଦୃଷ୍ଟିରେ ରଖି ତରବରିଆ ଭାବେ ରାସ୍ତା କାମ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ବିଭାଗୀୟ ଅଧିକାରୀମାନେ ନିୟମିତ ଯାଞ୍ଚ କରୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଥିବା ଜଣାପଡିଛି। ରାସ୍ତା ଦୁଇ ପାର୍ଶ୍ୱରେ ମାଟି ଖୋଳି ମେଟାଲ, ଗେଟି ଓ ଡଷ୍ଟ ମିଶାଇ ୬ ଇଞ୍ଚ ଉଚ୍ଚତାରେ ୧.୪ ମିଟର ଚଉଡ଼ାରେ ବିଛାଇବାର ନିୟମ ରହିଛି। ହେଲେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଏ ନେଇ ସ୍ଥାନୀୟ ଜନସାଧାରଣ କାମ ଠିକ୍ ଭାବେ କରିବାକୁ ଠିକା କର୍ମଚାରୀଙ୍କୁ ଜଣାଇଥିଲେ। ହେଲେ ଠିକା କର୍ମଚାରୀ ମଧ ଅଣଦେଖା କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ନାରାୟଣ ପଟେଲଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଧମା-ଯୁଯୁମୁରା ପ୍ରାୟ ୧୪ କି.ମି. ରାସ୍ତା କାମ ନେଇ ଶିଳାନ୍ୟାସ ହୋଇଥିଲା। ଏନେଇ ୧୬ କୋଟି ଟଙ୍କା ମଞ୍ଜୁର ହୋଇଛି।

## ଫଟୋରେ ଖବର







**ଏକାକି ପ୍ରଚାର:** ଶନିବାର ସମ୍ବଲପୁର ବିଧାନସଭା କ୍ଷେତ୍ର ସ୍ୱାଧୀନ ପ୍ରାର୍ଥୀ ଜୟଶ୍ରୀ ମିଶ୍ର ନିର୍ବାଚନୀ ପ୍ରଚାର କରୁଛନ୍ତି (ବାମ)। ଶନିବାର ସମ୍ବଲପୁରରେ ଇସ୍କନ୍ ଭକ୍ତମାନେ ରାଜରାସ୍ତାରେ କୀର୍ତ୍ତନ କରୁଛନ୍ତି (ମଝି)। ଶନିବାର ସମ୍ବଲପୁରରେ ହନୁମାନ ଜୟନ୍ତୀ ସକାଶେ ପୋଲିସର ଫ୍ଲାଗ୍ ମାର୍ଚ୍ଚ ।

ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଉପନିର୍ବାଚନ ପ୍ରତିଶ୍ରୁତି ପରଖୁଛନ୍ତି ଭୋଟର

ପ୍ରେମାନନ୍ଦ ଖମାରି
ବରଗଡ଼ ଅଫିସ,୧୩।୪

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି। ୩ ଦିନ ପରେ ଶେଷ ହେବ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର। କିନ୍ତୁ ପ୍ରାୟ ବର୍ଷେ ତଳେ ଅନୁଷ୍ଠିତ ଉପନିର୍ବାଚନ ଭଳି ଏଥର ବରଗଡ଼ ଜିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଆଉ ସେଦିନର ରାଜନୈତିକ ତାତି ନାହିଁ। ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ଫିକା ପଡ଼ିଛି। ତଥାପି ଏହି ନିର୍ବାଚନମଣ୍ଡଳୀ ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ ସବୁଦଳ ପାଇଁ ଏହି ନିର୍ବାଚନମଣ୍ଡଳୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି।

ଉପନିର୍ବାଚନର ସଫଳତା ଓ ଦଳର ପ୍ରତିଶ୍ରୁତି ମୁତାବକ ଗତ ବର୍ଷକ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶକୁ ବିଜେଡି ପୁଞ୍ଜି କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ଆୟୁଧ କରି ବିଜେଡି ବିଜୟକୁ ଦୋହରାଇବାକୁ ଏଥର ବି ଆଶାବାଦୀ ଅଛି। ୨୦୦୯ ସାଧାରଣ ନିର୍ବାଚନ ତୁଳନାରେ ଭାଜପା ଗତ ଉପନିର୍ବାଚନରେ ନିଜ ଭୋଟକୁ ଦ୍ୱିଗୁଣିତ କରିବାରେ ସକ୍ଷମ ହୋଇଥିଲା। ତଥାପି ବିଜୟର ସ୍ୱାଦ ଚାଖିପାରି ନ ଥିଲା। ଏଥର ଦଳ ଶାସକ ବିରୋଧୀ ମତ ହାତେଇବାକୁ ପ୍ରୟାସ ଜାରି ରଖିଛି। ସେହି ମତକୁ ଆୟୁଧ କରି ଦଳ ବିଜୟୀ ପାଇଁ ଆଶା ବାନ୍ଧିଛି। ସେହିପରି କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। କୃଷକ, ଶ୍ରମିକ, ମହିଳା, ବେକାର ଯୁବତୀଯୁବକଙ୍କ ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଘୋଷଣାକୁ ଦଳ ପ୍ରଚାରର ମାଧ୍ୟମ କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଆଧାର କରି ଦଳ ଲୋକଙ୍କ ପାଖକୁ ଯାଉଛି।

ଅନ୍ୟପକ୍ଷେ ଏହି ନିର୍ବାଚନମଣ୍ଡଳୀ ଅଧୀନ ବିଜେପୁର ଓ ଗାଇସିଲେଟ ଅଞ୍ଚଳ ଦୀର୍ଘଦିନ ହେବ ଅଣଜଳସେଚିତ ଅବସ୍ଥାରେ ରହିଛି। ବରପାଲିର ମଧ୍ୟ କେତେକାଞ୍ଚଳକୁ ହୀରାକୁଦ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗତ ଉପନିର୍ବାଚନ ଭଳି ଏଥର ମଧ୍ୟ ଏଠାରେ ଜଳସେଚନ ହିଁ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। ଗଙ୍ଗାଧର ମେହେର ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଭଳି ଉପନିର୍ବାଚନର ଅନେକ ପ୍ରତିଶ୍ରୁତି ଏବେ କେବଳ ପ୍ରତିଶ୍ରୁତିରେ ରହିଛି। ବିରୋଧୀ କଂଗ୍ରେସ, ଭାଜପା ଏହି କଥାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ବିଜେଡି ଏହାକୁ କିଭଳି ସାମ୍ନା କରିବ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ରୀତା ସାହୁ କହିଛନ୍ତି, ବିଜେପୁର ଉପନିର୍ବାଚନ ପରେ ସବୁ ଅଞ୍ଚଳରେ ବହୁବିଧ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀରେ ଏଥର ପ୍ରାର୍ଥୀ ହୋଇଛନ୍ତି। ଆଗକୁ ଏହି ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ହେବ। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ୍ କୁହନ୍ତି, ବିକାଶ କିଭଳି ବାଟବଣା ହୋଇଛି, ଲୋକେ ଭଲ ଭାବେ ଅବଗତ ଅଛନ୍ତି। ସରକାରଙ୍କ ବିଫଳତାକୁ ନେଇ ମୁଁ ଭୋଟରଙ୍କ ପାଖକୁ ଯାଉଛି। ଜନସାଧାରଣଙ୍କ ମୋ ପ୍ରତି ପୂର୍ବଭଳି ସମର୍ଥନ ରହିଛି। ଭାଜପା ପ୍ରାର୍ଥୀ ସନତ୍ କୁମାର ଗଡ଼ତିଆଙ୍କ ମତରେ ଏ ଅଞ୍ଚଳର ପ୍ରମୁଖ ଜୀବିକା କୃଷି। ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ୩୩ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ପାଲଟିଛି। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ କାମ ଆଦୌ ଆଗେଇ ନାହିଁ। ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ଶିକ୍ଷାନୁଷ୍ଠାନରେ ଆଉ ଗୁଣାତ୍ମକ ଶିକ୍ଷା ନାହିଁ। ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ଚାଲିଛି। ଭୋଟରମାନେ ଏହାର ଜବାବ ଦେବେ। ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପ୍ରାର୍ଥୀ ଅଶୋକ କଲେତ୍ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ଓ ଗରିବ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଦଳର ଯୋଜନା କେବଳ ନିର୍ବାଚନୀ ଇସ୍ତାହାରରେ ସୀମିତ ରହୁଛି। ବିଏସ୍‌ପିକୁ ଶାସନର ସୁଯୋଗ ଦେଲେ ସବୁବର୍ଗର ଆର୍ଥିକ ମେରୁଦଣ୍ଡ ସ୍ୱଚ୍ଛଳ ହେବ। ଏଥର ଭୋଟରମାନେ ବିଏସ୍‌ପିକୁ ସେହି ସୁଯୋଗ ଦେବେ ବୋଲି ଆଶା ରଖିଛି।

ତେବେ ରାଜନୈତିକ ନେତାମାନଙ୍କ ମତାମତଠାରୁ ଭୋଟରମାନଙ୍କ ପ୍ରତିକ୍ରିୟା ଭିନ୍ନ। ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନାଗରିକ ଅନିରୁଦ୍ଧ ସାହୁ କୁହନ୍ତି, ବିଭିନ୍ନ ରାଜନୈତିକ ଦଳ ନାନା ପ୍ରତିଶ୍ରୁତି ଦେଉଛନ୍ତି। ଭୋଟ ସରିଗଲା ପରେ ତାହା କାର୍ଯ୍ୟକାରୀ ହେଉନାହିଁ। ଯେଉଁଦଳ ଭଲ କାମ କରିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରୁଥିବା ପ୍ରାର୍ଥୀଙ୍କୁ ବିଜୟୀ କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍। ଲାଉମୁଣ୍ଡା ବାସିନ୍ଦା ଅରବିନ୍ଦ ଜୁଏଡ଼ କହିଛନ୍ତି, ଉପନିର୍ବାଚନର ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ ହୋଇଛନ୍ତି। ସମସ୍ୟା ଯେଉଁ ତିମିରେକୁ ସେହି ତିମିରେ ରହିଛି। ତେବେ ସ୍ୱଚ୍ଛ, ନିରପେକ୍ଷ ଶାସନ ପ୍ରଦାନ କରୁଥିବା ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦିଆଯିବା ଦରକାର। ବରପାଲିର ଜଣେ ଭୋଟର ନିଜ ନାମ ଗୋପନ ରଖିବା ସର୍ତ୍ତରେ କୁହନ୍ତି, ଉପନିର୍ବାଚନ ଭିନ୍ନ ଥିଲା। ସାଧାରଣ ନିର୍ବାଚନ ସାରା ଦେଶର ନିର୍ବାଚନ। ଦଳ ନୁହେଁ, ବିକାଶ କ୍ଷେତ୍ର ପାଇଁ ଯିଏ ସହାୟକ ହେବ, ସେଭଳି ଜଣେ ଉତ୍ତମ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ ଦେବେ। ପୁରନ୍ଦର ମେହେର କୁହନ୍ତି, ବିକାଶଧାରାକୁ ଗୁରୁତ୍ୱ ଦେଉଥିବା ଦଳକୁ ମୋର ସମର୍ଥନ ରହିଛି। ସେହି ଦଳର ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି।

| | |
|---|---|
| ମୋଟ୍ ଭୋଟରଙ୍କ ସଂଖ୍ୟା | ୨,୨୫,୫୬୭ |
| ମହିଳା ଭୋଟର | ୧,୦୮,୨୪୮ |
| ପୁରୁଷ ଭୋଟର | ୧,୧୭,୩୦୫ |
| ଅନ୍ୟାନ୍ୟ | ୧୪ |

ମୋଟ୍ ଭୋଟ ଗ୍ରହଣ କେନ୍ଦ୍ର- ୨୮୫
ସମ୍ବେଦନଶୀଳ- ୬
ଅଧିକ ସମ୍ବେଦନଶୀଳ- ୫
ସାଧାରଣ- ୨୭୪

**୨୦୧୪ ସାଧାରଣ ନିର୍ବାଚନ**
କଂଗ୍ରେସ- ୫୩,୨୯୦
ବିଜେଡି- ୫୨,୮୩୨
ଭାଜପା- ୩୦,୦୦୧

**୨୦୧୮ ଉପନିର୍ବାଚନ ଫଳାଫଳ**
ବିଜେଡି- ୧,୦୨,୮୭୧
ଭାଜପା- ୬୦,୯୩୮
କଂଗ୍ରେସ- ୧୦,୨୭୪


ରିପୁନାଥ ସେଠ


ସନତ୍ କୁମାର ଗଡ଼ତିଆ


ନବୀନ ପଟ୍ଟନାୟକ


ଅଶୋକ କଲେତ୍

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ରୋଡ୍ ଶୋ

# ବିଜେଡି ପୁଣି କ୍ଷମତାକୁ ଫେରିବ

ଧରାକୋଟ/ଆସିକା/ପୋଲସରା/ସୋରଡା/ଭଞ୍ଜନଗର,୧୩।୪(ଡି.ଏନ୍.ଏ.)

ଓଡ଼ିଶାର ୪ କୋଟି ଜନସାଧାରଣ ମୋ ପରିବାର। ସେମାନଙ୍କ ଆଶୀର୍ବାଦରୁ ପୁଣିଥରେ ବିଜେଡି ରାଜ୍ୟରେ କ୍ଷମତାକୁ ଫେରିବ। କାଳିଆ ଯୋଜନାକୁ କେହି ରୋକିପାରିବେ ନାହିଁ ବୋଲି ଶନିବାର ଗଞ୍ଜାମ ଜିଲା ଧରାକୋଟ ବ୍ଲକ ରଥପଦାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସେହିପରି ଆସିକା ଏନ୍‌ଏସି କଳିଙ୍ଗା ରୋଡ ମହୋତ୍ସବ ପଡିଆରେ ଅନୁଷ୍ଠିତ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ମୁଁ ଆପଣଙ୍କ ଗାଁକୁ ଆସିଛି, ଆପଣମାନେ ଏତେ ଖରାରେ ସଭାକୁ ଆସିଛନ୍ତି, ସେଥିଲାଗି ଆପଣଙ୍କୁ ଧନ୍ୟବାଦ ଦେଉଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି କହି ଭାଷଣ ସାରିଥିଲେ। ସେହିପରି ପୋଲସରାସ୍ଥିତ ଲୁଣିଘାଟି ପଡିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳା ଓ କୃଷକମାନଙ୍କର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ କହିବା ସହ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ କହିଥିଲେ।

ଧରାକୋଟସ୍ଥିତ ମିନି ଷ୍ଟାଡିୟମ ପଡିଆରେ ପୂର୍ବାହ୍ନ ସାଢେ ୧୧ଟାରେ ହେଲିକପ୍ଟରର ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ରଥପଦାସ୍ଥିତ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ଆସିକା ଲୋକସଭା ପ୍ରାର୍ଥିନୀ ପ୍ରମିଳା ବିଶୋଇ ଏବଂ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଉମାଚରଣ ନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀ ନିଜ ପାଇଁ ଭୋଟଭିକ୍ଷା କରିଥିଲେ। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ଆସିକାସ୍ଥିତ ସଭାରେ ମଧ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାନସଭା ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ।

ପ୍ରଥମ ଥର ପାଇଁ ଏକ ସାଧାରଣ ପରିବାରରୁ ଆସି ଆସିକା ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରମିଳା ବିଷୋୟୀ କ୍ଷତ୍ରିୟବରପୁରରୁ ହେଲିକେପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆସିକା ଅଭିମୁଖେ ପ୍ରଚାରରେ ଯାଇଥିଲେ। ଏହି ସମୟରେ ସେ ହେଲିକେପ୍ଟରରେ ବସି ହାତ ହଲାଉଥିବା ଦୃଶ୍ୟ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା।

ଏଥିସହ ମୁଖ୍ୟମନ୍ତ୍ରୀ ସୋରଡା, ଭଞ୍ଜନଗରରେ ହାଇଟେକ୍ ବସ୍‌ରେ ରୋଡ୍ ଶୋ କରିଥିଲେ। ସୋରଡା ଥାନା ନିକଟରୁ ବାହାରି ଗଣିଛକ, ରଥପଦା, ଆଡପମଣ୍ଡପ, ଗୋପାଳପୁରଶାସନ, ବଡବୋରସିଂ, ପାଲକାଟ, କୁଲାଙ୍ଗି, ଲାଠିପଡା, କଣ୍ଟେଇପଲ୍ଲୀ ଦେଇ କ୍ଷେତ୍ରୀୟବରପୁର ପର୍ଯ୍ୟନ୍ତ ପ୍ରାୟ ୩୦କିମି ପର୍ଯ୍ୟନ୍ତ ରୋଡ୍ ଶୋ ରେ ଯାଇଥିଲେ। ସୋରଡା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ପ୍ରିମଳାଙ୍କୁ ଭୋଟ ଦେବାକୁ କହିଥିଲେ। ରାସ୍ତା କଡରେ ବହୁସଂଖ୍ୟାରେ ମହିଳା ଓ ପୁରୁଷ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରବଳ ଖରା ଓ ମାସାନ୍ତ ମେରୁଯାତ୍ରା ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ହାଇଟେକ୍ ବସ୍ ଆଗରେ ଏକ ଖୋଲା ଜିପ୍‌ରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆସିକା ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଷୋୟୀ, ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମିଶି ଲୋକଙ୍କୁ ଭୋଟ ଭିକ୍ଷା କରୁଥିଲେ। ମୁଖ୍ୟମନ୍ତ୍ରୀ ବସ୍‌ରେ ବସି ପ୍ରଚାର କରୁଥିଲେ।

**ପ୍ରମିଳାଙ୍କୁ ହେଲିକପ୍ଟରରେ ବୁଲାଇଲେ**



# ୧୬ ଲକ୍ଷ ୭୦ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

ପୁରୀ ଅଫିସ,୧୩।୪

ନିର୍ବାଚନ ଯେତେ ପାଖେଇ ଆସୁଛି ଯାନବାହନ ଯାଞ୍ଚବେଳେ ବିପୁଳ ପରିମାଣର ଟଙ୍କା ଧରାପଡୁଛି। ଏହାକୁ ନଜରରେ ରଖି ଫ୍ଲାଇଂ ସ୍କ୍ୱାଡ୍ ମଧ ବିଭିନ୍ନ ସ୍ଥାନରେ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି। ଶୁକ୍ରବାର ରାତିରେ କାକଟପୁର ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ମିଳିତ ଭାବେ ଚାରିଛକ-କାକଟପୁର ମୁଖ୍ୟରାସ୍ତାର ପାଣିଛତ୍ରଠାରେ ଗାଡ଼ି ତନଖି କରୁଥିଲେ। ରାତି ପ୍ରାୟ ସାଢେ ୧ଟାରେ ଏକ ବୁଲେଟକୁ ଅଟକାଇ ଯାଞ୍ଚ କରିଥିଲେ। ବୁଲେଟ୍ ଚାଳକ ଗୋପ ବ୍ଲକ ଜଙ୍ଗଲବୋରି ଗ୍ରାମର ପ୍ରଣୟ କୁମାର ସାହୁଙ୍କଠାରୁ ୧୬,୭୦,୩୫୫ଟଙ୍କା ଜବତ କରାଯାଇଥିଲା। ତେବେ ପାନ ବ୍ୟବସାୟୀଙ୍କୁ ଏହି ଟଙ୍କା ଦେବା ଲାଗି ସେ ନେଉଥିବା କହିଥିଲେ। କିନ୍ତୁ ପୋଲିସ ଏବଂ ସ୍କ୍ୱାଡ୍ ସଦସ୍ୟ ସେହି ଟଙ୍କା ଜବତ କରିଥିଲେ। ଉକ୍ତ ଟଙ୍କା କେଉଁ ଉଦ୍ଦେଶ୍ୟରେ ଓ କେଉଁଠାରୁ ଆଣିଥିଲେ ତାହାର ଆବଶ୍ୟକ ପ୍ରମାଣ ଦେବାକୁ ସାହୁଙ୍କୁ କୁହାଯାଇଛି। ଏ ନେଇ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୨ ଲକ୍ଷ ୯୫ ହଜାର ଜବତ

ବାରିପଦା ଅଫିସ,୧୩।୪

ନିର୍ବାଚନ କମିଶନରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ ପକ୍ଷରୁ ମୟୂରଭଞ୍ଜ ଜିଲାକୁ ଆସୁଥିବା ଓ ଜିଲା ବାହାରକୁ ଯାଉଥିବା ଗାଡି ମୋଟରକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ଏହି ସ୍ୱତନ୍ତ୍ର ଟିମ ଶନିବାର ଯାଞ୍ଚ କରିବା ସମୟରେ ବାରିପଦା ସହର ଥାନା ଅଧୀନ ଗୁସାହି ନିକଟରୁ ଏକ ଟାଟା ଏସିଇରୁ ୨ ଲକ୍ଷ ଓ ଚାନ୍ଦୁଆ ଥାନା ଅଧୀନ ବଣ୍ଡବ ଛକ ନିକଟରୁ ଅନ୍ୟ ଏକ ବୋଲେରୋ ଗାଡିରୁ ୯୫ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରହିଛି।

ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଙ୍କ ସୂଚନା ମୁତାବକ ରାସଗୋବିନ୍ଦପୁର ଅଞ୍ଚଳର ଗୋପି ମୋହନ ଦାସ ନାମକ ଜଣେ ବ୍ୟବସାୟୀ ଏକ ଟାଟା ଏସିଇ ଗାଡିରେ ୨ ଲକ୍ଷ ଟଙ୍କା ନେଇ ଗୁସାହି ରାସ୍ତାରେ ବାରିପଦା ଆସୁଥିଲେ। ଫ୍ଲାଇଙ୍ଗ ସ୍କ୍ୱାର୍ଡ ତାଙ୍କୁ ଧରି ଥାନା ଜିମା ଦେଇଛି। ପୋଲିସ ପ୍ରାଥମିକ ତଦନ୍ତ କରି ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟକୁ ରିପୋର୍ଟ ପଠାଇଛି। ଅଧିକ ତଦନ୍ତ ପରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳ ଆବଶ୍ୟକ ନିଷ୍ପତ୍ତି ନେବେ। ଧରାପଡିଥିବା ଗାଡିର ନମ୍ବର ନ ଥିବା ପୋଲିସ କହିଛି। କେଉଁ ଉଦ୍ଦେଶ୍ୟରେ ବାରିପଦାକୁ ଟଙ୍କା ଅଣାଯାଉଥିଲା ସେ ନେଇ ତନାଘନା ଜାରି ରହିଛି। ସେହିପରି କୁଳିଅଣା ଅଞ୍ଚଳର ରାଜେଶ ପ୍ରସାଦ ସାହା ଏକେ ବୋଲେରୋ ଯୋଗେ ୯୫ ହଜାର ଟଙ୍କା ନେଇ ଗୋପିବଲ୍ଲଭପୁର ଅଞ୍ଚଳକୁ ଯାଉଥିବା ବେଳେ ଷ୍ଟାଟିଷ୍ଟିକ ସର୍ଭିଲାନ୍ସ ଟିମ ସନ୍ଦେହରେ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଟଙ୍କା ବାହାରିଥିଲା। ପରେ ଏହି ମାମଲା ଚାନ୍ଦୁଆ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି। ଏସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେଙ୍କ ନିକଟକୁ ପଠାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ତେବେ ରାଜେଶ ଜଣେ ଗ୍ରୋସରି ଦୋକାନୀ ଓ ସେ ଡିଲରଙ୍କୁ ଟଙ୍କା ପଇଠ କରିବାକୁ ନେଇ ଯାଉଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।


ଜବତ ଟଙ୍କା ସହ ବାରିପଦା ସଦର ଥାନା ଅଧିକାରୀ।

**ବ୍ରହ୍ମଗିରିରେ ପ୍ରାକ୍ ନିର୍ବାଚନୀ ହିଂସା**



# ସଞ୍ଜୀୟଙ୍କୁ ବିରୋଧ, ଟେକାପଥର ମାଡ: ୫ ଆହତ

ବ୍ରହ୍ମଗିରି, ୧୩।୪(ଡି.ଏନ୍.ଏ.)

ନିର୍ବାଚନ ପ୍ରଚାର ଜମି ଆସୁଥିବାବେଳେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଶନିବାର ପ୍ରାକ୍ ନିର୍ବାଚନୀ ହିଂସା ଦେଖାଦେଇଛି। ପ୍ରଚାର ସମୟରେ ବିଧାୟକ ତଥା ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀର କେତେଜଣ ମହିଳା ଓ ପୁରୁଷ ଜୋରଦାର ବିରୋଧ କରିଛନ୍ତି। ଚିଟ୍‌ଫଣ୍ଡ ଟଙ୍କା କୁଆଡେ ଗଲା ବୋଲି ସଞ୍ଜୟଙ୍କୁ ସେମାନେ ପ୍ରଶ୍ନ କରିଥିଲେ। ବିରୋଧବେଳେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହେବାରୁ ୫ ଜଣ ଆହାତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ବ୍ରହ୍ମଗିରି ବ୍ଲକର ବିଜିପୁର ଗ୍ରାମକୁ ଶନିବାର ସଞ୍ଜୟ ତାଙ୍କ ସମର୍ଥକଙ୍କ ସହ ଯାଇଥିଲେ। ବିଧାୟକଙ୍କ ଆସିବା ଜାଣି ଗ୍ରାମର ମହିଳାମାନେ ଚିଟ୍‌ଫଣ୍ଡ ଟଙ୍କା କେବେ ଫେରି ପାଇବୁ, ଚିଟ୍‌ଫଣ୍ଡ ଟଙ୍କା ନାହିଁ ତ ଭୋଟ ନାହିଁ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଦେଖାଇ ବିଧାୟକଙ୍କୁ ବିରୋଧ କରିଥିଲେ। ଏହି ବିରୋଧକୁ ନେଇ ବିଧାୟକଙ୍କ ସମର୍ଥକ ଓ ଉକ୍ତ ଗ୍ରାମବାସୀଙ୍କ ମଧରେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହୋଇଥିଲା। ଘଟଣାରେ ୩ମହିଳାଙ୍କ ସମେତ ଉଭୟ ଗୋଷ୍ଠୀରୁ ୫ଜଣ ଆହତ ହୋଇଛନ୍ତି। ଏହି ଉତ୍ତେଜନାକୁ ଦେଖି ଘଟଣାସ୍ଥଳରୁ ବିଧାୟକ ଫେରିଯାଇଥିଲେ। ପରେ ଦୁଇ ଗୋଷ୍ଠୀଙ୍କ ତରଫରୁ ବ୍ରହ୍ମଗିରି ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚରାଯିବାରୁ ଅଭିଯୋଗ ପାଇଛି, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଥିଲେ। ଏ ନେଇ ସଞ୍ଜୟଙ୍କୁ ତାଙ୍କ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା।

# ଭାଜପାର ପ୍ରଚାର କରିବେ ଭୋଜପୁରୀ ଷ୍ଟାର

ଝାରସୁଗୁଡ଼ା ଅଫିସ,୧୩।୪

ଭୋଜପୁରୀ ଷ୍ଟାର ତଥା ଦିଲ୍ଲୀ ପ୍ରଦେଶ ଭାଜପା ସଭାପତି ମନୋଜ ତିୱାରୀ ରବିବାର ଭାଜପାର ନିର୍ବାଚନୀ ପ୍ରଚାର ପାଇଁ ଝାରସୁଗୁଡ଼ା ଆସିବା କାର୍ଯ୍ୟକ୍ରମ ରହିଛି। ଝାରସୁଗୁଡ଼ାରେ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବାକୁ ସେ ଏଠାକୁ ଆସୁଛନ୍ତି। ଏହି ସମୟରେ ସେ ପ୍ରଥମେ ବ୍ରଜରାଜନଗରରେ ଏକ ରୋଡ୍ ଶୋରେ ଯୋଗଦେବେ। ଅପରାହ୍ନରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସନ୍ଧ୍ୟାରେ ଝଣ୍ଡାଛକ ବିଜୟ ସଙ୍କଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ସେହିପରି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ରଜରାଜନଗର ଆସି ଭାଜପା ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।


ମନୋଜ ତିୱାରୀ।



କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ୫ ବର୍ଷ ଶାସନ କାଳରେ ଜନସାଧାରଣ ବାକ୍ ସ୍ୱାଧୀନତା ହରାଇଛନ୍ତି।

–ଆର୍. ମୁଥାରାସନ, ତାମିଲନାଡୁ ସିପିଆଇ ସମ୍ପାଦକ



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୪(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ଶନିବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜଣ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ଅନେକ ସାଧାରଣ ନାଗରିକ ଓ ପୋଲିସ କର୍ମଚାରୀଙ୍କ ହତ୍ୟା ସହ ସମ୍ପୃକ୍ତ ଥିଲେ। ନିହତ ଆତଙ୍କବାଦୀ ରାୱୁଲପୋରା ଅଞ୍ଚଳର ଆବିଦ୍ ୱାଗେ ଏବଂ ଆମ୍‌ଶେପୋରାର ଶାହଜାହାନ ମିର୍ ବୋଲି ଜଣାପଡିଛି। ଶୋପିଆନ ଜିଲାର ଗହଣ୍ଡ ଅଞ୍ଚଳରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଶନିବାର ସକାଳେ ସୁରକ୍ଷା ବାହିନୀ ଉକ୍ତ ଅଞ୍ଚଳକୁ ଘେରିଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଆତଙ୍କବାଦୀଙ୍କ ମୃତଦେହ ଓ ଗୁଳିଗୋଳା ଜବତ ହୋଇଛି।

### 'କଂଗ୍ରେସ ଶାସିତ ରାଜ୍ୟ ଦଳକୁ ନିର୍ବାଚନୀ ପାଣ୍ଠି ଯୋଗାଉଛି'



ମୀନାକ୍ଷୀ ଲେଖି

**ନୂଆଦିଲ୍ଲୀ,୧୩।୪(ପି.ଟି.):** କଂଗ୍ରେସ ଶାସିତ ରାଜ୍ୟଗୁଡିକୁ ଦଳ ନିର୍ବାଚନୀ ପାଣ୍ଠି ଲାଗି ଏଟିଏମ୍ ଭାବେ ବ୍ୟବହାର କରୁଥିବା ଭାଜପା ଅଭିଯୋଗ କରିଛି। ଏହି ରାଜ୍ୟଗୁଡିକରୁ କଳାଟଙ୍କା ନିର୍ବାଚନ ପ୍ରଚାରରେ ବ୍ୟୟ ହେଉଥିବା ଭାଜପା ମୁଖପାତ୍ର ମୀନାକ୍ଷୀ ଲେଖି କହିଛନ୍ତି। ନିକଟରେ ହୋଇଥିବା ଚଢ଼ାଉରୁ ତୋଗଲକ ରୋଡ ନିର୍ବାଚନ ଦୁର୍ନୀତି ସ୍ପଷ୍ଟ ହୋଇଛି ବୋଲି ଭାଜପା ମୁଖପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆୟକର ବିଭାଗ ପକ୍ଷରୁ ୫୨ଟି ସ୍ଥାନରେ ଚଢ଼ାଉ କରାଯାଇ ୨୮୧ କୋଟି ଟଙ୍କା ଜବତ ହୋଇଥିଲା। ମଧ୍ୟପ୍ରଦେଶରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ପାଇଁ ରଖାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି।

### ■ ଜାଲିଆନୱାଲାବାଗ୍ ଗଣହତ୍ୟାକୁ ୧୦୦ ବର୍ଷ

# ଦୁଃଖ ପ୍ରକାଶ କଲା ବ୍ରିଟେନ

**ଅମୃତସର,୧୩।୪(ଆଇଏଏନ୍‌ଏସ୍)**

ଜାଲିଆନୱାଲାବାଗ୍ ହତ୍ୟାକାଣ୍ଡର ୧୦୦ତମ ବାର୍ଷିକୀରେ ଶହୀଦ ଜନତାଙ୍କ ଉଦ୍ଦେଶ୍ୟରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍‌କ୍ୱିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପଞ୍ଜାବ ରାଜ୍ୟପାଳ ଭି.ପି. ସିଂ ବଦନୋରଙ୍କ ସହିତ ଉପରାଷ୍ଟ୍ରପତି ଜାତୀୟ ସ୍ମାରକୀ ନିକଟରେ ଛିଡାହୋଇ ନୀରବ ପ୍ରାର୍ଥନା କରିଥିଲେ। ପଞ୍ଜାବ ପୋଲିସ ଏବଂ ବିଏସ୍‌ଏଫ୍ ଯବାନ ମଧ୍ୟ ୧୯୧୯ ଏପ୍ରିଲ ୧୩ରେ ନିହତ ନିରୀହ ଜନତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପରାଷ୍ଟ୍ରପତି ଉକ୍ତ ଦୁଃଖଦାୟକ ଘଟଣାର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିଥିଲେ।




ଜାଲିଆନୱାଲାବାଗ୍ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଉପରାଷ୍ଟ୍ରପତି ଏମ୍ ଭେଙ୍କାୟା ନାଇଡୁଙ୍କ ସହ ଅନ୍ୟ ନେତୃବୃନ୍ଦ।

ପୂର୍ବାହ୍ନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ କ୍ୟାବିନେଟ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁଙ୍କ ସମେତ ଅନେକ ନେତା ଜାତୀୟ ସ୍ମାରକୀ ନିକଟରେ ଉପସ୍ଥିତ ରହି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୦୦ବର୍ଷ ତଳେ 'ବୈଶାଖୀ' ଦିବସରେ ଘଟିଥିବା ଏହି ଦୁଃଖଦାୟକ ଘଟଣାକୁ ସ୍ମରଣ କରିବା ପାଇଁ ବହୁ ସଂଖ୍ୟକ ଲୋକ ସେଠାରେ ସମବେତ ହୋଇଥିଲେ। ଲୋକ ସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନେତାମାନେ ରାଜନୈତିକ ବିବୃତି ଦେବାରୁ ନିବୃତ୍ତ ରହିଥିଲେ।

ସୂଚନାଯୋଗ୍ୟ, ୧୯୧୯ ଏପ୍ରିଲ ୧୩ରେ ଅମୃତସରର ଜାଲିଆନ ୱାଲାବାଗ୍‌ଠାରେ ହଜାର ହଜାର ଲୋକ ସମବେତ ହୋଇ ବ୍ରିଟିଶ ସରକାରଙ୍କ ଦମନମୂଳକ ରାୱଲଟ ଆଇନ ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲାବେଳେ ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟବାହିନୀ ନିରୀହ ଜନତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇବାରୁ ୩୭୯ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ କୁହାଯାଇଥିଲା। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍‌କ୍ୱିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ବ୍ରିଟିଶ ସରକାରଙ୍କ ପକ୍ଷରୁ କ୍ଷମା ମାଗିବା ବିଷୟରେ ନିରବ ରହିଥିଲେ। ପୂର୍ବରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ଉକ୍ତ ଘଟଣା ପାଇଁ କେବଳ ଦୁଃଖ ପ୍ରକାଶ କରିଥିବାରୁ ଏହା ଯଥେଷ୍ଟ ନୁହେଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଥିଲେ। ୧୯୧୯ ଏପ୍ରିଲ ୧୩ ହତ୍ୟାକାଣ୍ଡ ପାଇଁ ସେ ବ୍ରିଟିଶ ସରକାରଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କରିଥିଲେ। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ହେଉଛି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ।

- ■ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ
- ■ ୧୯୧୯ ଏପ୍ରିଲ ୧୩ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସର କଳଙ୍କିତ ଅଧ୍ୟାୟ
- ■ ବ୍ରିଟେନ ସରକାରଙ୍କ କ୍ଷମା ପ୍ରାର୍ଥନା ଦାବି କଲେ ଅମରିନ୍ଦର

### ଡାୟରଙ୍କ ପାଇଁ ୨୬୦୦୦ ପାଉଣ୍ଡ ସଂଗ୍ରହ କରିଥିଲା ବ୍ରିଟିଶ ଖବରକାଗଜ

**ନୂଆଦିଲ୍ଲୀ,୧୩।୪(ପି.ଟି.)**

ଜାଲିଆନୱାଲାବାଗ ଗଣହତ୍ୟା ପାଇଁ ଦାୟୀ ବ୍ରିଟିଶ-ଭାରତୀୟ ସୈନ୍ୟ ବାହିନୀର ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ପାଇଁ ବ୍ରିଟେନର ଏକ ଖବରକାଗଜ 'ମର୍ନିଂ ପୋଷ୍ଟ' ସେତେବେଳେ ୨୬ ହଜାର ପାଉଣ୍ଡ ସଂଗ୍ରହ କରିଥିଲା। ସଦ୍ୟ ପ୍ରକାଶିତ ଏକ ପୁସ୍ତକରୁ ଉପରୋକ୍ତ ତଥ୍ୟ ମିଳିଛି। 'ଜାଲିଆନୱାଲାବାଗ୍' ନାମକ ଉକ୍ତ ପୁସ୍ତକ ଅନୁଯାୟୀ, ୧୯୨୦ ଜୁଲାଇରେ ବ୍ରିଟିଶ କର୍ତ୍ତୃପକ୍ଷ ଡାୟରଙ୍କୁ ତାଙ୍କ ପଦରୁ ବରଖାସ୍ତ କରିଥିଲେ। ଏହାର କିଛି ଦିନ ପରେ ମର୍ନିଂ ପୋଷ୍ଟରେ ' ଦି ମ୍ୟାନ ହୁ ସେଭ୍‌ଡ ଇଣ୍ଡିଆ' ଶୀର୍ଷକରେ ଏକ ଲେଖା ପ୍ରକାଶ ପାଇଥିଲା।



ଉକ୍ତ ଲେଖାକୁ ପଢ଼ି ଇଂଲଣ୍ଡର ହଜାର ହଜାର ଲୋକ ବୁଝିଥିଲେ, ଭାରତରେ ସେମାନଙ୍କ ଦେଶର ଲୋକମାନଙ୍କ ଜୀବନ ଜେନେରାଲ ଡାୟରଙ୍କ କାର୍ଯ୍ୟ ଉପରେ ନିର୍ଭର କରୁଥିଲା, ଯେଉଁଥିପାଇଁ ସେ ଏଭଳି କାର୍ଯ୍ୟ କରିଥିଲେ। ଏଭଳି ଲେଖାରେ ପ୍ରଭାବିତ ହୋଇ ଇଂଲଣ୍ଡର ଲୋକମାନେ ଡାୟରଙ୍କ ପାଇଁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ।

### ■ ଅଯୋଧ୍ୟା ସ୍ଥଳରେ ପୂଜା ଆବେଦନ ଖାରଜ

# ଦେଶକୁ ଶାନ୍ତିରେ ରହିବାକୁ ଦେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୪**



ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦୀୟ ଜମିରେ ଥିବା ୯ଟି ପୁରୁଣା ମନ୍ଦିରରେ ଧର୍ମୀୟ କାର୍ଯ୍ୟ ପାଇଁ ଅନୁମତି ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। 'ଆପଣମାନେ ଦେଶକୁ ଶାନ୍ତିରେ ରହିବାକୁ ଦେବେନି' ବୋଲି ଆବେଦନକାରୀଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ କହିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ପୂର୍ବରୁ ଉକ୍ତ ବିବାଦୀୟ ସ୍ଥଳୀରେ ପୂଜା କରିବାକୁ ଅନୁମତି ଦେଇ ନ ଥିଲେ। ଜାନୁୟାରୀ ୧୦ରେ ଲକ୍ଷ୍ନୌ ବେଞ୍ଚ ଆବେଦନକୁ ଖାରଜ କରିଦେବା ସହ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ। ଉକ୍ତ ରାୟ ବିରୋଧରେ ଆବେଦନକାରୀ ପଣ୍ଡିତ ଅମରନାଥ ମିଶ୍ର ସୁପ୍ରିମକୋର୍ଟକୁ ଯାଇଥିଲେ। ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଉସ୍‌କାଇବା ବନ୍ଦ କର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅଯୋଧ୍ୟା ଜମି ବିବାଦର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟ ନିକଟରେ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏଫ୍.ଏମ୍.ଆଇ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେଶନର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି।



ତାମିଲନାଡୁର ରାମନାଥପୁରମ୍‌ଠାରେ ନିର୍ବାଚନୀ ସଭା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ନେତୃବୃନ୍ଦ ସମ୍ବର୍ଦ୍ଧିତ କରୁଛନ୍ତି।

### ■ ମୋଦିଙ୍କ ଭଳି ଦେଖାଯାଉଥିବା ପ୍ରାର୍ଥୀ ଲଢୁଛନ୍ତି ନିର୍ବାଚନ

# 'ୱାନ୍ ଭୋଟ୍, ୱାନ୍ ନୋଟ୍' ସ୍ଲୋଗାନ ପାଇଁ ନୋଟିସ ଜାରି

**ଲକ୍ଷ୍ନୌ,୧୩।୪(ପି.ଟି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି ଲୋକ ସଭା ନିର୍ବାଚନନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ 'ୱାନ୍ ଭୋଟ, ୱାନ୍ ନୋଟ' ସ୍ଲୋଗାନ ପାଇଁ ଚର୍ଚ୍ଚାରେ ଅଛନ୍ତି। ଉକ୍ତ ସ୍ଲୋଗାନ ଦ୍ୱାରା ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଦର୍ଶାଇ ତାଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚର୍ଚ୍ଚିତ ବ୍ୟକ୍ତି ହେଉଛନ୍ତି ଅଭିନନ୍ଦନ ପାଠକ। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲକ୍ଷ୍ନୌ ଲୋକ ସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବାରାଣସୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅଭିନନ୍ଦନ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ଗଣମାଧ୍ୟମକୁ କହିଥିଲେ, ତାଙ୍କର ସ୍ଲୋଗାନ ହେଉଛି- 'ୱାନ୍ ଭୋଟ୍, ୱାନ୍ ନୋଟ୍'। ଏଥିପାଇଁ ଶୁକ୍ରବାର ସଂଧ୍ୟାରେ ଜିଲା ମାଜିଷ୍ଟ୍ରେଟ୍ କୌଶଲରାଜ ଶର୍ମା ପାଠକଙ୍କ ପାଖକୁ ଏକ ନୋଟିସ ଜାରି କରିଛନ୍ତି। ଭୋଟରଙ୍କୁ ଟଙ୍କାର ଲୋଭ ଦେଖାଇବା ଏହି ସ୍ଲୋଗାନର ଉଦ୍ଦେଶ୍ୟ ଥିବାରୁ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ମାଜିଷ୍ଟ୍ରେଟ୍ ଦର୍ଶାଇଛନ୍ତି।

ମୋଦିଙ୍କ ମୁହଁର ସାଦୃଶ୍ୟ ବହନ କରୁଥିବା ପାଠକଙ୍କ ପୋଷାକ ଏବଂ ଭାଷଣ ଦେବାର ଶୈଳୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଭଳି।



# ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବ 'ନ୍ୟାୟ' : ରାହୁଲ

**ମହୀଶୂର,୧୩।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ଦେଶର ଅର୍ଥନୀତିକୁ ଧ୍ୱଂସ କରିଛି। କଂଗ୍ରେସ ଆଣିଥିବା 'ନ୍ୟାୟ ଯୋଜନା' ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବାରେ ମୁଖ୍ୟ ଭୂମିକା ନେବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି। ମହୀଶୂରଠାରେ ରାହୁଲ କହିଛନ୍ତି, ନୋଟବନ୍ଦୀ ଯୋଗୁ ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ଶିଳ୍ପସଂସ୍ଥା ବନ୍ଦ ହୋଇଛି। ବେରୋଜଗାରୀ ବଢ଼ିଛି। ନ୍ୟାୟ ଦେଶର ଗରିବଙ୍କ ହାତକୁ ଟଙ୍କା ଯୋଗାଇଦେବ। ଟଙ୍କା ପାଇଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବ ଏବଂ ଦେଶର ଅର୍ଥନୀତି ସୁଧୁରିବ। ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କଂଗ୍ରେସ କ୍ଷମତାକୁ ଆସିଲେ ସରକାରୀ ଚାକିରିରେ ରହିଥିବା ୨୨ ଲକ୍ଷ ଖାଲି ପଦବୀକୁ ବର୍ଷକ ମଧ୍ୟରେ ପୂରଣ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ପଞ୍ଚାୟତସ୍ତରରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ନ୍ୟାୟ ଯୋଜନାରେ ଦେଶର ୨୦ ପ୍ରତିଶତ ଅତି ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା ଯୋଗାଇ ଦେବାକୁ ରାହୁଲ ପୂର୍ବରୁ ଘୋଷଣା କରିଥିଲେ। ଏହା ଦାରିଦ୍ର୍ୟ ଉପରେ କଂଗ୍ରେସର ସର୍ଜିକାଲ ଷ୍ଟ୍ରାଇକ୍। ମୋଦି ସରକାର ଦେଶର ଧନୀଙ୍କୁ ଟଙ୍କା ଯୋଗାଇଥିବାବେଳେ କଂଗ୍ରେସ ସବୁଠୁ ଗରିବଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ।



# ଭାଜପାକୁ ବଜରଙ୍ଗବାଲି ଭୋଟ ମିଳିବନି: ମାୟାବତୀ

**ବଦାଉଁ,୧୩।୪(ପି.ଟି.)**

ଲୋକ ସଭା ନିର୍ବାଚନରେ ଭାଜପାକୁ ଅଲି କିମ୍ବା ବଜରଙ୍ଗବାଲି କୌଣସି ଭୋଟ ମିଳିବ ନାହିଁ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଧର୍ମେନ୍ଦ୍ର ଯାଦବଙ୍କ ପାଇଁ ପ୍ରଚାର କରିବାକୁ ଯାଇ ଏକ ମିଳିତ ର୍‍ୟାଲିରେ ମାୟାବତୀ କହିଥିଲେ, ବଜରଙ୍ଗବାଲି ଜାତି ସେ ନୁହେଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୃଷ୍ଟି କରିଛନ୍ତି। ବଜରଙ୍ଗବାଲୀ ବନବାସୀ ଏବଂ ଦଳିତ ବୋଲି ଯୋଗୀ କହିଥିଲେ। ଏଭଳି ତଥ୍ୟ ପାଇଁ ସେ ଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଅଲି ଓ ବଜରଙ୍ଗବାଲି ଭୋଟ ଏଣିକି ତାଙ୍କ ଦଳକୁ ମିଳିବ ବୋଲି ମାୟାବତୀ କହିଛନ୍ତି।

# ବାଲଟପେପର ପୁନଃପ୍ରଚଳନ ଲାଗି ଚନ୍ଦ୍ରାବାବୁଙ୍କ ଦାବି

**ଶ୍ରୀନଗର,୧୩।୪**

ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁରକ୍ଷା ଲାଗି ତୁରନ୍ତ ବାଲଟ ପେପର ପ୍ରଚଳନ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ ନିର୍ବାଚନ କମିଶନ (ଇସି)ଙ୍କୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ସ୍ଥାନରେ ଇଭିଏମ୍ ଅଚଳ ହେବା ପ୍ରସଙ୍ଗକୁ ନେଇ ଚନ୍ଦ୍ରାବାବୁ ଶନିବାର ସକାଳେ ନିର୍ବାଚନ କମିଶନ ଅଧିକାରୀମାନଙ୍କୁ ଭେଟିଥିଲେ। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରିଚାଳନାରେ ଇସିଙ୍କ ସାମ୍ବିଧାନିକ ଦାୟିତ୍ୱକୁ ନେଇ ଗୁରୁତର ସନ୍ଦେହ ସୃଷ୍ଟି ହୋଇଛି। ନିର୍ବାଚନ ପରିଚାଳନା ନିରପେକ୍ଷ ଏବଂ ଲକ୍ଷ୍ୟଭିତ୍ତିକ ହୋଇନାହିଁ। ତେଣୁ ତୁରନ୍ତ ବାଲଟ ପେପର ପ୍ରଚଳନ କରାଯାଉ ବୋଲି ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ପୋଲିସ ବିଭାଗର ଅନୁରୋଧ ସତ୍ତ୍ୱେ ନିର୍ବାଚନ ଲାଗି ଯଥେଷ୍ଟ ସୁରକ୍ଷା ବଳ ଯୋଗାଇ ଦିଆଯାଇ ନ ଥିଲା ବୋଲି ଚନ୍ଦ୍ରାବାବୁ ଅଭିଯୋଗ କହିଛନ୍ତି।



## ଇତିହାସର ଆଇନାରେ

### ଏପ୍ରିଲ ୧୪ର ପ୍ରମୁଖ ଘଟଣା

୧୯୯୯ ଏପ୍ରିଲ ୧୪ରେ ନାଟୋ ଭୁଲକ୍ରମେ ଆଲବାନିଆନ୍ ଶରଣାର୍ଥୀଙ୍କ ଉପରେ ବୋମାମାଡ କରିବାରୁ ୭୫ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଯୁଗୋସ୍ଲାଭିଆ ଅଭିଯୋଗ କରିଥିଲା। ଆଲବାନିଆ ହେଉଛି ଦକ୍ଷିଣ-ପୂର୍ବ ୟୁରୋପର ଏକ ଦେଶ। ଉକ୍ତ ଦେଶର ଉତ୍ତର-ପଶ୍ଚିମରେ ମୋଣ୍ଟେନିଗ୍ରୋ, ଉତ୍ତର-ପୂର୍ବରେ କୋସୋଭୋ, ପୂର୍ବରେ ଉତ୍ତର ମାସିଡୋନିଆ ଏବଂ ଦକ୍ଷିଣରେ ଗ୍ରୀସ୍ ରହିଛି।

୨୦୧୪ ଏପ୍ରିଲ ୧୪ରେ ନାଇଜେରିଆର ଚାଇବକ୍‌ରେ ବୋକୋ ହାରାମ୍ ଇସଲାମିକ୍ ଆତଙ୍କବାଦୀ ଗୋଷ୍ଠୀ ୨୭୬ ସ୍କୁଲଛାତ୍ରୀଙ୍କୁ ଅପହରଣ କରିନେଇଥିଲା। ଚାଇବକ୍ ହେଉଛି ପଶ୍ଚିମ ଆଫ୍ରିକାର ଏକ ଇସ୍‌ଲାମିକ୍ ରାଷ୍ଟ୍ର। ଉତ୍ତର-ପୂର୍ବ ନାଇଜେରିଆରେ ବୋକୋ ହାରାମ୍ ଆତଙ୍କବାଦୀ ଗୋଷ୍ଠୀର ଜନ୍ମ। ଉକ୍ତ ଗୋଷ୍ଠୀ ଚାଦ୍, ନାଇଜର ଏବଂ ଉତ୍ତର କାମେରୁନ୍‌ରେ ମଧ୍ୟ ସକ୍ରିୟ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୧.୦ |
| ଚାନ୍ଦବାଲି | ୩୭.୨ | ୨୦.୫ |
| କଟକ | ୩୮.୬ | ୨୨.୬ |
| ପାରାଦ୍ୱୀପ | ୩୨.୦ | ୨୪.୬ |
| ଭୁବନେଶ୍ୱର | ୩୯.୫ | ୨୪.୮ |
| ଗୋପାଳପୁର | ୩୩.୧ | ୨୫.୮ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୪୨.୭ | ୨୨.୬ |
| ବାରିପଦା | ୩୫.୫ | ୨୦.୨ |
| ଝାରସୁଗୁଡ଼ା | ୪୦.୯ | ୨୫.୬ |
| କେନ୍ଦୁଝର | ୩୮.୦ | ୨୨.୨ |
| ସମ୍ବଲପୁର | ୪୦.୧ | ୨୩.୫ |
| ସୁନ୍ଦରଗଡ଼ | ୪୦.୦ | ୨୦.୦ |
| ହୀରାକୁଦ | ୩୯.୯ | ୨୪.୧ |
| ତାଲଚେର | ୪୩.୧ | ୨୪.୭ |
| ଭବାନୀପାଟଣା | ୪୨.୫ | ୨୫.୦ |
| ବଲାଙ୍ଗୀର | ୪୨.୦ | ୨୪.୫ |
| କୋରାପୁଟ | ୩୭.୦ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୦ | ୨୩.୫ |
| ମାଲକାନଗିରି | ୩୯.୦ | ୧୭.୬ |
| ସୋନପୁର | ୪୦.୮ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ଜେଲ୍‌ରେ ୬୭% ବିଚାରାଧୀନ କଏଦୀ

**ନୂଆଦିଲ୍ଲୀ,୧୩।୪(ପି.ଟି)**

ଦେଶର ୧୪୦୦ ଜେଲ୍‌ରେ ୪.୩୩ ଲକ୍ଷ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୬୭ ପ୍ରତିଶତରୁ ଅଧିକ ବିଚାରାଧୀନ କଏଦୀ ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ପରିସଂଖ୍ୟାନ-୨୦୧୬ରୁ ଜଣାପଡିଛି। ୧୯୪୨ ଶିଶୁ ଜେଲ୍‌ରେ ସେମାନଙ୍କ ମାଆ ସହ ରହୁଛନ୍ତି। ୨୦୧୬ ଡିସେମ୍ବର ୩୧ ସୁଦ୍ଧା ବିଭିନ୍ନ ଜେଲରେ ୪,୩୩,୦୦୩ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଦୋଷୀସାବ୍ୟସ୍ତ ବନ୍ଦୀଙ୍କ ସଂଖ୍ୟା ୧,୩୫,୬୮୩। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨,୯୩,୦୫୮ ହୋଇଥିବାବେଳେ ଅଟକ ବ୍ୟକ୍ତିଙ୍କ ସଂଖ୍ୟା ୩,୦୮୯। ଉତ୍ତରପ୍ରଦେଶ ଜେଲ୍‌ରେ ସର୍ବାଧିକ ଦୋଷୀସାବ୍ୟସ୍ତ ବନ୍ଦୀ ଓ ବିଚାରାଧୀନ କଏଦୀ ଅଛନ୍ତି। ୧୬୪୯ ମହିଳା ବନ୍ଦୀ ସେମାନଙ୍କର ୧୯୪୨ ପିଲାଙ୍କ ସହ ଜେଲରେ ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨୦୧୪ ତୁଳନାରେ ୨୦୧୬ରେ ୩.୬ ପ୍ରତିଶତ ବଢ଼ିଛି। ଜିଲା ଜେଲ୍‌ରେ ସର୍ବାଧିକ ୫୧.୨ ପ୍ରତିଶତ (୧,୫୦,୧୭୨ ଜଣ) ରହୁଥିବାବେଳେ କେନ୍ଦ୍ରୀୟ ଜେଲ୍‌ରେ ୩୪.୯ ପ୍ରତିଶତ (୧,୦୨,୩୮୪ ଜଣ) ଏବଂ ସବ୍‌ଜେଲ୍‌ରେ ୧୧.୩ ପ୍ରତିଶତ (୩୩,୨୬୦ ଜଣ) ରହିଛନ୍ତି। ଉତ୍ତରପ୍ରଦେଶର ଜେଲ୍‌ଗୁଡିକରେ ସର୍ବାଧିକ ବିଚାରାଧୀନ ବନ୍ଦୀ (୬୮,୪୩୨) ରହିଛନ୍ତି। ଏହା ସମୁଦାୟ କଏଦୀଙ୍କ ସଂଖ୍ୟାର ୨୩.୪ ପ୍ରତିଶତ। ଏହା ପଛକୁ ବିହାରରେ ୨୭,୬୫୩ (୯.୫ ପ୍ରତିଶତ) ଏବଂ ଏହା ପଛକୁ ମହାରାଷ୍ଟ୍ରରେ ୨୨,୬୯୩(୭.୭ ପ୍ରତିଶତ) ରହିଥିବା ଏନ୍‌ସିଆରବି ପକ୍ଷରୁ ସୂଚନା ମିଳିଛି। ଏତଦ୍ ଭିନ୍ନ ୪୦୦ ଦୋଷୀ ସାବ୍ୟସ୍ତ ମହିଳା କଏଦୀଙ୍କ ସହିତ ୪୫୯ ଶିଶୁ ରହିଥିବା ବେଳେ ୧୧୯୨ ବିଚାରାଧୀନ ମହିଳା କଏଦୀଙ୍କ ସହିତ ୧୪୦୯ ଶିଶୁ ରହିଛନ୍ତି।



# ମତଦାନ ଆମ ଅଧିକାର












ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ମତଦାନ ବା ଭୋଟଦେବା ଅଧିକାର ଦେଶର ନାଗରିକଙ୍କର ସବୁଠାରୁ ବଡ଼ ଅଧିକାର। ଏହି ଅଧିକାର ଦ୍ୱାରା ଜନତା ନୂଆ ସରକାର ଗଢ଼ିବାର ଶକ୍ତି ରଖୁଥିବା ବେଳେ ସରକାର ଭାଙ୍ଗିବାର ମଧ୍ୟ କ୍ଷମତା ରଖେ। ତେବେ ଦେଶର ଉନ୍ନତି ଏବଂ ପ୍ରଗତି ଲାଗି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟଦେଇ ନିଜର ପ୍ରତିନିଧି ଭାବେ ଚୟନ କରିବା ଏକ ବହୁମୂଲ୍ୟ ଦାୟିତ୍ୱ। ତେଣୁ ଦେଶର ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେବା ଜରୁରୀ। କୌଣସି ସ୍ୱତନ୍ତ୍ର ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜର ବହୁମୂଲ୍ୟ ଭୋଟ ଜଣେ ଦକ୍ଷ ତଥା ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ। କେବଳ ସେତିକି ନୁହେଁ, ଦେଶରେ ଅନୁଷ୍ଠିତ ହେଉଥିବା ନିର୍ବାଚନକୁ ଧନବଳ ରାଜନୀତିଠାରୁ ଦୂରେଇ କିଭଳି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ଅନୁଷ୍ଠିତ କରାଯାଇପାରିବ, ସେଥିପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ। ଏ କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରେ। କାରଣ ଦେଶର ଦୁଇ ତୃତୀୟାଂଶ ଭୋଟର ଯୁବଗୋଷ୍ଠୀ। ତେଣୁ ଏହି ସାଧାରଣ ନିର୍ବାଚନରେ ଯୁବଗୋଷ୍ଠୀଙ୍କର ଭୋଟ ଗେମ୍ ଚେଞ୍ଜର ଭାବେ ପ୍ରତୀୟମାନ ହେବ।


ମାନସ


ସୁଶ୍ରୀ ମଧୁସ୍ମିତା


ସତ୍ୟ ପ୍ରକାଶ


ନୀହାର


ଶ୍ୱେତା

ସମୟ ବଦଳିବା ସହ ଭୋଟ ଦେବାର ପ୍ରଣାଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା, ଲୋକେ ଭୋଟ ବାକ୍ସରେ କାଗଜ ଗଳେଇ ଭୋଟ ଦେଉଥିଲେ। କିନ୍ତୁ ବର୍ତ୍ତମାନ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବସ୍ଥା କରାଯାଇଛି। ଭୋଟରଙ୍କୁ ଯଦି କୌଣସି ପ୍ରାର୍ଥୀ ପସନ୍ଦ ନ ଆସୁଛନ୍ତି, ତେବେ ସେମାନଙ୍କ ପାଇଁ ନୋଟା ବା ନନ୍ ଅଫ୍ ଦ ଏବଭ୍ ଅପ୍ସନ୍‌ର ବି ସୁବିଧା ରହିଛି। କେବଳ ସେତିକି ନୁହେଁ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ସମୃଦ୍ଧିକରଣ ଲାଗି ଚଳିତ ନିର୍ବାଚନରେ ଇଭିଏମ ସହ ପ୍ରଥମ ଥର ଲାଗି ଭିଭିପାଟ ମେସିନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାହା ଆପଣ ଦେଇଥିବା ଭୋଟର ସ୍ୱଚ୍ଛତାର ପ୍ରମାଣ ଦେବ। ତେବେ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ମତଦାନ ଅଧିକାରକୁ ବ୍ୟବହାର କରିବା ଉଚିତ। କାରଣ ଆପଣଙ୍କର ଗୋଟିଏ ଭୋଟ ଦେଶର ଭବିଷ୍ୟତ ବଦଳେଇବାର କ୍ଷମତା ରଖେ। ୨୦୧୯ ସାଧାରଣ ନିର୍ବାଚନ ଉପରେ ଏବେ ସମସ୍ତଙ୍କ ନଜର। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଯାଇଛି। ଆଗାମୀ ପର୍ଯ୍ୟାୟ ମତଦାନକୁ ନେଇ ଭୋଟର ତଥା ପ୍ରାର୍ଥୀମାନଙ୍କ ମଧ୍ୟରେ ନାହିଁ ନଥିବା ଆଗ୍ରହ ଏବଂ ଉତ୍ସାହ ପରିଲକ୍ଷିତ ହେଉଛି। ତେବେ ଏହି ମତଦାନକୁ ନେଇ ଆଜିର ଯୁବଗୋଷ୍ଠୀ କ'ଣ ମତ ରଖନ୍ତି ସେ ସମ୍ପର୍କରେ...

**✲ ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି:** ଏଇଥର ମୁଁ ଦ୍ୱିତୀୟ ଥର ଲାଗି ଭୋଟ ଦେବାକୁ ଯାଉଛି। ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି। ତେବେ ଜଣେ ସଚେତନ ନାଗରିକ ଭାବରେ ମୁଁ ମୋର ଭୋଟ ଦେବା ଅଧିକାରକୁ ପୂର୍ଣ୍ଣ ଭାବେ ଉପଯୋଗ କରିବାକୁ ଚାହେଁ। ଆମ ମତ ସାବ୍ୟସ୍ତ କରିବା ଦ୍ୱାରା ହିଁ ଆମେ ପରିବର୍ତ୍ତନର ଆଶା ରଖିପାରିବା। ଆଜି ସମଗ୍ର ଭାରତବର୍ଷରେ କେବଳ ୬୦ ପ୍ରତିଶତ ମତଦାନ ହେଉଛି, ଯାହା ଆଦୌ ଶୁଭଙ୍କର ନୁହେଁ। ଆମକୁ ମତଦାନ ହାର ବଢ଼େଇବାକୁ ପଡ଼ିବ। ଲୋକମାନଙ୍କ ମଧ୍ୟରେ ଭୋଟ ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ଆଗାମୀ ଦିନରେ ଦେଶ ପାଇଁ ଏକ ଉପଯୁକ୍ତ ପ୍ରତିନିଧି ବାଛି ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିପାରିବା। ତେବେ ମୁଁ ଜଣେ ଏପରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବି, ଯିଏ ଜନତାଙ୍କ ସବୁ ସୁଖଦୁଃଖରେ ସାମିଲ ହୋଇ ପାରୁଥିବେ। ଦେଶ ଗଠନ ତଥା ସମାଜର ଉନ୍ନତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରୁଥିବେ।

**– ସୁଶ୍ରୀ ମଧୁସ୍ମିତା ବେହେରା**
*ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର*

**✲ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେବି:** ଗଣତାନ୍ତ୍ରିକ ରାଷ୍ଟ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବା ଅଧିକାର ଅଛି। ତେଣୁ ଏହି ଅଧିକାରକୁ ଆମେ ସମସ୍ତେ ବୁଝି ବିଚାରି ଦେବା ଉଚିତ। ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା, ଯିଏକି ସମାଜ ତଥା ରାଷ୍ଟ୍ର ପ୍ରତି ଥିବା ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲେଇ ପାରୁଥିବେ। ଜନହିତକର କାର୍ଯ୍ୟରେ ସମର୍ପଣ ଭାବନା ରଖି କାର୍ଯ୍ୟ କରୁଥିବେ। ତେଣୁ ମୁଁ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉଚିତ ପ୍ରାର୍ଥୀଙ୍କୁ ଦେବି। ଏଥର ମୁଁ ତୃତୀୟ ଥର ଲାଗି ଭୋଟ ଦେବି। ମୋର ଭୋଟ ଦେଶହିତ କାର୍ଯ୍ୟରେ ଲାଗୁଥିବା ହେତୁ ମୁଁ ବହୁତ ଖୁସି।

**– ମାନସ ରଞ୍ଜନ ସାହୁ**
*ଘଷିପୁରା, କେନ୍ଦୁଝର*

**✲ କଥାରେ ନୁହେଁ, କାମରେ ବିଶ୍ୱାସ ରଖୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବି:** ଏକ ଅଧ୍ୟୟନରୁ ଜଣାଯାଇଛି ଯେ ମତଦାନ କ୍ଷେତ୍ରରେ ଯୁବ ଭୋଟରଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଉଛି ୧୮ ରୁ ୨୯ ବର୍ଷ ବୟସ୍କ ମଧ୍ୟରେ ଥିବା ଯୁବଗୋଷ୍ଠୀଙ୍କ ରାଜନୀତି ପ୍ରତି ଥିବା ବିମୁଖଭାବ। ଦେଶରେ ସର୍ବାଧିକ ସଂଖ୍ୟକ ଯୁବଭୋଟର ଥିବା ବେଳେ, ରାଜନୀତି ପ୍ରତି ଥିବା ଅନାଗ୍ରହ ସେମାନଙ୍କ ଭୋଟ ଦେବା ଇଚ୍ଛାକୁ ଦମନ କରୁଛି। ତେଣୁ ଏହି ବର୍ଗର ନାଗରିକମାନଙ୍କ ମଧ୍ୟରେ ରାଜନୈତିକ ଘଟଣାବଳୀ ତଥା ମତଦାନ ପ୍ରତି ସଚେତନତା ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ସେମାନଙ୍କୁ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବା ଲାଗି ମଧ୍ୟ ଉତ୍ସାହିତ କରିବା ଆବଶ୍ୟକ। ମୋ ମତରେ ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ, ଯିଏକି କଥାରେ ନୁହେଁ କାମରେ ବିଶ୍ୱାସ କରୁଥିବେ। ଯେଉଁ ବ୍ୟକ୍ତିଙ୍କୁ ଆମେ ୫ ବର୍ଷ ଯାଏଁ ଆମର ପ୍ରତିନିଧି ଭାବେ ଚୟନ କରିବୁ ସେ ଅନ୍ୟ ରାଜନୈତିକ ଦଳଙ୍କ ବିରୋଧରେ ରାଜନୈତିକ ଖେଳ ନ ଖେଳି ବରଂ ଜନତାଙ୍କର ତଥା ସମାଜର ହିତ ସକାଶେ କାର୍ଯ୍ୟ କରୁଥିବେ। ମୁଁ ଏଥର ପ୍ରଥମ ଥର ଲାଗି ଭୋଟ ଦେବାକୁ ଯାଉଥିବାରୁ ବହୁତ ଏକ୍‌ସାଇଟେଡ ଅଛି। ମୋ ଭୋଟ ଜଣେ ଯୋଗ୍ୟ ତଥା ଦକ୍ଷ ପ୍ରାର୍ଥୀଙ୍କୁ ଦେବି।

**– ଶ୍ୱେତା ପ୍ରୀତିଶା ପତି**
*ନୟାପଲ୍ଲୀ, ଭୁବନେଶ୍ୱର*

**✲ ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ:** ଗଣତନ୍ତ୍ରର ଗଣପର୍ବ– ୨୦୧୯ ନିର୍ବାଚନ ସମ୍ଭବତଃ ବିଶ୍ୱର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ହେବାକୁ ଯାଉଛି। ମୋ ମତରେ ବର୍ତ୍ତମାନ ସ୍ଥିତିରେ ଏହି ନିର୍ବାଚନ ଏକ ବାଧ୍ୟବାଧକ ପରିସ୍ଥିତି ସୃଷ୍ଟି କରୁଛି, ଜଣକୁ ଶାସକ ହିସାବରେ ବାଛିବା ପାଇଁ। କାରଣ ପ୍ରାର୍ଥୀ ବାଛିବାରେ ଅପ୍ସନ କମ୍ ରହିଛି। ବାହୁବଳ ଏବଂ ଧନବଳ ଥିବା ଲୋକଙ୍କୁ ପ୍ରାର୍ଥୀ ଭାବେ ଟିକେଟ ମିଳିଛି। ଲୋକଙ୍କ ସେବାର ବାସ୍ତବତା ସହିତ ସେମାନଙ୍କ କୌଣସି ସମ୍ପର୍କ ନାହିଁ ବୋଲି ହୃଦୟଙ୍ଗମ ହେଉଛି। ଯିଏ ପ୍ରକୃତ ଜନସେବକ, ଜନତା ତାଙ୍କୁ ହିଁ ନିଜ ପ୍ରତିନିଧି ଭାବେ ଚାହାଁନ୍ତି। ମୁଁ ମୋ ଭୋଟ ଜଣେ ଦୂରଦୃଷ୍ଟିସମ୍ପନ୍ନ, କର୍ତ୍ତବ୍ୟ ପରାୟଣ ତଥା ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ଦେବାକୁ ଚାହେଁ। ଅପରାଧ ସମ୍ପର୍କ ଥିବା ଛଦ୍ମ ଜନସେବକଙ୍କୁ ସମ୍ପୂର୍ଣ୍ଣ ବହିଷ୍କାର କରିବି। ତେବେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବା ନିଶ୍ଚିତ ଆବଶ୍ୟକ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ଅଙ୍ଗ ହିସାବରେ ଏହା ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ମଧ୍ୟ। ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ।

**– ନୀହାର ରଞ୍ଜନ ବାରିକ,** ଢେଙ୍କାନାଳ

**✲ ମତଦାନ ଦ୍ୱାରା ହିଁ ଯୁବପିଢ଼ି ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ:** ମତଦାନ ଆମର ସାମ୍ବିଧାନିକ ଅଧିକାର। ଦେଶର ନାଗରିକ ଭାବରେ ଉଚିତ ପ୍ରାର୍ଥୀଙ୍କୁ ଚୟନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ନିଜର ମତଦାନ କରି ଆଜିର ଶିକ୍ଷିତ ଯୁବପିଢ଼ି ଦେଶ ଗଠନ ତଥା ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ। ତେଣୁ ଭୋଟ ଦେବା ପୂର୍ବରୁ ମତଦାତାମାନେ ପ୍ରାର୍ଥୀଙ୍କ ବିଷୟରେ ଜାଣିବା ଜରୁରୀ। କୌଣସି ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜ ଭୋଟ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ।

**– ସତ୍ୟ ପ୍ରକାଶ ଦାଶ**
*ଚକେଇସିଆଣି, ଭୁବନେଶ୍ୱର*

**ଉପସ୍ଥାପନା: ଲିପ୍‌ସା ବିଶୋଇ**

## କାନ ପାଇଁ କ୍ଷତିକାରକ ଇଅରଫୋନ୍



ଅଧିକାଂଶ ଯୁବପିଢ଼ିଙ୍କୁ ବିନା ମ୍ୟୁଜିକ୍‌ରେ ନିଦ ହୁଏ ନାହିଁ। ରାତିରେ ଇଅରଫୋନ୍ ଲଗାଇ ଗୀତ ଶୁଣୁ ଶୁଣୁ ନିଦ ଆସିଯାଇଥାଏ। ଅଧିକ ସମୟ ଇଅରଫୋନ୍ କାନରେ ଲଗାଇବା ଦ୍ୱାରା ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଏହାର ଖରାପ ପ୍ରଭାବ ମସ୍ତିଷ୍କ ଏବଂ ନିଦ ଉପରେ ମଧ ପଡ଼ିଥାଏ।

❖ ମ୍ୟୁଜିକ୍ ଶୁଣିବା ଦ୍ୱାରା ଆରାମ ମିଳିଥାଏ ସତ, କିନ୍ତୁ ଏହି ଆର୍ଟିଫିସିଆଲ ସାଉଣ୍ଡ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।

❖ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଇଅରଫୋନ୍ ଲଗାଇ ମ୍ୟୁଜିକ୍ ଶୁଣିବା ଦ୍ୱାରା ନିଦ ପ୍ରଭାବିତ ହୋଇଥାଏ। ମସ୍ତିଷ୍କ ବିଶ୍ରାମ ନ ନେଇ ଆକ୍ଟିଭ ମୋଡ୍‌ରେ ରହିଥାଏ।



❖ ଯଦି ଆପଣଙ୍କ ଇଅରଫୋନ୍ ସାଙ୍ଗସାଥୀଙ୍କୁ ବ୍ୟବହାର କରିବାକୁ ଦେଉଛନ୍ତି ତେବେ ଆପଣଙ୍କ କାନରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ରହିଛି।

❖ ଶରୀରକୁ ଅତିକମ୍‌ରେ ୬ରୁ ୮ଘଣ୍ଟା ବିଶ୍ରାମ ଆବଶ୍ୟକ। ଅଧିକ ସାଉଣ୍ଡରେ ଇଅରଫୋନ୍ ଲଗାଇ ଶୁଣିଲେ ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଆପଣଙ୍କ ହାର୍ଟ ବିଟ୍ ମଧ ନର୍ମାଲ ତୁଳନାରେ ପ୍ରଖର ହୋଇଥାଏ ; ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

❖ ରାତିରେ ଭଲ ନିଦ ହେବା ପାଇଁ ଗୀତ ଶୁଣନ୍ତୁ, କିନ୍ତୁ ଇଅରଫୋନ୍ ଲଗାଇ ଗୀତ ଶୁଣନ୍ତୁ ନାହିଁ। ଆପଣ ଚାହିଁଲେ ନିଦରେ ଶୋଇବା ପୂର୍ବରୁ ଇଅରଫୋନ୍ କାଢ଼ି ଶୋଇପାରିବେ। ଶୋଇବା ପୂର୍ବରୁ କ୍ଷୀର କିମ୍ୱା ପାଣି ପିଅନ୍ତୁ। କିଛି ବହି ପଢ଼ିବା ଦ୍ୱାରା ବି ଭଲ ନିଦ ଆସିବ।

### ଏ ସପ୍ତାହର ପ୍ରଶ୍ନ

୧.କେଉଁ ବୈଜ୍ଞାନିକ ରେଡିୟମ ଉଦ୍ଭାବନ ପାଇଁ ବିଶ୍ୱପ୍ରସିଦ୍ଧ ହୋଇପାରିଥିଲେ ?
୨.କେଉଁ ପାରମ୍ପରିକ ନୃତ୍ୟରେ ଗୁରୁ ଗୋପୀ କ୍ରିଷ୍ଣା ଲୋକପ୍ରିୟ ହୋଇଥିଲେ ?
୩.ଜୁଡେ ଫେଲିକ୍ସ କେଉଁ ଖେଳ ସହ ସମ୍ପୃକ୍ତ ?
୪.ଜ୍ୟାମିତିର ଜନକ ଭାବରେ କାହାକୁ ଅଭିହିତ କରାଯାଏ ?
୫.ଗରମପାନୀ ଅଭୟାରଣ୍ୟ କେଉଁ ରାଜ୍ୟରେ ଅଛି ?

### ଗତ ସପ୍ତାହର ଉତ୍ତର

୧ ଟ୍ରାନ୍ସ-କାନାଡ଼ା ପ୍ରାୟ ୮୦୦୦ କି.ମି.
୨ ଜାମ୍ବିଆ
୩ ଡୁରାଣ୍ଡ ଲାଇନ
୪ ଆଣ୍ଠୁ
୫ ୧୯୬୯

### ଉତ୍ତରଦାତା


ନରେଶ କୁମାର କର
ବାଲିଆପାଳ, ବାଲେଶ୍ୱର


ଗୋପବନ୍ଧୁ କର୍ଣ୍ଣ,
ସୋନପୁର, ଉଲୁଣ୍ଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com




## ସଂକ୍ଷେପରେ

### ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଦେଇଛି ଟିସିଏସ୍




ନୂଆଦିଲ୍ଲୀ,୧୩-୪: ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସ(ଜାନୁଆରୀ-ମାର୍ଚ୍ଚ)ରେ ଏକ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଟଙ୍କା ଦାନ କରିଥିବା ପ୍ରକାଶ କରିଛି। କମ୍ପାନୀ ଏହାକୁ ନିଜ ଆକାଉଣ୍ଟରେ ଅନ୍ୟ ଖର୍ଚ୍ଚ ଭାବେ ଦର୍ଶାଇଛି। ରାଜନୈତିକ ଦାନ ବାବଦରେ ଟିସିଏସ୍ ଅଦ୍ୟାବଧି ସର୍ବାଧିକ ଦାନ ଦେଇଥିବା କୁହାଯାଉଛି। ତେବେ କେଉଁ ପାର୍ଟି ଏହାଦ୍ୱାରା ଉପକୃତ ହେଲେ ତାହା କମ୍ପାନୀ ସ୍ପଷ୍ଟ କରିନାହିଁ। ଉଲ୍ଲେଖ କରାଯାଇପାରେ ଯେ, ଟିସିଏସ୍ ସମେତ ଟାଟା ଗ୍ରୁପ୍‌ର ଏକାଧିକ କମ୍ପାନୀ ଇଲେକ୍ଟୋରାଲ ଟ୍ରଷ୍ଟକୁ ଅର୍ଥ ଦାନ କରିଛନ୍ତି। ଭାରତରେ ଏପରି ଏକାଧିକ ଇଲେକ୍ଟୋରାଲ ଟ୍ରଷ୍ଟ ରହିଛି, ଯିଏକି ରାଜନୈତିକ ଦଳ ଓ କର୍ପୋରେଟ ମଧ୍ୟରେ ମଧ୍ୟସ୍ଥ କାମ କରନ୍ତି।

### ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ

ନୂଆଦିଲ୍ଲୀ,୧୩-୪: ଆର୍ଥିକ ବର୍ଷ ୨୦୧୮-୧୯ରେ ପଡୋଶୀ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇଛି। ଚାଇନାରୁ ଆମଦାନୀ କମିବା କାରଣରୁ ଭାରତ ବାଣିଜ୍ୟ ନିଅଣ୍ଟ ୭୦ ହଜାର କୋଟି ଟଙ୍କାରୁ ହ୍ରାସ ପାଇ ମାତ୍ର ୩.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ କାରଣରୁ ଭାରତକୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ୨୦୧୯ଆର୍ଥିକ ବର୍ଷରେ ଅସ୍ଥାୟୀ ଆକଳନ ଅନୁଯାୟୀ, ଭାରତରୁ ଚାଇନାରୁ ରପ୍ତାନି ୩୧ ପ୍ରତିଶତ ବଢ଼ି ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ସେହିପରି ଏହି ସମୟ ମଧ୍ୟରେ ଆମଦାନୀ ୮% ହ୍ରାସ ପାଇ ୪.୮ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତରୁ ଚାଇନାରୁ ଔଦ୍ୟୋଗିକ କେମିକାଲ୍ସ, ପ୍ଲାଷ୍ଟିକ କଞ୍ଚାମାଲ, କଟନ ୟାର୍ନ ରପ୍ତାନି ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ ପାଇବାରେ ସଫଳତା ମିଳିଛି।

### ସୁଧ ହାର ହ୍ରାସ କଲା ଆଇଡିବିଆଇ ବ୍ୟାଙ୍କ

IDBI BANK

ନୂଆଦିଲ୍ଲୀ,୧୩-୪
ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ୫ ବେସିସ ପଏଣ୍ଟ ସୁଧ ହାର ହ୍ରାସ କରିଥିବା ବେଳେ ଏହା ଶୁକ୍ରବାରଠାରୁ ଲାଗୁ ହୋଇଛି। ଏହି ନୂଆ ପଦକ୍ଷେପ ସହ ବ୍ୟାଙ୍କର ବାର୍ଷିକ ସୁଧ ହାର ୯%କୁ ହ୍ରାସ ଘଟିଛି। ୨୪ ଘଣ୍ଟା ଜମା ରାଶି ଉପରେ ସୁଧ ହାର ୭.୯୫ରୁ ୭.୯୦%କୁ ଖସିଛି। ସେହିପରି ଏକ ମାସ ଜମା ରାଶି ଉପରେ ସୁଧ ହାର ୮.୨୫%ରୁ ୮.୧୫, ୩ ମାସିଆ ଜମା ଉପରେ ୮.୬୫ରୁ ୮.୬୦% ହୋଇଛି। ଏହା ବାଦ ଦୁଇ ବର୍ଷିଆ ଏବଂ ୩ ବର୍ଷିଆ ଜମା ଉପରେ ପୂର୍ବରୁ ସୁଧ ହାର ୯.୩୦% ଥିବା ବେଳେ ଏହା ଯଥାକ୍ରମେ ୯.୨୫% ଏବଂ ୯.୩୦% ହୋଇଛି।

---

> ସୋର୍ ସୁଭେନ ଫାର୍ମା ଇଙ୍କ ମାଧ୍ୟମରେ ଆମେରିକାର ରାଇଜିଂ ଫାର୍ମାସ୍ୟୁଟିକାଲ୍‌ସକୁ ସୁଭେନ ଲାଇଫ ସାଇନ୍ସେସ କିଣିପାରିଛି। ଏହାଦ୍ୱାରା ଗ୍ରାହକଙ୍କୁ ଔଷଧ ଯୋଗାଣ ଅଧିକ ସହଜ ହେବା
> –ଭେଙ୍କଟ ଜଷ୍ଟି, ସିଇଓ, ସୁଭେନ ଲାଇଫ ସାଇନ୍ସେସ



> ଡକ୍ଟର ରେଡ୍ଡୀ ପକ୍ଷରୁ ନୂଆ ଡ୍ରଗ୍ସ ଆପ୍ଲିକେଶନ ଅଧିଗ୍ରହଣ କରାଯାଇଛି। ଆଗକୁ ମଧ୍ୟ ଆହୁରି ଅଧିଗ୍ରହଣ କରାଯିବ।
> –ଇରେଜ ଇସ୍ରାଏଲି, ସିଇଓ, ଡକ୍ଟର ରେଡ୍ଡୀସ ଲ୍ୟାବରେଟୋରୀ



---

■ଜିଡିପି ଡାଟାକୁ ନେଇ ସନ୍ଦେହ

# ରାଜନଙ୍କ ସହ ସ୍ୱର ମିଳାଇଲେ ଗୀତା ଗୋପୀନାଥ

ନୂଆଦିଲ୍ଲୀ,୧୩-୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ପରେ ଦେଶବିଦେଶର ୧୦୮ ଅର୍ଥନୀତିଜ୍ଞ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ସଂଶୋଧିତ ଜିଡିପି ତଥ୍ୟ ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ। ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ମଧ୍ୟ ରାଜନଙ୍କ ସହ ସ୍ୱର ମିଳାଇଛନ୍ତି। ଭାରତ ପକ୍ଷରୁ ଜିଡିପି ଆକଳନରେ ବ୍ୟବହୃତ ଉପାୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଗୀତାଙ୍କ ପ୍ରଶ୍ନବାଚୀ ଏବେ ସରକାରଙ୍କ ପାଇଁ ଏକ ଶକ୍ତ ଝଟକା ସଦୃଶ କୁହାଯାଉଛି। କାରଣ ସଂଶୋଧିତ ଜିଡିପି ଡାଟାକୁ ସରକାରୀ କଳ କ୍ରମାଗତ ଭାବେ ସମର୍ଥନ କରିଆସୁଛି। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମ୍‌ଏଫ ଭଳି ସମସ୍ତ ଅନ୍ତର୍ଜାତୀୟ ଏଜେନ୍ସି ଭାରତର ଜିଡିପି ଡାଟାକୁ ସମର୍ଥନ କରୁଛନ୍ତି ବୋଲି ସରକାରଙ୍କ ପ୍ରମୁଖ ଅଧିକାରୀମାନେ ଯୁକ୍ତି ଦର୍ଶାଉଛନ୍ତି। ଗୋପୀନାଥ କହିଛନ୍ତି ଯେ, ସଂଶୋଧିତ ଜିଡିପି ଗଣନାପ୍ରଣାଳୀରେ ରହିଥିବା ତ୍ରୁଟିକୁ ସୁଧାରିବାର ଆବଶ୍ୟକତା ରହିଛି। ତେବେ ସେ ରାଜନଙ୍କ ଭଳି ଜିଡିପି ସଂଖ୍ୟାକୁ ନେଇ ପ୍ରଶ୍ନ ଉଠାଇନାହାନ୍ତି। କେରଳ ସରକାରଙ୍କ ପୂର୍ବତନ ପରାମର୍ଶଦାତା କହିଛନ୍ତି ଯେ, ପ୍ରକୃତ ଜିଡିପି ଆକଳନ ଲାଗି ଯେଉଁ ପ୍ରଣାଳୀ ଆପଣାଯାଇଥିଲା, ସେଥିରେ ରହିଥିବା ତ୍ରୁଟିର ସମାଧାନ ଜରୁରୀ। ରାଜନ, ଗୋପୀନାଥଙ୍କ ସହ ଏକାଧିକ ଅର୍ଥନୀତିଜ୍ଞ ରାଜନୈତିକ ଦଳଗୁଡ଼ିକ ପାଇଁ ଅର୍ଥନୈତିକ ଏଜେଣ୍ଡା ଘୋଷଣା କରିଥିବା ବେଳେ ଜିଡିପି ସଂଖ୍ୟା ନେଇ ଆଲୋଚନା କରିବା ଉପରେ ଜୋର୍ ଦେଇଛନ୍ତି। ଏକ ଟିଭି ଚ୍ୟାନେଲ ସହ ସାକ୍ଷାତକାର ବେଳେ ସେ କହିଛନ୍ତି ଯେ, ୨୦୧୯ ଓ ୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ସମ୍ଭବ ହେଲେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଦେଶ ହେବ ବୋଲି କୁହାଯାଉଛି। ଏହି ଦୃଷ୍ଟିରୁ ଭାରତର ପରିସଂଖ୍ୟାନରେ ଅଧିକ ସ୍ୱଚ୍ଛତା ଆସୁଛି। କାରଣ ସମସ୍ତେ ଭାରତ ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ରାଜନ ନୂଆ ଗଣନା ପ୍ରଣାଳୀକୁ ନେଇ ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍‌କୁ ପ୍ରଶଂସା କରିଥିବା ବେଳେ ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାରତର ଜିଡିପିକୁ ଅଧିକ ଭାବେ ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି।


ଗୀତା ଗୋପୀନାଥ।

> ■ଜିଡିପି ଡାଟା ଗଣନା ପ୍ରଣାଳୀରେ ଥିବା ତ୍ରୁଟି ସୁଧାରିବାକୁ ହେବ
> ■ସରକାର ସଂଶୋଧିତ ଡାଟାକୁ ସମର୍ଥନ କରୁଛନ୍ତି
> ■୨୦୧୯,୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ

# ନୂଆ ମଡେଲ ଦ୍ୱାରା ସ୍ଥିତି ଦୃଢ଼ କଲା ହିରୋ ମୋଟୋକର୍ପ

ନୂଆଦିଲ୍ଲୀ,୧୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ନୂଆ ମଡେଲର ଉନ୍ମୋଚନ ସହ ଘରୋଇ ବଜାରରେ ଏହାର ବିକ୍ରି ସ୍ଥିତିକୁ ଆହୁରି ଦୃଢ଼ କରିଛି। କମ୍ପାନୀ ପ୍ରିମିୟମ ମୋଟର ସାଇକେଲ ବର୍ଗରେ ନୂଆ 'ଏକ୍ସଟ୍ରିମ ୨୦୦ ଆର୍' ଏବଂ ୧୨୫ ସିସି ସ୍କୁଟର ବର୍ଗରେ 'ଡେଷ୍ଟିନି ୧୨୫' ମଡେଲ ବଜାରକୁ ଆଣିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ଦେଶ ମଧ୍ୟରେ ୭୮.୨୦ ଲକ୍ଷ ୟୁନିଟ ଏବଂ ୨୦୧୭-୧୮ରେ ୭୫.୮୭ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଲଗାତର ଭାବେ ଏହାର ବିକ୍ରିକୁ ବଢାଇବାରେ ସକ୍ଷମ ହୋଇଥିବା କମ୍ପାନି ସୂଚନା ଦେଇଛି। ଅପରପକ୍ଷରେ ହୋଣ୍ଡାମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଯଥାକ୍ରମେ ୬୧.୨୩ ଲକ୍ଷ ଓ ୫୯ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହି ଦୁଇ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ହୋଣ୍ଡା ତୁଳନାରେ ଯଥାକ୍ରମେ ୧୪.୬୩ ଲକ୍ଷ ଏବଂ ୧୯.୧୯ ଲକ୍ଷ ଅଧିକ ୟୁନିଟ ଯାନ ବିକ୍ରି କରିଥିବା କହିଛି।

୨୦୨୦ ସୁଦ୍ଧା ହିରୋ ମୋଟୋକର୍ପକୁ ଟପି ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହେବା ନେଇ ପୂର୍ବରୁ ହୋଣ୍ଡା ଘୋଷଣା କରିଥିଲେ ମଧ୍ୟ ୨୦୧୮-୧୯ର ଦ୍ୱିତୀୟାର୍ଦ୍ଧରେ ପ୍ରଭାବିତ ବଜାର ସ୍ଥିତି ଯୋଗୁ ବିକ୍ରି କମିଥିବା ପ୍ରକାଶ କରିଛି।



> ୨୦୧୮-୧୯ରେ ବିକିଲା ୭୮.୨୦ ଲକ୍ଷ ୟୁନିଟ ଯାନ

# ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ସିଇଓ ଗିରଫ

ମୁମ୍ବାଇ,୧୩-୪

ଆର୍ଥିକ ପରିଚାଳନାରେ ତ୍ରୁଟି ତଥା ଅନିୟମିତତା ଯୋଗୁ ଋଣରେ ବୁଡ଼ି ଯାଇଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଆଉ ଜଣେ ପୂର୍ବତନ ବଡ଼ ଅଧିକାରୀ ଗିରଫ ହୋଇଛନ୍ତି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ (ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସର ପୂର୍ବତନ ଏମ୍‌ଡି ତଥା ସିଇଓ ରମେଶ ବାୱାଙ୍କୁ ଗିରଫ କରିଛି। ତାଙ୍କୁ ଗତ ରାତିରେ ଦିଲ୍ଲୀରୁ ଗିରଫ କରାଯାଇଛି। ଏଥିପୂର୍ବରୁ ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ବର୍ତ୍ତମାନ ମୁମ୍ବାଇର ବାୟକୁଲା ଜେଲ୍‌ରେ ରଖାଯାଇଛି। ଅନ୍ୟପକ୍ଷରେ ତାଙ୍କୁ ଗିରଫ ନ କରିବା ଲାଗି ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିବା ପରେ ବାୱାଙ୍କୁ କମ୍ପାନୀ ଆଇନର ଧାରା ୪୪୭ ଅଧୀନରେ ଗିରଫ କରାଯାଇଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୋର୍ଡ କହିଥିଲେ ଯେ, କମ୍ପାନୀ ନିକଟରେ ମୋଟ ୧୮,୮୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି, ଯେଉଁଥିରୁ ୧୦.୭୦୦ କୋଟି ଟଙ୍କା ବହିଃ ଏଜେନ୍ସିର ବୋଲି ଜଣାପଡିଛି। ଏହି ମାମଲାରେ ଏସ୍‌ଏଫ୍‌ଆଇଓ ବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ଯାଞ୍ଚ କରୁଛି। ଫେବୃୟାରୀରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ରେଳ ଲିମିଟେଡ, ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ଲିମିଟେଡ, ରବି ପାର୍ଥସାରଥି, ପୂର୍ବତନ ଅଧ୍ୟକ୍ଷ ଏବଂ ମ୍ୟାନେଜିଂ ଡାଇରେକ୍ଟରଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦାଏର କରାଯାଇଥିଲା। ଏସ୍‌ଏଫ୍‌ଆଇଓ ପକ୍ଷରୁ କୁହାଯାଇଛି ଯେ, ବାୱା ନିଜ କ୍ଷମତାର ଅପବ୍ୟବହାର କରି ଏଭଳି କମ୍ପାନୀଙ୍କୁ ଋଣ ଦେଇଥିଲେ ଯେଉଁମାନେ ଆଦୌ ଭରସାଯୋଗ୍ୟ ନ ଥିଲେ। ପରେ ଏହି ଋଣକୁ ଏନ୍‌ପିଏ ଘୋଷଣା କରାଯାଇଥିଲା।


ରମେଶ ବାୱା।

# ୩ ଦିନ ଆଲ୍ଲାହାବାଦ ଦେଇ ଯିବ ନୀଳାଚଳ ଏକ୍ସପ୍ରେସ



ଭୁବନେଶ୍ୱର,୧୩-୪

ବାରାଣସୀ ଏବଂ ଲକ୍ଷ୍ନୌ ମାର୍ଗ ପରିବର୍ତ୍ତେ ତିନି ଦିନ ଲାଗି ନୀଳାଚଳ ଏକ୍ସପ୍ରେସ ଆଲ୍ଲାହାବାଦ ମାର୍ଗ ଦେଇ ଯାତ୍ରା କରିବ। ଉତ୍ତର ରେଳପଥ ଲକ୍ଷ୍ନୌ ରେଳ ମଣ୍ଡଳର ଲକ୍ଷ୍ନୌ-ରାଏବରେଲୀ ରେଳ ସେକ୍ସନରେ ଦୋହରୀକରଣ ତଥା ଆଧୁନିକୀକରଣ କାର୍ଯ୍ୟ ଲାଗି କେତେକ ଟ୍ରେନକୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନର ମାର୍ଗକୁ ଅସ୍ଥାୟୀ ଭାବେ ପରିବର୍ତ୍ତନ କରାଯାଇଛି। ଏଥି ଲାଗି ପୁରୀରୁ ଛାଡୁଥିବା ନୀଳାଚଳ ଏକ୍ସପ୍ରେସ ତିନି ଦିନ ଲାଗି ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ପୁରୀ-ଆନନ୍ଦ ବିହାର ନୂଆଦିଲ୍ଲୀ ପୁରୀ ନୀଳାଚଳ ଏକ୍ସପ୍ରେସ ପୁରୀଠାରୁ ଚଳିତ ମାସ ୧୬,୧୯ ଏବଂ ୨୧ ତାରିଖରେ ଏବଂ ଆନନ୍ଦ ବିହାରଠାରୁ ଚଳିତ ମାସ ୧୯,୨୧ ଏବଂ ୨୩ ତାରିଖ ଦିନ ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ। ଏହା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ-ଆଲ୍ଲାହାବାଦ-କାନପୁର ଷ୍ଟେଶନ ମାର୍ଗରେ ଯାତ୍ରା କରିବ। ଏହି ସମୟରେ ନୀଳାଚଳ ଏକ୍ସପ୍ରେସ କାଶୀ, ବାରାଣସୀ, ଭାଦୋହୀ, ପ୍ରତାପଗଡ ଏବଂ ଲକ୍ଷ୍ନୌ ଭଳି ଷ୍ଟେଶନ ଦେଇ ଯାତ୍ରା କରିବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଏସ୍‌ପ୍ଲାନେଡ ୱାନର 'ଟିକେଟ ଟୁ ହାପିନେସ୍'

ଭୁବନେଶ୍ୱର,୧୩-୪

ଏସ୍‌ପ୍ଲାନେଡ ୱାନ ମଲ୍ ପକ୍ଷରୁ ଓଡ଼ିଶାରେ ପ୍ରଥମଥର ପାଇଁ 'ଟିକେଟ ଟୁ ହାପିନେସ୍' ପଦକ୍ଷେପ ଗ୍ରହଣ କରାଯାଇଛି। ଇଂଲଣ୍ଡରେ ହେବାକୁ ଥିବା କ୍ରିକେଟ ଦେଖିବାକୁ ଏଥିରେ ଗ୍ରାହକ ସୁବିଧା ପାଇପାରିବେ। ମେ ୩୦ରୁ ଜୁଲାଇ ୧୪ ଯାଏ ହେବାକୁ ଥିବା ଏହି କ୍ରିକେଟ ମ୍ୟାଚରେ ନିଜ ପ୍ରିୟ ଟିମର ଖେଳ ଦେଖିବାକୁ ଗ୍ରାହକ ସୁଯୋଗ ଲାଭ କରିପାରିବେ। ଏହି ମଲ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ସାମଗ୍ରୀ ଉପଲବ୍ଧ ରହିଛି। ଏଠାରୁ ମାତ୍ର ୨୫୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ରରେ ଭାଗ ନେବାକୁ ସୁଯୋଗ ମିଳିବ। ଲକି ଡ୍ରର ଭାଗ୍ୟଶାଳୀ ବିଜେତାଙ୍କୁ କ୍ରିକେଟ ୱାର୍ଲ୍ଡ କପ୍ ୨୦୧୯ ଦେଖିବାକୁ ସୁଯୋଗ ମିଳିବ। ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଦମ୍ପତି ଇଂଲଣ୍ଡ ଟ୍ରିପର ଖର୍ଚ୍ଚ ମାଗଣାରେ ପାଇପାରିବେ। ମେ ମାସ ୧୯ ଯାଏ ଉପଲବ୍ଧ ହେବାକୁ ଥିବା ଏହି ଅଫରରେ ସାପ୍ତାହିକ ଗିଫ୍ଟ ଜିତିବା ସୁବିଧା ମଧ୍ୟ କରାଯାଇଛି। ପ୍ରତି ସପ୍ତାହରେ ଲକି ୱିନରଙ୍କ ନାମ ଘୋଷଣା କରାଯିବ। ଗ୍ରାହକଙ୍କୁ ଏକ ଭିନ୍ନ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏସ୍‌ପ୍ଲାନେଡ ୱାନ ମଲ୍‌ର ସେଣ୍ଟର ହେଡ ପାର୍ଥ ପ୍ରତୀମ ନାୟକ ସୂଚନା ଦେଇଛନ୍ତି।

> ଭାଗ୍ୟଶାଳୀ ବିଜେତାଙ୍କୁ କ୍ରିକେଟ ୱାର୍ଲ୍ଡ କପ୍ ଦେଖିବାର ସୁଯୋଗ

# ମହଙ୍ଗା ପଡ଼ିବ ଭାରତଠାରୁ ଜିଏସ୍‌ପି ପ୍ରତ୍ୟାହାର

ୱାଶିଂଟନ,୧୩-୪

ସାମାନ୍ୟ ପ୍ରାଥମିକତା ବ୍ୟବସ୍ଥା(ଜିଏସ୍‌ପି) ଅଧୀନରେ ଭାରତକୁ ମିଳୁଥିବା ଲାଭ ରଦ୍ଦ କରିବା ନେଇ ଆମେରିକାର ଟ୍ରମ୍ପ ପ୍ରଶାସନ ନେବାକୁ ଯାଉଥିବା ନିଷ୍ପତ୍ତି ଟାଳିବାକୁ ଦୁଇ ଜଣ ସିନେଟର ଅନୁରୋଧ କରିଛନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଭାରତରୁ ଆମଦାନୀ ହେଉଥିବା ୫.୬ ବିଲିୟନ ଡଲାର ଶୁଳ୍କ ମୁକ୍ତ ସାମଗ୍ରୀ ରଦ୍ଦ କରାଗଲେ ଭାରତ ଅପେକ୍ଷା ଆମେରିକାର ଅଧିକ କ୍ଷତି ହେବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ବହୁ ପୁରୁଣା ଏହି ଜିଏସ୍‌ପି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଚାହୁଁଛନ୍ତି। ଭାରତଠାରୁ ଏହି ମାନ୍ୟତା ପ୍ରତ୍ୟାହାର କରାଗଲେ ଆସନ୍ତା ମେ'ରୁ ଭାରତ ବିନା ଶୁଳ୍କରେ ଆମେରିକାକୁ ଆଉ କୌଣସି ସାମଗ୍ରୀ ରପ୍ତାନି କରିପାରିବ ନାହିଁ। ଭାରତୀୟ ଅଧିକାରୀମାନେ ଏହାର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିବା ସିନେଟରମାନେ ଉଲ୍ଲେଖ କରିଛନ୍ତି। ରିପବ୍ଲିକାନ ପାର୍ଟି ସିନେଟର ଜନ୍ କରନିନ୍ ଏବଂ ଡେମୋକ୍ରାଟିକ ପାର୍ଟି ସିନେଟର ମାର୍କ ୱାର୍ନର ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥିଜେରଙ୍କୁ ପତ୍ର ଲେଖି କହିଛନ୍ତି ଯେ, ବଜାରକୁ ନେଇ ଅନେକ ପ୍ରସଙ୍ଗ ରହିଥିବା ନେଇ ସହମତି ରହିଛି। ଏହା ଉପରେ ଧ୍ୟାନ ଦେବାକୁ ପଡିବ। ଭାରତୀୟ ସାମଗ୍ରୀଗୁଡ଼ିକରୁ ଶୁଳ୍କ ଛାଡ଼ ପ୍ରତ୍ୟାହାର କରାଯିବା ଦ୍ୱାରା ଆମେରିକାରେ ଏଗୁଡ଼ିକର ମୂଲ୍ୟ ବଢ଼ିଯିବ। ଏହାର ପ୍ରଭାବ ଆମେରିକାବାସୀଙ୍କ ଉପରେ ପଡ଼ିବ। ଏହାଛଡ଼ା ଭାରତ ଓ ଆମେରିକା ମଧ୍ୟରେ ଏବେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଏଭଳି ଏକ ସମୟରେ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ତରବରିଆ ହେବ। ଭାରତରେ ମେ ୨୩ ଯାଏ ନିର୍ବାଚନ ପ୍ରକ୍ରିୟା ଚାଲିବ। ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭାରତୀୟ ସମକକ୍ଷଙ୍କ ପାଇଁ କଷ୍ଟକର ହେବ ସେମାନେ ଉଲ୍ଲେଖ କରିଛନ୍ତି।



# ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ସତର୍କତା ଅଧିକାରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୧୩-୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ ପର୍ଶୁରାମ ପଣ୍ଡା ବ୍ୟାଙ୍କରେ ନିଜର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ଲାଗି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୯୮୮ରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ ବେଲଜିୟମରେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କର ଏହି ଦୁଇ ଦିନିଆ ଗସ୍ତ ସମୟରେ ବ୍ୟାଙ୍କର ବିଭିନ୍ନ ଅଧିକାରୀଙ୍କ ସହ ଭେଟିବା ସହ ସତର୍କତା ଦିଗରେ ବିଭିନ୍ନ ଆଲୋଚନା କରିବେ । ସେ ଶାଖା ମୁଖ୍ୟଙ୍କୁ ଉଦ୍‌ବୋଧନ ଦେବେ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ରହିଛି।


ପର୍ଶୁରାମ ପଣ୍ଡା।

# 'ପରମ୍ପରାରୁ ହଟି ଭାବିବାକୁ ହେବ'

ୱାଶିଂଟନ ଡିସି,୧୩-୪

ବିକାଶଶୀଳ ବଜାରରେ ମୁଦ୍ରା ଅର୍ଥଶାସ୍ତ୍ର ଉପରେ ନୂଆ ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ବିଶ୍ୱରେ ଦେଖା ଦେଇଥିବା ଋଣ ସଙ୍କଟ ଯୋଗୁ ପାରମ୍ପରିକ ଓ ଅଣପାରମ୍ପରିକ ମୁଦ୍ରାନୀତିରେ ରହିଥିବା ତ୍ରୁଟି ସାମ୍ନାକୁ ଆସିଥିବାରୁ ବିଶେଷ କରି ବିକାଶଶୀଳ ଦେଶ ସମ୍ବନ୍ଧରେ ଏହା ଉପରେ ପୁନର୍ବିଚାର କରାଯିବା ଜରୁରୀ ବୋଲି ସେ କହିଛନ୍ତି। ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ଗ୍ରୀଷ୍ମକାଳୀନ ବୈଠକରେ ଯୋଗ ଦେବା ଅବସରରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଦାସଙ୍କ କହିବା ଅନୁସାରେ ଆଧୁନିକ କେନ୍ଦ୍ରୀୟ ବ୍ୟାଙ୍କର ନୀତିଗତ ସୁଧ ହାର(ରେପୋ ରେଟ୍) ୦.୨୫ ପ୍ରତିଶତ ହ୍ରାସ ଅଥବା ବୃଦ୍ଧି କରିବାକୁ ନେଇ ପରମ୍ପରାଗତ ଚିନ୍ତାଧାରାରେ ପରିବର୍ତ୍ତନ କରିବାକୁ ହେବ। ସେ ଏକବିଂଶ ଶତାବ୍ଦୀରେ ମୁଦ୍ରା ନୀତି ସହ ଜଡ଼ିତ ଚିନ୍ତାକୁ ଦୂର କରିବା ପାଇଁ ସ୍ୱତନ୍ତ୍ର ଚିନ୍ତାଧାରା ଆପଣାଇବା ଉପରେ ଜୋର୍ ଦେଇଛନ୍ତି। ଆର୍‌ବିଆଇ ଗଭର୍ନର କହିଛନ୍ତି ଯେ, ବିକଶିତ ଦେଶର ଅଣପରମ୍ପରାଗତ ମୁଦ୍ରା ନୀତି ଅନ୍ୟ ଦେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି,ଯାହା କି ବିକାଶଶୀଳ ବଜାର ଲାଗି ବିପଦ ସ୍ଥିତି ସୃଷ୍ଟି କରିଛି। ସେମାନେ ପ୍ରଭାବିତ ହେଉଛନ୍ତି। ସେ କହିଛନ୍ତି ଯେ, ଭାରତର ଅର୍ଥନୀତି ଅଭିବୃଦ୍ଧି ହାର ୭.୫% ରହିବା ପ୍ରଭାବଶାଳୀ ହୋଇଛି। ତେବେ ଭାରତ ଆହୁରି ଭଲ ପ୍ରଦର୍ଶନ କରିପାରିବ ବୋଲି ସମସ୍ତଙ୍କର ଆଶା ରହିଛି। ଜମି ଏବଂ ଶ୍ରମ କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇଁ ପୁଣି ଖସିଲେ ଭାରତର ଅର୍ଥନୀତି ଏହାଦ୍ୱାରା ସାମାନ୍ୟ ପ୍ରଭାବିତ ହେବ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଦର ବଢ଼ିଲେ ଏଥିଯୋଗୁ ଭାରତର ଅର୍ଥନୀତି ଅଭିବୃଦ୍ଧି ଏବଂ ଚଳନ୍ତି ଜମା ନିଅଣ୍ଟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।



> ଅର୍ଥନୀତିକୁ ନେଇ ମତ ରଖିଲେ ଶକ୍ତିକାନ୍ତ

# ନୂଆ ରଙ୍ଗରେ ଟିଭିଏସ୍ ସ୍କୁଟି ପେପ୍ ପ୍ଲସ

ନୂଆଦିଲ୍ଲୀ,୧୩-୪

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ବ୍ରାଣ୍ଡ ସ୍କୁଟି ପେପ୍ ପ୍ଲସ ୨ଟି ନୂଆ ରଙ୍ଗରେ ବଜାରକୁ ଆସିଛି। ଇତିମଧ୍ୟରେ କମ୍ପାନୀ ଏହାର ସ୍କୁଟି ମଡେଲର ୨୫ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ରିଭାଇଜିଙ୍ଗ ରେଡ୍ ଏବଂ ଗ୍ଲିଟରିଂ ଗୋଲ୍ଡ ରଙ୍ଗର ମଡେଲ ବଜାରକୁ ଆସିଛି। ପ୍ରଡକ୍ଟର ଗୁଣାତ୍ମକ ମାନ, ଆମୋଦଦାୟକ ଅନୁଭୂତି ସହ ଗତ ୨୫ ବର୍ଷ ଧରି ଏହା ଯୁବା ଭାରତୀୟଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହୋଇ ପାରିଛି ବୋଲି କମ୍ପାନୀ ପ୍ରକାଶ କରିଛି। ବର୍ତ୍ତମାନ ସୁଦ୍ଧା ସ୍କୁଟି ପେପ୍ ପ୍ଲସର ୪.୫ ନିୟୁତରୁ ଅଧିକ ଗ୍ରାହକ ରହିଥିବା କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି।

# ଓଭରଟାଇମ କଲ୍‌ଚରକୁ ଜ୍ୟାକ୍ ମାଙ୍କ ସମର୍ଥନ

ବେଜିଂ,୧୩-୪

କର୍ମଚାରୀଙ୍କ କ୍ଷମତା ଏବଂ ଦକ୍ଷତାକୁ ରଚନାତ୍ମକ କରିବା ଉଦ୍ଦେଶ୍ୟରେ ସପ୍ତାହରେ ୪ ଦିନ ଏବଂ ଅପେକ୍ଷାକୃତ କମ୍ ଘଣ୍ଟା କାମ କରିବା ଉପରେ କମ୍ପାନୀମାନେ ଏବେ ବିଚାର କରୁଥିବା ବେଳେ ବିଶ୍ୱରେ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ପରିଚିତ ଆଲିବାବା ପ୍ରତିଷ୍ଠାତା ଜ୍ୟାକ୍ ମା 'ଓଭରଟାଇମ କଲ୍‌ଚର'କୁ ସମର୍ଥନ କରୁଛନ୍ତି। ଆଲିବାବା ସିଇଓ ମା ନିଜ କର୍ମଚାରୀଙ୍କୁ ସକାଳ ୯ରୁ ରାତି ୯ ଯାଏ ଏପରି ୧୨ ଘଣ୍ଟା ଏବଂ ସପ୍ତାହରେ ୬ ଦିନ କାମ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କମ୍ପାନୀର ଆଭ୍ୟନ୍ତରୀଣ ବୈଠକରେ ଯୋଗ ଦେଇ ଜ୍ୟାକ୍ କହିଛନ୍ତି ଯେ, ଅଫିସରେ ୮ଘଣ୍ଟା ବିତାଉଥିବା କର୍ମଚାରୀଙ୍କୁ ସେ ଚାହୁଁନାହାନ୍ତି। ଚାଇନାର ସବୁଠାରୁ ଧନୀ ବ୍ୟକ୍ତି କହିଛନ୍ତି ଯେ, ସେ '୯୯୬ ୱାର୍କ କଲ୍‌ଚର'କୁ ବିଶ୍ୱାସ କରୁଛନ୍ତି। ୯୯୬ ଅନୁଯାୟୀ କାମ କରିବାର ଯୋଗ୍ୟତା ରଖିଥିବା କର୍ମଚାରୀଙ୍କୁ ବରଦାନ କୁହାଯାଇପାରେ। ଆଲିବାବା ଗ୍ରୁପ୍‌ରେ କାମ କରିବା ଅଥବା ଯୋଗ ଦେବାକୁ ହେଲେ ଦୈନିକ ୧୨ ଘଣ୍ଟା କାମ କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଚାଇନାର ଟେକ୍ ଇଣ୍ଡଷ୍ଟ୍ରିରେ ଅଧିକ ସମୟ କାମ କରିବା କାରଣରୁ ପ୍ରୋଗ୍ରାମର ଏବଂ ଷ୍ଟାର୍ଟଅପ୍ ଫାଉଣ୍ଡରଙ୍କ ଅସମୟରେ ମୃତ୍ୟୁ ହୋଇଯାଇଥିବାର ବହୁ ମାମଲା ସାମ୍ନାକୁ ଆସିଛି। ଗତ ମାସରେ ଚାଇନାର ପ୍ରୋଗ୍ରାମରଙ୍କ ପକ୍ଷରୁ ଅନ୍‌ଲାଇନ କୋଡ୍ ଶେୟାରିଂ କମ୍ୟୁନିଟି'ଗିଥୁବ'ରେ କାମ କରିବାର ଖରାପ ସ୍ଥିତି ଉପରେ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ୯୯୬.ଆଇସିୟୁ ନାମରେ ଏକ ଅଭିଯାନ ଏକ ୱେବସାଇଟରେ ଆରମ୍ଭ ହେବା ପରେ ସବୁଠାରୁ ଲୋକପ୍ରିୟ ହୋଇଥିଲା ଏବଂ ଏହାକୁ ୨,୧୧,୦୦୦ରୁ ଅଧିକ ଥର ଷ୍ଟାର ମିଳିଥିଲା ଏବଂ ପ୍ରୋଜେକ୍ଟ ପେଜ୍‌ରେ ୯୯୬ ୱର୍କକଲ୍‌ଚର ପାଳନ କଲେ ନିଜେ ଆଇସିୟୁରେ ପହଞ୍ଚିଯିବାର ବିପଦ ମୁଣ୍ଡାଉଛନ୍ତି ବୋଲି ଲେଖାଯାଇଥିଲା।


ଜ୍ୟାକ୍ ମା।




# MATRIMONIAL

## BRIDE WANTED

Girl for karan 1979/170 cm. M.Tech (IIT Bombay) internship Steinbeis University Germany Commander Indian Navy. Contact. 09438183860. D-12049

Brahmin boy 1989, 5'8'' MBA. Manager Accenture Bangalore "Sunasansar". 9937512659. D- 12050

ତେଲିପାତ୍ର ୫୫ + ମାଟ୍ରିକ୍ କମ୍ପାନୀ ଚାକିରି ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59930

Brahmin 1989 B.Tech NIT, MBA Xavier, software Bangalore. 6372663936, 9238578599. D- 60121

Khandayat 45/5'7" highly paid software Engineer at America searching for unmarried/ issueless widow/ divorced around 35 Doctor/Engineer/any graduate bride of any caste other than SC/ ST. 8327789819. D-12044

**Now Matrimonial ads. only on Wednesday & Sunday Book 1 Get 1 FREE**

ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସରୁ ପାସ୍ କରିଥିବା ଆଲାଏଡ୍ ବ୍ରାହ୍ମଣ ପାତ୍ର ପାଇଁ ଡ଼ାକ୍ତର ଝିଅ ଦରକାର। ଯୋଗାଯୋଗ: ୯୪୩୭୦୧୦୯୮୯, ୮୦୧୮୮୪୫୪୦୪. D-12110

Wanted suitable Bangalore service Brahmin girl for Bangalore service software Engineer boy, 1990, 5'10": 9439630459, 8079961511. D-12130

Divorcee groom class-1 officer 38, clerk 42 (caste-no-bar). Contact: 7873374269. D-66430

## real estate

## SALE

2BHK flat near Garage Chhak Lewis Road, Bhubaneswar. Contact: 8328890345. D-65637

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12127

ଭୁବନେଶ୍ୱର ପାହାଲରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

ସ୍ଥିତିବାନ ଘରବାରି ପ୍ଲଟ ରେଳଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

Resale of 3BHK full-furnished flat (1450 sqft.) at Budheswari Colony, CTC road, Bhubaneswar. Cost-78 lakhs. Contact: Rohit Agrawal. Mob: 9861444119. D-58073

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12128

ଜଟଣୀ ଗେଟ ପାଖରେ NH5 sideରେ ଘରବାରି boundary plot ବିକ୍ରିହେବ। 9778556265. D- 66335

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5**ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Gharabari demarcated plot for sale near Sum Hospital, Nuagaon. 100 feet road Bhubaneswar Malipada mouza @1600/- sqft. Contact: 9777063609. D-66342

Corner plot (5,200 Sq.ft App., sthitiban status) with newly constructed double storied building (total roof area 3,500 sq.ft App.) + outhouse (roof area 540 sq.ft App.) with compound wall having two separate entry for vehicles on both sides. Address: Puri Town (Odisha), near Railway level crossing Puri Konark road. Suitable for: Residence guest house, holiday home, office, nursing home, bank etc. Contact details: 9835532641, rajeshkrsarangi@gmail.com. D-63765

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଘାଟିକିଆରେ ମୋର commercial corner ପ୍ଲଟ୍ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196, 9937273159. D-12031

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

Limited nos. of 2BHK flats of owner's share at Tankapani Road, Bhubaneswar are available for booking (400 meters from Rabi talkies sqr. and 160 meters from Rajarani temple, on the 100ft. main road). Project is scheduled for handover by April 2020. Interested buyers may contact owner at: 9438485933, 9776620800, 9556372717. D-58077

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

1200 sqft. gharabari housing plot 30'road Ranga bazar. 8,40,000/- 8144998588. D-66334

Tamando Market ପାଖରେ ଏବଂ ଜଟଣୀ ଗେଟ NH-5କୁ ଲାଗି plot ମିଳୁଅଛି। 9439864322. D-66340

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ। ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

2BHK flat garage at Garage chhak, Bhubaneswar only purchaser. 9583242566. D-52893

Bhubaneswar Patia ଅଞ୍ଚଳରେ ସ୍ଥିତିବାନ ଘରବାରି ପ୍ଲଟ electric ସୁବିଧା ଥାଇ boundary ସହ କିଣନ୍ତୁ। Ph: 8249693292, 9439489460. D-12109

Booking 2BHK simplex 1200 sqft. 12,80,000/, 5km. from BJEM-II, monthly installment 10,000/- for 3 years. 7735738102. D-12107

Yellowzone gharabari plots BDA area near Badagada canal road. 7735738102. D-12108

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66341

Book 2BHK, 3BHK flat at GGP colony, Rasulgarh near Palasuni Canal road. 9439716901. (Broker not allowed). D-66082

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

4BHK duplex with gated community at Balianta (land-1400 construction- 2200 @ 55 lakh, and 2600 @ 65 lakh). Contact: Mplanets: 9938219397, 9861022055. D-12048

Gharabari plot with boundary wall, sand filling for sale at Pahala. Contact: 9437321343. D-12131

Bhubaneswar କଟକ ଯିବାରାସ୍ତା ହଂସପାଳ ନିକଟରେ develop ଘରବାରି plot କିନନ୍ତୁ। 9439487505. D-12075

2400 sft. GA plot at SUM Hospital, Bharatpur, Bhubaneswar. Contact Deepak- 9937329999 (brokers excuse). D-66214

Gharabari plot at Balianta, Bhingarpur infront Sudhananda Engineering College and Duplex/ Simplex at Atala near Hanspal square: 9438419823, 9861086655. D-66429

Double storied residential building (30'x66') Mukunda Mishra Nagar at Puri for sale. Rs.70 lakhs. Contact: 7978936187, 9437470042. D-63942

Book 4BHK duplex having land area 1750 sqft. and construction area 2400 sqft., near ITER College, Jagamara, Bhubaneswar. Price-93 lakhs, 7326084916. D-66085

Book 4BHK/3BHK duplex with gated community at Gudiapokhari, Uttara. Land-1400, construction- 1800. 7327043914. D-66083

GA plot for sale. Niladri Vihar 4500 sqft. (60x75) East facing. Broker Excuse. Contact: 7008654197, 7008568545. D-59531

## construction

Construct your dream home with US. Construction planning with vastu approvals, design, execution. Contact: 9437013529, 7008638913, Email: usconstruction19@gmail.com D-66081

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12129

Build home @ 1150/- with all branded materials, Tata rod, Ultratech/ACC cement, red bricks, all complete. 7537874306. D-66084

## to-let

2BHK (Large) semi furnishing flat with basement covered parking at "Tata Ariana Project" at Kalinga Nagar, Bhubaneswar will be given on rent. 9438694488, 8249500319. D- 66120

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

2 bedroom and 1 hall with 2 toilet, kitchen in first floor having parking in Kalpana square for office, guest house, coaching centre. Contact: 9337116095. D- 65634

3BHK beautifully designed semi furnished marbeled flat at unit-8, Soubhagya Nagar. 9000001508. D- 64955

Commercial/ residential space/ Office/ Godown, 2500 sqft. four units. Bapuji Nagar, Bhubaneswar. 9556700943. D- 65635

Godown space available 4500 sqft near Cuttack Road. Contact: 9937066789. D-12068

Ground floor, 3BR, dining, drawing, no car parking, Jagannath Ashram, Tankapani Road, Bhubaneswar. 9438061655. D- 58074

House at Nayapalli near DAV/ Stewart School for family. 9438490107. D-65874

Office space 350 sqft. rent at Indradhanu Market, Bhubaneswar. 7008967858. D- 66124

160,000 sqft. vacant land with compound wall Tolet for godown, stock-yard & wire housing purpose at Totapada NH/16 near Khurdha. Contact: 9937033933. D-12125

Marbled 1600 sqft. house 3 rooms, unit-8, DAV, Kalyanmandap chhak. Rent- 14,000/-. 9438250900. D-66086

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451. D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875

## education

Film making, Acting courses at best Schools of Mumbai. Career at Bollywood. 7978231072. D-66427

## business

Start your part/full time business today. Low startup cost & huge returns. Call: 90900029024. D-12140

### ପ୍ରଥମ ଜନ୍ମ ବାର୍ଷିକ ଶୁଭେଚ୍ଛା



**ଦିବ୍ୟାଂଶୁ ପରିଡ଼ା**

ବେଢ଼ାସୁନ୍ଦର, ବ୍ରହ୍ମଗିରି, ପୁରୀ

ବାବା ଭୀମେଶ୍ୱରଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ

ବାପା- ହୃଷୀକେଶ ପରିଡ଼ା, ମା- ଦେବଶ୍ରୀ ପରିଡ଼ା, ଜେଜେ, ଜେଜେମା, ଦାଦା, ଖୁଡ଼ୀ ଓ ବନ୍ଧୁ ପରିବାରବର୍ଗ।

ଧ-୧୨୧୪୩

### Birthday Wish



**Jharana Khatua**

**Bhadrak**

**I send to you warm wishes, that your happiness will be as wonderful as the happiness, Wish you Happy Birthday Jhili.**

D-12142

### ୨୦ତମ ଜନ୍ମଦିନ ଶୁଭେଚ୍ଛା



**ପ୍ରିୟଙ୍କା ପାତ୍ର(ମାନା)**

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର କୋଟିକୋଟି ପ୍ରଣାମ ତୋତେ ସର୍ବଦା ଭଲରେ ରଖନ୍ତୁ।

**ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା ଓ ଶୁଭେଚ୍ଛା ସହ: ଅଜା, ଆଇ, ବୋଉ, ଦାଦା, ଖୁଡ଼ି, ମାମୁଁ, ମାଇଁ, ଭାଇ, ଭାଉଜ, ଦିଦି, ଅପା ଓ ବରିବାର ବର୍ଗ।**

ଧ-୬୬୧୨୨

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ନବ୍ୟା ନିୟତୀ ସ୍ୱାଇଁ (ଗୁଡ୍ଡୁଲି)**

ଚକେଇସିହାଣି, ଭୁବନେଶ୍ୱର

ଧନ ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀସାଇବାବାଙ୍କୁ ଆମର କୋଟି କୋଟି ପ୍ରଣାମ ଜଣାଉଛୁ। ତୋତେ ବୁଦ୍ଧିମତୀ, ସ୍ୱାସ୍ଥ୍ୟବାନ ଓ ଦିର୍ଘାୟୁ କରାନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଇ, ବାପା, ମାମା, ଓ ପରିବାର ବର୍ଗ।

ଧ-୧୨୧୪୧

### ଜନ୍ମଦିନ ଶୁଭେଚ୍ଛା



**ଉତ୍କଳିକା ବାରିକ (ଲିଜା)**

ଜନ୍ମଦିନରେ ମା' ତାରିଣୀ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ, ଏହାହିଁ ଆମର କାମନା।

ଶୁଭେଚ୍ଛା ସହ

ଜେଜେମା, ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ ଏବଂ ଭଉଣୀ।

ଧ-୫୩୨୧୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।**

# CLASSIFIED BOOKING STATIONS

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**Your Classified Advertisement published in Dharitri will be listed free in Dharitri Online Edition: www.dharitri.com**

# ମନେ ପଡ଼ନ୍ତି

### ୬ଷ୍ଠ ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**

ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)

ତୁ ଯିବାର ୬ ବର୍ଷ ହୋଇଗଲା। ସମୟ ସହ ସବୁ ବଦଳି ଯାଇଛି ସତ କିନ୍ତୁ ଏବେବି ତୁ ଆମ ପାଖରେ ଅଛୁ ଆଉ ରହିବୁ ସବୁବେଳେ। ତୋର ପ୍ରତ୍ୟେକଟି କଥା ଆମକୁ ଯୋଡ଼ି ରଖିଛି ତୋ' ସହ। ତୋର ସରଳ ଆଉ ନିଷ୍କପଟ ମନ ଯୋଗୁ ଭଗବାନ ବି ତୋତେ ଛାଡ଼ି ରହି ପାରିଲେ ନାହିଁ ଏ କଥା ହିଁ ସତ। ସେଇ କାଳିଆ ଠାକୁରଙ୍କ ପାଖେ ପ୍ରାର୍ଥନା ତୋତେ ସବୁବେଳେ ଖୁସିରେ ଆଉ ଶାନ୍ତିରେ ରଖନ୍ତୁ। ତୋର ବନ୍ଧୁ ଓ ପରିବାର।

ଧ-୬୧୯୧୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରସନ୍ନ ଦାସ**

ଓଡ଼ିଆ ମଠ ଛକ, ପୁରୀ

ବାବୁଭାଇ ଆଜିକୁ ୧୦ ଦିନ ହେଲା ତମେ କେମିତି ଛାଡ଼ି ଚାଲିଗଲ। ତୁମ ଅଫିସ ଖାଲି ପଡ଼ିଛି। ଭାଉଜ, ପୁଅ, ମିଟୁ ଓ ତୁମର ପରିବାରବର୍ଗ ଓ ତୁମ ସାଥେ ଚଳୁଥିବା ଡ୍ରାଇଭରମାନେ ପ୍ରତି ମୁହୂର୍ତ୍ତରେ ମନେପକାଇ କେତେ କାନ୍ଦୁଛନ୍ତି। କଣ ଭୁଲ୍ ଦେଖି, ତୁମେ ଆମକୁ ଛାଡ଼ି ଚାଲିଗଲ। ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମ ଆତ୍ମାର ସଦ୍‌ଗତି ହେଉ। (ଇତି) ତୁମ ସାନଭାଇ ମିଟୁ, ବନ୍ଧୁ ପରିବାରବର୍ଗ ଓ ଡ୍ରାଇଭର ଭାଇମାନେ।

ଧ-୬୩୭୬୪

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଚାରୁବାଳା ପ୍ରଧାନ**

ପ୍ଲଟ ନଂ-୧୭୬, ଶହୀଦନଗର, ଭୁବନେଶ୍ୱର

ତିରୋଧାନ: ୦୪।୦୪।୨୦୧୯
(ଚୈତ୍ରମାସ, କୃଷ୍ଣପକ୍ଷ, ଅମାବାସ୍ୟା ତିଥି)

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାରବର୍ଗ।

ଧ-୬୬୩୪୪

“ ଶିଖର ଧାୱନ ଜଣେ ଶ୍ରେଷ୍ଠ ଓପନିଂ ବ୍ୟାଟ୍ସମ୍ୟାନ। ସନରାଇଜର୍ସ ହାଇଦ୍ରାବାଦ ଛାଡ଼ିବା ମାତ୍ରେ ଆମେ ତାଙ୍କୁ ଦଳରେ ସାମିଲ କରିଥିଲୁ ।

–ସୌରଭ ଗାଙ୍ଗୁଲି, ଦିଲ୍ଲୀ କ୍ୟାପିଟାଲ୍ସ ପରାମର୍ଶଦାତା



“ ଭାରତୀୟ କ୍ରୀଡ଼ାରେ ଏବେବି ଭେଦଭାବ ରହିଛି। ମହିଳା ସଶକ୍ତୀକରଣ ପାଇଁ ଆହୁରି ଅନେକ କିଛି କରିବାକୁ ପଡ଼ିବ ।

–ସାନିଆ ମିର୍ଜା, ବିଶିଷ୍ଟ ଟେନିସ ଖେଳାଳି







ଶନିବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଏଫ୍‌ସି ଗୋଆ ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ସୁପର୍ କପ୍ ଫୁଟବଲ ଫାଇନାଲ୍ ମ୍ୟାଚ୍। ଦର୍ଶକ ଗ୍ୟାଲେରିରେ ଚେନ୍ନାଇନର ମାଲିକ ଅଭିନେତା ଅଭିଷେକ ବଚ୍ଚନ।

# ରାଜସ୍ଥାନକୁ ଜିତାଇଲେ ବଟଲର

**ମୁମ୍ବାଇ,୧୩।୪(ପି.ଟି.)**

ଓପନର ଜୋସ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ଓ ଡେଥ୍ ଓଭରରେ ଶ୍ରେୟାସ ଗୋପାଲଙ୍କ ଉପଯୋଗୀ ତଥା ସାହସିକ ପ୍ରଦର୍ଶନ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୭ତମ ମ୍ୟାଚ୍‌ରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସକୁ ୩ଟି ବଲ ବାକିଥାଇ ୪ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ରାଜସ୍ଥାନ ୭ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନର ଆଖିଦୃଶିଆ ସ୍କୋର ଛିଡ଼ା କରିଥିଲା। ଜବାବରେ ମିଡଲ ଅର୍ଡରର ବିପର୍ଯ୍ୟୟ ସତ୍ତ୍ୱେ ରାଜସ୍ଥାନ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୮୮ ରନ କରି ବିଜୟୀ ହୋଇଥିଲା। ୪୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୭ ଛକା ସହ ଦ୍ରୁତ ୮୯ ରନର ଧୂଆଁଧାର ପାଳି ଖେଳିଥିବା ବଟଲର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଦେଖିଚାହିଁ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ବଟଲର ୬୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ। ରାହାନେ ୩୭ ରନ (୨୧ ବଲ, ୬ ଚୌକା, ୧ ଛକା) କରି କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ବଟଲର ରାହୁଲ ଚହରଙ୍କ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୬ ବଲରୁ ୨ ଚୌକା ଓ ୧ ଛକା ସହ ୩୧ ରନକରି ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ମାତ୍ର ୬ଟି ବଲ୍‌ରେ ରାଜସ୍ଥାନ ରାହୁଲ ତ୍ରିପାଠୀ, ଲିୟମ ଲିଭିଙ୍ଗଷ୍ଟୋନ ଓ ସ୍ମିଥ୍‌ଙ୍କୁ ହରାଇ ବିପଦରେ ପଡ଼ିଥିଲା। ରାହୁଲ ୧, ଲିଭିଙ୍ଗଷ୍ଟୋନ ୧ ରନ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହେବାପରେ ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୧୨ ରନ କରି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ଶ୍ରେୟାସ ଗୋପାଲ ୭ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ମୁମ୍ବାଇର କ୍ରୁନାଲ ୩, ବୁମ୍‌ରା ୨ ଓ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଆରମ୍ଭରୁ ଦ୍ରୁତ ଗତିରେ ରନ ସଂଗ୍ରହ ପାଇଁ ପ୍ରୟାସ କରିଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୬୫ ବଲରୁ ୯୬ ରନ ସଂଗ୍ରହ କରିଥିଲେ। ରୋହିତ ୪୭ ରନ (୩୨ ବଲ , ୬ ଚୌକା, ୧ ଛକା)କରି ଜେଫ୍ରା ଆର୍ଚରଙ୍କ ବଲ୍‌ରେ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ୧୬, କିରନ ପୋଲାର୍ଡ ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ୫୨ଟି ବଲ୍ ଖେଳି ୬ ଚୌକା ଓ ୪ ଛକା ସହ ଦ୍ରୁତ ୮୧ ରନର ଇନିଂସ ଖେଳିଥିବା ଡି କକ୍ ବଟଲରଙ୍କୁ କ୍ୟାଚ୍ ଦେଇ ଆର୍ଚରଙ୍କ ଦ୍ୱାରା ପ୍ୟାଭିଲିୟନ ଫେରିଥିଲେ। ଇଶାନ କିଷାନ ୫ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୧୧ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୮ ରନ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ରାଜସ୍ଥାନ ତରଫରୁ ବୋଲିଂରେ ଆର୍ଚର ସର୍ବାଧିକ ୩, ଧବଲ କୁଲକର୍ଣ୍ଣୀ ଓ ଜୟଦେବ ଉନାଡ଼କଟ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୫ (ଡି କକ- ୮୧, ରୋହିତ- ୪୭, ହାର୍ଦ୍ଦିକ- ୨୮*, ସୂର୍ଯ୍ୟକୁମାର- ୧୬, ଆର୍ଚର- ୩/୩୯) ।
ରାଜସ୍ଥାନ ରୟାଲ୍ସ ୧୯.୩ ଓଭରରେ ୧୮୮/୬ (ବଟଲର- ୮୯, ରାହାନେ- ୩୭, ସାମସନ- ୩୧, କ୍ରୁନାଲ- ୩/୩୪, ବୁମ୍‌ରା- ୨/୨୩)।

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜୋସ୍ ବଟଲର।

**ଆଜିର ମ୍ୟାଚ**



କୋଲକାତା ନାଇଟ ରାଇଡର୍ସ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ : କୋଲକାତା
ସମୟ : ଅପରାହ୍ନ ୪ଟା

ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ହାଇଦ୍ରାବାଦ
ସମୟ: ରାତି ୮ଟା

ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

# ବାଙ୍ଗାଲୋରର ପ୍ରଥମ ବିଜୟ

**ମୋହାଲି,୧୩।୪**

କ୍ରିସ୍ ଗେଲ୍‌ଙ୍କ ଅପରାଜିତ ୯୯ରନ ସତ୍ତ୍ୱେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ରମାଗତ ୬ଟି ପରାଜୟ ପରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଦଳ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୮ ଉଇକେଟରେ ପରାସ୍ତ କରିଛି। ଅଧିନାୟକ ବିରାଟ କୋହଲି ଓ ଏବି ଡି'ଭିଲର୍ସଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ବାଙ୍ଗାଲୋର ଦଳ ୧୭୪ ରନର ବିଜୟ ଲକ୍ଷ୍ୟକୁ ୧୯.୨ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। କୋହଲି ୫୩ ବଲ୍‌ରେ ୮ ଚୌକା ସହ ୬୭ ରନ କରିଥିବାବେଳେ ଡି'ଭିଲର୍ସ ୩୮ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଅପରାଜିତ ରହିଥିଲେ। ପାର୍ଥିବ ପଟେଲ ୧୯ ରନ କରିଥିବାବେଳେ ମାର୍କସ ଷ୍ଟୋଇନିସ ୨୮ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ଦଳ ପକ୍ଷରୁ ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

## ଗେଲ୍ ଶତକରୁ ବଞ୍ଚିତ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ଅଭିଜ୍ଞ ଓପନର କ୍ରିସ୍ ଗେଲ ୯୯ ରନର ବିସ୍ଫୋରକ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୫ ଛକା ମାରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ମଧ୍ୟ ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ରନ (୧୫ ବଲ, ୨ଚୌକା, ୧ଛକା) କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୧୫, ସର୍ଫରାଜ ଖାଁ ୧୫, ସାମ କୁରାନ ୧ ରନ କରି ଯଥାକ୍ରମେ ଚହଲ, ମହମ୍ମଦ ସିରାଜ ଓ ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମନଦୀପ ସିଂ ୧୬ ବଲରୁ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ୨, ସିରାଜ ଓ ମୋଇନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- କିଙ୍ଗ୍ସ ଇଲେଭେନ ପଞ୍ଜାବ: ୨୦ଓଭରରେ ୧୭୩/୪ (କ୍ରିସ୍‌ଗେଲ୍-୯୯*, ୟୁଜୁବେନ୍ଦ୍ର ଚହଲ-୨/୩୩, ମୋଇନ ଅଲି- ୧/୧୯, ମହମ୍ମଦ ସିରାଜ-୧/୫୪)।
- ରୟାଲ୍ସ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: (ବିରାଟ କୋହଲି-୬୭, ଏବି ଡି'ଭିଲର୍ସ-୫୯*, ମହମ୍ମଦ ସାମି- ୧/୪୩, ରବିଚନ୍ଦ୍ରନ ଅଶ୍ୱିନ-୧/୩୦)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | +୦.୪୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | –୦.୦୯୩ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | –୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | –୧.୨୦୨ |

## ଭୁବନେଶ୍ୱରରେ ଏଆଇଏଫ୍‌ଏଫ୍ ଲିଗ୍ କମିଟି ବୈଠକ

# କ୍ଲବ୍‌ଗୁଡିକ ଓହରିବା ସଂକ୍ରାନ୍ତ ନିଷ୍ପତ୍ତି ନେବ ଶୃଙ୍ଖଳାଗତ କମିଟି

**ଭୁବନେଶ୍ୱର,୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଶନିବାର ଏଠାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଲିଗ୍ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ଏଆଇଏଫ୍‌ଏଫ୍ ବରିଷ୍ଠ ଉପସଭାପତି ତଥା ଲିଗ୍ କମିଟି ଅଧ୍ୟକ୍ଷ ସୁବ୍ରତ ଦତ୍ତ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରୁ ବିଭିନ୍ନ କାରଣରୁ ଓହରି ଯାଇଥିବା କ୍ଲବଗୁଡିକ ସମ୍ପର୍କରେ ବିସ୍ତୃତ ଭାବେ ଚର୍ଚ୍ଚା ହୋଇଥିଲା। ତେବେ ଏହି ମାମଲାର ବିଚାର ପାଇଁ ଓ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶୃଙ୍ଖଳାଗତ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଟୁର୍ନାମେଣ୍ଟର ନିୟମ ଅନୁଯାୟୀ ଶୃଙ୍ଖଳାଗତ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଏଆଇଏଫ୍‌ଏଫ୍‌ର ବୈମାତୃକ ମନୋଭାବ ନେଇ କେତେକ ଆଇ–ଲିଗ୍ କ୍ଲବ୍ ଅଭିଯୋଗ ଆଣି ସୁପର କପ୍‌ରୁ ଓହରି ଯାଇଥିଲେ ଓ ଏନେଇ ବିବାଦ ସୃଷ୍ଟି ହୋଇଥିଲା।

ଏଥିସହ ଆଗାମୀ ସବ୍– ଜୁନିୟର ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଖେଳାଳିଙ୍କ ବୟସ ନିରୂପଣ ଲାଗି ଟିଡବ୍ଲ୍ୟୁ୩ ପଦ୍ଧତି ଅବଲମ୍ବନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇତିମଧ୍ୟରେ ହିରୋ ସବ୍– ଜୁନିୟର ଓ ଜୁନିୟର ଲିଗ୍ ୨୦୧୯–୨୦ ସେସନରେ ଅଂଶଗ୍ରହଣ କରିବା ପାଇଁ କମିଟି ଏହି ବୈଠକରେ ଯୋଗ୍ୟତା ନିର୍ଦ୍ଧାରଣ କରିଛି। ଏଆଇଏଫ୍‌ଏଫ୍ ଓ ବିଏଡିପି ଗାଇଡଲାଇନ୍ ଅନୁସାରେ ସବ୍‌ଜୁନିୟର ପ୍ରତିଯୋଗିତା ପାଇଁ ବୋନ୍ ଏଜ୍ ରେଟିଂ ୧୩.୪ ଓ ଜୁନିୟର ଲିଗ୍ ପାଇଁ ୧୫.୪ ବର୍ଷ ରଖାଯାଇଛି।

ହିରୋ ଆଇ–ଲିଗ୍ ୨୦୧୯–୧୯ ସେସନରେ ଫେବୃୟାରୀ ୧୮ରେ ଖେଳାଯିବାକୁ ଥିବା ରିୟଲ କଶ୍ମୀର– ମିନର୍ଭା ପଞ୍ଜାବ ମ୍ୟାଚ୍ ପୁଣି ଥରେ ଏକ ନୂଆ ତାରିଖରେ ଆୟୋଜନ କରାଯିବ ବୋଲି ଇମର୍ଜେନ୍ସି କମିଟି ସେତେବେଳେ ନିଷ୍ପତ୍ତି ନେଇଥିଲା। ତେବେ ଏଆଇଏଫ୍‌ଏଫ୍ ସହିତ ଏହି ଦୁଇଟି ଦଳ ଆଲୋଚନା କରିଥିଲେ ଓ ପଏଣ୍ଟ ଭାଗ କରିବା ପାଇଁ ରାଜି ହୋଇଥିଲେ। ଲିଗ୍ କମିଟି ମଧ୍ୟ ଏହାକୁ ଗ୍ରହଣ କରିଛି। ଫଳରେ ରିୟଲ କଶ୍ମୀର ୨୦ଟି ମ୍ୟାଚ୍ ଖେଳି ୩୭ ପଏଣ୍ଟ ପାଇବା ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅନ୍ୟପଟେ ପଞ୍ଜାବ ୨୦ଟି ମ୍ୟାଚ୍ ଖେଳି ୧୮ ପଏଣ୍ଟ ପାଇ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଉଲ୍ଲେଖଥାଉ କି, ପୁଲଓ୍ୱାମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୪୦ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଫଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ପରସ୍ଥିତିରେ ଘଟଣାର ୪ ଦିନ ପରେ ଶ୍ରୀନଗରରେ ମ୍ୟାଚ୍ ଖେଳିବାକୁ ଭ୍ରମଣକାରୀ କ୍ଲବ ମିନର୍ଭା ଅମଙ୍ଗ ହୋଇଥିଲା ଓ ଶେଷରେ ମ୍ୟାଚ୍ ବାତିଲ ହୋଇଥିଲା। ଏଥିରେ ଘରୋଇ ରିୟଲ କଶ୍ମୀର ଅସନ୍ତୋଷ ଜାହିର କରିଥିଲା। ତେବେ ଦୁଇ ଦଳ ପଏଣ୍ଟ ଭାଗ କରିବା ନେଇ ସମ୍ମତି ପ୍ରକାଶ କରିଥିବାରୁ ଏ ନେଇ ବିବାଦର ଏକପ୍ରକାର ଅନ୍ତ ଘଟିଛି।

ପୁଣି ଚେନ୍ନାଇ ସିଟି ଓ ମିନର୍ଭା ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ହିରୋ ଆଇ–ଲିଗ୍ ମ୍ୟାଚ୍ ନେଇ ଏଆଇଏଫ୍‌ଏଫ୍ ଇଣ୍ଟିଗ୍ରିଟି ଅଫିସର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛନ୍ତି। ସବୁ ଦୃଷ୍ଟିକୋଣରୁ ବିଚାର କରି ଓ ସବୁ ପ୍ରାସଙ୍ଗିକ ଦସ୍ତାବିଜ୍‌କୁ ଆଖିରେ ରଖି ଏହି ମାମଲାର ତଦନ୍ତ କରାଯାଇଛି। କେତେକ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ତେବେ ଏହି ମ୍ୟାଚ୍‌ରେ କିଛି ଅନିୟମିତତା ହୋଇ ନ ଥିବା ଇଣ୍ଟିଗ୍ରିଟି ଅଫିସର ଜଣକ ସ୍ପଷ୍ଟ କରିଛନ୍ତି। ଫୁଟ୍‌ବଲର ମୂଳ ଭାବନା ସହିତ ଏହି ମ୍ୟାଚ୍‌ରେ କୌଣସି ଅନିୟମିତତା କରାଯାଇନାହିଁ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍‌ରେ ଫିକ୍ସିଂ ହୋଇଥିବା ଅଭିଯୋଗ କରାଯାଇଥିଲା। ତେବେ ଏଥିରେ କୌଣସି ଭିତ୍ତି ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। କମିଟି ମଧ୍ୟ ଏହ ମତକୁ ଶେଷରେ ଗ୍ରହଣ କରିଛି।

ଏହି ବୈଠକରେ ଆଇ– ଲିଗ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନନ୍ଦୋ ଧାର ରୋଚକ ଲାଙ୍ଗରଙ୍କ ସମେତ ବି.କେ. ରୋକା, ଚିରାଗ ତନ୍ନା ଉପସ୍ଥିତ ଥିଲେ। ଆଇନଗତ ଉପଦେଷ୍ଟା କମିଟି ଅଧ୍ୟକ୍ଷ ରାହୁଲ ମାସ୍କାରେନହାସ ଓ ସ୍ପୋର୍ଟ୍ସ ମେଡିକାଲ କମିଟି ମୁଖ୍ୟ ଭେସ ପେସ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ।



DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଏପ୍ରିଲ ୧୪/୨୦୧୯ Sambalpur, Sunday, April 14/ 2019




# ଦିଲୀପ ଏବେ ବି ଆମ ପରିବାର ସଦସ୍ୟ:ଜୁଏଲ

**ରାଉରକେଲା ଅଫିସ,୧୩।୪**

ଦିଲୀପ ଆମ ପରିବାର ସଦସ୍ୟ। ଆମ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଆମକୁ ଗାଳି ଦିଅନ୍ତୁ କି ପ୍ରଶଂସା କରନ୍ତୁ। ଏହା ଆମ ଭିତର କଥା। ତାଙ୍କର ପ୍ରମୁଖ ଦୁଇ ଦାବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ କ୍ଲିୟରାନ୍ସ ମିଳିସାରିଛି। ଏ ନେଇ ପତ୍ର ମାଧ୍ୟମରେ ତାଙ୍କୁ ଅବଗତ କରାଯାଇଛି। ସେ ସନ୍ତୁଷ୍ଟ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଁ ମଧ୍ୟ ଏଥିପାଇଁ ଦିଲୀପଙ୍କୁ ଧନ୍ୟବାଦ ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ଦିଲୀପ ରାୟ ଭାଜପା ଛାଡ଼ି ଚାଲିଯାଇଛନ୍ତି ବୋଲି ଓରାମ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏମିତି ତାଙ୍କ ଉକ୍ତିରୁ ସ୍ପଷ୍ଟ ହେଉଥିଲା।

ଶନିବାର ପାନପୋଷ ସାଂଗଠନିକ ଜିଲା ଭାଜପା ପକ୍ଷରୁ ରାଉରକେଲାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଓରାମ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ଜରିଆରେ ଦିଲୀପଙ୍କ ସହଯୋଗ କାମନା କରିଥିଲେ। ଦୁଇଟି ପ୍ରସଙ୍ଗ ନେଇ ଦିଲୀପ ଅସନ୍ତୁଷ୍ଟ ଥିବାବେଳେ ଏବେ ଏହା ଦୂର ହୋଇଛି। ଏଣୁ ଆମ ଭିତରେ ଦ୍ୱନ୍ଦ୍ୱ ନାହିଁ ବୋଲି ଓରାମ କହିଥିଲେ। ଓରାମଙ୍କ ଏହି ମନ୍ତବ୍ୟକୁ ନେଇ ସହରରେ ଏବେ ଚର୍ଚ୍ଚା ଜୋର ଧରିଛି। ଦିଲୀପ ଭାଜପାକୁ ଫେରିବେ ନା ନାହିଁ ତାହାକୁ ନେଇ ପୁଣି ଥରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

### ୧୫ରେ ରାଉରକେଲା ଆସୁଛନ୍ତି ଯୋଗୀ ଆଦିତ୍ୟନାଥ

ଏହି ଅବସରରେ ଜୁଏଲ କହିଥିଲେ, ଆସନ୍ତା ୧୫ ତାରିଖରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ତାଙ୍କ ଗସ୍ତ ନେଇ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଦିଲୀପ ରାଉରକେଲା ଆସି ତାଙ୍କ ସମର୍ଥକଙ୍କୁ ପରାମର୍ଶ ଦେଇ କହିଥିଲେ, ଯେଉଁ ଦଳ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ କଲାନି ତାଙ୍କୁ ସମର୍ଥନ ଦିଅନି। ଯିଏ ଏହି ଦୁଇ ପ୍ରସଙ୍ଗରେ ଆମକୁ ସହଯୋଗ କରିବ ତାକୁ ସମର୍ଥନ ଦିଅ ବୋଲି କହିଥିଲେ। ପରେ ଦିଲୀପଙ୍କୁ ମନାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଉପରୋକ୍ତ ଦୁଇ ଦାବି ନେଇ କ୍ଲିୟରାନ୍ସ ଦିଆଯାଇଥିଲା। ଏହି ଦୁଇ ପ୍ରକଳ୍ପ ବାବଦ ଅର୍ଥ ବ୍ୟବସ୍ଥା ଓ ଏହାର କାର୍ଯ୍ୟକାରିତା ନେଇ ତାଙ୍କୁ ଲିଖିତ ଭାବେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ସୂଚନା ଦିଆଯାଇଥିଲା। ଯାହାକୁ ନେଇ ରାୟ ସନ୍ତୋଷ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଆର୍‌ଏସ୍‌ପିରେ ଭିଲାଇ ଇସ୍ପାତ୍ କାରଖାନା ସିଇଓ

**ରାଉରକେଲା ଅଫିସ,୧୩।୪**

ଭିଲାଇ ଇସ୍ପାତ କାରଖାନା ସିଇଓ ଅରୁଣ ରଥ ଶନିବାର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପରିଦର୍ଶନ କରିଛନ୍ତି। ତାଙ୍କ ସହ ସେଲ୍ ଉପଦେଷ୍ଟା ଶୁଭେନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ରଥ ଆର୍‌ଏସ୍‌ପିର ମେକାନିକାଲ ଶପ୍, ରିପେୟାର ଶପ୍ ଷ୍ଟ୍ରକ୍‌ଚରାଲ ଓ ଫେବ୍ରିକେଶନ ଶପ୍ ଆଦି



ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ପରେ ସେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଶୁକ୍ରବାର ରଥ ରାଉରକେଲା ପହଞ୍ଚିବା ପରେ ତାଙ୍କୁ ରାଉରକେଲା ହାଉସରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୂଚନାଯୋଗ୍ୟ, ରଥ ଏନ୍‌ଆଇଟି ରାଉରକେଲାରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୨ରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ଜୀବନ ଆରମ୍ଭ କରିଥିଲେ।



ଗ୍ରାମସଭାରେ ଉପସ୍ଥିତ ବ୍ରାହ୍ମଣୀପାଲି ଗ୍ରାମର ମହିଳାମାନେ।

### ଗ୍ରାମସଭାରେ ମହିଳାଙ୍କ କଠୋର ନିଷ୍ପତ୍ତି

# ବ୍ରାହ୍ମଣୀପାଲିରେ ମଦ ବିକ୍ରି ବନ୍ଦ

**ସୋନପୁର,୧୩।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବ୍ରାହ୍ମଣୀପାଲି ଗ୍ରାମରେ ମଦ ବିକ୍ରି ବନ୍ଦ ହୋଇଛି । ଗ୍ରାମର ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଏହା ସମ୍ଭବ ହୋଇଛି । ଏହି ଗ୍ରାମରେ ଦୀର୍ଘ ବର୍ଷ ଧରି କୁଟିଆ ମଦ ବହୁଳ ଭାବେ ବିକ୍ରି ହେଉଥିଲା। ମଦ୍ୟପଙ୍କ ଦୌରାତ୍ମ୍ୟରେ ଝିଅ ବୋହୂ ଅସୁରକ୍ଷିତ ମନେ କରୁଥିଲେ। ମଦ୍ୟପାନ କରୁଥିବା ଲୋକେ ସର୍ବସ୍ୱାନ୍ତ ହେଉଥିଲେ। ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳିଲାନି। ପରିବାରର ଆର୍ଥିକ ସ୍ଥିତି ଓ ଅଶାନ୍ତିକୁ ଦୃଷ୍ଟିରେ ରଖି ଗ୍ରାମର ସିଦ୍ଧେଶ୍ୱର, ଓଁକାର, ଗ୍ରାମପତି, ମହାଲକ୍ଷ୍ମୀ, ବାରପାହାଡ, ମା' ସମଲେଶ୍ୱରୀ, ରାଧାରଣୀ, ଶ୍ରୀକୃଷ୍ଣ, ସରସ୍ୱତୀ, ମା ମଙ୍ଗଳା ଓ ମା' ଚଞ୍ଚଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା କରିଥିଲେ। ଏହି ସଭାରେ କୁଟିଆ ମଦ ବିକ୍ରି କରୁଥିବା ବ୍ୟବସାୟୀମାନେ ଉପସ୍ଥିତ ରହି କ୍ଷମାପ୍ରାର୍ଥନା କରିବା ସହ ଆଉ ମଦ ବିକ୍ରି କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜପ ସାହୁ, ସୁରଙ୍ଗିନୀ ପଣ୍ଡା, ସଭ୍ୟରାଣୀ କଠାର, ରୀନା ବାଗ, ଗୁଲାପୀ ସାହୁ, ସୁମିତ୍ରା ଭୁଏ, ମିତା ଷଡଙ୍ଗୀ, ଭାଗ୍ୟସିନୀ ଗୁରୁ, ଅମ୍ବିକା ଗୁରୁ, ସାବିତ୍ରୀ କାଲସାଏ ଓ ଗ୍ରାମର ଶେଷଦେବ ମେହେର, ନୀଳମଣି ଭୋଇ, ଲକ୍ଷ୍ମଣ ବାଘ ଓ ବୁଧୁରାମ ଷାଣ୍ଡ ପ୍ରମୁଖ ମଦ ବନ୍ଦ କରିବା ପାଇଁ ସକ୍ରିୟ ସହଯୋଗ କରିଥିଲେ ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



# ଭୋଟ ପ୍ରଚାରର ପ୍ରମୁଖ ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ

**ଅମରପାଲି, ୧୩।୪(ଡି.ଏନ.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ଏପ୍ରିଲ ୧୮ତାରିଖରେ ହେବ। ମତଦାନ ଦିବସ ଯେତିକି ପାଖେଇ ଆସୁଛି ନିର୍ବାଚନ ପ୍ରଚାର ସେତିକି ଯୋର ଧରୁଛି। ସଭା ସମିତି, କର୍ମୀ ସମ୍ମିଳନୀ, ରୋଡ ଶୋ, ଡୋର କ୍ୟାମ୍ପିନିଂଠୁ ଆରମ୍ଭ କରି ପୋଷ୍ଟର, ବ୍ୟାନର ଓ ଦଳୀୟ ପତାକାରେ ଗାଁଠୁ ସହର ଛାଇ ହୋଇ ରହିଛି। ପ୍ରଚାରଗାଡି ଓ ଡାକବାଜି ଯନ୍ତ୍ରରେ ସମ୍ବଲପୁରୀ ଓ ଆଧୁନିକ ଗୀତର ତାଳେ ତାଳେ ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ଚଳାଇଛନ୍ତି। ଏସବୁ ମାଧ୍ୟମରେ ପ୍ରଚାର ସତ୍ତ୍ୱେ ସୋସିଆଲ ମିଡିଆରେ ପ୍ରଚାର ପ୍ରମୁଖ ମାଧ୍ୟମ ପାଲଟିଛି। ଫେସବୁକ, ମେସେଞ୍ଜର, ଇନଷ୍ଟାଗ୍ରାମ, ଟ୍ୱିଟର, ହ୍ୱାଟଆପ୍ ଆଦିରେ ସମସ୍ତ ଦଳ ପ୍ରଚାର କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରୁଥିବା ବେଳେ ବିପକ୍ଷ ଦଳର ଦୋଷ ଦୁର୍ବଳତାକୁ ମଧ ଲୋକଲୋଚନକୁ ଆଣୁଛନ୍ତି। ସୋସିଆଲ ମିଡିଆରେ ପ୍ରଚାର ପାଇଁ ବହୁତ କମ୍ ଖର୍ଚ୍ଚ ହେଉଥିବାରୁ ଏହା ପ୍ରଚାରପ୍ରସାର ପ୍ରମୁଖ ମାଧ୍ୟମ ପାଲଟିଛି। ତେବେ ସୋସିଆଲ ମିଡିଆରେ ପ୍ରଚାର ବ୍ୟକ୍ତିଗତ ସ୍ତରକୁ ଯିବା ସହିତ ନିମ୍ନମାନର ରାଜନୀତି ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ମତାମତକୁ ନେଇ ଏକ ଉପସ୍ଥାପନା.. ।

### ଏମାନେ ଯାହା କୁହନ୍ତି...



ଭୋଟ ପ୍ରଚାର ପାଇଁ ସୋସିଆଲ ମିଡିଆ ହେଉଛି ଶ୍ରେଷ୍ଠ ମାଧ୍ୟମ। ଏହାଦ୍ୱାରା ବିଭିନ୍ନ ଦଳର ଆଭିମୁଖ୍ୟ, ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ, କର୍ମୀ ସମ୍ମିଳନୀ, ରୋଡ ଶୋ' ଭଳି କାର୍ଯ୍ୟକ୍ରମ ଖୁବ୍ କମ୍ ସମୟରେ ଲୋକଙ୍କ ପାଖରେ ପହଞ୍ଚି ପାରୁଛି। ଲୋକେ ମଧ ଏହାକୁ ସହଜରେ ଦେଖୁଛନ୍ତି ଓ ଜାଣୁଛନ୍ତି।
**-ଶିବାନନ୍ଦ ତ୍ରିପାଠୀ, ବୀରମହାରାଜପୁର**



ନିର୍ବାଚନରେ ନାମାଙ୍କନ ଦାଖଲଠୁ ଆରମ୍ଭ କରି ପ୍ରଚାର କିମ୍ବା କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ନେତାଙ୍କ ସଭାର ଭାଷଣ ଆଦିକୁ ସୋସିଆଲ ମିଡିଆ ମାଧ୍ୟମରେ ଭୋଟରଙ୍କ ପାଖରେ ପହଞ୍ଚିପାରୁଛି। ଏହାଦ୍ୱାରା କମ୍ ସମୟରେ ଅନେକ ତଥ୍ୟ ଭୋଟରଙ୍କୁ ମିଳିଯାଉଛି। ଭୋଟରଙ୍କୁ ଆକର୍ଷିତ କରିବାର ଏହା ଶ୍ରେଷ୍ଠ ମାଧ୍ୟମ।
**-ଶେଷଦେବ ମାଝୀ, ଭାଲୁଡୁଙ୍ଗୁରୀ**



ଏଥିରେ କମ୍ ଖର୍ଚ୍ଚରେ ପ୍ରଚାର ପ୍ରସାର ହୋଇପାରୁଛି। ପ୍ରାର୍ଥୀ ଭୋଟରଙ୍କୁ କ'ଣ କହି ଭୋଟ ମାଗୁଛନ୍ତି, ଦଳର ଇସ୍ତାହାର ଆଜି ଭୋଟରଙ୍କୁ ଜଣାଇ ହେଉଛି। ତେଣୁ ସୋସିଆଲ ମିଡିଆ ପ୍ରଚାର ପାଇଁ ବେଶ୍ ଉପଯୋଗୀ ହୋଇପାରିଛି।
**-ବିଦ୍ୟାଧର ଖୁର୍ଡିଆ, ଗୋପପାଲି**



ସୋସିଆଲ ମିଡିଆ କ୍ରିୟାଶୀଳ ହେବା ସ୍ୱାଭାବିକ । ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଏହାଦ୍ୱାରା ମତଦାତାଙ୍କ ନିକଟରେ ଅତି ସହଜରେ ପହଞ୍ଚି ପାରୁଛି । ଅନ୍ୟପକ୍ଷରେ ସୋସିଆଲ ମିଡିଆକୁ ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନେ ବିଭିନ୍ନ ପ୍ରାର୍ଥୀ ଓ ଦଳୀୟ ପ୍ରଚାରକୁ ଜାଣିପାରୁଛନ୍ତି ।
**-ଲିପିକା ପ୍ରଧାନ, ଭାଲୁଡୁଙ୍ଗୁରୀ**

## କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟଙ୍କ ନିର୍ବାଚନୀ ପ୍ରଚାର

**ବୌଦ୍ଧ,୧୩।୪(ସ୍ୱ.ପ୍ର)**

କଂଗ୍ରେସର କନ୍ଧମାଳ ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ଶନିବାର ବୌଦ୍ଧରେ ନିର୍ବାଚନ ପ୍ରଚାର କରିଛନ୍ତି। ସେ ଜିଲା କଂଗ୍ରେସ କମିଟି ସଭାପତି ସୁଧିର ମହାକୁଡ, ବରିଷ୍ଠ ନେତା ନବ କୁମାର ମିଶ୍ର, ଅଭିମନ୍ୟୁ ବେହେରା ଓ ରାୟ ସଞ୍ଜୀବ କୁମାର ଦେଓ ପ୍ରମୁଖଙ୍କ ସହ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ସହ ରୋଡ ଶୋରେ ତେଲିବନ୍ଧ ନିକଟରୁ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ତାଙ୍କର ପ୍ରଚାର ଆରମ୍ଭ କରିଛନ୍ତି । ଭାଜପା ଓ ବିଜେଡି ଅନ୍ୟ ଅଞ୍ଚଳର ନେତାଙ୍କୁ ଏଠାରୁ ପ୍ରାର୍ଥୀ କରିଥିବାବେଳେ କନ୍ଧମାଳ କ୍ଷେତ୍ରର ବାସିନ୍ଦା ମନୋଜଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପାରମ୍ପରିକ ଭୋଟବ୍ୟାଙ୍କ ରହିଛି। ପ୍ରଚାରରେ ସିପିଆଇର ନେତା ଓ କର୍ମୀ ଏମ୍‌ପି ପ୍ରାର୍ଥୀଙ୍କ ସହ ସାମିଲ ହୋଇ ନ ଥିଲେ ।

### ସଂକ୍ଷେପରେ

## ତିନିଦିନ ପରେ ଭୋଟ: ବହୁ ବୁଥ୍‌ରେ ନାହିଁ ମୌଳିକ ସୁବିଧା

**ବୀରମହାରାଜପୁର, ୧୩।୪ (ଡି.ଏନ୍.ଏ):** ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ମଧ୍ୟରେ ରହିଛି ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହିକ୍ରମରେ ବୀରମହାରାଜପୁର ସଂରକ୍ଷିତ ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୧୮ ତାରିଖରେ ଭୋଟଗ୍ରହଣ କରାଯିବ। ତିନୋଟି ବ୍ଲକ ଯଥା ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ଏବଂ ବିନିକା ଏନ୍‌ଏସିକୁ ନେଇ ଗଠିତ ଉକ୍ତ ନିର୍ବାଚନ ମଣ୍ଡଳୀରେ ରହିଛି ୨୬୭ ଭୋଟଗ୍ରହଣ କେନ୍ଦ୍ର। ଚଳିତଥର ମତଦାତା ତଥା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ଯୋଗାଣ, ପାନୀୟଜଳର ସୁବ୍ୟବସ୍ଥା, ଶୌଚାଳୟ, ଦିବ୍ୟାଙ୍ଗଙ୍କ ସକାଶେ ର୍‍ୟାମ୍ପ ଭଳି ଆନୁସଙ୍ଗିକ ବ୍ୟବସ୍ଥା ସହ ଭୋଟ ଗ୍ରହଣ ଦିବସରେ ପ୍ରତୀକ୍ଷାଳୟ ଭଳି ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରାୟ ମାସକ ପୂର୍ବରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ତେବେ ଖବର ନେବାରେ ଜଣାପଡିଛି ଯେ, ଆଉମାତ୍ର ତିନିଦିନ ପରେ ଭୋଟଗ୍ରହଣ ହେବାକୁ ଯାଉଥିଲେ ହେଁ ଅଦ୍ୟାବଧି ବହୁ କେନ୍ଦ୍ରରେ ଏସବୁ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏ ସମ୍ପର୍କିତ ବାସ୍ତବ ତଥ୍ୟ ସ୍ଥାନୀୟ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ସୁଦ୍ଧା ନାହିଁ। ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଆବଶ୍ୟକ ସୁବିଧା ଉପଲବ୍ଧ ହେବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ନିର୍ବାଚନ ଦାୟିତ୍ୱରେଥିବା ସହକାରୀ ଜିଲାପାଳ ଅମୂଲ୍ୟ କୁମାର ସାହୁ ପ୍ରକାଶ କରିଛନ୍ତି।

## ଆଦିବାସୀ ସଂଘର ବୈଠକ

**ଉଲୁଣ୍ଡା, ୧୩।୪(ଡି.ଏନ.ଏ.):** ବର୍ଷ ବର୍ଷ ଧରି ଆଦିବାସୀମାନେ ଅବହେଳିତ ହୋଇ ରହିଛନ୍ତି। ସେମାନଙ୍କ ସାମଗ୍ରିକ ବିକାଶ ପାଇଁ କୌଣସି ଯୋଜାନା ହେଉନାହିଁ ଏଣୁ ଏଥର ଲୋକ ସଭା ଏବଂ ବିଧାନସଭାର ଯେଉଁ ପ୍ରାର୍ଥୀ ଆଦିବାସୀଙ୍କ ସମସ୍ୟାକୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବ ତାହାଙ୍କୁ ଭୋଟ ଦିଆଯିବ ବୋଲି ଶୁକ୍ରବାର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଆଦିବାସୀଙ୍କୁ ନେଇ ଉଲୁଣ୍ଡା ବ୍ଲକ ଏସ.ପତ୍ରାପାଲି ପଞ୍ଚାୟତର କୁସୁମପାଲ ଗ୍ରାମରେ ଅନୁଷ୍ଠିତ ଏକ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସୁବର୍ଣ୍ଣପୁର ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବୀରମହାରାଜପୁର, ଉଲୁଣ୍ଡା ଏବଂ ବିନିକା ବ୍ଲକର ଅଦିବାସୀ ଗଣ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଏସ.ପତ୍ରାପାଲି, ସିଣ୍ଢୋଲ, ଜଉଁରାଭଉଁରା, କୋଟସମଲାଇ, କାଦୋଦର ଆଦି ପଞ୍ଚାୟତରେ ଥିବା ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର, ଘରଡିହ, ଏବଂ ଭତା ଆଦି ପ୍ରଦାନରେ ବର୍ଷ ବର୍ଷ ଧରି ଅବହେଳା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୟାନିଧି ପଧାନ, ଜୟକୃଷ୍ଣ ମାଝି, ମାନୁ ବାର୍ଲା, ସିରିଏଲ ଯୋଯୋ ପ୍ରମୁଖ ଅଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଉଲୁଣ୍ଡା ବ୍ଲକ ସଂଘ ସଭାପତି ନନ୍ଦନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୧୩।୪(ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନକପୁରର ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୱାର୍ଡ ସଭ୍ୟା କୁନି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱାସ୍ଥ୍ୟ ପରିଦର୍ଶକ ଗିରିଧାରୀ ସାହୁ, ପର୍ଯ୍ୟବେକ୍ଷିକା ସୀମାରାଣୀ ସାହୁ, ଏଏନଏମ କର୍ମୀ ସଞ୍ଜୁରାଣୀ ମଲ୍ଲିକ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ଅଂଶୁଘାତର କାରଣ ଓ ଏହାର ନିରାକରଣ ବିଷୟରେ ବୁଝାଇଥିଲେ । ଏହି ଅବସରରେ ସେଠାରେ ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସୁଶ୍ରୀ ସଂଗୀତା ପଧାନ, ଆଶା କର୍ମୀ ଡଲି ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ରାଜକୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ୨୪ପ୍ରହର ନାମଯଜ୍ଞ

**ବିନିକା, ୧୩।୪(ଡି.ଏନ୍.ଏ.):** ବିନିକା ବ୍ଲକ୍ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମରେ ୨୪ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବ୍ୟାସଭାବେ ଧବଳେଶ୍ୱର ପାଢୀ, ଗଜେନ୍ଦ୍ର ପାଢୀ, ବଳରାମ ପାଢୀ, ଆଦିତ୍ୟ ପାଢୀ, ଅକ୍ଷୟ ପାଢୀ ଏବଂ ହେମକାନ୍ତ ପାଢୀ ଦାୟିତ୍ୱ ତୁଲାଇଥିଲେ। କର୍ତ୍ତାଭାବେ ରାଜେଶ ପାତ୍ର ଦାୟିତ୍ୱ ତୁଲାଇଥିଲେ ।



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଷଷ୍ଠତମ ଉଲୁଣ୍ଡା ପ୍ରିମିୟର ଲିଗ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ସୋନପୁର,୧୩।୪(ନି.ପ୍ର.)**

ସୁବର୍ଣ୍ଣପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ପ୍ରତୀକ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଓ ଯୁବକ ଯୋଗଦାନ କରିଥିଲେ। ବିଜେଡି ଏସ୍‌ସି ସେଲର ରାଜ୍ୟ ଉପସଭାପତି ଅଭିମନ୍ୟୁ କୁଶଳ, ବିଜେଡି ଜିଲା ଉପସଭାପତି ତଥା ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟାପକ ନୀଳାମ୍ବର ଶତପଥୀ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ଯୁବନେତା ତାପସ କୁମାର ବେଉରା, ପ୍ରକାଶ ବେବର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୫ ବର୍ଷର ଶାସନ ସମୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅନୁଦାନ ହ୍ରାସ କରିବା, କେବିକେ ଓ ବିଆରଜିଏଫ ଆଦି ଯୋଜନା ବନ୍ଦ କରିବା ସମ୍ପର୍କରେ ନେତାବୃନ୍ଦ ବୁଝାଇଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଛାତ୍ରବୃତ୍ତିକୁ କେନ୍ଦ୍ର ସରକାର ବନ୍ଦ କରିବା ସମ୍ପର୍କରେ ଆଲୋଚନା କରିବା ସହ ଓଡିଶାବାସୀ ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଛାତ୍ର ନେତା ଅଭିଶେକ ଶର୍ମା, ଦେବାଶିଷ ପଟ୍ଟନାୟକ, ଓ ସୁଶାନ୍ତ ବାଗ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

■ ସୁବର୍ଣ୍ଣପୁରରେ ଅଗ୍ନି ବର୍ଷା

## ୪୦ ଡିଗ୍ରୀ ଟପିଲା ପାରଦ

■ ସବୁଠି ଜଳ ସଙ୍କଟ
■ ଏଯାଏଁ ଖୋଲିନି ଜଳଛତ୍ର

**ସୋନପୁର,୧୩।୪(ନି.ପ୍ର.)**

ସମଗ୍ର ପଶ୍ଚିମ ଓଡିଶାରେ ଏବେ ନିଆଁ ବର୍ଷୁଛି। ସୁବର୍ଣ୍ଣପୁର ଜିଲାରେ ଅବସ୍ଥା ଅସମ୍ଭାଳ ହେଲାଣି। ପ୍ରତିଦିନ ପାରଦ ବଢି ଚାଲିଛି। ଅନୁରୁପ ଭାବେ ତାତି, ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ମଧ ବୃଦ୍ଧି ପାଉଛି। ଶନିବାର ପାରଦ ୪୦.୮ ଡିଗ୍ରୀରେ ପହଞ୍ଚିଛି । ଗତ ୬ ଓ ୧୦ ତାରିଖରେ ପାରଦ ୪୧.୨ ଡିଗ୍ରୀ ଛୁଇଁଥିଲା। ତାପମାତ୍ରା ବୃଦ୍ଧିରେ ଲୋକେ ସନ୍ତୁଳି ହେଉଥିବା ବେଳେ ଜଳକଷ୍ଟ ସେଥିରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ତୁରନ୍ତ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବାକୁ ଜିଲାବାସୀ ଦାବି କରିଛନ୍ତି। ନିର୍ବାଚନ ପରିଚାଳନାରେ ବ୍ୟସ୍ତ ପ୍ରଶାସନ ଜଳଛତ୍ର ଖୋଲିବାକୁ ଭୁଲିଯାଇଛି। ଫଳରେ ସୋନପୁର ସହରର ବସ୍‌ଷ୍ଟାଣ୍ଡ ସମେତ ଜନଗହଳିପୂର୍ଣ୍ଣ ସ୍ଥାନରେ ପାଣି ପାଇଁ ଲୋକେ ତହଲ ବିକଳ ହେଉଛନ୍ତି । ଥଣ୍ଡା ପାନୀୟ ଜଳ ପ୍ରକଳ୍ପଗୁଡିକ ଅଚଳ ହୋଇ ରହିଛି । ପୌର ପ୍ରଶାସନର ଏଥିପ୍ରତି ଦୃଷ୍ଟି ନାହିଁ। ଆବଶ୍ୟକ ବିଶ୍ରାମାଗାର ନ ଥିବାରୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗତ କିଛି ବର୍ଷ ହେବ ସୁବର୍ଣ୍ଣପୁର ଜିଲା ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହର ପାଲଟିଛି। ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜିମାଡ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ପୂର୍ବାହ୍ନ ସଢେ ୧୦ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଗରମ ଝାଞ୍ଜି ପବନ ଅସହ୍ୟ ହୋଇପଡୁଛି। ନିହାତି କାମ ନ ଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ମାତ୍ର ରାଜ୍ୟ ସରକାର ସ୍କୁଲ ଛୁଟି ଘୋଷଣା କରିନାହାନ୍ତି। ଏଭଳି ପରିସ୍ଥିତିରେ ଲୋଭୋଲଟେଜ୍, ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ଜିଲାର ଗ୍ରାମାଞ୍ଚଳରେ ଅବସ୍ଥା ସଙ୍ଗୀନ। ଅଧିକାଂଶ ନଳକୂପ ଓ ଜଳଯୋଗାଣ ପ୍ରକଳ୍ପ ଅଚଳ । ମହାନଦୀ ଓ ତେଲନଦୀ କୂଳରେ ଥାଇ ମଧ ସୋନପୁର ସହରବାସୀ ଜଳକଷ୍ଟ ଭୋଗୁଛନ୍ତି। ଯେଉଁ ଜଳ ଯୋଗାଣ ହେଉଛି ତାହା ମଧ ସ୍ୱଚ୍ଛ ନୁହଁ। କିଛିମାସ ପୂର୍ବରୁ ଶତାଧିକ ଲୋକ ଦୂଷିତ ପାଣି ପିଇ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ। ପୂର୍ବରୁ ସହରର ୧୨ରୁ ଉର୍ଦ୍ଧ୍ୱ ସ୍ଥାନରେ ଏପ୍ରିଲ ୧ରୁ ଜଳଛତ୍ର ଖୋଲା ଯାଉଥିଲା ତାହା ଏବେ ବନ୍ଦ । ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଗାଁ ଗଣ୍ଡାରେ ଥିବା ଜଳାଶୟ ଗୁଡିକ ଶୁଷ୍କ ହୋଇ ପଡିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଅନେକ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର ପରେ ଅଚଳ ନଳକୂପଗୁଡିକ ମରାମତି ହେଉନାହିଁ । ଯନ୍ତ୍ରାଂଶ ନଥିବା ଦର୍ଶାଯାଉଛି । ଏପଟେ ବିଭିନ୍ନ ଥଣ୍ଡା ପାନୀୟ, ସରବତ, ଆଖୁରସ, ଲସି, ଦହିବରା ଓ ତରଭୁଜ ଦୋକାନରେ ଲୋକଙ୍କ ଭିଡ ଜମୁଛି । ମାତ୍ର ସରକାରୀ ଅଫିସ ଗୁଡିକ ଖାଁ ଖାଁ ଲାଗୁଛି। ଅସହ୍ୟ ତାତି ସହ ଗୁଳୁଗୁଳି ଯୋଗୁଁ ଲୋକେ କୌଣସି କାମରେ ଅଫିସ ଆସୁ ନାହାଁନ୍ତି। ମେ ମାସରେ ସ୍ଥିତି ଆହୁରି ଉଗ୍ର ରୂପ ଧାରଣ କରିବା ସ୍ପଷ୍ଟ ହୋଇଗଲାଣି। ତେବେ ବିଦ୍ୟୁତ୍ ସରବରାହକୁ ସ୍ଥିର ରଖିବା, ପର୍ଯ୍ୟାପ୍ତ ଭାବେ ଜଳଛତ୍ର ଖୋଲିବା, ଅଚଳ ନଳକୂପ ଗୁଡିକୁ ସଜାଡିବା ଓ ଗାଇଗୋରୁ ଆଦି ଗୃହପାଳିତ ପଶୁଙ୍କ ପିଇବା ପାଇଁ ଜଳଯୋଗାଣ ବ୍ୟବସ୍ଥା ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।


# CLASSIFIED DISPLAY

**TARIFF** — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE
HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph- 9658822477
7008410379
(Clinical Psychologist)

BUSINESS
BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | Fuel Chg. |
|---|---|---|---|
| 13 / 17 | 18/-per Km. | 1800/- Ext.Hr.@180/- Ext.Km.@18/- | 7 km/liter D |
| 26 | 25/-per Km. | 2500/- Ext.Hr.@250/- Ext.Km.@25/- | 6 km/liter D |
| INNOVA/ MARAZZO | 11/-per Km. | 1300/- Ext.Hr.@130/- Ext.Km.@11/- | 10km/liter D |
| S.DZIRE/ H. EON | 10/-per Km. | 1000/- Ext.Hr.@100/- Ext.Km.@10/- | 14km/liter D |

With honest 100% correct GPS billing & genuine service
Unit of Annapurna Ventures Pvt. Ltd. GST 5% applicable
Explore ODISHA — Tours, Travels, Package Tours
N5/525, IRC Village, BBSR www.exploreodishatours.com
7008652192, 9777968477


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୪ ଏପ୍ରିଲ, ୨୦୧୯



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ୍



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

**ବରପାଲି, ୧୩।୪ (ଡି.ଏନ.ଏ)**
ଆସନ୍ତା ୧୫ ଓ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ସମେତ ପ୍ରତିଦ୍ୱନ୍ଦିତା କରୁଥିବା ବିଜେପୁର ଓ ବରପାଲିକୁ ପ୍ରଚାରରେ ଆସିବେ । ଏ ନେଇ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରେ ଶନିବାର ଏକ ପ୍ରାକ ପ୍ରସ୍ତୁତି ଅନୁଷ୍ଠିତ ହୋଇଛି । ବିଜେଡି ପର୍ଯ୍ୟବେକ୍ଷକ ଜିତୁ ପଟ୍ଟନାୟକ ପ୍ରଚାରର ମଙ୍ଗ ଧରିଥିବା ବେଳେ ଏହି ଅଭିଯାନକୁ ସଫଳ କରିବାକୁ ବିଭିନ୍ନ ରଣନୀତି ପ୍ରସ୍ତୁତ କରାଯାଇଛି । ଏଥିରେ ବିଧାୟିକା ରୀତା ସାହୁ ଅଧକ୍ଷତା କରିଥିଲେ । କର୍ମୀ ଓ ସଙ୍ଗଠକମାନଙ୍କୁ ନେଇ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା ।

### କଫ୍ ସିରପ, ଗଞ୍ଜେଇ ଜବତ : ୨ ଗିରଫ

**ପାଇକମାଳ,୧୩।୪ (ଡି.ଏନ.ଏ.)**
ପାଇକମାଳ ପୋଲିସ ଶୁକ୍ରବାର ସଡକପଡାରେ ଚଢାଉ କରି ୭ କିଲୋ ୨୫୦ ଗ୍ରାମ ଗଞ୍ଜେଇ, ୨୩୦ ବୋତଲ କଫ ସିରପ ଓ ନଗଦ ୩ ଲକ୍ଷ ୩୩ ହଜାର ଟଙ୍କା ଜବତ କରିଛି । ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ମୁକେଶ ଅଗ୍ରୱାଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୭୦/୧୯) ରୁଜୁ ହୋଇଛି। ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।

### ତାତି ସାଙ୍ଗକୁ ବିଦ୍ୟୁତ୍ କାଟ

**ଅତାବିରା, ୧୩।୪ (ଡି.ଏନ.ଏ.)-**
ଅତାବିରା ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢୁଛି । ତାତି ଯୋଗୁ ଦିନ ୧୦ଟା ପରେ ବାହାରକୁ ବାହାରି ହେଉନି । ଟାଣ ଖରା ହେଉଥିବାରୁ ଗୋପାଳକମାନେ ଗୋରୁ ଚରାଇବା ପାଇଁ ଚାରଣ ଭୂମିକୁ ନେଇ ପୁଣି ଘରକୁ ୧୦ଟା ପୂର୍ବରୁ ଆସିବାକୁ ପଡୁଛି। ତାତି ସାଙ୍ଗକୁ ବିଦ୍ୟୁତ ବିଭ୍ରାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ରାଜ୍ୟ ଓ ଜାତୀୟ ରାଜପଥରେ ବିଭିନ୍ନ ଯାନବାହନରେ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ର, ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି ।

### ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତା ବରଣ

**ଅତାବିରା, ୧୩।୪ (ଡି.ଏନ.ଏ.)**
ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗାର ଶ୍ରୀ ଶ୍ରୀ ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୧ ତାରିଖରେ ମହିଷାସୁର ରାଜ ଆରମ୍ଭ ହେବ । ୨୨ ତାରିଖରେ ମାହେଶ୍ୱରୀ ପୁରାଣ ପଠନ, ୨୩ ତାରିଖ ହାସ୍ୟ କବି ସମ୍ମିଳନୀ ଓ ଲୋକନୃତ୍ୟ । ୨୪ ତାରିଖରେ ଦୈତ୍ୟରାଜ ମହିଷାସୁରରାଜ ଶେଷ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ପ୍ରତିଷ୍ଠା ଉତ୍ସବରେ ଭୁବନେଶ୍ୱର ମହାକୁରଙ୍କୁ ଗ୍ରାମବାସୀଙ୍କ ତରଫରୁ ଶୁକ୍ରବାର ମୁଖ୍ୟକର୍ତ୍ତା ଭାବେ ବରଣ କରାଯାଇଥିଲା । ପଣ୍ଡିତ ପ୍ରତ୍ୟୁଷ ରଥ ପୂଜାପାଠ କରିଥିଲେ ।

### ଡାକ୍ତରଖାନାରେ ଜଳ ସଙ୍କଟ

**ପଦ୍ମପୁର, ୧୩।୪ (ଡି.ଏନ.ଏ.)-**
ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି । ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ହୋଇଥିବା ଯୋଗୁ ଦୂର ଦୂରାନ୍ତରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇଁ ଏଠାକୁ ଆସିଥାନ୍ତି । କିନ୍ତୁ ସେମାନେ ପାନୀୟ ଜଳ ସମସ୍ୟା ଭୋଗିଥାନ୍ତି । ପଦ୍ମପୁର ଲାୟନ୍ସ କ୍ଲବ ପକ୍ଷରୁ ଶୀତଳ ପାନୀୟ ଜଳର ସୁବିଧା ପାଇଁ ଚିକିତ୍ସାଳୟ ପରିସରରେ ଏକ ଫ୍ରିଜର ସ୍ଥାପନ କରାଯାଇଛି । ତାହା ପ୍ରଚଣ୍ଡ ଖରାରେ କାମକୁ ଆସୁନାହିଁ । ଫ୍ରିଜରକୁ ପାଣି ଯୋଗାଣ ବନ୍ଦ ହୋଇଛି । ତାହା କାର୍ଯ୍ୟକ୍ଷମ ହେଲେ ଅନେକ ଲୋକ ପାନୀୟ ଜଳ ପାଇପାରିବେ ।

### କଂଗ୍ରେସର ବାଇକ ରାଲି

**ବରପାଲି, ୧୩।୪ (ଡି.ଏନ.ଏ)**
ବିଜେପୁର ନିର୍ବାଚନ ମଣ୍ଡଳୀରେ ଶନିବାର କଂଗ୍ରେସ ପକ୍ଷରୁ ଏକ ବାଇକ ରାଲି ସହର ପରିକ୍ରମା କରିଥିଲା । ବହୁ ସଂଖ୍ୟକ କର୍ମୀ ପ୍ରାର୍ଥୀ ରିପୁନାଥ ସେଠଙ୍କ ପାଇଁ ନିର୍ବାଚନ ପ୍ରଚାରରେ ସାମିଲ ହୋଇ ତାଙ୍କ ସପକ୍ଷରେ ଭୋଟ ପ୍ରଚାର କରିଥିଲେ ।

# ପ୍ରାର୍ଥୀଙ୍କୁ ଘାରିଲାଣି ବିରୋଧ ଭୟ

**ବରଗଡ଼ ଅଫିସ୍,୧୩।୪**

ଚଳିତ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ଏହି ମତଦାନ ପ୍ରକ୍ରିୟାକୁ ଆଉ ମାତ୍ର ୫ଦିନ ବାକି ଅଛି । ସେହିପରି ୩ ଦିନ ପରେ ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ସରିବ । ବର୍ତ୍ତମାନ ପ୍ରଚାର ସମୟରେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନରେ କିଛି ପ୍ରାର୍ଥୀ ବିରୋଧର ସମ୍ମୁଖୀନ ହେଉଛନ୍ତି । ଅନେକ ସ୍ଥାନରେ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ଦଳର ପ୍ରାର୍ଥୀଙ୍କ ସମର୍ଥକମାନେ ମୁହାଁମୁହିଁ ହେବା ପରେ ଉତ୍ତେଜନା ମଧ୍ୟ ଦେଖାଯାଉଛି । ବିଭିନ୍ନ ଘଟଣାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ମାତ୍ର ଏଭଳି ଅନେକ ଘଟଣା ଥାନାକୁ ନ ଯିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ଗୋଟିଏ ପଟେ ପ୍ରଚାରବେଳେ ବିରୋଧ ପ୍ରାର୍ଥୀଙ୍କ ପାଇଁ ଯେଭଳି କାଳ ସାଜିଛି, ଅନ୍ୟପଟେ ଥାନାରେ ଏତଲା ଦେଲେ ଏହା ଆଗକୁ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିପକ୍ଷରେ ଆହୁରି ଜନମତ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଏଭଳି ଘଟଣାକୁ ଚାପି ଦିଆଯାଉଛି ।

ଏଭଳି ଘଟଣା ଜିଲାର କିଛି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଦେଖାଯାଉଛି, ତାହା ନୁହେଁ । ଉଣା ଅଧିକେ ପ୍ରାୟ ସମସ୍ତ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ବିରୋଧ, ସମାଲୋଚନାର ସମ୍ମୁଖୀନ ହେଉଥିବା ଚର୍ଚ୍ଚା ଚାଲିଛି । ଗତ କିଛିଦିନ ତଳେ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ପ୍ରାର୍ଥୀଙ୍କୁ ସ୍ଥାନୀୟ ଲୋକେ ପ୍ରଚାରବେଳେ ବିରୋଧ କରୁଥିବା ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀର ଦେବାହାଲ, ପରମାଣପୁର ଡୂରୀପଡ଼ା, ଦୁଲମପୁର ହରିଜନପଡ଼ା, ପାହାଡ଼ଶ୍ରୀଗିଡ଼ା ଭଳି କେତେକ ଜାଗାରେ ଜଣେ ପ୍ରାର୍ଥୀଙ୍କୁ ଅଞ୍ଚଳର କିଛି ଲୋକ ପ୍ରଚାରବେଳେ ବିରୋଧ କରି ନିଜ ଅସନ୍ତୋଷ ବ୍ୟକ୍ତ କରିଥିବା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଶନିବାର ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଦେବାହାଲରେ ଜଣେ ପ୍ରାର୍ଥୀଙ୍କୁ ଅଞ୍ଚଳର ଚାଷୀ, ମହିଳାଙ୍କ ବିରୋଧ ଅଧିକ ଉତ୍ତେଜନାମୂଳକ ଥିଲା । କତାବଗାରେ ଅନ୍ୟ ଜଣେ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ିରୁ ଦଳୀୟ ପତାକା କାଢ଼ି ନେବା ସହିତ ଗାଡ଼ି ଚାଳକଙ୍କୁ ପ୍ରତିପକ୍ଷ ଦଳ କିଛି ସମର୍ଥକ ମାଡ଼ପିଟ୍ କରିଥିବା ଭଳି ଘଟଣା ଅତାବିରା ନିର୍ବାଚନ ମଣ୍ଡଳୀର ରାଜନୈତିକ ତାତିକୁ ଆହୁରି ବଢ଼ାଇ ଦେଇଛି । ଖବର ଲେଖାହେବା ସୁଦ୍ଧା ଦେବାହାଲ ଘଟଣାକୁ ନେଇ ଥାନାରେ ଏତଲା ହୋଇ ନ ଥିବାବେଳେ କତାବଗା ଘଟଣାକୁ ନେଇ ଗାଡ଼ିଚାଳକ ସୁରେଶ ତାଣ୍ଡି ଅତାବିରା ଥାନାରେ ଏତଲା ଦେଇଛନ୍ତି। ତେବେ ପ୍ରଚାର ସମୟରୁ ଏଭଳି ଛୋଟବଡ଼ ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିବାରୁ ମତଦାନ ସମୟରେ ବିଶୃଙ୍ଖଳା ବଢିବା ଆଶଙ୍କା ରହିଛି ।



ପୋଡି ଯାଇଥିବା ଘର ।

# ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

**ବୌଦ୍ଧ,୧୩।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତର ସୁକପାଲି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ଓ ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି । ସୁକପାଲି ଗ୍ରାମର ସ୍ୱାଧୀନ ମହାକୁଲଙ୍କ ପରିବାର ରାତ୍ରିଭୋଜନ କରି ଶୋଇଥିଲେ । ହଠାତ ରାତି ସାଢେ ୨ଟାରେ ଘରେ ନିଆ ଲାଗିବା ଯୋଗୁ ପରିବାର ବର୍ଗ ପାଟିତୁଣ୍ଡ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ସେଠାକୁ ଆସି ନିଆଁକୁ ଆୟତ୍ତ କରିଥିଲେ । ଦମକଳ ଆସିଲା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା । ଖବର ପାଇ ସାମାଜିକ କର୍ମୀ ସୁବାଷ ପ୍ରଧାନ ଅଗ୍ନିବିପନ୍ନ ପରିବାରକୁ ଚୁଡା, ଚାଉଳ, ବସ୍ତ୍ର ଆଦି ଦେଇଥିବା ଜଣାପଡିଛି । ଅଗ୍ନି ବିପନ୍ନଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

# ଶ୍ରୀରାମ ନବମୀ ପାଇଁ କଳସ ଯାତ୍ରା

**ଘେଁସ,୧୩।୪ (ଡି.ଏନ.ଏ)**



ରାମ ନବମୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

ସୋହେଲା ବ୍ଲକ ବିର୍ଜାମ ଗ୍ରାମରେ ଶ୍ରୀ ରାମନବମୀ ପୂଜା ମହୋତ୍ସବ ଲାଗି ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ବଡକଟାରେ ପହଞ୍ଚିଥିଲେ । ପଣ୍ଡିତଙ୍କ ମନ୍ତ୍ରୋଚାରଣ ମଧ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ପରେ ମାନସିକ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ଅପରାହ୍ନରେ ପୂଜକ ଧନୁର୍ଦ୍ଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଋତୁ ସାହୁ ଏବଂ ତାଙ୍କ ସ୍ତ୍ରୀ ବବିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ସୋମବାର ପୂର୍ଣ୍ଣାହୁତି ହେବ ।

### ଗୁଡଭେଲିପଦର: ମାଙ୍କଡ ଉପଦ୍ରବ

**ଗୁଡଭେଲିପଦର, ୧୩।୪ (ଡି.ଏନ.ଏ)**

ଏବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ପ୍ରାଣୀମାନେ ଜଙ୍ଗଲ ଛାଡି ଗାଁ ମୁହାଁ ହେଲେଣି । କିଛି ଦିନ ହେବ ୪୦ରୁ ୫୦ ମାଙ୍କଡ ଆସି ଦଳ ଦଳ ହୋଇ ଗୁଡଭେଲିପଦର ଅଞ୍ଚଳ ବୁଲୁଛନ୍ତି । ଏମାନେ ବାଡିରେ ଥିବା ଆମ୍ବ, ମହୁଲ ଗଛରୁ ଫଳ ନଷ୍ଟ କରି ଦେଉଛନ୍ତି । ମୁଗ ଚାଷ ମଧ ମାଙ୍କଡ କବଳରୁ ମୁକ୍ତି ପାଇପାରୁନି । ଫଳରେ ଅଞ୍ଚଳର ଚାଷୀ କୁଳ ଚିନ୍ତାରେ ପଡିଛନ୍ତି ।

# ରାତି ଅଧିଆ ସେତୁ ନିର୍ମାଣ ଫଳକ ଲାଗିଲା

## ଫଳକ ଲାଗିବା ପରେ ଲୋକଙ୍କ କଟାକ୍ଷ



ଗ୍ରାମବାସୀ କଟାକ୍ଷ କରି ଲଗାଇଥିବା ଫଳକ ।

**ତଳଗାଁ,୧୩।୪(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମାଓବାଦୀ ଅଧୁଷିତ ଅଞ୍ଚଳ ଭାବେ ଜଣାଶୁଣା ମହାଲିକପଡା ପଞ୍ଚାୟତର ହାତୀଗଡ ନୂଆପଡା ନିକଟରେ ବହିଯାଇଥିବା ଏକ ନାଳ ଉପରେ ସେତୁ ନିର୍ମାଣ ପାଇଁ ଶୁକ୍ରବାର ରାତିରେ ତରବରିଆ ଭାବେ ଏକ ସୂଚନା ଫଳକ ଲଗାଯାଇଛି । ଉକ୍ତ ସୂଚନା ଫଳକରେ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ନୂଆପଡା ରାସ୍ତାରେ ୨.୦ କିମି ପ୍ରସ୍ତାବିତ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ଗତ ଫେବୃୟାରୀ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହୋଇଥିବା ବୋଲି ଉଲ୍ଲେଖ ରହିଛି । ଏହି ଫଳକକୁ ଦେଖି ସ୍ଥାନୀୟ ବାସିନ୍ଦା କଟାକ୍ଷ କରି ସେଠାରେ ଅନ୍ୟ ଏକ ଫଳକ ଲଗାଇଛନ୍ତି । ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ମହାନ୍ତିଙ୍କୁ ପଚାରିବାରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେତୁର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ନିର୍ବାଚନ ପାଇଁ ଲଗାଯାଇ ନ ଥିବା ପ୍ରକାଶ କରିଥିଲେ ।

# କ୍ରିକେଟ: ସହରାପାଲି ଚାମ୍ପିୟନ



ରାଣାପ୍ରତାପ ଟ୍ରଫି ପ୍ରତିଯୋଗିତାର ଖେଳାଳି ଓ ଅତିଥିଗଣ ।

**ଭେଡ଼େନ, ୧୩।୪ (ଡି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ରାଣାପ୍ରତାପ ଟ୍ରଫି ଏକଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ସହରାପାଲି ଦଳ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ସହରାପାଲି ଦଳ ଅରେଇଗୁଡ଼ି ଦଳକୁ ୭ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସହରାପାଲି ଦଳ ନିର୍ଦ୍ଧାରିତ ୫ ଓଭର ୪୮ ରନ କରିଥିଲେ । ଜବାବରେ ଅରେଇଗୁଡ଼ି ଦଳ ୫ ଓଭରରେ ୪୧ ରନ କରିଥିଲା । ବିଜୟୀ ଦଳର ଅନୀଲ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ଅମ୍ପାୟାର ମନୋରଞ୍ଜନ କୁମ୍ଭାର, ମୁକେଶ ଭୋସାଗର, ମୋହନ ସାହୁ, ଚିତ୍ତରଞ୍ଜନ କୁମ୍ଭାର ମୋହନ ଲୁହା ପ୍ରମୁଖ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ଆମ୍ବ କମିଟି ସଭାପତି ହରିଶଙ୍କର ବେହେରା ମୁଖ୍ୟ ଅତିଥି ଏବଂ ତୁଷବନ୍ତ ବେହେରା, ଭାଗିରଥି କୁମ୍ଭାର,କ୍ଷେତ୍ର ରାଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

### ଖାରବେଳଙ୍କ ପଥପ୍ରାନ୍ତ ସଭା

**ମନମୁଣ୍ଡା, ୧୩।୪ (ଡି.ଏନ.ଏ)**

କନ୍ଧମାଳ ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଐର ମହାମେଘବାନ ଖାରବେଳ ସ୍ୱାଇଁ ଶନିବାର ବୌଦ୍ଧ ଜିଲା ମନମୁଣ୍ଡାରେ ପଥପ୍ରାନ୍ତ ସଭା କରି ନିର୍ବାଚନୀ ପ୍ରଚାର କରିଛନ୍ତି । ସେ ଅପରାହ୍ନ ୪ଟା ବେଳେ ବାସୁଦେବପାଲି (ମନମୁଣ୍ଡା) ଡାକବଙ୍ଗଳାରୁ ଏନଏଚ-୫୭ରେ ଶୋଭାଯାତ୍ରା କରି ଦେଉଳି ପର୍ଯ୍ୟନ୍ତ ଯାଇଥିଲେ। ଭାଜପା ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଏବଂ ଏମ୍‌ପି ପ୍ରାର୍ଥୀ ସ୍ୱାଇଁ ପାଇଁ ନିଜ ସପକ୍ଷରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ଏହି ଅବସରରେ ଖାରବେଳ ଡାକ୍ତରଖାନା ଛକ, ଶ୍ରୀଭଗବତ ମନ୍ଦିର ପ୍ରାଙ୍ଗଣ, ଗାନ୍ଧୀଛକ ଏବଂ କପାସିରାଠାରେ ପଥପ୍ରାନ୍ତ ସଭା କରିଥିଲେ । ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଓବିସି ମଣ୍ଡଳ ସଭାପତି ପ୍ରେମଜାର ଶାହା, ଯୁବ ନେତା ଗୋପାଳ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସ୍ୱାଇଁଙ୍କୁ ମନମୁଣ୍ଡା ଭୁଲିଆ ସମାଜ, ଭଗବତ ମନ୍ଦିର କମିଟି ପକ୍ଷରୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଭାଜପାରେ କଂଗ୍ରେସ କର୍ମୀ ସାମିଲ

**ତଳଗାଁ,୧୩।୪(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି । ବୌଦ୍ଧ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିବାରୁ ଏହା ଜିଲା କଂଗ୍ରେସ ପ୍ରତି ଅପମାନ ବୋଲି ଦର୍ଶାଇ ହରଭଙ୍ଗା ବ୍ଲକର ପୂର୍ବତନ ସଭାପତି କାହ୍ନୁ ଚରଣ ନାଥଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ । ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ସମର୍ଥନ କରି ଏମାନେ ରୋଡ ଶୋରେ ସାମିଲ ହୋଇ ପ୍ରଚାର କରିଥିଲେ। ଭାଜପାର ରୋଡ ଶୋ ହରଭଙ୍ଗାରୁ ବାହାରି ଖାଲଗାଡୁରେ ଶେଷ ହୋଇଥିଲା । ଏଥିରେ ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନ, ପ୍ରଶନ୍ନ ପ୍ରଧାନ, ମାଗୁଣୀ ଗାଇଗୌରିଆ, ରବିନାରାୟଣ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ ପ୍ରଧାନଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ ।

# ବୌଦ୍ଧରେ ରାମଲୀଳା ଉତ୍ସବ

**ବୌଦ୍ଧ,୧୩।୪(ସ୍ୱ.ପ୍ର)**

ଗଡଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବ ପବିତ୍ର ରାମନବମୀ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତି ମଣ୍ଡପ ଠାରେ ଆରମ୍ଭ ହୋଇଛି। ରାମ ନବମୀ ଉତ୍ସବ ଅବସରରେ ସାରା ବୌଦ୍ଧ ସହର ଚଳଚଞ୍ଚଳ ରହିବା ସହିତ ଯାତ୍ରାନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟ ପରମ୍ପରା ଅନୁଯାୟୀ ୧୮ ଦିନ ବ୍ରତ ଧାରଣ କରିଛନ୍ତି। ସକାଳେ ସ୍ଥାନୀୟ ହନୁମାନ ମନ୍ଦିର ନିକଟରୁ ମହାନଦୀର ପବିତ୍ର ଜଳକୁ ୧୦୮ କଳସରେ ନେଇ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ନେଇ ମାରୁତି ମଣ୍ଡପରେ ସ୍ଥାପନ କରାଯାଇଥିଲା । ଯାତ୍ରାରେ ଅଂଶଗ୍ରହଣ କରିଥିବା ବ୍ରତଧାରୀ ମାନେ ରାମନବମୀ ଦିନଠୁ ନିଜସ୍ୱ ଗୃହ ତ୍ୟାଗ କରିଛନ୍ତି । ଏହି ଯାତ୍ରା ସମୟରେ ସମସ୍ତ ବ୍ରତଧାରୀ ଗୋଟିଏ ଓଳି ହବିଷାନ୍ନ ଭକ୍ଷଣ କରିବା ସହିତ ସମସ୍ତ ସୁଖ ସ୍ୱାଛନ୍ଦ୍ୟକୁ ତ୍ୟାଗ କରି ଭୂମିରେ ଶୋଇବା ପାଇଁ ସଂକଳ୍ପ ବଦ୍ଧ ହୋଇଛନ୍ତି । ରାମଲୀଳା ଅବସରରେ ୧୮ ଦିନ ଧରି ଭଗବାନ ଶ୍ରୀରାମଙ୍କ ଜୀବନ ଚରିତକୁ ମାରୁତି ମଣ୍ଡପରେ ବ୍ରତଧାରୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯିବ।

**ମନମୁଣ୍ଡା, (ଡି.ଏନ.ଏ):** ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳିଙ୍କ ଅଧ୍ୟକ୍ଷତାରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ବ୍ରଜମୋହନ କର୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିଶୁ ଭାଇ ଭଉଣୀ ଶ୍ରୀରାମଚନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ସ୍ଥାନୀୟ ଶ୍ରୀରାମ ମନ୍ଦିରକୁ ଭ୍ରମଣରେ ଯାଇଥିଲେ । ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକା ସେବକ ଓ ଶିଶୁମାନେ ସହଯୋଗ କରିଥିଲେ । ଶେଷରେ ସିନ୍ଧୁସୁତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

**ଘଣ୍ଟାପଡା,(ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାଠାରେ ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ଓ ଶ୍ରୀ ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ରଙ୍କ ପୂଜା ଓ ନାଟ୍ୟାଭିନୟ ଆରମ୍ଭ ହୋଇଛି । ଶନିବାର ପୂର୍ବାହ୍ନ ୯ଟା ସମୟରେ ଉଭୟ ସଂସଦର କଳାକାର ତଥା ଶ୍ରଦ୍ଧାଳୁ ଭକ୍ତମାନେ ତେଲନଦୀର ସମଲେଶ୍ୱରୀ ଘାଟରୁ ଜଳପୂର୍ଣ୍ଣ କଳସ ଧରି ଗ୍ରାମ୍ୟ ପରିକ୍ରମା କରିସାରିବା ପରେ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ୧୪ ଦିନ ଧରି ହେବାକୁ ଥିବା ଏହି ପୂଜା ଓ ନାଟ୍ୟୋତ୍ସବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅଶୋକ ଦେହୁରୀ ଓ ଦେବେନ୍ଦ୍ର ନାଥ ରଣା ପ୍ରକାଶ କରିଛନ୍ତି। ସେହିପରି ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଗୁରୁଜୀ ଶେଷଦେବ ସେଠୀଙ୍କ ନେତୃତ୍ୱରେ ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଶ୍ରୀରାମଚନ୍ଦ୍ରଙ୍କ ପୂଜା କରିଥିଲେ । ସେହିପରି ସମାକୁପା, ସିଲେଟପଡା, ନୂଆପାଲି, ମସିଣାଗୋରା, ନାରାୟଣ ପ୍ରସାଦ ଆଦି ସ୍ଥାନରେ ଶ୍ରୀରାମ ନବମୀ ପାଳିତ ହେଉଛି ।

# ବେଶଭୂଷାରେ ସଜ୍ଜିତ ହେଲେ ଶିଶୁ

**ଅତାବିରା, ୧୩।୪ (ଡି.ଏନ.ଏ)**

ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଶୈକ୍ଷିକ ପ୍ରମୁଖ ମୁନୁ ବଡ଼େଇ ମୁଖ୍ୟଅତିଥି, ମାନସ ରଞ୍ଜନ ଦନ୍ତା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ ଓ ଶ୍ରୀରାମ ନବମୀ ବିଷୟରେ ଅଭିଭାଷଣ ଦେଇଥିଲେ । ଆଚାର୍ଯ୍ୟ ସାନ୍ତ୍ୱନା ପୁରୋହିତ, ସତ୍ୟଶ୍ରୀ ସାହୁ, ଶିଶୁ ବାଟିକା ବିଭାଗ ପ୍ରମୁଖ ପଦ୍ମିନୀ ଭୋଇ, ଜ୍ୟୋସ୍ନା ନାୟକ, ମାନିନୀ ସାହୁ, ସୋନାଲି ବେହେରା, ସେବତୀ ଭୋଇ ପ୍ରମୁଖ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ । ଆଚାର୍ଯ୍ୟ ଯୋଗେଶ ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଜିତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

**ବରପାଲି, (ଡି.ଏନ.ଏ):** ବରପାଲି ଗୁଡିଆପଡା ସ୍ଥିତ ଶ୍ରୀରାମ ମନ୍ଦିରରେ ସପ୍ତାହ ବ୍ୟାପୀ ହେବାକୁ ଥିବା ରାମନବମୀ ମହୋତ୍ସବ ଶନିବାର ଆରମ୍ଭ ହୋଇଛି । ଏହି ଅବସରରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ମନ୍ଦିରରେ ସ୍ଥାପନ କରାଯାଇଥିଲା। ମଧ୍ୟାହ୍ନରେ ଶ୍ରଦ୍ଧାଳୁ ମହିଳାମାନେ ଉପବାସ ରହି ପୂଜାର୍ଚ୍ଚନା କରିଥିଲେ । ବରପାଲିରେ ୧୩୦ତମ ରାମନବମୀ ମହୋତ୍ସବ ଏକ ଗଣପର୍ବରେ ପରିଚିତ ହୋଇଛି । ଏଥିପାଇଁ ସହର ଉତ୍ସବ ମୁଖର ହୋଇ ଉଠିଛି । ଏଠାରେ ପ୍ରତ୍ୟେହ ସାଂସ୍କୃତିକ ହେବାର କାର୍ଯ୍ୟକ୍ରମ ରହିଛି । ଉତ୍ସାହୀ ଯୁବକମାନେ ଏହାର ପରିଚାଳନା ଦାୟିତ୍ୱରେ ରହିଛନ୍ତି ।

**ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ**



ବରପାଲିରେ ପୂଜିତ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି ।



ଅତାବିରାରେ ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି ।

**ପଦ୍ମପୁର, ୧୩।୪ (ଡି.ଏନ.ଏ):** ସ୍ୱଧର୍ମ ଚେତନା ଆଶ୍ରମ ପରିସରରେ ଶ୍ରୀରାମ ନବମୀ ପାଳନ କରାଯାଇଛି। ମଣି ମହାନନ୍ଦ ଓ ତାଙ୍କ ସ୍ତ୍ରୀ କାନ୍ତି ଲୁହାର ମୁଖ୍ୟକର୍ତ୍ତା ଭାବେ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ଟିକେଲାଲ ପ୍ରଧାନ, ବୀରବର ପ୍ରଧାନ, ପଦ୍ମଲୋଚନ ବେରିଆ, ରାମଚନ୍ଦ୍ର ମହାନନ୍ଦ, ସାଇପ ପ୍ରଧାନ, ଧନସାଏ ଗିଙ୍ଗରା ସହଯୋଗ କରିଥିଲେ। ସେହିପରି ପଦ୍ମପୁର ବ୍ଲକ କଲୋନୀ ସ୍ଥିତ ଶିରିଡି ସାଇ ମନ୍ଦିରରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସାଇ ଭକ୍ତମାନେ ସକାଳେ ରାମଧ୍ୱନ ଗାଇ ସହର ପରିକ୍ରମା କରିଥିଲେ।ସକାଳ ୧୦ଟାରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ସୁନୀଲ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ମମତା ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ସରୋଜ ପାଣିଗ୍ରାହୀ ଓ ଅଗସ୍ତି ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ସାଇ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ରାଧେଶ୍ୟାମ ବେହେରା, ପ୍ରଦୀପ ସାହୁ, ଅଭିମନ୍ୟୁ ପ୍ରଧାନ, ସାମାଜିକ କର୍ମୀ ନିରୋଜ ଦୋରା, ଗୋପୀନାଥ କାଲୋ, ଅରୁଣ ଦାନୀ, ବିଶ୍ୱନାଥ ଜେନା, ଭି. ଆନନ୍ଦନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପୂଜକ ମୁଦିରଥ ପଣ୍ଡା ନେତୃତ୍ୱରେ ଗୋପାଳଜୀ ମନ୍ଦିରରୁ ଶ୍ରୀରାମ, ସୀତା ଓ ହନୁମାନଙ୍କ ବିଗ୍ରହ ଏକ ସୁସଜ୍ଜିତ ରଥରେ ଅଣାଯାଇଥିଲା। ଶିଶୁମନ୍ଦିର ଭଉଣୀଭାଇମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶଧରି ଶୋଭାଯାତ୍ରାରେ ଶିଶୁମନ୍ଦିରରୁ ବାହାରି ମେହେରପଡା, ଅହିଂସା କ୍ଲବ ଛକ, ଭେଉଁରିଆଛକ ଦେଇ ଶିଶୁମନ୍ଦିରକୁ ଫେରିଥିଲେ। ଏଥିରେ ପୂର୍ବତନ ଛାତ୍ରୀଛାତ୍ର ମଧ ସାମିଲ ହୋଇଥିଲେ। ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।

**ବିଜେପୁର, ୧୩।୪ (ଡି.ଏନ.ଏ):** ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ଶନିବାର ପାଳିତ ହୋଇଯାଇଛି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସୁଶ୍ରୀ ମନ୍ଦାକିନୀ ସାହୁ, ହେମଚନ୍ଦ୍ର ଦାଶ ବୌଦ୍ଧିକ ପ୍ରଦାନ କରିଥିଲେ। ଚିତ୍ରାଙ୍ଗନା ତନସନା ଉଦ୍ଦେଶ୍ୟ ଜ୍ଞାପନ, ପ୍ରଶାନ୍ତ ପଟେଲ ସଭା ସଂଯୋଜନା କରିଥିଲେ। ସହଦେବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



"ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ୨୫ ଭାଜପା କର୍ମୀଙ୍କ ବିଜେଡିରେ ଯୋଗଦାନ

**ଦେଓଗାଁ,୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଡା. ବାସୁଦେବ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିପାଇଁ ବିଜୁ ଜନତା ଦଳ ଉପରେ ଆସ୍ଥା ରଖିବା ପାଇଁ ଆହ୍ୱାନଦେଇଥିଲେ। ଏହି ଅବସରରେ ସିଂହାମୁଣ୍ଡାର ଭାଜପା କର୍ମୀ ଅଜିତ ବଗର୍ତ୍ତୀ, ତ୍ରିନାଥ ସାହୁ, ଦେବ ସାହୁ ଆଦି ୨୦ଜଣ ଓ ଚୋରମରା ଗାଁର କଷ୍ଟ ମିଶ୍ରଙ୍କ ସମେତ ୫ ଜଣ ବିଜେଡିରେ ଯୋଗଦେଇଥିଲେ। ଏମାନଙ୍କୁ ବିଧାୟକ ପ୍ରାର୍ଥୀ ଅର୍କେଶ ସ୍ୱାଗତ କରିଥିଲେ । ପରେ ଦଳୀୟ କର୍ମକର୍ତ୍ତା ଗହଣରେ ଅର୍କେଶ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ପ୍ରଚାର କରିଥିଲେ । କାର୍ଯ୍ୟକ୍ରମକୁ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ଦୀପକ ବେହେରା, ସଞ୍ଜୀବ ସାହୁ, ଦୟାମୟ ସାହୁ, ସନ୍ୟାସୀ ସାହୁ, ବେଣୀ ମାଧବ ହୋତା, ରଜନୀକାନ୍ତ ଦାସ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ ।







ରାମନବମୀ ଅବସରରେ ବଲାଙ୍ଗୀର ଶ୍ରୀରାମ ଚରିତ ମାନସ ମନ୍ଦିରରେ ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ପୂଜାର୍ଚ୍ଚନା କରାଯାଉଛି (ବାମ)। ଶ୍ରୀରାମ ନବମୀ ଉପଲକ୍ଷେ ବଲାଙ୍ଗୀର ଡେଲିମାର୍କେଟ ସ୍ଥିତ ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି (ମଝି)। ବଲାଙ୍ଗୀର ରୁଗୁଡିପଡା ପୂଜାମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା କରାଯାଉଛି । (ଫଟୋ-ସୁନୀଲ) ।

# ରାମ, ଲକ୍ଷ୍ମଣ ବେଶରେ ସଜ୍ଜିତ ହେଲେ ଛାତ୍ରୀଛାତ୍ର

**ଦେଓଗାଁ,୧୩।୪(ଡି.ଏନ.ଏ.)**

ଦେଓଗାଁ ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ରାମନବମୀ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହିଦିନ ସକାଳୁ ଶିଶୁ ଭଉଣୀ ଭାଇମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଆଦି ବିଭିନ୍ନ ବେଶରେ ସଜ୍ଜିତହୋଇ ଦେଓଗାଁ ଓ କଛାରପାଲି ପରିକ୍ରମା କରିଥିଲେ । ଏ ଅବସରରେ ସରସ୍ୱତୀ ଶିଶୁ ମନ୍ଦିରରେ ପୂଜାର୍ଚ୍ଚନା ହେବାସହ ୧ ହଜାର ଦୀପ ପ୍ରଜ୍ଜଳନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସେବିକା ସେବକବୃନ୍ଦ ସହଯୋଗ କରିଥିଲେ । ସେହିପରି ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କଡୁଆଙ୍କ ତତ୍ତ୍ୱାବଧାନରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଥିଲା । ଏଥିରେ ପ୍ରବିର ସିଂ ନିନା ଯୋଗଦେଇଥିଲେ। ଏଥିସହ ସାଗରପାଲି, ଚନ୍ଦ୍ରପୁର, ହାତିସରା, କୁତୁର୍ଲା, ଜରାସିଂହା, କୁଲିଆବାହାଲ, ସାଲେପାଲି ଆଦି ବିଭିନ୍ନ ଗ୍ରାମରେ ରାମନବମୀ ପାଳିତ ହୋଇଛି ।



ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଭଉଣୀଭାଇମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି ।

# ଆଧୁନିକ ବଲାଙ୍ଗୀର ନିର୍ମାଣ ପାଇଁ ଭୋଟ ଦିଅନ୍ତୁ: ନରସିଂହ

**ବଲାଙ୍ଗୀର ଅଫିସ,୧୩।୪**

କଂଗ୍ରେସ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର ଶନିବାର ବଲାଙ୍ଗୀର ସହରର ବିଭିନ୍ନ ପଡାରେ ନିର୍ବାଚନୀ ପ୍ରଚାର କରିଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ବଲାଙ୍ଗୀରର ବିକାଶକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଆଉ ୫ ବର୍ଷ ପାଇଁ ଭୋଟ୍ ଦେବାକୁ ନିବେଦନ କରିଥିଲେ । ଆଗାମୀ ଦିନରେ ଆଧୁନିକ ବଲାଙ୍ଗୀର ନିର୍ମାଣ କରାଯିବ ବୋଲି ସେ କହିଥିଲେ । ବଲାଙ୍ଗୀର ମ୍ୟୁନିସିପାଲିଟିର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ତୁଲସୀନଗର, ମହାଲକ୍ଷ୍ମୀନଗର, ରାଜୀବନଗର, ସାଲେପାଲି, ବିଜାଖମନ୍ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ବିଧାୟକ ମିଶ୍ରଙ୍କୁ ଉଚ୍ଛସିତ ସ୍ୱାଗତ କରିଥିଲେ । ତୁଲସୀନଗର ଠାରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ବିଧାୟକ ମିଶ୍ର ୨୦୧୪ରେ ବଲାଙ୍ଗୀରରେ ଯେଉଁ ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଛି ତାର ପୂର୍ଣ୍ଣାଙ୍ଗ ବିକାଶ ଆଗାମୀ ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ । ତୁଲସୀନଗରଠାରେ ଯୁବକଂଗ୍ରେସ ସଙ୍ଗଠନ ସମ୍ପାଦକ ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିବେକ ରଥ, କିଶୋର ରଥ, ସୁରେନ୍ଦ୍ର ଅଗ୍ରୱାଲ, ସୁଦାମ ସାହୁ, ନୀଲ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ କାଉନ୍ସିଲର ନିଶିକାନ୍ତ କୁମ୍ଭାର ଧନ୍ୟବାଦ ଦେଇଥିଲେ । ପୂର୍ବାହ୍ନ ୯ଟାରୁ ବିଧାୟକ ମିଶ୍ର ନିର୍ବାଚନ ପ୍ରଚାରରେ ବାହାରି ଦୁର୍ଗା ମନ୍ଦିରର ଦୁର୍ଗାମଣ୍ଡପ, କଂସାରୀପଡା, ନନ୍ଦିନୀ ନଗର, ଗୁଜୁରାଟି ସମାଜ, ଇଚ୍ଛାପଡା, ରୁଗୁଡିପଡା, ସାଗରପଡା, ବ୍ରାହ୍ମଣପଡା, ତାଳପାଲିପଡା ଅଞ୍ଚଳରେ ନିର୍ବାଚନ ସଭାମାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ, ଚାଷୀନେତା ଡା. ସୁଧୀର ପରିଚ୍ଛା, ସୁଦାମ ସାହୁ, ସନ୍ତକ ବହିଦାର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ତୁଲସୀନଗରରେ ସ୍ୱାଗତ କରାଯାଉଛି ।

### ଏବିଭିପି ତରଫରୁ ଶତ ପ୍ରତିଶତ ମତଦାନ ଅଭିଯାନ

# ଜନସାଧାରଣଙ୍କୁ ଦେଲେ ସଚେତନତା ବାର୍ତ୍ତା

**ଖପ୍ରାଖୋଲ, ୧୩।୪(ଡି.ଏନ.ଏ.)**

ଗଣତନ୍ତ୍ରକୁ ମଜଭୁତ କରିବା ସହିତ ଏକ ସଶକ୍ତ, ସ୍ଥାୟୀ ଏବଂ ଏକକ ସଂଖ୍ୟାଗରିଷ୍ଠ ସରକାର ନିର୍ବାଚିତ କରି ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟନେଇ ଏବିଭିପି ପକ୍ଷରୁ ଶତପ୍ରତିଶତ ମତଦାନ ଅଭିଯାନ କାର୍ଯ୍ୟକ୍ରମ ଖପ୍ରାଖୋଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁସିଂ କାର୍ଡ, ଲିଫଲେଟ ବାଣ୍ଟି ଲୋକଙ୍କୁ ଶତପ୍ରତିଶତ ମତଦାନ କରିବାକୁ ସଚେତନ କରିଥିଲେ । ସେହିପରି ୨ ଦିନ ତଳେ ମାଓବାଦୀ ଭୋଟବର୍ଜନ ଆହ୍ୱାନ ଦେଇଥିବା ହରିଶଙ୍କରଠାରେ ମଧ୍ୟ ଲୋକଙ୍କୁ ଭୋଟ ଦେବାକୁ ବୁଝାଇଥିଲେ। ବିଦ୍ୟାର୍ଥୀ ପରିଷଦର ଜିଲା ସଂଗଠକ ସମ୍ପାଦକ ନିକୁ ବିହାରି ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣ ନୋଟାକୁ ଭୋଟ ନ ଦେଇ ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରି ଏକ ସଶକ୍ତ ସରକାର ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ।



ଏବିଭିପି ପକ୍ଷରୁ ଶତପ୍ରତିଶତ ମତଦାନ ଅଭିଯାନରେ ସାମିଲ କର୍ମକର୍ତ୍ତା।

# ବିଜେଡିରେ ଯୋଗଦେଲେ ପୂର୍ବତନ ଜିଲା କଂଗ୍ରେସ ସଭାପତି, ନଗରପାଳ

**ବଲାଙ୍ଗୀର ଅଫିସ, ୧୩।୪**

ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଦଳ ଛାଡିଥିବା ପୂର୍ବତନ ଜିଲା କଂଗ୍ରେସ ସଭାପତି ଭଗବାନ ବଗର୍ତ୍ତୀ, ପୂର୍ବତନ ନଗରପାଳ ପ୍ରଦୀପ ସାହୁ ପ୍ରମୁଖ ଶୁକ୍ରବାର ରାତିରେ ବିଜେଡିରେ ଯୋଗଦେଇଛନ୍ତି। କିଛିଦିନ ତଳେ ବିଧାୟକ ନରସିଂହ ମିଶ୍ରଙ୍କ ବିରୋଧରେ ବିଷୋଦ୍‌ଗାର କରି ଦଳ ଛାଡିଥିବା ବଗର୍ତ୍ତୀ, ନଗରପାଳ ସାହୁଙ୍କ ସହ ଅନ୍ୟମାନେ କୌଣସି ଦଳରେ ଯୋଗଦାନ କରିବେ ନାହିଁ ବୋଲି ଘୋଷଣା କରିଥିଲେ। ତେବେ ଦଳ ଛାଡିବାର ୧୦ ଦିନ ପରେ ବିଜେଡିରେ ସାମିଲ ହୋଇଛନ୍ତି । କଂଗ୍ରେସ ନେତା ବଗର୍ତ୍ତୀ, ସାହୁଙ୍କ ସହ ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିବା ସୂଚନା ଦିଆଯାଇଛି । ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ସମସ୍ତ ନେତା ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। ପ୍ରବୀଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦେଇଥିବା ନେତା ବଗର୍ତ୍ତୀ ବଲାଙ୍ଗୀରରେ କଂଗ୍ରେସଦଳ ଏବେ ଗୋଟିଏ ପରିବାର କବ୍‌ଜା ରହିଛି ବୋଲି ଅଭିଯୋଗ କରିଥିଲେ । ଏହି ମିଶ୍ରଣ ପର୍ବରେ ଭାଜପା ନେତା ପ୍ରମୋଦ ସାହୁ ଓ ତାଙ୍କ ବହୁ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ।



ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଆହତ ବିଜେଡି କର୍ମୀଙ୍କୁ ମେଡିକାଲରେ ଭେଟୁଛନ୍ତି।

## ପ୍ରଚାର ବେଳେ ବିଜେଡି କର୍ମୀଙ୍କୁ ମାଡ: ଚନ୍ଦନଭାଟିରେ ଉତ୍ତେଜନା

**ବଲାଙ୍ଗୀର ଅଫିସ,୧୩।୪**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ନିବାଚନୀ ପ୍ରଚାର ବେଳେ ଶନିବାର ରାତିରେ ଜଣେ ବିଜେଡି କର୍ମୀଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ପ୍ରଫୁଲ କୁମାର ମେହେର(୫୦)। ତାଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହାସପାତାଳରେ ଭର୍ତ୍ତି କରାଯାଇଛି। କଂଗ୍ରେସ କର୍ମୀମାନେ ତାଙ୍କୁ ଆକ୍ରମଣ କରିଥିବା ପ୍ରଫୁଲ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଖବର ପାଇ ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଓ ବରିଷ୍ଠ ବିଜେଡି ନେତା ଡା.ବାସୁଦେବ ପତି ମେଡିକାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। କଂଗ୍ରେସ କର୍ମୀଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ଆହତଙ୍କୁ ଭେଟିବା ପରେ ଅର୍କେଶ କହିଛନ୍ତି। ଏ ନେଇ ଏସ୍‌ପି କେ. ଶିବା. ସୁବ୍ରମଣିଙ୍କୁ ପଚାରିବାରୁ ସାମାନ୍ୟ କଥାକୁ ନେଇ ଚନ୍ଦନଭାଟିରେ ଠେଲାପେଲା ହୋଇଛି । ତେବେ ଠିକଣା ସମୟରେ ପୋଲିସ ପହଞ୍ଚିଥିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ହ୍ରାସ ପାଇଛି ବୋଲି କହିଥିଲେ। ଏ ସମ୍ପର୍କରେ କଂଗ୍ରେସ ଦଳ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph- 9658822477
7008410379
(Clinical Psychologist)

BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | Fuel Chg. |
|---|---|---|---|
| 13 / 17 | 18/-per Km. | 1800/- Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Explore ODISHA — Tours, Travels, Package Tours
Unit of Annapurna Ventures Pvt. Ltd. GST 5% applicable
N5/525, IRC Village, BBSR www.exploreodishatours.com
7008652192, 9777968477


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ତୁଷରାରେ ପ୍ରବଳ ଗ୍ରୀଷ୍ମ ଲହରି

**ଗୁଡଭେଲା,୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷରା ଓ ଗୁଡ଼ଭେଲା ବ୍ଲକ ଅଞ୍ଚଳରେ ଏବେ ପ୍ରବଳ ଗ୍ରୀଷ୍ମ ଲହରି ଅନୁଭୂତ ହେଉଛି । ତାପମାତ୍ରା ୪୦ଡିଗ୍ରୀ ଛୁଇଁଲାଣି। ଦିନତମାମ ଗରମ ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇ ନଥିବା ବେଳେ ମଧାହ୍ନରେ ଦୋକାନ ବଜାର ଖାଁଖାଁ ଲାଗୁଛି। ଏହା ସାଙ୍ଗକୁ ଘନଘନ ବିଜୁଳି କାଟ୍ ଯୋଗୁ ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ୩୦ବର୍ଷରେ ଝିମନପାଲି ରାମଲୀଳା ମହୋତ୍ସବ

**ଟିକ୍ରାପଡା, ୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଝିମନପାଲିର ରାମଲୀଳା ମହୋତ୍ସବ ଏ ବର୍ଷ ୩୦ ବର୍ଷରେ ପଦାର୍ପଣ କରିଛି । ଏହି ଉପଲକ୍ଷେ ଶନିବାର ମହିଳାଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜଳାଶୟରୁ ମହିଳାମାନେ ପୂର୍ଣ୍ଣକଳସ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମହୋତ୍ସବ ୧୪ ଦିନ ଯାଏ ଚାଲିବ । ପ୍ରତି ରାତ୍ରରେ ରାମଲୀଳାର ନାଟ୍ୟାଭିନୟ ହେବ । ଦିବ୍ୟକିଶୋର ଭୋଇ କର୍ତ୍ତା ଏବଂ ଯୁଧିଷ୍ଠିର ହୋତା ପୂଜକ ଦାୟିତ୍ୱ ତୁଲାଉଛନ୍ତି।

### ତାରିଣୀ ମେଳା ଉପଲକ୍ଷେ କଳସ ଯାତ୍ରା

**ଟିକ୍ରାପଡା, ୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ ପଟାମରାଠାରେ ତାରିଣୀ ମେଳା ଉପଲକ୍ଷେ ମହିଳାଙ୍କ କଳସ ଯାତ୍ରା ଶନିବାର ସନ୍ଧ୍ୟାରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ମହିଳା ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମେଳା ଚାରି ଦିନ ଯାଏ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରବିବାର ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହେବ । ପଦ୍ମ ମହାକୁର, ସୁଶୀଳ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମନୋଜ ବଗର୍ତ୍ତା ତାରିଣୀ ପୂଜା ମଣ୍ଡପର ପୂଜକ ଏବଂ ରାଜେନ୍ଦ୍ର ତ୍ରିପାଠୀ ନାମଯଜ୍ଞ ପୀଠର ପୂଜକ ଦାୟିତ୍ୱ ତୁଲାଉଛନ୍ତି।

### ଅବକାରୀ ଚଢାଉ, ୨ ଗିରଫ

**ଲୋଇସିଂହା,୧୩।୪(ଡି.ଏନ.ଏ):** ଲୋଇସିଂହା ଅବକାରୀ ବିଭାଗ ପକ୍ଷରୁ ଆଗଲପୁର ବ୍ଲକ ନିରବଚନ ଗ୍ରାମରେ ଶନିବାର ଚଢାଉ କରାଯାଇ ୧୧ ଲିଟର ପାଉଚ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ଗ୍ରାମର ମକରଧ୍ୱଜ ଦୋରା ଓ ନନ୍ଦଲାଲ ଦୋରା । ପୃଥକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ଅବକାରୀ ଏସଆଇ ଆରତୀ କିଷାନଙ୍କ ନେତୃତ୍ୱରେ ଏକ ଟିମ ଏହି ଚଢାଉ କରାଯାଇଥିଲା।

### କଂଗ୍ରେସ ପ୍ରଚାର ଗାଡ଼ି ଉପରେ ଆକ୍ରମଣ ଅଭିଯୋଗ

**ଲୋଇସିଂହା,୧୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡାରେ କଂଗ୍ରେସ ପ୍ରଚାର ଗାଡିକୁ ଶନିବାର ଅପରାହ୍ନରେ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ପ୍ରଚାର ଗାଡି ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କୁ ଲୋଇସିଂହା ଡାକ୍ତରଖାନରେ ଚିକିତ୍ସା କରାଯାଇଛି। ଆକ୍ରମଣ ପରେ ଦୁର୍ବୃର୍ତ୍ତମାନେ ଫେରାର ହୋଇ ଯାଇଛନ୍ତି। ଏହି ଘଟଣାକୁ ନେଇ ଅମୁଣ୍ଡା ଗାଁରେ ଚାପା ଉତ୍ତେଜନା ଲାଗି ରହିଛି । ସନ୍ଧ୍ୟାରେ ଖବର ପାଇ ଲୋଇସିଂହା ଥାନା ପୋଲିସ ଅମାମୁଣ୍ଡାକୁ ଯାଇ ତଦନ୍ତ ଆରମ୍ଭ କରିଛି । ଶନିବାର ଅପରାହ୍ନ ୪ଟାରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାନସଭା ପ୍ରାର୍ଥୀ ନରସିଂହ ମିଶ୍ରଙ୍କ ପ୍ରଚାର ଗାଡି ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ, ମନହୀରା, ଅମାମୁଣ୍ଡା ଅଞ୍ଚଳକୁ ପ୍ରଚାର ପାଇଁ ଯାଇଥିଲା। ପ୍ରଚାର ଗାଡି ଅମାମୁଣ୍ଡା ଗାଁକୁ ଗଲା ପରେ ବିରୋଧର ସମ୍ମୁଖୀନ ହୋଇଥିଲା। କେତେକ ବ୍ୟକ୍ତି କଂଗ୍ରେସର ଗାଡିକୁ ବିରୋଧ କରି ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ଲୋଇସିଂହା ଥାନା ଏଏସଆଇ ଜଗା ବରିହାଙ୍କୁ ପଚାରିବାର ତଦନ୍ତ ପରେ ଘଟଣା ସମ୍ପର୍କରେ କହି ପାରିବି ବୋଲି କହିଥିଲେ ।

■ ସଇଁତଲା ବ୍ଲକରେ ନିର୍ବାଚନ ପାଇଁ ସମୀକ୍ଷା ବୈଠକ

# ୧୩ ବୁଥ ସମ୍ବେଦନଶୀଳ, ୧୯ ଅତ୍ୟନ୍ତ ସମ୍ବେଦନଶୀଳ

- ମତଦାନର ୪୮ଘଣ୍ଟା ପୂର୍ବରୁ ସଇଁତଲା ଅଞ୍ଚଳରେ ୧୪୪ ଧାରା ଲାଗୁ ହେବ
- ବଡ଼ମାଳ ଗୋଳାବାରୁଦ କାରଖାନା ମଧ୍ୟସ୍ଥ ବୁଥ୍ ଆଦର୍ଶ ବୁଥ୍ ଘୋଷିତ
- ଅବାଧ, ସ୍ୱଚ୍ଛତା ନିର୍ବାଚନ ସମାପନ ଉପରେ ଗୁରୁତ୍ୱାରୋପ

**ସଇଁତଲା, ୧୩।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଶନିବାର ଆସନ୍ତା ୧୮ତାରିଖରେ ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ କୌଣସି କାର୍ଯ୍ୟ ପାଇଁ ଆସି ନ ପାରିବାରୁ ବାବୁଙ୍କ ନିର୍ଦ୍ଦେଶକ୍ରମେ ସଇଁତଲା ବିଡ଼ିଓ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଇଁତଲା ବ୍ଲକରେ ୮୪ହଜାର ୮୫୩ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୪୩ହଜାର ୬୨୧ ପୁରୁଷ ଓ ୪୧ହଜାର୨୩୨ ଜଣ ମହିଳା ଭୋଟର ଅଛନ୍ତି। ବ୍ଲକରେ ୧୧୩ଗୋଟି ଭୋଟ ଗ୍ରହଣ କେନ୍ଦ୍ର ହୋଇଛି। ସେମଧ୍ୟରୁ ୧୩ଟି ସମ୍ବେଦନଶୀଳ ଓ ୧୯ ଟି ଅତ୍ୟନ୍ତ ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର ବୋଲି ସୂଚନା ଦିଆଯାଇଥିଲା। ଆସନ୍ତା ୧୮ତାରିଖର ୪୮ଘଣ୍ଟା ପୂର୍ବରୁ ସଇଁତଲା ଅଞ୍ଚଳରେ ୧୪୪ଧାରା ଲାଗୁ କରାଯିବ ବୋଲି ବିଡିଓ ପଟ୍ଟନାୟକ କହିଥିଲେ। ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛତାର ସହ ସମାପନ କରିବାକୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ମାଳ ଗୋଳାବାରୁଦ କାରଖାନା ମଧ୍ୟରେ ଥିବା ବୁଥକୁ ଆଦର୍ଶ ବୁଥ କରାଯାଇଛି। ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା, ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ସାଇକେଲର ବ୍ୟବସ୍ଥା କରାଯାଇଛି। ସଇଁତଲା ପାଇଁ ଦୁଇଟି ଫ୍ଲାଇଂ ସ୍କାଡ଼ ବୁଲୁଥିବା, ଭୋଟରଙ୍କୁ କୌଣସି ପ୍ରକାରର ପ୍ରଲୋଭନ ଦେଖାଉଥିବା କିମ୍ବା ଭୟଭୀତ କରୁଥିବା ଦଳ ବିରୋଧରେ ୧୯୫୦ରେ ଫୋନ କରି ଅଭିଯୋଗ ଦେଇପାରିବେ ବୋଲି ପଟ୍ଟନାୟକ କହିଥିଲେ । ଏହି ବୈଠକରେ ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ, ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ, ବ୍ଲକ କାର୍ଯ୍ୟାଳୟର ସମସ୍ତ ଯନ୍ତ୍ରୀ, ସ୍ୱାଧୀନ ପ୍ରାର୍ଥୀ ହିଜବୁଲ ରେହମାନ, ବିଜେଡ଼ିର ମାନଭଞ୍ଜନ ପାଣିଗ୍ରାହୀଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ଶେଷରେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ: କୁଡାସିଂହା ବିଜୟୀ

**ଟିକ୍ରାପଡା, ୧୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ତୃତୀୟ ଦିବସ । ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଟିକ୍ରାପଡା(ହାଇସ୍କୁଲ ପଡା) ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୦ରନ କରିଥିଲା । ଜବାବରେ କୁଡାସିଂହା ଦଳ ୮ ଓଭରରେ ୬୧ ରନ କରି ବିଜୟୀ ହୋଇଥିଲେ । ଚିତ୍ତରଞ୍ଜନ ଛତ୍ରିଆ, ଜୟରାମ ମାଝି, ରମେଶ ମିର୍ଦ୍ଧା ଖେଳ ପରିଚାଳନା କରିଥିଲେ। ରବିବାର ଟିକ୍ରାପଡା(ବସଷ୍ଟାଣ୍ଡ ପଡା) ବନାମ ଦେଷେଣ୍ଡ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ

**ଟିଟିଲାଗଡ଼, ୧୩।୪(ଡି.ଏନ.ଏ.)**

ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଜୋରଦାର ହୋଇଛି। ଆସନ୍ତା ୧୫ତାରିଖ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଟିଟିଲାଗଡ ତଥା ବଲାଙ୍ଗିର ଲୋକସଭା ନିର୍ବାଚନ ମଣ୍ଡଳୀକୁ ପ୍ରଚାର ପାଇଁ ଆସୁଛନ୍ତି। ଏହାକୁ ନେଇ ଦଳୀୟ ମହଲରେ ଉତ୍ସାହ ଦେଖାଦେଇଛି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ କଂଗ୍ରେସ ବିରୋଧ କରିବ ବୋଲି କହିଛି। ଦଳ ପକ୍ଷରୁ ଟିଟିଲାଗଡଠାରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ ଏ ନେଇ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଦଳର ଜିଲା କାର୍ଯ୍ୟକାରୀ ସଭାପତି ଡମ୍ବରୁ ଛତ୍ରିଆ ଅଭିଯୋଗ କରିଛନ୍ତି ଯେ, ଟିଟିଲାଗଡକୁ ଜିଲା ମାନ୍ୟତା ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ଏଥିସହିତ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଅଭାବ, ମାତୃ ଓ ଶିଶୁ ଡାକ୍ତରଖାନା ଉଦଘାଟନ ହେବା ପରେ କାମକୁ ନଆସିବା, ପୌରାଞ୍ଚଳର ଦୁଇଟି ପୋଖରି ମହାରାଜ ସାଗର ଏବଂ ଦେଓବନ୍ଧ ଅଧା କାମ ହୋଇପଡି ରହିଥିବା, ଡିଏଭି ସ୍ୱୟଂ ଶାସିତ କଲେଜ ଏବଂ ସରକାରୀ ମହିଳା କଲେଜରେ ମୌଳିକ ସମସ୍ୟା ପୂରଣ ନ ହେବା, ଚାଷୀଙ୍କୁ ବୀମା ସହାୟତା ରାଶି ପ୍ରଦାନ କରାଯାଇ ନ ଥିବା, କାଳିଆ ଯୋଜନାରୁ ସଂଖ୍ୟାଧିକ ଚାଷୀ ବଞ୍ଚିତ ରହିଥିବା ଆଦି ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀ ଉଦାସୀନ ରହିଛନ୍ତି। ଏହାକୁ ନେଇ କଂଗ୍ରେସ ଦଳ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବେ ବୋଲି ଦଳର ନେତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରାଜୁ ମିଶ୍ର, ଦଳର ନଗର ସଭାପତି ପ୍ରଭାସ ବହିଦାର, କାଉନସିଲର କୃଷ୍ଣ ସରାଫ, ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଅଭିଷେକ ପଟ୍ଟନାୟକ, ଛାତ୍ର ନେତା ଜ୍ଞାନରଞ୍ଜନ ସରାଫ, ଗୌତମ ଜୈନ, ପ୍ରମୁଖ ଉପସ୍ଥିତ ଥିଲେ।

### ଫୁଲକିମୁଣ୍ଡାରେ ରକ୍ତଦାନ ଶିବିର

**ଖପ୍ରାଖୋଲ, ୧୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ଫୁଲକିମୁଣ୍ଡା ପଞ୍ଚାୟତ ହାଇସ୍କୁଲରେ ଜନକଲ୍ୟାଣ ଯୁବକ ସଂଘ ଏବଂ ୟଙ୍ଗ ଷ୍ଟାର ଗ୍ରୁପର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାର ଅଧିକାରିଣୀ ଡାକ୍ତର ପ୍ରଜ୍ଞାପରମିତା ନାଏକ, ତାପସ ରଞ୍ଜନ ସାହୁ ଏବଂ ତାଙ୍କ ସହଯୋଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା । ଏହି ଅବସରରେ ଫୁଲକିମୁଣ୍ଡା ଗାଁ ତଥା ଆଖପାଖର ଯୁବତୀଯୁବକ ରକ୍ତଦାନ କରିଥିଲେ। ଶିବିରରେ ୬୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବସଂଗଠକ ମୁରଲୀଧର ମେହେର, ସୁବାଷ ମେହେର, ଉପଦେଷ୍ଟା ଡଃ. ହରିଭାଇ ଆର୍ଯ୍ୟନ, ଆଇନଜୀବୀ ବୁଲୁ ଦାସ, ପ୍ରେମ କିଶୋର ପୃଷ୍ଟି, ଦୀନବନ୍ଧୁ ଚାରବେମାଲ, ବବ୍ରୁବାହାନ ମାଝିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



ଦଳୀୟ ନେତା ଓ କର୍ମୀଙ୍କ ସହ କଳିକେଶ ନାରାୟଣ ସିଂଦେଓ ପ୍ରଚାର ଅଭିଯାନରେ ଯାଉଛନ୍ତି।

## ବିଜେଡି ପ୍ରାର୍ଥୀ କଳିକେଶଙ୍କ ମାରାଥନ ପ୍ରଚାର

**ଖପ୍ରାଖୋଲ/ବେଲପଡା ୧୩।୪(ଡି.ଏନ.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ମାରାଥନ ନିର୍ବାଚନ ପ୍ରଚାର ଶନିବାର ବେଲପଡା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିଲା । ଏହି ଅବସରରେ ବ୍ଲକ ଅନ୍ତର୍ଗତ ଗମ୍ଭାରି ଗାଁରେ ଏକ ଶୋଭାଯାତ୍ରାରେ ବାହାରି ସେ ଲୋକଙ୍କୁ ଭୋଟ ମାଗିଥିଲେ। ବଜାର ଛକଠାରେ ଏକ ପଥପ୍ରାନ୍ତ ସଭାରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରର ଉପଲବ୍ଧିର ଅବତାରଣ କରି ଦଳକୁ ଆଶୀର୍ବାଦ କରିବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଯୁବନେତା ହଲୁ ସୁନାଙ୍କ ନେତୃତ୍ୱରେ ଖପ୍ରାଖୋଲ ଏବଂ ବେଲପଡା ବ୍ଲକର ବିଭିନ୍ନ ଦଳର ଶତାଧିକ ଯୁବକ ବିଜେଡିରେ ସାମିଲ ହୋଇଥିଲେ। ପଥପ୍ରାନ୍ତ ସଭାରେ ବରିଷ୍ଠ ନେତା ବନମାଳୀ ଖମାରୀ ଅଧ୍ୟକ୍ଷତା କରିଥିଲେ। ମଧୁ ଦାଶ, ପୀତବାସ ଗଡତ୍ୟା, ବନିତା ଖମାରୀ, କାହ୍ନୁ ମେହେର, ପବିତ୍ର ଚିରାଂଗୁନ, ପରେଶ ବନଛୋର ପ୍ରମୁଖ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ପରେ କଳିକେଶ କଂସାପଲା, କନ୍ଦେନଝୁଲା, ଦର୍ଲିପାଲି, ପର୍ଲିମାଲ, ଘାଗୁର୍ଲି ପ୍ରଭୃତି ଗାଁକୁ ଯାଇ ମାରାଥନ ପ୍ରଚାର କରିଥିଲେ ।

## ପ୍ରଚାର ଅଭିଯାନକୁ ଜୋରଦାର କଲେ ଭାଜପା ପ୍ରାର୍ଥୀ

**ଗୁଡଭେଲା,୧୩।୪(ଡି.ଏନ.ଏ.)**

ଭାଜପା ସରକାରକୁ ଆସିଲେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହ ମୌଳିକ ସୁବିଧାକୁ ପ୍ରାଧାନ୍ୟ ଦିଆଯିବ। ଶନିବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ବିଭିନ୍ନ ଗ୍ରାମରେ ଭୋଟ ପ୍ରଚାର ସମୟରେ ଭୋଟରମାନଙ୍କୁ ଏଭଳି ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଛନ୍ତି ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ଦୋରା। ଗୁଡଭେଲା, ଲିଖିରିଆ, ଦଶେଇମୁଣ୍ଡା, ବଂଲା, କନକପଦର, ଘୁଷୁଡା, ଚାଣ୍ଡିପଦର, ଡାହିମାଲ, ଶାସନପାଲି, ଦେଉଗୁଡି, ଜମ୍ଳେଲ, ସିଜାପଲି, ଚିଞ୍ଚେଡ, ମାଢେକେଲା, ତେନ୍ତୁଲୁଖୁଣ୍ଟି, ଦେଉଳଗୁଡି ଆଦି ଗ୍ରାମରେ ସଭା ମାନ କରିବା ଅବସରେ ଅଶୋକ ମୋଦୀ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡିକ ବଖାଣିଥିଲେ । ଭାଜପା ଜିଲା ସମ୍ପାଦକ ଦୀନବନ୍ଧୁ ବେହେରା, ତୁଷୁରା ଏନଏସିର କାଉନସିଲର ପ୍ରଦୀପ ସାହୁ, ତ୍ରିଗତ ରଣା, ଈଶ୍ୱର ବାଗ, ମୁରାଲୀ କେଡିଆ, ମହେଶ କେଡିଆ, କାଉନସିଲର ସୁରେନ୍ଦ୍ର ରଣା, ଓମପ୍ରକାଶ ଶର୍ମା, ତୁଷୁରା ନାଗରିକ କମିଟି ସଭାପତି ରୁଣୁ ଗୋପାଳ ସାହୁ, ସୁଲୋଚନା ମଲ୍ଲିକ, ମମତା ସାହୁ, ମନୋରମା ସାହୁ, ଗୁଡଭେଲା ମଣ୍ଡଳ ସଭାପତି ଖଗେଶ୍ୱର ରଣା, ସମରା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦନ, ପୂର୍ଣ୍ଣ ରଣା ପ୍ରମୁଖ ପ୍ରଚାର ସମୟରେ ସାମିଲ ହୋଇଥିଲେ ।



ମହିଳା ଭୋଟରଙ୍କୁ ଭୋଟଭିକ୍ଷା କରୁଛନ୍ତି ଭାଜପା ପ୍ରାର୍ଥୀ ଅଶୋକ ଦୋରା।

### ଆନନ୍ଦ ଉଲ୍ଲାସର ସହ ରାମ ନବମୀ ପାଳିତ

**ଗୁଡଭେଲା,୧୩।୪(ଡି.ଏନ.ଏ.)**

ଗୁଡଭେଲା ଓ ତୁଷୁରା ଅଞ୍ଚଳର ବିଭିନ୍ନ ଗ୍ରାମରେ ଶନିବାର ରାମ ନବମୀ ଉତ୍ସବ ଓ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତୁଷରା ରାମ ମନ୍ଦିରରେ ଭୋରରୁ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସହ ଯଜ୍ଞ ହୋଇଥିଲା । ସେହିପରି ଜଗନ୍ନାଥ ମନ୍ଦିରରେ ଶ୍ରୀରାମଙ୍କ ବିଭିନ୍ନ ଲୀଳା ଅଭିନୟ ମାଧ୍ୟମରେ ଆରମ୍ଭ କରାଯାଇଛି। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରରେ ରାମ ନବମୀ ପାଳନ କାର୍ଯ୍ୟକ୍ରମ ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଲିଲି ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶିଶୁ ବକ୍ତା ସୌମ୍ୟଜିତ ମିଶ୍ର, ସରେଜ ମହାପାତ୍ର, ବ୍ୟାସଦେବ ମେହେର ଆଦି ନିଜ ନିଜ ମତ ପ୍ରକାଶ କରିଥିଲେ। ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଡ଼ି ଧକ୍କାରେ ମୃତ ଶମ୍ବର ମାଂସ ବିକିଦେଲେ

**ସଇଁତଲା, ୧୩।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନଖଣ୍ଡ ଅନ୍ତର୍ଗତ ସଇଁତଲା ବ୍ଲକର ବଡ଼ମାଳଠାରେ ଥିବା ବର୍ଣ୍ଣୀ, କାଲଖୁଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀଙ୍କ ଜୀବନ ଅସୁରକ୍ଷିତ ଥିବା ଅଭିଯୋଗ ହେଉଛି । ଏହି ଜଙ୍ଗଲରେ ଗତ କିଛିଦିନ ତଳେ ଏକ କଲରାପତରିଆ ଚିତାବାଘର ମୃତଦେହ ସନ୍ଦେହଜନକ ଭାବରେ ମିଳିଥିଲା । ଧରପଗଡ଼ ପଞ୍ଚାୟତର ଗୋଏଲଭାଡ଼ି ଗ୍ରାମ ନିକଟରେ ଥିବା କଦଳୀମୁଣ୍ଡା ବନ୍ଧକୁ ବର୍ଣ୍ଣ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀମାନେ ପାଣି ପିଇବା ପାଇଁ ଯାଇଥାନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରରେ ଟିଟିଲାଗଡ଼-ବଡ଼ମାଳ ରାସ୍ତାରେ ଏକ ସମ୍ବର ପାରି ହେଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ତାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏକଥା ଜାଣିବା ପରେ କେତେକ ଲୋକ ମୃତ ସମ୍ବରକୁ ଘଟଣାସ୍ଥଳରୁ ଉଠାଇ ନେଇ ତାର ମାଂସକୁ ବିକ୍ରି କରିଥିବା କୁହାଯାଉଛି। ଏ ସମ୍ପର୍କରେ ଟିଟିଲାଗଡ଼ ରେଞ୍ଜର ଜିତେନ୍ଦ୍ରିୟ ନନ୍ଦଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## କଂଗ୍ରେସରେ ଯୋଗଦେଲେ ଶତାଧିକ ବ୍ୟକ୍ତି

**ଲୋଇସିଂହା,୧୩।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ସାପ୍ତାହିକ ବଜାରଠାରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ସଭାରେ ଆଗଲପୁର ବ୍ଲକ ଗୁଡିମୁଣ୍ଡା, ରିନବଚନ, ମୁନୁପାଲି ଓ ଆଖପାଖ ଗ୍ରାମର ଶତାଧିକ ବ୍ୟକ୍ତି କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ନଅଗାଁ(କ) ଗ୍ରାମର ଅନୀଲ ଅଗୱାଲଙ୍କ ଆହ୍ୱାନ କ୍ରମେ ଜୋନ ସଭାପତି ବିଶ୍ୱଜିତ ସିଂଦେଓ ମିଶ୍ରଣ ସଭାରେ ଅଧ୍ୟକ୍ଷତା କରିଥିଲେ । ସଭାରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ଯୋଗଦେଇ ଦଳରେ ଯୋଗଦାନ କରିଥିବା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ରାହୁଲ ଗାନ୍ଧୀ ଓ ନରସିଂହ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗଦେଇଥିବା ଜୟରାମ ମେହେର, ଅନନ୍ତ ମେହେର, ମନୋଜ ବନଛୋର, ଦୀପକ ବାଗ, ତୁଳାରାମ ସେଠ ପ୍ରମୁଖ କହିଛନ୍ତି।



ମିଶ୍ରଣ ପର୍ବରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

## ମଦ ଦୋକାନୀଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ବୈଠକ

**କଣ୍ଟାବାଞ୍ଜି, ୧୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ସଭାଗୃହରେ ଶନିବାର ନିର୍ବାଚନ ଖର୍ଚ୍ଚ ତଦାରଖ କରୁଥିବା ପର୍ଯ୍ୟବେକ୍ଷକ ଏନ.ଅଶୋକ ବାବୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ମାଲିକ ଏବଂ ମ୍ୟାନେଜରଙ୍କ ସହ ଏକ ବୈଠକ କରିଥିଲେ । ଏହି ବୈଠକରେ ଚଳିତ ନିର୍ବାଚନରେ କୌଣସି ରାଜନୈତିକ ଦଳ କିମ୍ବା ପ୍ରତିନିଧି ଭୋଟରକୁ ମଦଦେଇ ପ୍ରଲୋଭିତ କରିବା ପାଇଁ ମଦ ଦୋକାନରୁ ଜୋରଜବରଦସ୍ତ ମଦ ମାଗିଲେ ନିର୍ବାଚନ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇବା ପାଇଁ କହିଥିଲେ। ଏପରିକି ରାତି ୧୦ଟା ସୁଦ୍ଧା ସମସ୍ତ ମଦ ଦୋକାନ ବନ୍ଦ ରଖିବା ପାଇଁ ପର୍ଯ୍ୟବେକ୍ଷକ ବାବୁ ତାଗିଦ୍ କରିଛନ୍ତି। ଏଥି ସହ ପ୍ରତ୍ୟେକ ଦେଶୀ ଓ ବିଦେଶୀ ମଦ ଦୋକାନୀ ଦୈନନ୍ଦିନ ହିସାବ କଣ୍ଟାବାଞ୍ଜି ଅବକାରୀ କାର୍ଯ୍ୟାଳୟରେ ଜଣାଇବା ପାଇଁ କହିଥିଲେ।



ମଦଭାଟି ପ୍ରତିନିଧି, ଅବକାରୀ ଅଧିକାରୀମାନଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକ ଏନ.ଅଶୋକ ବାବୁ ଆଲୋଚନା କରୁଛନ୍ତି।

ଏହି ବୈଠକରେ କଣ୍ଟାବାଞ୍ଜି, ତୁରେକେଲ, ମହୁଲବହଲି, ଡଂଗିଆ, ସାଗୁନଭାଟି, ବେହେରେନସିଲେଟ, ମାଲପଡା, ଭାଲୁମୁଣ୍ଡା, ରଜାମରା, ଫୁଣ୍ଡେଲପଦର, ତୁରେକେଲା, ସିନ୍ଧେକେଲା ଅଞ୍ଚଳର ସମସ୍ତ ମଦ ଦୋକାନର ପ୍ରତିନିଧିଙ୍କ ସହ କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡାର ଅବକାରୀ ଅଧିକାରୀମାନେ ସାମିଲ ଥିଲେ । ଅନ୍ୟମାନଙ୍କ ମଧରେ ଲିଆସନ ଅଫିସର ସନ୍ତୋଷ କୁମାର ବେହେରା, ଲଳିତ କୁମାର ମହାପାତ୍ରଙ୍କ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ବୈଠକ ପରେ ସହରର ବିଭିନ୍ନ ସାମଜିକ ଅନୁଷ୍ଠାନ, କ୍ଲବ ଓ ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କ ସହ ପର୍ଯ୍ୟବେକ୍ଷକ ବାବୁ ଆଲୋଚନା କରି ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାରେ ସହଯୋଗ କାମନା କରିଥିଲେ।

ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ

ଜିଲାପାଳଙ୍କ ନିର୍ବାଚନ ସମୀକ୍ଷା

# ବୁଥ୍ ପ୍ରସ୍ତୁତ, ତାଲିମ ଶେଷ

**ଝାରସୁଗୁଡ଼ା ଅଫିସ,୧୩।୪**

୨୦୧୯ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅବଶିଷ୍ଟ ପ୍ରସ୍ତୁତି ସମୟ ପୂର୍ବରୁ ଶେଷ ହେବ ବୋଲି କୁହାଯାଇଛି। ଶନିବାର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ବିଭୂତି ଭୂଷଣ ଦାଶ ଏହି ସୂଚନା ଦେଇଛନ୍ତି। ଜିଲାର ୨ ନିର୍ବାଚନ ମଣ୍ଡଳୀ ପାଇଁ ୫୧୦ ବୁଥ୍ ପ୍ରସ୍ତୁତ ହୋଇସାରିଥିବା ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) କମିଶନିଂ ସରି ଷ୍ଟ୍ରଙ୍ଗରୁମ୍‌ରେ ପ୍ରସ୍ତୁତ ରହିଛି। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ପ୍ରଥମ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର, ମାଇକ୍ରୋ ଅବଜରଭର୍ ଏବଂ ଅନ୍ୟ ଅଧିକାରୀଙ୍କ ୩ ପର୍ଯ୍ୟାୟ ବିଶିଷ୍ଟ ତାଲିମ ଶେଷ ହୋଇଛି।
ଚଳିତ ନିର୍ବାଚନରେ ଭିନ୍ନକ୍ଷମ ମତଦାତା ଯେପରି ମତଦାନରୁ ବଞ୍ଚିତ ହେବେନି ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଦୁଇ ନିର୍ବାଚନମଣ୍ଡଳୀ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ଥିବା ୮,୧୭୬ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଯାନବାହନ, ସ୍ୱେଚ୍ଛାସେବୀ ସହାୟତା ବ୍ୟବସ୍ଥା କରାଯାଇଥିବା ବେଳେ ଦୃଷ୍ଟିବାଧିତ ମତଦାତାଙ୍କ ପାଇଁ ବ୍ରେଲ୍ ବ୍ୟାଲଟ୍ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ଦାଶ ସୂଚନା ଦେଇଛନ୍ତି। ଭୋଟ ଦିନ ୫୧୦ ବୁଥ୍ ପାଇଁ ୧୦୨୦ ସ୍ୱେଚ୍ଛାସେବୀ, ୫୧୦ ହ୍ୱିଲ୍ ଚେୟାର, ଖରାରୁ ରକ୍ଷା ପାଇବା ପାଇଁ ଶେଡ୍ ପ୍ରସ୍ତୁତ ରହିବ। ଦୁଇ ନିର୍ବାଚନମଣ୍ଡଳୀରେ ୨୧ ମଡେଲ୍ ବୁଥ୍ ଓ ଦୁଇଟି ପିଙ୍କ୍ ବୁଥ୍ ପ୍ରସ୍ତୁତ କରାଯାଇଛି। ନିର୍ବାଚନ ଜନିତ ଅଭାବନୀୟ ପରିସ୍ଥିତି, ଅବହେଳା, ଅନିୟମିତତା, ବେଆଇନ ଆର୍ଥିକ କାରବାର ଉପରେ ନଜର ରଖିବାକୁ ହୋଇଥିବା ଇ-ଭିଜିଲ୍ କେଣ୍ଟ୍ରୋଲ ରୁମକୁ ଏବେ ସୁଦ୍ଧା ୬୯ ଅଭିଯୋଗ ଆସିଛି। ସେଥିରୁ ୫୩ ଅଭିଯୋଗର ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ଅଭିଯୋଗ ଖୁବଶୀଘ୍ର ସମାଧାନ ହେବ। ଏହି ସମୟ ମଧ୍ୟରେ ବିଭିନ୍ନ ସ୍କ୍ୱାଡ୍ ପାର୍ଟି ୧୪ ଲକ୍ଷ ୧ ହଜାର ଟଙ୍କା ଜବତ କରିଥିବା ଜିଲାପାଳ କହିଛନ୍ତି। ନିର୍ବାଚନ ଦିନ ଭୋର ୫.୩୦ରେ ମକ୍ ପୋଲ୍ ଆରମ୍ଭ ହେବାକୁ ସ୍ଥିର ହୋଇଛି। ନିର୍ବାଚନୀ ସମୀକ୍ଷା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ପିଡି (ଆର୍‌ଓଆର୍) ଆଲୋମଣି ସେଠୀ, ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହାକରୀ ଜିଲାପାଳ ଗୋଲକ ବିହାରୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ନିର୍ବାଚନ ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ



### ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରକାଶ

ବ୍ରଜରାଜନଗର,୧୩।୪(ଡି.ଏନ୍.ଏ.)
ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଭାଜପା ଜିଲା ମିଡିଆ ପ୍ରଭାରୀ ସୁଧାଂଶୁ ପୁରୋହିତ ଏକ ଖବରଦାତା ସମ୍ମିଳନୀ କରି ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ବ୍ରଜରାଜନଗର ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରଜରାଜନଗରକୁ ସବ୍‌ଡିଭିଜନ ମାନ୍ୟତା, ୧୯ ଖଣ୍ଡ ମୌଜା ଅନ୍ତର୍ଗତ ଚାଣ୍ଟିପାଲିଠାରେ ସରକାରୀ ଡିଗ୍ରୀ କଲେଜ, ଚାଷୀଙ୍କ ଉନ୍ନତି ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଉଠା ଜଳସେଚନ ବ୍ୟବସ୍ଥା, ଶୀତଳ ଭଣ୍ଡାର, ବେରୋଜଗାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ଓପିଏମ୍ ଓ ଆଇବିପିଏଲ୍ ପୁନଃ କାର୍ଯ୍ୟକ୍ଷମ କରିବା, ଗାନ୍ଧୀଛକରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ, ନିର୍ବାଚନ ମଣ୍ଡଳୀରେ ମହିଳା ପୋଲିସ ଷ୍ଟେଶନ ପ୍ରତିଷ୍ଠା, ପ୍ରତ୍ୟେକ ପଞ୍ଚାୟତରେ ଶିଶୁ ଉଦ୍ୟାନ ଆଦି ଉପରେ ଇସ୍ତାହାରରେ ଗୁରୁତ୍ୱ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସୁଶୀଲ ପୁରୋହିତ, ବାବୁଲୁ ଦାଶ, କ୍ରିଷ୍ଣା ମୁରାରୀ, ଅନୀଲ ନାଏକ ଓ ରୁକ୍ମଣ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ବିଧାୟକ ପ୍ରାର୍ଥୀ

**ବ୍ରଜରାଜନଗର,୧୩।୪(ଡି.ଏନ୍.ଏ.)**

ନିର୍ବାଚନ ଯେତିକି ପାଖେଇ ଆସୁଛି ବ୍ରଜରାଜନଗର ଅଞ୍ଚଳରେ ରାଜନୈତିକ ଉଷ୍ମତା ସେତିକି ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ୭ଶହ ମହିଳା ପୁରୁଷ ବିଜେଡିରେ ଯୋଗଦେଇଛନ୍ତି। ୱାର୍ଡ ନଂ-୧୩ର ଭାଜପା କାଉନସିଲରଙ୍କ ୪ଶହ ସମର୍ଥକ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏଥିସହ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅଜୟ ମଣ୍ଡଳ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ଏବଂ ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସହରର ବିକାଶ ପାଇଁ ବିଜେଡିରେ ମିଶିଥିବା ଅଜୟ ପ୍ରକାଶ କରିଛନ୍ତି। ସେହିପରି ଭାଜପା ଏସ୍‌ଟି ସେଲ୍ ଜିଲା ଉପସଭାପତି ସୌଦାଗର ଧୁରୁଆ ତାଙ୍କ ୪ଶହ ସମର୍ଥକଙ୍କୁ ନେଇ ବିଜେଡିରେ ମିଶିଥିଲେ। ପ୍ରେମାନନ୍ଦ ପ୍ରଧାନ, ନିହାର ବାଗ, ସୁଦୁତ ପୁରୋହିତ, ପିଣ୍ଟୁ ଭୋଇ ମଧ୍ୟ ବିଜେଡିରେ ଯୋଗଦାନ କରିଥିଲେ। ଗାନ୍ଧୀଛକ ଅଞ୍ଚଳରୁ ସାଗରିକା ମହାନ୍ତି, ଶୁଭଶ୍ରୀ ମହାପାତ୍ର, ଶଶୀକଳା ଦାଶ, ସୁନିତା ବହିଆ, ସସ୍ମିତା ବାଗ, ସ୍ମୃତିରେଖା ସେନାପତି, ପ୍ରୀତିଶ ବାରିକ ତାଙ୍କ ୫୦ ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ କିଶୋର ମହାନ୍ତିଙ୍କ ଉପସ୍ଥିତି ତଥା ଟାଉନ ସଭାପତି ଜୟନ୍ତ ଦୀକ୍ଷିତଙ୍କ ସଭାପତିତ୍ୱରେ ସ୍ଥାନୀୟ ଜ୍ୟୋତି କ୍ଲବରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଶ୍ୱନାଥ ନାୟକ, ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମଦ ବେପାରୀଙ୍କ ଆକ୍ରମଣରେ ୩ ଆହତ

- କନକତୋରା ଫାଣ୍ଡି ଘେରିଲେ ଗ୍ରାମବାସୀ
- ଚାପା ଉତ୍ତେଜନା, ପୋଲିସ ମୁତୟନ

**ଲଖନପୁର,୧୩।୪(ଡି.ଏନ୍.ଏ.)**

ବେଆଇନ ମଦ କାରବାରକୁ କେନ୍ଦ୍ର କରି ଜିଲା କନକତୋରା ଫାଣ୍ଡି ଅନ୍ତର୍ଗତ ବଡ଼ଧରା ଗ୍ରାମରେ ଶୁକ୍ରବାର ଗଣ୍ଡଗୋଳ ଘଟିଛି। ମଦ କାରବାର ବନ୍ଦ କରିବାକୁ ଯାଇ ବ୍ୟବସାୟୀଙ୍କ ଆକ୍ରମଣରେ ଗ୍ରାମର ୩ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଝାରସୁଗୁଡ଼ା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ସରପଞ୍ଚଙ୍କ ସ୍ୱାମୀ ହେମ କୁମାର ପ୍ରଧାନ (୪୫), ବାସୁଦେବ ପ୍ରଧାନ (୫୭) ଓ ଶତ୍ରୁଘ୍ନ ପ୍ରଧାନ (୨୪)। ଗ୍ରାମବାସୀଙ୍କ ପକ୍ଷରୁ ବେଆଇନ ମଦ ବ୍ୟବସାୟୀଙ୍କ ବିରୋଧରେ ରେଙ୍ଗାଲି ଥାନାରେ ଅଭିଯୋଗ କରାଯାଇଛି। ସେହିଭଳି ମଦ ବ୍ୟବସାୟୀ ମଧ୍ୟ ଗ୍ରାମବାସୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଦୁଇଟି ମାମଲା (ନଂ.୫୯ ଓ ୬୦) ରୁଜୁ କରି ତଦନ୍ତ ଚଳାଇଛି। ତେବେ କାହାରିକୁ ଗିରଫ କରାଯାଇନାହିଁ। ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କନକତୋରା ଫାଣ୍ଡି ଅଧିକାରୀ ଚୂଡ଼ାମଣି ମହାନନ୍ଦ ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ଶତାଧିକ ଗ୍ରାମବାସୀ ଶନିବାର ସକାଳେ ପୋଷ୍ଟର ବ୍ୟାନର ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଶତାଧିକ ମହିଳା ଏକତ୍ରିତ ହୋଇ ଫାଣ୍ଡି ଘେରାଉ କରିଥିଲେ। ଫାଣ୍ଡି ଅଧିକାରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅତିରିକ୍ତ ଏସ୍‌ପି ସୁଶୀଲ ପାଣିଗ୍ରାହୀ, ଆଇଆଇସି ଦାନିଆଲ କେର୍କେଟା ପ୍ରମୁଖ ଫାଣ୍ଡିରେ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବେଆଇନ ମଦ କାରବାର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମର କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ମହାନଦୀ ରିଜର୍ଭ କୂଳରେ ବିପୁଳ ପରିମାଣର ମହୁଲି ମଦ ରାନ୍ଧୁଛନ୍ତି। ଦୈନିକ ଶତାଧିକ ଲିଟର ମଦ ଆଖପାଖ ଗ୍ରାମରେ ଅବାଧରେ ଖୁଲମଖୁଲା ବିକ୍ରି ହେଉଛି। ସ୍ଥାନୀୟ ଲୋକେ ଏଥିରେ ପ୍ରଭାବିତ ହେଉଛନ୍ତି। ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବେଆଇନ ମଦ ବ୍ୟବସାୟୀଙ୍କ ସହିତ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ସାଲିସ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଏ ନେଇ ପୂର୍ବରୁ ଜିଲା ପ୍ରାଶାସନ, ପୋଲିସ ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଶେଷରେ ଅତିଷ୍ଠ ଗ୍ରାମବାସୀ ଆଇନକୁ ହାତକୁ ନେଇ ଶୁକ୍ରବାର ମହାନଦୀ ରିଜର୍ଭ କୂଳକୁ ଯାଇ ମଦ ଧରପଗଡ଼ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମଦ ବ୍ୟବସାୟୀମାନେ ଗ୍ରାମବାସୀଙ୍କୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବଲିଉଡ୍ ଷ୍ଟାର

**ବ୍ରଜରାଜନଗର/ଲଇକେରା, ୧୩।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ନବକିଶୋର ଦାସ ଏବଂ ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପାଇଁ ଶୁକ୍ରବାର ବଲିଉଡ୍ ଅଭିନେତା ସୁନୀଲ ଶେଟ୍ଟି ଓ ଅଭିନେତ୍ରୀ ମହିମା ଚୌଧୁରୀ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ଶନିବାର ମଧ୍ୟ ସୁନୀଲ ଓ ମହିମା ଝାରସୁଗୁଡ଼ା ସମେତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ବ୍ରଜରାଜନଗର ଓପିଏମ୍ ସୁଇମିଂ ପୁଲ ପଡ଼ିଆରେ ମଧ୍ୟାହ୍ନରେ ସୁନୀଲ ଓ ମହିମାଙ୍କ ସମେତ ନବ ଦାସ ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ କିଶୋର ମହାନ୍ତିଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଶଙ୍ଖ ଚିହ୍ନରେ ଭୋଟ ଦେଇ ଅଞ୍ଚଳର ବିକାଶ ପାଇଁ ବିଜେଡିକୁ ବିଜୟୀ କରାଇବାକୁ ସେମାନେ ଅନୁରୋଧ କରିଥିଲେ। ନବ ଓ କିଶୋର ମୋର ଦୁଇ ବାହୁ। ତାଙ୍କ ସହ ପ୍ରସନ୍ନ ଆଚାର୍ଯ୍ୟ ମିଶିଲେ ଯେଉଁ ତ୍ରିଭୁଜ ତିଆରି ହେବ ତାହାକୁ କେହି ଭେଦ କରିପାରିବେ ନାହିଁ। ଆଉ ସାରା ରାଜ୍ୟରେ ଝାରସୁଗୁଡ଼ା ଜିଲା ସ୍ୱତନ୍ତ୍ର ହୋଇ ଉଭା ହେବ ବୋଲି ଏହି ଅବସରରେ ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଥିଲେ। କିଶୋର ବାବୁ ଆଉ ମୁଁ ମିଶି କାମ କରିବୁ। ତାଙ୍କ ପାଇଁ ମୁଁ ଆଉ ମୋ ପାଇଁ ସେ କାମ କରିବେ ବୋଲି ନବ କହିଥିଲେ। ନବ ଆଉ କିଶୋର ଝାରସୁଗୁଡ଼ା ଜିଲା ପାଇଁ ଜୟ ଆଉ ବୀରୁ ଯୋଡ଼ି। ଏହି ଯୋଡ଼ିକୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇବା ପାଇଁ ସୁନୀଲ ଶେଟ୍ଟି କହିଥିଲେ। କାର୍ଯ୍ୟକ୍ରମରେ କୁଳମଣି ଦାଶ, ସାଧନା ସାମନ୍ତରାୟ, ବିଶ୍ୱନାଥ ନାୟକ, ନନ୍ଦକିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସଭାପତି ଜୟନ୍ତ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।
ଶନିବାର ନବ ଦାସ ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ପାଇଁ ବଲିଉଡ୍ ତାରକା ସୁନୀଲ ଶେଟ୍ଟି ଓ ମହିମା ଚୌଧୁରୀ ଲଇକେରା ଅପେରା ପଡ଼ିଆରେ ପ୍ରଚାର କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ବିଶାଳ ଦାସ, ଯୋଗେନ୍ଦ୍ର ନାଏକ, ରୋଜାଲିନ ପଟେଲ, ସୁକାନ୍ତୀ ଜୟପୁରିଆ, ଟଙ୍କଧର ନାଏକଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ସଭା ଆରମ୍ଭରୁ ଦୁର୍ଘଟଣା ସମସ୍ତ ଅତିଥିଙ୍କ ସମେତ କର୍ମୀଙ୍କ ମୁହଁକୁ ଫିକା କରିଦେଇଥିଲା। ମଞ୍ଚ ଉପରେ ଅତିଥି ବସିବା କ୍ଷଣି ତାହା ଦବିଯାଇଥିଲା। ଫଳରେ ମଞ୍ଚ ଉପରୁ କେତେଜଣ ଅତିଥିଙ୍କୁ ତଳକୁ ଓହ୍ଲାଇ ଦିଆଯାଇଥିଲା। ଦୁଇ ବଲିଉଡ୍ କଳାକାର ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିଥିଲେ। ହେଲେ ସ୍ଥାନୀୟ ବିଜେଡି କର୍ମୀ ମଞ୍ଚରେ ଭାଷଣ ଦେବାକୁ ସୁଯୋଗ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା। ମାତ୍ର ୧୦ ମିନିଟର ଏହି କାର୍ଯ୍ୟକ୍ରମରେ ଦୁଇ ବଲିଉଡ୍ ତାରକାଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଭୂପାଳ ବେହେରା ସଭା ପରିଚାଳନା କରିଥିବା ବେଳେ ବିଜେଡି କର୍ମୀ ସହଯୋଗ କରିଥିଲେ।


ବ୍ରଜରାଜନଗରରେ ସୁନୀଲ ଶେଟ୍ଟି ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

## ୧୬ ଆଖଡ଼ା ଦଳକୁ ନେଇ ରାମନବମୀ ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୧୩।୪**

ଝାରସୁଗୁଡ଼ା ସହରରେ ଶନିବାର ମହାଆଡ଼ମ୍ବରରେ ପାଳନ ହୋଇଛି ରାମନବମୀ ଉତ୍ସବ। ଅପରାହ୍ନରେ ମଙ୍ଗଳବଜାର, ବୁରୋମାଲ, ରେଲୱେ କଲୋନୀ, ହାଉସିଂ ବୋର୍ଡ କଲୋନୀ, ମୁଙ୍ଗାପଡ଼ା, ବ୍ଲକ କଲୋନୀ, ବେହେରାସାହି, ଏକତାଲି, ବିଟିଏମ୍, କବରିସ୍ଥାନପଡ଼ା ଆଦି ଅଞ୍ଚଳରୁ ୧୬ ଆଖଡ଼ା ଦଳ ବାହାରିଥିଲେ। ସମସ୍ତ ଆଖଡ଼ା ଦଳ ସହରର ମୁଖ୍ୟରାସ୍ତା ଝଣ୍ଡାଛକଠାରେ ଏକାଠି ହୋଇ ଶୋଭାଯାତ୍ରାରେ ଯାଇଥିଲେ। ଏହାକୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ରାସ୍ତାର ଦୁଇପାର୍ଶ୍ୱରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପୋଲିସ ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ଆମ୍ବୁଲାନ୍ସ ଆଦି ମୁତୟନ କରାଯାଇଥିଲା। ଜିଲା ପୋଲିସ ତରଫରୁ ରାମନବମୀ ଯାତ୍ରା ପରିଚାଳନା ପାଇଁ ୫୦ରୁ ଅଧିକ ଅଧିକାରୀ ନିୟୋଜିତ ରହିଥିଲେ। ଏଥର ନିର୍ବାଚନ ପ୍ରଚାରରେ ନେତାଏ ବ୍ୟସ୍ତ ଥିବାରୁ ଶୋଭାଯାତ୍ରାରେ ସେମାନଙ୍କୁ ଦେଖିବାକୁ ମିଳି ନ ଥିଲା।

## ହନୁମାନ ମନ୍ଦିର ପ୍ରତିଷ୍ଠା

**ଲଇକେରା,୧୩।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ନିକଟ ଓଡ଼ିଆପାଲି ଛକରେ ନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଗ୍ରାମର ରମେଶ ଚନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ସତ୍ୟବାନ ପୁରୋହିତ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବୃହସ୍ପତି ମିଶ୍ର ସହଯୋଗ କରିଥିଲେ। ପ୍ରତିଷ୍ଠା ପରେ ବିଗ୍ରହଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ରହିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph- 9658822477
7008410379
(Clinical Psychologist)

BUSINESS BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | | Fuel Chg. |
|---|---|---|---|---|
| 13 / 17 | 18/-per Km. | 1800/- | Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- | Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- | Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- | Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Unit of Annapurna Ventures Pvt. Ltd. GST 5% applicable
Explore ODISHA
Tours, Travels, Package Tours
N5/525, IRC Village, BBSR www.exploreodishatours.com
7008652192, 9777968477


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ

## ସଂକ୍ଷେପରେ



### ସେକ୍ଟର ୬ରେ ରାମନବମୀ

**ରାଉରକେଲା ଅଫିସ,୧୩।୪-** ସେକ୍ଟର-୬ ଜି ବ୍ଲକଠାରେ ଜୟ ବଜରଙ୍ଗ କମିଟି ଆନୁକୂଲ୍ୟରେ ମନ୍ଦିର ବାର୍ଷିକ ଉତ୍ସବ ଓ ରାମନବମୀ ଉତ୍ସବ ଉତ୍ସାହ ଉଦ୍ଦୀପନାରେ ଆରମ୍ଭ କରାଯାଇଛି। ଏ ନେଇ ଶନିବାର ସକାଳୁ ଜଳାଧିବାସ କଳସ ଶୋଭାଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସାଢ଼େ ୮ଟାରେ ସୂର୍ଯ୍ୟପୂଜା, ମଣ୍ଡଳ ପୂଜା ପରେ ପ୍ରଭୁ ହନୁମାନଙ୍କ ଉପଚାର ପୂଜା ସମ୍ପନ୍ନ କରାଯାଇଥିଲା। ଅପରାହ୍ନ ୧ଟା ୨୬ରେ ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି ସହ ଝଣ୍ଡା ଉତ୍ତୋଳନ କରାଯାଇଥିଲା। ଅପରାହ୍ନ ୪ଟାରେ ଝଣ୍ଡା ନଗର ପରିକ୍ରମା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ସାମିଲ ହୋଇଥିଲେ। ରାମ, ଲକ୍ଷ୍ମଣ ଓ ସୀତା ବେଶରେ ସଜାଇ ହୋଇଥିବା ପିଲାଙ୍କୁ ଦେଖିବାକୁ ଭିଡ଼ ଜମିଥିଲା। ବାଦ୍ୟ ନୃତ୍ୟର ତାଳେ ତେଳେ ଆଖଡ଼ା ପ୍ରଦର୍ଶନ କରିଥିଲେ ଶ୍ରଦ୍ଧାଳୁ।

### ଉନ୍ମୋଚନ ହେଲା ଭାଜପା ସଂକଳ୍ପପତ୍ର

# ସାକାର ହେବ ନୂଆ ଓଡ଼ିଶା ସ୍ୱପ୍ନ

**ରାଉରକେଲା ଅଫିସ,୧୩।୪**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକ ସଭା ଭାଜପା ପ୍ରାର୍ଥୀ ଜୁଏଲ ଓରାମ ଶନିବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନୂଆ ଓଡ଼ିଶା ସଂକଳ୍ପପତ୍ର ଉନ୍ମୋଚନ କରିଛନ୍ତି। ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଓରାମଙ୍କ ସମେତ ଦଳର ବରିଷ୍ଠ ନେତା କିଶୁନ ସାହୁ, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଉରକେଲା ପ୍ରାର୍ଥୀ ନିହାର ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ରାଉରକେଲା ପ୍ରଭାରୀ ତପନ ସ୍ୱାଇଁ, ବରିଷ୍ଠ ନେତ୍ରୀ ପୂର୍ଣ୍ଣିମା କେର୍କେଟା ଓ ଦଳ ମୁଖପାତ୍ର ଗଙ୍ଗାଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓରାମ ଖବରଦାତାଙ୍କୁ ସମ୍ବୋଧିତ କରି କହିଥିଲେ, ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ନୂଆ ଓଡ଼ିଶା ସ୍ୱପ୍ନ ସାକାର ହେବ, ଯେଉଁଠି ସବୁ ବର୍ଗର ଲୋକେ ସୁଖଶାନ୍ତିରେ ବାସ କରିବେ। ଓଡ଼ିଶାର ମହିଳାଙ୍କ ପାଇଁ ମର୍ଯ୍ୟାଦାଜନକ ଓ ନିରାପଦ ଜୀବନ ନେଇ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବ। ୧୫ବର୍ଷରୁ କମ୍ ବାଳିକାଙ୍କ ସହ ଦୁଷ୍କର୍ମ ହେଲେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଆଇନ ଅଣାଯିବ। ରାଜ୍ୟରେ ଯୁକ୍ତ ୨ ଶିକ୍ଷା ଶେଷ କରୁଥିବା ସମସ୍ତ ମେଧାବୀ ଛାତ୍ରୀଙ୍କୁ ଦୁଇଚକିଆ ଯାନ (ସ୍କୁଟି) ମାଗଣାରେ ପ୍ରଦାନ କରାଯିବ ବୋଲି ଓରାମ କହିଥିଲେ। ପାଠପଢ଼ା ନିମନ୍ତେ ବିଭିନ୍ନ ବର୍ଗର ଛାତ୍ରୀଙ୍କୁ ୧୫ ହଜାର ଟଙ୍କା ଯାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବିଧବାଙ୍କ ମାସିକ ପେନସନ ହଜାରେ ଓ ୭୯ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବିଧବାଙ୍କୁ ୧୫ ଶହ ଟଙ୍କା ପ୍ରଦାନ କରାଯିବ। ଏଥିସହ ସବୁଜ ପତ୍ରିକାଧାରୀଙ୍କୁ ୫ଶହ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣଛାଡ଼ ଆଦି ଲୋଭନୀୟ ପ୍ରତିଶ୍ରୁତି ରହିଛି ଭାଜପା ସଙ୍କଳ୍ପପତ୍ରରେ। ଚାଷୀଙ୍କୁ ସୁଧମୁକ୍ତ ଫସଲ ଋଣ, ଚିନିକଳଗୁଡ଼ିକର ପୁନରୁଦ୍ଧାର, ଭ୍ରାମ୍ୟମାଣ ଧାନ କ୍ରୟ ଯାନ ବ୍ୟବସ୍ଥା, ୬୦ ବର୍ଷ ପରେ ବିଭିନ୍ନ ବର୍ଗର ଚାଷୀଙ୍କୁ ୩ ହଜାର ଟଙ୍କା ପେନସନ ଓ ସୋଲାର ପମ୍ପସେଟ ଯୋଗାଣ ଆଦି ପ୍ରତିଶ୍ରୁତି ଦେଇଛି ଭାଜପା। ସେହିଭଳି ରାଜ୍ୟର ଯୁବବର୍ଗଙ୍କ ନିମନ୍ତେ ଏହି ସଙ୍କଳ୍ପପତ୍ରରେ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ପ୍ରତି ପରିବାରରୁ ଜଣଙ୍କୁ ନିଯୁକ୍ତି ବା ଆତ୍ମନିଯୁକ୍ତି ଦିଆଯିବ। ସ୍କିଲ ଓଡ଼ିଶା ପାଣ୍ଠି ଗଠନ ହେବ। ୧ ପ୍ରତିଶତ ସୁଧ ହାରରେ ଯୁବପିଢ଼ିଙ୍କୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ରାଜ୍ୟରେ ଆବାସିକ କୋଚିଂ ଇନଷ୍ଟିଚ୍ୟୁଟ ପ୍ରତିଷ୍ଠା କରି ଶିକ୍ଷିତ ଯୁବକଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ। ଏଥିସହ ୩୦ ମେଗା ଯୁଥ ହଷ୍ଟେଲ ମଧ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଓରାମ ଏଥିରେ ସୂଚନା ଦେଇଥିଲେ। ଆଦିବାସୀ ବର୍ଗଙ୍କୁ ଖୁସି କରିବାକୁ ଦଳ ଦୃଢ଼ ପ୍ରତିଶ୍ରୁତି ଦେଇଛି ଏହି ସଙ୍କଳ୍ପପତ୍ରରେ। ଦଳ କ୍ଷମତାକୁ ଆସିବାର ମାତ୍ର ୩ ମାସ ମଧ୍ୟରେ ପେସା ଆଇନ କାର୍ଯ୍ୟକାରୀ କରାଯିବ। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରାଯିବ। ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ବ୍ୟବସାୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯିବ। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଦୃଢ଼ କରାଯିବା ସହ ପ୍ରତି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନେଇ ପ୍ରତି ଜିଲାରେ ବିଏଡ୍ କଲେଜ ପ୍ରତିଷ୍ଠା କରାଯିବ। ସରକାରୀ ବସ୍‌ରେ ଛାତ୍ରୀଛାତ୍ରଙ୍କୁ ୫୦ ପ୍ରତିଶତ ରିହାତି ଦିଆଯିବ। ରାଜ୍ୟର ଗ୍ରାମ୍ୟ ଓ ସହର ଉନ୍ନୟନ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ପର୍ଯ୍ୟଟନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବ। ନ୍ୟାୟିକ ବ୍ୟବସ୍ଥା ତଥା ଆଇନଶୃଙ୍ଖଳକୁ ଭାଜପା ସରକାର ପ୍ରାଥମିକତା ପ୍ରଦାନ କରିବ। ସୁଶାସିତ ଓଡ଼ିଶା ସ୍ୱପ୍ନକୁ ସାକାର କରାଯିବ। ରାଜ୍ୟର ସବୁ କ୍ଷେତକୁ ପାଣି, କୃଷିଭିତ୍ତିକ ଉତ୍ପାଦନ ବୃଦ୍ଧି ବ୍ୟବସ୍ଥା, ବଜାର ସୁବିଧା, ଦୁଗ୍ଧ ଉତ୍ପାଦନ, ପଶୁପାଳନ ଓ ମାତ୍ସ୍ୟଚାଷୀଙ୍କୁ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏହାବ୍ୟତୀତ କ୍ରୀଡ଼ା କ୍ଷେତ୍ରକୁ ମଧ ସମୃଦ୍ଧ କରାଯିବ ବୋଲି ଓରାମ କହିଥିଲେ। ଏଥିରେ ଅନୁସୂଚୀତ ଜାତି ଜନଜାତି, ସାମାଜିକ ଅର୍ଥନୈତିକ ପଛୁଆବର୍ଗ, ଅଣସଙ୍ଗଠିତ ଶ୍ରମିକ, ବରିଷ୍ଠ ନାଗରିକ, ସରକାରୀ କର୍ମଚାରୀ, ଆଶା, ଅଙ୍ଗନୱାଡି, ଦିବ୍ୟାଙ୍ଗ, ବୁଣାକାର, ତୃତୀୟ ଲିଙ୍ଗ, ସଂଖ୍ୟାଲଘୁ, ଖବରଦାତା, ଆଇନଜୀବୀ, ଅବସରପ୍ରାପ୍ତ ଓ ସଫେଇ କର୍ମଚାରୀଙ୍କ ଉନ୍ନତି ନିମନ୍ତେ ବହୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସଙ୍କଳ୍ପପତ୍ର ଉନ୍ମୋଚନ କରାଯାଉଛି।

### ରାମଜୀ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ସୁନ୍ଦରଗଡ଼, ୧୩।୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ସ୍ଥିତ ରାମଜୀ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିରରେ ପବିତ୍ର ରାମନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସହରର ସର୍ବପୁରାତନ ମନ୍ଦିର ରାମଜୀ ମନ୍ଦିରରେ ସକାଳଠାରୁ ହୋମ ନାମ ସଂକୀର୍ତ୍ତନ, ହନୁମାନ ଚାଲିଶା ପାଠ, ପୂର୍ଣ୍ଣାହୂତି ଆଦି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ସୁର ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ସଦର ତହସିଲଦାର ଯୋଗେଶ୍ୱର ଭୋଇ, ବେଣୁମାଧବ ତ୍ରିପାଠୀ,ମାୟାଧର ଚିନାରା, ଦେବ ପାଣିଗ୍ରାହୀ, ଶତ୍ରୁଘନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହପରି ପଞ୍ଚମୁଖୀ ହନୁମାନ କମିଟି ପକ୍ଷରୁ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଏହି କମିଟି ପକ୍ଷରୁ ସବୁ ବର୍ଷ ପରି ବର୍ଣ୍ଣାଢ୍ୟ ଆଖଡା ଶୋଭାଯାତ୍ରା ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

# କୋଇଲା ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ସୁନ୍ଦରଗଡ଼ ରାଜନୀତି

**ସୁନ୍ଦରଗଡ଼, ୧୩।୪ (ଡି.ଏନ୍.ଏ)**

- ଆରୋପ, ପ୍ରତ୍ୟାରୋପରେ ଚାଲିଛି ଲଢ଼େଇ
- ଖବରଦାତା ସମ୍ମିଳନୀରେ ଅପପ୍ରଚାରକୁ ଖଣ୍ଡନ କଲେ ଯୋଗେଶ

ଚଳିତ ନିର୍ବାଚନରେ ସୁନ୍ଦରଗଡ ବିଧାନ ସଭା ଆସନକୁ ହାତେଇବା ପାଇଁ ୩ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଥିବା ବିଭିନ୍ନ ମୌଳିକ ସମସ୍ୟାକୁ କୌଣସି ଦଳ କିମ୍ବା ପ୍ରାର୍ଥୀ ଗୁରୁତ୍ୱ ଦେଉ ନ ଥିବା ବେଳେ କୋଇଲା ପ୍ରସଙ୍ଗକୁ ନେଇ ଏଠାରେ ରାଜନୀତି ଆରମ୍ଭ ହୋଇଛି। ଏପରିକି ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା ଏସିଆର ସର୍ବବୃହତ ଏମ୍‌ସିଏଲର ଖୋଲାମୁହଁ କୋଇଲା ଖଣିରୁ କୋଇଲା ପରିବହନ ବ୍ୟବସାୟ ରାଜନୀତିର ମୁଖ୍ୟ ପ୍ରସଙ୍ଗ ହୋଇଛି। ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ସପକ୍ଷ ଓ ବିପକ୍ଷରେ ବେନାମୀ ଲିଫଲେଟ ଓ ସୋସିଆଲ ମିଡିଆରେ ମିଥ୍ୟା ଆରୋପ, ପ୍ରତ୍ୟାରୋପ ରାଜନୀତି ଚାଲିଛି। ସୁନ୍ଦରଗଡ ରାଜନୀତିର ପରଦା ପଛରେ କୋଇଲା ଟ୍ରାନ୍ସପୋର୍ଟରଙ୍କ ଗୋଟି ଚାଳନା ଚଳିତ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି। ଏହି ଆସନରେ ବିଜେଡି ପ୍ରାର୍ଥୀ ହୋଇଥିବା ଯୋଗେଶ ସିଂଙ୍କ ବିରୋଧରେ କୋଇଲା ଓ ମଦ ବ୍ୟବସାୟରେ ସମ୍ପୃକ୍ତି ,ବସୁନ୍ଧରା କୋଇଲା ଖଣିରେ ମଲ୍ଟି ଏକ୍ସେଲ ଚଳାଚଳ ଦ୍ୱାରା ସୁନ୍ଦରଗଡ ଟ୍ରକ ମାଲିକଙ୍କ ଦୁରାବସ୍ଥା ପଛରେ ତାଙ୍କୁ ଦାୟୀ କରାଯାଇ ପଡୋଶୀ ଝାରସୁଗୁଡା ଜିଲାର ଜଣେ ରାଜନେତାଙ୍କ କଳାଟଙ୍କାରେ ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛନ୍ତି ବୋଲି ବେନାମୀ ଲିଫ୍ଲେଟ ବଣ୍ଟନ କରାଯାଇଛି। ଏପରିକି ଫେସବୁକ ଓ କିଛି ସାମାଜିକ ଗଣମାଧ୍ୟମ ଜରିଆରେ ଅପପ୍ରଚାର ମଧ୍ୟ କରାଯାଇଛି। ଶନିବାର ଅପରାହ୍ନରେ ବିଜେଡି ପ୍ରାର୍ଥୀ କୁଚକ୍ରୀ ବିରୋଧୀଙ୍କ ଏଭଳି ଅପପ୍ରଚାର ଓ କୁତ୍ସାରଟନାକୁ ସେ ଖଣ୍ଡନ କରିଛନ୍ତି। କୋଇଲା ବ୍ୟବବସାୟରେ ସମ୍ପୃକ୍ତି ତଥା ସୁନ୍ଦରଗଡ ଟ୍ରକମାଲିକ ସଂଘକୁ ନିଷ୍କ୍ରିୟ କରିବାରେ ତାଙ୍କର ସମ୍ପୃକ୍ତିକୁ ନେଇ କରାଯାଉଥିବା ଅପପ୍ରଚାରକୁ ଖଣ୍ଡନ କରିବା ସହ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ହୀନ ରାଜନୀତି କରି ନିର୍ବାଚନରେ ବିଜୟୀ ହେବା ପାଇଁ ଉଦ୍ୟମ କରୁଛନ୍ତି ଯାହା ଅତ୍ୟନ୍ତ ନିନ୍ଦନୀୟ ଓ ଏକ ସୁସ୍ଥ ଗଣତନ୍ତ୍ରର ପରିପନ୍ଥୀ। ଜଣେ ବିରୋଧୀ ଦଳର ବିଧାୟକ ଭାବେ ଯଦି ଦାୟୀ ତାହାହେଲେ କେନ୍ଦ୍ର ସରକାରରେ ଏଠାରେ ୨ଥର କେନ୍ଦ୍ରମନ୍ତ୍ରୀ ଥିବା ଓ ସୁନ୍ଦରଗଡର ଲୋକସଭା ସଦସ୍ୟ ଥିବା ସତ୍ତ୍ୱେ କେନ୍ଦ୍ର ସରକାର ଅଧୀନରେ ଥିବା ଏମ୍ ସିଏଲରୁ ଏହାକୁ ସେ କିଭଳି ବନ୍ଦ କରିପାରିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ସବୁବେଳେ ସୁନ୍ଦରଗଡ ଟ୍ରକ ମାଲିକ ସଂଘର ସୁଖ ଦୁଃଖରେ ଛିଡା ହୋଇଛନ୍ତି ବୋଲି କହିଛନ୍ତି। ତାଙ୍କୁ ଅଯଥା ବଦନାମ କରି ରାଜନୈତିକ ଫାଇଦା ହାସଲ ପାଇଁ ହୀନ ଉଦ୍ୟମ କରାଯାଉଛି ବୋଲି ବିଜେଡି ପ୍ରାର୍ଥୀ କହିଛନ୍ତି।

### ରାଉରକେଲା ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକ

# କଂଗ୍ରେସକୁ ସମର୍ଥନ ଘୋଷଣା

**ରାଉରକେଲା ଅଫିସ,୧୩।୪**

ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍)ର ସାଧାରଣ ପରିଷଦ ବୈଠକ ଶନିବାର ସଭାନେତ୍ରୀ ଡିଏସ୍ ପାନିକରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଉପସ୍ଥିତ ଶ୍ରମିକ କର୍ମଚାରୀଙ୍କୁ ପାନିକର ସମ୍ବୋଧିତ କରି କହିଥିଲେ, ଦେଶର ସାଧାରଣ ନିର୍ବାଚନ ନେଇ ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ୧୮ ତାରିଖରେ ମତଦାନ ହେବ। ୨୦୧୪ ନିର୍ବାଚନରେ ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା କେତେଦୂର ପାଳନ ହୋଇଛି ତାକୁ ନଜରରେ ରଖିବାକୁ ହେବ। କୃଷି, ଶିଳ୍ପ, ନିଯୁକ୍ତି, ଶ୍ରମିକଙ୍କ ନ୍ୟାଯ୍ୟ ଦାବି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାଜପା ଦେଶବାସୀଙ୍କୁ ପ୍ରତାରିତ କରିଛି। ଦଳକୁ ଆଉ ବିଶ୍ୱାସ କରାଯାଇ ପାରିବନି। ଦେଶରେ ଦାରିଦ୍ର୍ୟ, ବେକାରି, ଚାଷୀ ଆତ୍ମହତ୍ୟା, ଅସହିଷ୍ଣୁତା, ହିଂସା, ଦ୍ୱେଷ ଆଦି ବଢ଼ିଛି। ଜିଏସ୍‌ଟି ନୋଟବନ୍ଦୀ ଭଳି ପଦକ୍ଷେପରେ ଲୋକେ ସର୍ବସ୍ୱାନ୍ତ ହୋଇଛନ୍ତି। ଦେଶର ଲକ୍ଷାଧିକ ଶ୍ରମିକ ଜୀବିକା ହରାଇଛନ୍ତି। ଇସ୍ପାତ କାରଖାନା ଶ୍ରମିକ ଝାଳବୁହା ପରିଶ୍ରମ କରି କାରଖାନାକୁ ସମୃଦ୍ଧ କରୁଥିବା ବେଳେ ସେମାନଙ୍କୁ ପ୍ରତାରିତ କରାଯାଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଘରୋଇ ଇସ୍ପାତ ଶିଳ୍ପକୁ ପ୍ରୋତ୍ସାହିତ କରିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ସମର୍ଥନରେ ପୁଞ୍ଜିପତିମାନେ ଶ୍ରମିକମାରଣ ନୀତି ଆପଣାଇଛନ୍ତି। କଂଗ୍ରେସ ସରକାର ସମୟରେ ପ୍ରତିଷ୍ଠା କରାଯାଇଥିବା ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍‌ଏନ୍‌ଏଲ୍, ଏମ୍‌ଟିଏନ୍‌ଏଲ୍ ଓ ହାଲ୍ ଭଳି ଅନେକ ଉଦ୍ୟୋଗ ଆଜି ଭୁଶୁଡ଼ିବାକୁ ବସିଛି। ନରେନ୍ଦ୍ର ମୋଦି ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ଦେଶର ଅନେକ କ୍ଷତି ଘଟିବ ବୋଲି ପାନିକର କହିଥିଲେ। ଏପରି ଅବସ୍ଥାରେ କଂଗ୍ରେସକୁ ସମର୍ଥନ ଦେବାକୁ ୟୁନିୟନ ପକ୍ଷରୁ ପାନିକର ଘୋଷଣା କରିଥିଲେ। ଏଥିରେ ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ରଘୁନାଥପାଲି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ବକ୍ତବ୍ୟ ପ୍ରଦାନ କରି କଂଗ୍ରେସକୁ ସମର୍ଥନ ଦେବାକୁ ନିବେଦନ କରିଥିଲେ।

### ଦକ୍ଷିଣ ରାଉରକେଲା ରାସ୍ତା ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଟନେଲ

**ରାଉରକେଲା ଅଫିସ,୧୩।୪**

ମତଦାତାଙ୍କ ସମର୍ଥନ ପାଇବାକୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଅନେକ ପ୍ରତିଶ୍ରୁତି ଦେଉଛନ୍ତି। ବିକାଶର ସ୍ୱପ୍ନ ଦେଖାଇ ଶାସନ କ୍ଷମତା ହାତେଇବାକୁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ଦକ୍ଷିଣ ରାଉରକେଲାବାସୀଙ୍କୁ ଶନିବାର ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକ ସଭା ଭାଜପା ପ୍ରାର୍ଥୀ ଜୁଏଲ ଓରାମ। ସେ କହିଛନ୍ତି, ଦଳ କ୍ଷମତାକୁ ଆସିଲେ ଦକ୍ଷିଣ ରାଉରକେଲାବାସୀଙ୍କ ଯାତାୟାତ ସୁବିଧା ପାଇଁ ଆର୍‌ଏସ୍‌ପି ଦେଇ ଏକ ଟନେଲ ରାସ୍ତା ନିର୍ମାଣ କରିବାକୁ ପଦକ୍ଷେପ ନିଆଯିବ। ମୁଖ୍ୟ ସହରକୁ ଯାତାୟାତ ପାଇଁ ଦକ୍ଷିଣ ରାଉରକେଲାବାସୀଙ୍କ ରହିଥିବା ସମସ୍ୟା ଦୂର ହେବ। ଏହାର ବାସ୍ତବତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଟନେଲ ନିର୍ମାଣ କରିବାକୁ ହେଲେ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦରକାର ହେବ। ଏହାକୁ ସେଲ୍ କର୍ତ୍ତୃପକ୍ଷ ଗ୍ରହଣ କରିବେ ନା ନାହିଁ ତାହା ଆଉ ଏକ ପ୍ରଶ୍ନ। ଏହା ସମ୍ଭବ ହେଲେ ଲାଠିକଟା ସମେତ ଦକ୍ଷିଣ ରାଉରକେଲାର ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ଆଶା ରହିଛି। ସୂଚନାଯୋଗ୍ୟ, ହେକେଟ ରୋଡ୍ ଦେଇ ଦକ୍ଷିଣ ରାଉରକେଲା ଅଞ୍ଚଳବାସୀ ମୁଖ୍ୟ ସହରକୁ ଯାତାୟାତ କରୁଥିବା ବେଳେ ଏହା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଏହା ମରାମତି ଚାଲିଛି। ରାସ୍ତା ପାର୍ଶ୍ୱରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କାମ ଆଗେଇ ଚାଲିଛି। ଏପରି ଅବସ୍ଥାରେ ଦକ୍ଷିଣ ରାଉରକେଲାବାସୀଙ୍କ ଯାତାୟାତ ସମସ୍ୟାକୁ ଯେଉଁ ପ୍ରାର୍ଥୀ ଗୁରୁତ୍ୱ ଦେବେ ମତଦାତା ତାଙ୍କୁ ସମର୍ଥନ ଦେବେ ବୋଲି ଆଲୋଚନା ହେଉଛି। ଲୋକ ସଭା ପ୍ରାର୍ଥୀ ଓରାମ ଆଗୁଆ ଟନେଲ ରାସ୍ତା ଘୋଷଣା କରି ମାଇଲେଜ ନେବାକୁ ଉଦ୍ୟମ କରିଥିବା ଆଲୋଚନା ହେଉଛି।


# CLASSIFIED DISPLAY

## MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph-9658822477
7008410379
(Clinical Psychologist)

BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | Fuel Chg. |
|---|---|---|---|
| 13 / 17 | 18/-per Km. | 1800/- Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Unit of Annapurna Ventures Pvt. Ltd. GST 5% applicable
Explore ODISHA
N5/525, IRC Village, BBSR www.exploreodishatours.com
Tours, Travels, Package Tours
7008652192, 9777968477


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଘରୁ ଚାଲିଯାଇଥିବା ମହିଳାଙ୍କ ମୃତ୍ୟୁ

**ବଡ଼ଗାଁ, ୧୩।୪ (ଡି.ଏନ.ଏ)**

ବଡ଼ଗାଁ ଥାନା ସାହାଜବାହାଲ ଗ୍ରାମର ଜଣେ ବିବାହିତା ମହିଳା ପାରିବାରିକ ଗଣ୍ଡଗୋଳ ଯୋଗୁ ଘରୁ ଚାଲିଯାଇଥିଲେ। ଶନିବାର ବଡଗାଁ ଥାନା ପୋଲିସ ନକଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରୁ ମହିଳାଙ୍କ ମୃତ ଦେହ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନାନୁଯାଇ, ସାହାଜବାହାଲ ଗ୍ରାମର ରବୀନ୍ଦ୍ର ସାନେ (୪୦)ଙ୍କ ସ୍ତ୍ରୀ ଗୁରୁବାରୀ (୩୫) ଶୁକ୍ରବାର ସ୍ୱାମୀଙ୍କ ସହିତ କୌଣସି କଥାକୁ ନେଇ ଭଉବାଚ କଲାପରେ ଘରୁ ଚାଲିଯାଇଥିଲେ। ଶୁକ୍ରବାର ମଧାହ୍ନରେ ଇତମା ଗ୍ରାମରୁ ଚାଲି ନକଟି ଗ୍ରାମର ଗୀତା ବାଗ ପାଣି ପିଇବା ପାଇଁ ଦେଲାପରେ କ୍ଲାନ୍ତ ଥିବାରୁ ବିଶ୍ରାମ ନେବେ କହି ତାଙ୍କ ଘର ବାଣ୍ଡାରେ ବସିଥିଲେ। କିଛି ଘଣ୍ଟା ପରେ ଅସୁସ୍ଥ ହୋଇଥିଲେ । ତାଙ୍କ ପରିଚୟ ଓ ଘର ଠିକଣା କହିବା ପରେ ମୃତ୍ୟୁ ହୋଇଥିଲା।

### ଲେଫ୍ରିପଡ଼ା ବ୍ଲକରେ ବିଜେଡି ପ୍ରାର୍ଥୀଙ୍କ ରୋଡ ଶୋ

ଲେଫ୍ରିପଡ଼ା,୧୩।୪ (ଡି.ଏନ୍.ଏ.) ଲେଫ୍ରିପଡ଼ା ବ୍ଲକ ଅଲାପକା ହୁମେଇ, ଗୁଣ୍ଡିଆଡିହି, ମଶାବିରା, ସରପଗଡ଼, ଡୁମାବାହାଲ, ରାଜବାହାଲ ଏବଂ ଲେଫ୍ରିପଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ତଳସରା ବିଜେଡ଼ି ବିଧାୟକ ପ୍ରାର୍ଥୀ ଷ୍ଟିଫେନ୍ ସୋରେଙ୍ଗ ଏବଂ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ସୁନିତା ବିଶ୍ୱାଳ ବୁଲିଥିଲେ, ରୋଡ଼ ଶୋ କରିଥିଲେ। ସୁନ୍ଦରଗଡ଼ର ବିକାଶ ପାଇଁ ଏବଂ ତଳସରା ନିର୍ବାଚନ ମଣ୍ଡଳିର ଉନ୍ନତି ପାଇଁ ବିପୁଳ ସଂଖ୍ୟାରେ ଶଙ୍ଖଚିହ୍ନରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ। ରୋଡ୍ ଶୋରେ ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଯୁବ ବନ୍ଧୁମାନଙ୍କ ଗହଳି ଲାଗିଥିଲା। ଏଥିରେ ଲେଫ୍ରିପଡ଼ା ବିଜେଡି ନେତା ସୁନୀଲ୍ କୁମାର କାଲୋ, ଟଙ୍କଧର ବେହେରା ପ୍ରମୁଖ ସାମିଲ ଥିଲେ।

## ସଂସ୍କୃତି, ଧର୍ମ, ପରମ୍ପରାର ଅପୂର୍ବ ମିଳନ

# ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ମହୋତ୍ସବ

**ଅଶୋକ ଷଡ଼ଙ୍ଗୀ**

ବଡଗାଁ, ୧୩।୪(ଡି.ଏନ.ଏ.)– ଭାରତୀୟ ଧର୍ମ, ସଂସ୍କୃତିରେ ରାମୟଣ ମହାଗ୍ରନ୍ଥ ସତ୍ୟ, ଶାନ୍ତି, ପ୍ରୀତିର ମଧୁମୟ ସ୍ୱର୍ଗର ଆବେଗ ସୃଷ୍ଟିକାରୀ ଏକ ଆଧ୍ୟାତ୍ମବାଦୀ, ମାନବବାଦୀ ଓ ସଂସ୍କାରବାଦୀ ସୃଜନଶୀଳ ତାର ନିଦର୍ଶନ। ଭୋଗ, ବିଳାସ ଅପେକ୍ଷା ତ୍ୟାଗ ଓ ଆଦର୍ଶର ମୂର୍ତ୍ତିମନ୍ତ 'ଯେଉଁ ନାମ ଧରିଲେ ନ ଦଣ୍ଡେ କାଳଜମ' ପ୍ରାତଃ ସ୍ମରଣୀୟ ରଘୁକୂଳ ତିଳକ ପତିତପାବନ ପୁରୁଷୋତ୍ତମ ପ୍ରଭୂ ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଗାଥ ଯାହା ଲୀଳା ଭାବରେ ଖ୍ୟାତ, ଯୁଗଯୁଗ ଧରି ଜନଜୀବନକୁ ଉତପ୍ରେରିତତ କରିଆସିଛି। କଳା, ସଂସ୍କୃତି ଓ ଧର୍ମୀୟ ପରମ୍ପରା ରୂପକ ଏହି ପବିତ୍ର ସ୍ରୋତସ୍ୱିନୀର ତ୍ରିବେଣୀ ସଙ୍ଗମ ରୂପେ ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ବଡଗାଁ ରାମଲୀଳା ଯାତ୍ରା ମହୋତ୍ସବର ରହିଛି ସ୍ୱତନ୍ତ୍ର ଐତିହ । ଭାରତ ମଣ୍ଡଳେ ଦାନବ ଶକ୍ତିର ଉଦ୍ରେକକୁ ପ୍ରତିହତ କରି ଧର୍ମ ଓ ଶାନ୍ତି ସଂସ୍ଥାପନ ପାଇଁ ଭଗବାନ ଅବତାର ଗ୍ରହଣ କରନ୍ତି। ଏହି କ୍ରମରେ ମୀନ, କଚ୍ଛପ, ଶୂକର, ନୃସିଂହ ବାମନ, ପର୍ଶୁରାମ, ରାମ, ହଳଧର, ବୁଦ୍ଧ ଓ କଳକୀ ରୂପରେ ମ୍ଳେଚ୍ଛ ସଂହାର କରିଆସିଛନ୍ତି। ପ୍ରବଳ ପ୍ରତାପି ରାବଣର ନିଧନ ଉଦ୍ଦେଶ୍ୟରେ ତ୍ରେତ୍ୟା ଯୁଗରେ ଶ୍ରୀରାମଙ୍କ ମର୍ତ୍ତ୍ୟଲୀଳା ହିଁ ରାମଲୀଳା। କୃଷିଭିତ୍ତିକ ଭାରତୀୟ ସଭ୍ୟତାରେ ବାର ମାସେ ତେର ପରବ ମଧ୍ୟରେ କର୍ମକ୍ଳାନ୍ତ ଜୀବନକୁ ଲାଘବ ଓ ସରସ ସୁନ୍ଦର କରିବାକୁ ରାମଲୀଳା ଯାତ୍ରା ଅନ୍ୟତମ। ଋତୁରାଜ ବସନ୍ତର ଶେଷ ପାହାଚରେ ବର୍ଷକୁ ଥରେ ଆସେ ଏହି ପୂଣ୍ୟ ପାର୍ବଣ । ଚୈତ୍ର ଶୁକ୍ଳ ନବମୀରେ ଶ୍ରୀରାମଙ୍କ ଜନ୍ମତିଥିରୁ ଆରମ୍ଭ ହୋଇ ମହାସମାରୋହରେ ପାଳିତ ହୁଏ ଯାତ୍ର । ସାତକାଣ୍ଡ ମୁକ୍ତ ମଞ୍ଚରେ ଅଭିନିତ ହୁଏ । ମୂଳ ବାଲ୍ମିକୀକୃତ ସଂସ୍କୃତ ରାମୟଣର ଆନୀତ ବଳାରାମ ଦାସଙ୍କ ଓଡିଆ ରାମୟଣର ଆଦ୍ୟକାଣ୍ଡ, ଅଯୋଧ୍ୟାକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧ୍ୟାକାଣ୍ଡ, ସୁନ୍ଦରକାଣ୍ଡ, ଲଙ୍କାକାଣ୍ଡ ଓ ଉତ୍ତରାକାଣ୍ଡକୁ ବିଭିନ୍ନ କବିମାନଙ୍କ ଦ୍ୱାରା ସଂକ୍ଷିପ୍ତିକରଣ କରାଯାଇଥିବା ପଦ୍ୟାବଳୀକୁ କ୍ରମାନ୍ୱୟ ପ୍ରତ୍ୟେକ ରାତିରେ ଗୋଟିଏ କାଣ୍ଡକୁ ବୋଲାଯାଏ । ଦେବ ମଣ୍ଡପରେ ଆଧୁନିକ ସାଜସଜ୍ଜାରେ ରାମଜନ୍ମଠାରୁ ଯାତ୍ରା ଆରମ୍ଭ ହୁଏ । ଯାତ୍ରାରେ ଚିତ୍ତାକର୍ଷକ ବିମାନ (ପରଭା) ଉପରେ ମୁଖ୍ୟଦୃଶ୍ୟ ଓ ଦେବୀଦେବତା ରୂପରେ ଥିବା କଳାକାରଙ୍କୁ ମେଳା ପରିପାର୍ଶ୍ୱରେ ପ୍ରଦର୍ଶିତ କରାଯାଏ । କେତେକ ମୁଖ୍ୟଦୃଶ୍ୟ ଯଥା– ରାମଜନ୍ମ, ଅହଲ୍ୟା ଉଦ୍ଧାର, ବନବାସ, ସୀତା ଚୋରୀ, ସୀତାଠାବ, ରାମରାବଣ ଯୁଦ୍ଧ, ରାମଙ୍କ ରାଜାଭିଷେକ ଆଦି କେତେକ ଦୃଶ୍ୟାବଳୀକୁ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଏ । କଳାକାରମାନଙ୍କ ନିଖୁଣ ଅଭିନୟ, ହାସ୍ୟ, କରୁଣ ପ୍ରେମ, ବୀର, ବାତ୍ସଲ୍ୟ ଓ ବିଭତ୍ସ ଆଦି ଷଡରସରେ ପରିପୂର୍ଣ୍ଣ ରାମାୟଣର କଥାବସ୍ତୁର ନୃତ୍ୟ, ଛନ୍ଦ, ଗୀତ, ଅଭିନୟର ଲାଳିତ୍ୟ ମାଧୂର୍ଯ୍ୟ ଦର୍ଶକଙ୍କ ମନକୁ ଅତେନ୍ଦ୍ରିୟ ରାଜ୍ୟକୁ ନେଇଯାଏ। ରାତ୍ରର ନର୍ଜନ ପ୍ରହରରେ ଡାକବାଜି ଯନ୍ତ୍ର ଧ୍ୱନୀରେ ପଞ୍ଚକୋଶ ବ୍ୟାପି ପରିବେଷ୍ଟିତ ଗ୍ରାମାଞ୍ଚଳକୁ ରାମାୟଣର ଭକ୍ତିରସାମୃତ ସ୍ୱର ଜନମାନସକୁ ବେଶ ଆକୃଷ୍ଟ କରିଥାଏ । ଏହା ସହିତ ଦେବୀ ଦେବତାଙ୍କ ଦୃଶ୍ୟରାଜି ସହିତ ମନୋରଞ୍ଜନ ଧର୍ମୀ ଲୋକନୃତ୍ୟ, ବ୍ୟଙ୍ଗାତ୍ମକ ନୃତ୍ୟ, ଆନନ୍ଦ ଦାୟକ ହୋଇଥାଏ। ଯାତ୍ରାସ୍ଥଳକୁ ବହିରାଗତ ଯାତ୍ରାବଳ, ମୀନାବଜାର, ବିଦ୍ୟୁତ ଦୋଳି, ବ୍ରେକଡ୍ୟାନ୍ସ ଝୁଲା, ବେବିଟ୍ରେନ, ଲୌହ ଉପକରଣ, ସୌଖିନ ସାମଗ୍ରୀ ଦୋକାନ ବଜାରର ଶୋଭାକୁ ଦ୍ୱିଗୁଣିତ କରିଥାଏ। ପୂର୍ବଜ ସଂସ୍କୃତି ପ୍ରେମୀ ଦୂରଦ୍ରଷ୍ଟାମାନଙ୍କ ମାନସ ମନ୍ଥନରୁ ରାମାୟଣର ନାଟ୍ୟରୂପ ସୁଆଙ୍ଗ କ୍ରମରେ ପରିବର୍ତ୍ତନ ହୋଇ ତାଙ୍କ ଦ୍ୱାରା ରୋପିତ ସୂକ୍ଷ୍ମବୀଜ ଆଜି ମହାଦ୍ରୁମରେ ପରିଣତ ହୋଇଛି। ଉଗ୍ର ଆଧୁନିକତା ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ଉପଯୋଗ ସତ୍ତ୍ୱେ ବଡଗାଁ ରାମଲୀଳା ଯାତ୍ରା ମୌଳିକତା ଲକ୍ଷ ପଥରୁ ବିଚ୍ୟୁତ ହୋଇନାହିଁ। ଦୁଃଖର ବିଷୟ ଅଢ଼େଇ ଶହ ବର୍ଷ ପୁରୁଣା ଏହି ଯାତ୍ରା ଓଡିଶା ସଂସ୍କୃତି ବିଭାଗରେ ଏ ଯାଏ ପଞ୍ଜିକୃତ ହୋଇ ନ ଥିବାରୁ ଆର୍ଥିକ ସହାୟତା ସରକାରଙ୍କ ତରଫରୁ ମିଳୁନାହିଁ । ଏହାକୁ ଜିଲା ସାଂସ୍କୃତିକ ମହୋତ୍ସବ ଶୈଳୀରେ ପରିବର୍ତ୍ତନ କରାଗଲେ ଯାତ୍ରାର ଆଦୃତି ଓ ଅଭିବୃଦ୍ଧିରେ ଉନ୍ନତି ହେବ। ପଞ୍ଜିକୃତ କରିବା ପାଇଁ ଯାତ୍ରା ସଂସଦ ଗତବର୍ଷ ଠାରୁ ଉଦ୍ୟମ ଆରମ୍ଭ ହୋଇଛି। ଗ୍ରାମର କଳା, ସଂସ୍କୃତି ପ୍ରତି ଅନୁରାଗ ଥିବା ଉଦ୍ୟୋକ୍ତାଙ୍କ ଉଦ୍ୟମ ଅଭିନନ୍ଦନୀୟ।



ରାମ, ଲକ୍ଷ୍ମଣ, ସୀତାଙ୍କ ସହିତ ମୁନି ଋଷି ।

### ବଡଗାଁ ରାମଲୀଳା ଯାତ୍ରା
## ହନୁମାନ ଝଣ୍ଡା ସ୍ଥାପନ ଓ ଗ୍ରାମ ପରିକ୍ରମା

**ବଡଗାଁ, ୧୩।୪ (ଡି.ଏନ.ଏ)**

ବଡଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ୧୪ରୁ ଆରମ୍ଭ ହେବ। ରୀତିନୀତି ଅନୁସାରେ ଶନିବାର ମଧ୍ୟାହ୍ନରେ ହନୁମାନ ମନ୍ଦିର ପୂଜକ ପରମାନନ୍ଦ ପାଣିଗ୍ରାହୀ ପୂଜାର୍ଚ୍ଚନା କଲାପରେ ଗ୍ରାମବାସୀ ହନୁମାନ ଝଣ୍ଡା ସ୍ଥାପନ କରିଥିଲେ। ଏହା ସହିତ ବଡଗାଁ ମହାବୀର ଛକ ସ୍ଥିତ ବଜରଙ୍ଗବଳୀ ଆସ୍ଥାନରେ ଝଣ୍ଡା ସ୍ଥାପନ ହୋଇଥିଲା। ଅପରାହ୍ନରେ ବଜରଙ୍ଗବାଲୀଙ୍କ ଫଟୋଚିତ୍ର ନେଇ ଯାତ୍ରା ସଂସଦ କର୍ମକର୍ତ୍ତା ଗ୍ରାମବାସୀମାନେ ନୃତ୍ୟ, ଗୀତ ଓ ବାଦ୍ୟ ସହିତ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ବେଳେ ମହିଳାମାନେ ଘର ସମ୍ମୁଖରେ ଶୁଭ କଳସ, ଝୁଟି ଦେଇ ସ୍ୱାଗତ ଜଣାଇଥିଲେ। ଏଥିରେ ଫୁଲବାରୀ୨, ପତୁଆ ବେଡାର ୧, ତଳିମୁଣ୍ଡାର ୧ ଓ ମୁଣ୍ଡାଗାଁର ୧ ସାଂସ୍କୃତିକ ଦଳଙ୍କ ନୃତ୍ୟ, ଦୁଲଦୁଲି ବାଜାର ତାଳେ ଗ୍ରାମ ପରିକ୍ରମା କରିଥିଲେ। ବଡଗାଁ ମଣ୍ଡଳ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ।



ନୃତ୍ୟ, ଗୀତ ଓ ବାଦ୍ୟ ସହିତ ଗ୍ରାମ ପରିକ୍ରମା କରାଯାଉଛି।



### ଧୁମ୍‌ଧାମରେ ପାଳିତ ହେଲା ରାମନବମୀ ଉତ୍ସବ

**ରାଜଗାଙ୍ଗପୁର, ୧୩।୪ (ଡି.ଏନ.ଏ)**

ରାଜଗାଙ୍ଗପୁର ସହରରେ ଶନିବାର ଧୁମଧାମ, ଶାନ୍ତିଶୃଙ୍ଖଳାରେ ରାମନବମୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ହନୁମାନ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ସ୍ଥିତ କରାଯାଇଛି। ରାମନବମୀ ପାଇଁ ପ୍ରଶାସନ ପକ୍ଷରୁ ୩୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ଡିଆଇଜି କବିତା ଜଲାନ, ଏସପି ସୋମ୍ୟା ମିଶ୍ର, ଜିଲାପାଳ ରଶ୍ମିତା ପଣ୍ଡାଙ୍କ ସମେତ ପୋଲିସ ଅଧିକାରୀ ତଥା ମାଜିଷ୍ଟ୍ରେଟ ଉପସ୍ଥିତିରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସପ୍ତାହେ ଆଗରୁ ସମଗ୍ର ସହର ଗୈରିକ ଝଣ୍ଡାରେ ପୁରି ଉଠିଥିଲା । ଶୁକ୍ରବାର ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ସୀତାଙ୍କ ସହିତ ହନୁମାନଙ୍କ ବିଗ୍ରହକୁ ରାଜଗାଙ୍ଗପୁର ସହରର ଲକ୍ଷୁଆପଡା ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ କମାରକେଲା ସ୍ଥିତ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ଏକ ବିରାଟ ଶୋଭଯାତ୍ରାରେ ହନୁମାନ ବିଗ୍ରହଙ୍କୁ ବାବା ତଲାବ ପର୍ଯ୍ୟନ୍ତ ଅଣାଯାଇଥିଲା । ଶନିବାର ଅପରାହ୍ନରେ ପୂଜାର୍ଚ୍ଚନା ପରେ ମୁଖ୍ୟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ଆଖଡା ପାର୍ଟି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ନିର୍ମାଣାଧୀନ ଏନଟିପିସି ମେଡିକାଲ କଲେଜକୁ ମାଦ୍ରି କାଲୋଙ୍କ ନାମରେ ନାମିତ ଦାବି
## ଅଖଣ୍ଡ ଭୂୟାଁ ମହାସମାଜ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ସୁନ୍ଦରଗଡ଼, ୧୩।୪ (ଡି.ଏନ୍.ଏ)**

ଏହି ମାଟିର ଭୂମିପୁତ୍ର ବିପ୍ଳବୀ ବୀର ମାଦ୍ରି କାଲୋଙ୍କୁ ରାଜ୍ୟସ୍ତରୀୟ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦେବା ସହ ସୁନ୍ଦରଗଡଠାରେ ଏନଟିପିସି ତରଫରୁ ନିର୍ମାଣଧୀନ ମେଡିକାଲ କଲେଜ ଓ ହସ୍ପିଟାଲକୁ ତାଙ୍କ ନାମରେ ନାମିତ କରିବାକୁ ଅଖିଳ ଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅଖଣ୍ଡ ଭୂୟାଁ ମହାସମାଜ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୁନ୍ଦରଗଡ ମାଟିର ବିପ୍ଳବ ବୀର ହେଉଛନ୍ତି ମାଦ୍ରୀ କାଲୋ। ଏହି ମାଟିରେ ଭୂୟାଁ ସମ୍ପ୍ରଦାୟର ଜନନାୟକମାନେ ଶାସକଙ୍କୁ ଅବସ୍ଥାପିତ କରାଇ ରାଜୁଡା ଅମଳରେ ଶାସନ କରିଥିଲେ। ଏହି ସମ୍ପ୍ରଦାୟର ସଂଗ୍ରାମୀ ମାଦ୍ରି କାଲୋ ତତ୍କାଳୀନ ଗାଙ୍ଗପୁର ଗଡଜାତ ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ। ବେଆଇନ୍ ଖଜଣା, ବେଠି ଶ୍ରମିକ ଶୋଷଣ ବିରୋଧରେ ମାଦ୍ରୀ କାଲୋ ଗାଙ୍ଗପୁର ଅଧିବାସୀମାନଙ୍କୁ ମେଳି କରି ଲଢେଇ କରିଥିଲେ । ତାଙ୍କ ସଂଗ୍ରାମ ଫଳରେ ଇଂରେଜମାନେ ଅତିଷ୍ଠ ହୋଇ ତାଙ୍କୁ ଦମନ କରିବା ପାଇଁ ସଫଳ ନ ହେବାରୁ ତାଙ୍କୁ ୧୮୯୭ରୁ ୧୯୦୬ ପର୍ଯ୍ୟନ୍ତ ପ୍ରଥମେ ରାଞ୍ଚି ଓ ପରେ ହଜାରିବାଗ ଜେଲରେ କାରାରୁଦ୍ଧ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଓଡିଶାର ଅନେକ ମହାପୁରୁଷ ଓ ଜନନାୟକ ମାନଙ୍କୁ ଉଚିତ ସମ୍ମାନିତ କରିଥିଲେ ସୁଦ୍ଧା ସୁନ୍ଦରଗଡ ମାଟିପ୍ରତି ଅଣଦେଖା କରିଛନ୍ତି। ନିକଟ ଅତୀତରେ ଝାରସୁଗୁଡାସ୍ଥିତ ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ, ମୟୁରଭଞ୍ଜ ମେଡିକାଲ କଲେଜ ହସ୍ପିଟାଲକୁ ପଣ୍ଡିତ ରଘୁନାଥ ମୁର୍ମୁ ଏବଂ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲକୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ କରାଯାଇଛି। ଏଣୁ ସୁନ୍ଦରଗଡରେ ନିର୍ମାଣଧୀନ ଏନ୍‌ଟିପିସି ମେଡିକାଲ କଲେଜ ହସ୍ପିଟାଲକୁ ବିପ୍ଳବୀ ବୀର ମାଦ୍ରି କାଲୋଙ୍କ ନାମରେ ନାମିତ କରାଯିବା ଓ ତାଙ୍କୁ ରାଜ୍ୟସ୍ତରୀୟ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ କରି ସୁନ୍ଦରଗଡ ମାଟିକୁ ଉଚିତ ସମ୍ମାନ ଦେବା ପାଇଁ ଦାବି କରାଯାଇଛି। ଅଖଣ୍ଡ ଭୂୟାଁ ମହାସମାଜର ପ୍ରମୁଖ ଚନ୍ଦ୍ର ଭାନୁ ଭିତ୍ରିଆଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳୀରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ନବଘନ ମାଝି, ଗୋବର୍ଦ୍ଧନ ନାଏକ, ରିକି ଭତ୍ରିଆ, ରାମଚନ୍ଦ୍ର ଅମାତ, ଉପେନ୍ଦ୍ର ସା ପ୍ରମୁଖ ସାମିଲ ହୋଇ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଲହୁଣୀପଡାରେ ଶ୍ରୀରାମ ନବମୀ ପାଳିତ

**ଲହୁଣୀପଡା, ୧୩।୪ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡାରେ ଧୁମଧାମରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁସାରେ ଶନିବାର ଶ୍ରୀରାମ ଆଖଡା ଓ ବଜରଙ୍ଗ ଆଖଡା ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ପ୍ରଥମେ ବିରାଟକାୟ ଶ୍ରୀ ହନୁମାନ ମୃଣ୍ମୟ ମୂର୍ତ୍ତିକୁ ପୂଜା ଅର୍ଚ୍ଚନା କରିବା ପରେ ଶ୍ରୀରାମ ଆଖଡା ଦଳ ବ୍ରାହ୍ମଣସାହିରୁ ବିରାଟ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡରେ ପହଞ୍ଚିଥିଲେ । ସେଠାରେ ବଜରଙ୍ଗ ଆଖଡା ଦଳ ପ୍ରସ୍ତୁତି ରହିଥିଲେ । ଏକତ୍ର ଦୁଇ ଆଖଡା ଦଳ ହୋଇଥିବା ବେଳେ ଉଭୟ ଆଖଡା ଦଳର ଯୁବକମାନେ ନିଜ ନିଜର କ୍ରୀଡା ପ୍ରଦର୍ଶନ କରିଥିଲେ । ଆକର୍ଷଣୀୟ ଲାଠି ଖେଳ ସାଙ୍ଗକୁ କୁନି କୁନି ପିଲାଙ୍କ ହନୁମାନ ବେଶ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ବସଷ୍ଟାଣ୍ଡ ଛକରୁ ହନୁମାନ ଛକ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ପହଞ୍ଚିଥିଲେ । ଏଥିରେ ବିଭିନ୍ନ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଉଭୟେ ଆଖଡା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁନି ପିଲାମାନଙ୍କ ହନୁମାନ ବେଶ।


**Format C-2**

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Lok Sabha Election 2019 PHASE-II**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | BAGI LAKRA | Sundargarh | JMFC Rural Raurkela G.R. No. 1517/2012 Charges Framed 10.04.2013 (Pending) | Section 294 506 34 IPC alleged using fealthy language threaten to kill | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2408/2015 Charges Framed (Pending) | Section 147 148 447 427 294 506 307 149 IPC regarding extortion of house | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 624/2015 Charges Framed (Pending) | Section 147 148 371 294 283 431 506 129 149 IPC & 7CRL LA Act regarding road block | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 1074/2015 (Pending) | Section 147 148 294 506 427 47 307 34 149 IPC & 174 146 151 IPC attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 196/2015 charges framed (Pending) | Section 294 353 506 147 148 149 IPC & 7 CRL LA Act and 174 146 151 Rly. Act Railway Line Blocked | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R.No. 2293/2015 charges framed (Pending) | Section 147 148 447 427 294 506 386 307 149 IPC & 25 Arms Act Damage of land boundry and attack by weapon | N.A | N.A |
| | BAGI LAKRA | Sundargarh | JMFC Rural Raurkela G.R. No. 2781/2014 (Pending) | Section 147 148 341 283 431 294 353 336 323 506 149 IPC & 7CRL LA Act allegation for blocked of NH Road at Bedvyas Chowk | N.A | N.A |



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ

## ସଂକ୍ଷେପରେ



### ଶ୍ରୀରାମ ନବମୀ ପାଳିତ

**କର୍ଲାମୁଣ୍ଡା,୧୩।୪ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶନିବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ବିଜୁ କୁମାର ସାହୁ ଲକ୍ଷ୍ୟ ଉଦ୍ଦେଶ୍ୟ କହିଥିବା ବେଳେ ମୁଖ୍ୟବକ୍ତା ଭାବେ ଜ୍ଞାନଭାରତୀର ଶିକ୍ଷକ ଭାଗୀରଥି ଷଡଙ୍ଗୀ ଯୋଗଦେଇ ଶ୍ରୀରାମଚନ୍ଦ୍ରଙ୍କ ପିତୃଭକ୍ତି, ଭାତୃଭକ୍ତି ଓ ଗୁରୁଭକ୍ତି ତଥା ପ୍ରଜା ବତ୍ସଳ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ସ୍ୱର୍ଣ୍ଣଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭାଇ ଭାଉଣୀ, ଅଭିଭାବକ, ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ନୂଆପଡ଼ା

- ବ୍ଲକସ୍ତରୀୟ ଡଃ. ବି.ଆର୍ ଅମ୍ବେଡକର ଜୟନ୍ତୀ-୨୦୧୯। ସ୍ଥାନ- କର୍ଲାମୁଣ୍ଡା (ବସ୍ତି)

# ପ୍ରଶାସନ ସାଙ୍ଗରେ ଦିନେ, ମାଓବାଦୀଙ୍କ ସହ ସବୁଦିନ

**ନୂଆପଡ଼ା ଅଫିସ,୧୩।୪**

ସମୁଦ୍ର ପତନରୁ ୩ ହଜାର ଫୁଟ ଉଚ୍ଚରେ ଥିବା ସୁନାବେଡା ଅଭୟାରଣ୍ୟର କାଠଫେର ଏବଂ ପାଟଦର୍ହା ଗାଁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି । ସେଠାକୁ ଆଜକୁ କେଇ ଦଶନ୍ଧି ଧରି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁ ନ ଥିବାବେଳେ ବର୍ତ୍ତମାନ ଏହା ମାଓବାଦୀଙ୍କ କବଜାରେ ରହିଛି। ଏହାକୁ ପ୍ରମାଣିତ କରିଦେଇଛି ବର୍ତ୍ତମାନର ସାଧାରଣ ନିର୍ବାଚନ। ସଶସ୍ତ୍ର ଯବାନ ନେଇ ଯାଇଥିବା ପ୍ରଶାସନ ନିର୍ବାଚନ କରିବାରେ ଫେଲ ମାରିଛି। ଲୋକେ କହିଛନ୍ତି ପ୍ରଶାସନ ଆମକୁ ଦିନେ ଦେଖାଦେଉଛି ହେଲେ ସବୁଦିନ ମାଓବାଦୀଙ୍କ ସହ ରହିବାକୁ ବାଧ୍ୟ ହେଉଛୁ । ଆମର ସୁରକ୍ଷା ଗ୍ୟାରେଣ୍ଟି କିଏ ଦେବ ଯେ ଭୋଟ ଦେବୁ ବୋଲି ବିସ୍ଫୋରକ ବୟାନ ରଖିଛନ୍ତି ଗ୍ରାମବାସୀ ।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ମଧ୍ୟ ମାଓବାଦୀମାନେ ନିର୍ବାଚନ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ହେଲେ ସେତେବେଳେ ପ୍ରଶାସନ ବେଶ ଚତୁରତାର ସହ ଜିଲାର ସମସ୍ତ ମାଓବାଦୀ ପ୍ରବଣ ବୁଥଗୁଡିକରେ ନିର୍ବାଚନ କରିବାରେ ସଫଳ ହୋଇଥିଲା। ହେଲେ ଏଥର ପ୍ରଶାସନକୁ ମହଙ୍ଗା ପଡିଲା । ଠିକ ନିର୍ବାଚନ ପୂର୍ବରୁ ବୋଡେନ ଥାନା ଭଇଁଷାଦାନୀ ଗ୍ରାମପଞ୍ଚାୟତରେ ଏକ ବସରେ ନିର୍ବାଚନକୁ ବିରୋଧ କରି ପୋଷ୍ଟର ମାରିଥିଲେ । ଖୋଦ ନୂଆପଡା ସହର ମଧ୍ୟରେ ପୋଷ୍ଟର ମାରି ବିରୋଧ କରିଥିଲେ। ହେଲେ ପ୍ରଶାସନ ଏହାକୁ ହାଲୁକା ଭାବେ ଗ୍ରହଣ କରିଥିଲା । ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଶେଷ କରି ଭଇଁଷାଦାନୀ ପଞ୍ଚାୟତ ଉପରେ ନଜର ରଖିବାରେ ଫେଲ ମାରିଥିବା ଚର୍ଚ୍ଚା ହେଉଛି। ଗୁଇନ୍ଦା ରିପୋର୍ଟ ଫେଲ ମାରିଥିବା କୁହାଯାଉଛି । ଫଳରେ ମୈନପୁର ଡିଭିଜନର କ୍ୟାଡର ମାଓବାଦୀମାନେ ସେଠାରେ ବାରମ୍ବାର ବୈଠକ କରିବାରେ ସଫଳ ହେଲେ। ବୈଠକ କରି ପ୍ରଶାସନ କୌଣସି ମୌଳିକ ସୁବିଧା ଦେଉନାହିଁ । ଏଥରକ ନିର୍ବାଚନକୁ ବର୍ଜନ କରିବା ନିଷ୍ପତି ନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟପଟେ ଏହି ନିର୍ବାଚନରେ ଯଦି କୌଣସି ମତଦାତା ଭୋଟ ଦିଅନ୍ତି ତେବେ ତାଙ୍କର ପ୍ରଜାକୋର୍ଟରେ ଅଙ୍ଗୁଳି କଟା ହେବ। ଏହା ସମସ୍ତଙ୍କୁ ଭୟଭିତ କରିଥିଲା । ପ୍ରଶାସନ ତ ଦିନେ ଆସି ଭୋଟ ନେଇ ଚାଲିଯିବ, ହେଲେ ମାଓବାଦୀଙ୍କ ଲାଲ ନଜରରେ ସବୁବେଳେ ରହିଯିବେ ସେଥିପାଇଁ ଏହା ଆଦିବାସୀଙ୍କ ପାଇଁ ଚିନ୍ତାର କାରଣ ହେଲା । ଶେଷରେ ପ୍ରଶାସନ ବହୁ ସତର୍କ ନେଇଥିଲେ ମଧ୍ୟ ମାଓବାଦୀଙ୍କ ନୀତିଆଗରେ ଫେଲ ମାରିଲେ । ନିର୍ବାଚନ ଦିନ ସେଠାକୁ ହେଲିକପ୍ଟର ମଧ୍ୟ ଅପହଞ୍ଚ ହେଉଥିବା ହେତୁ ଦୀର୍ଘ ୮/୧୦ କି.ମି. ଦୁର୍ଗମ ରାସ୍ତାରେ ପୋଲିଂ ପାର୍ଟିକୁ ଚାଲିଯିବାକୁ ପଡିଥିଲା। ପୋଲିଂ ପାର୍ଟିର କହିବାମୁତାବକ ମୋଟ ୪୫ଜଣ ଯବାନ କରିଡର କରି ନେଇଥିଲେ। ୬ଜଣ ପୋଲିଂ କର୍ମଚାରୀଙ୍କ ସହ ୧୦ଜଣ ମଜୁରିଆ ପୋଲିଂ ଇଭିଏମ ସହ ଆନୁଷଙ୍ଗିକ ବ୍ୟବସ୍ଥାକୁ ବୋହି ନେଇଥିଲେ। ସେଠାରେ ପହଞ୍ଚିବା ପରେ ଗ୍ରାମବାସୀଙ୍କୁ ପୋଲିସ ଟିମ ଡାକିଥିଲେ ମଧ୍ୟ ସମସ୍ତଙ୍କ ମୁହଁ ବନ୍ଦ ରହିଥିଲା । ଅପରାହ୍ନ ୪ଟାଯାଏଁ ଜଗିବା ପରେ ମଧ୍ୟ ଭୋଟିଂ ହୋଇ ନ ଥିଲା । ଶେଷରେ ଟିମ ଖାଲି ହାତରେ ଫେରିଆସିଥିଲା । ସମଗ୍ର ରାଜ୍ୟ ପୋଲିସ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କଲା । ଏହାକୁ ଆଗାମୀ ଦିନରେ କିଭଳି ଭାବେ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।



ଦୁର୍ଗମ କାଠଫେରରୁ ଖାଲି ହାତରେ ଫେରୁଥିବା ପୋଲିସ୍ ଟିମ୍ ।

**କାଠଫେରବାସୀଙ୍କ ଚାଞ୍ଚଲ୍ୟ ବୟାନ**

- ପ୍ରଶାସନକୁ ଦେଖିନାହାନ୍ତି ଗ୍ରାମବାସୀ
- ନିର୍ବାଚନ କରିବାରେ ପ୍ରଶାସନ ବିଫଳ

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ରାମନବମୀ

# କୌତୂହଳ ପୋଷାକ ପ୍ରତିଯୋଗିତା

**ଭବାନୀପାଟଣା,୧୩।୪ (ଡି.ଏନ.ଏ.)**

ସ୍ଥାନୀୟ ସ୍ୱାମୀବିବେକାନନ୍ଦ ପବ୍ଲିକ ସ୍କୁଲଠାରେ ଶ୍ରୀ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୌତୁହଳ ପୋଷାକ ପ୍ରତିଯୋଗିତା ହୋଇଥିଲା। ସ୍କୁଲ ପ୍ରତିଷ୍ଠାତା ଶିବରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନ ପାତ୍ର ଯୋଗଦେଇଥିବା ବେଳେ ତ୍ରିଲୋଚନ ସିଂହ ଓ ଶିକ୍ଷୟିତ୍ରୀ ସାଗରିକା ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ରାମଚନ୍ଦ୍ରଙ୍କ ଆଦର୍ଶ, ପିତୃଭକ୍ତି, ପ୍ରଜାବତ୍ସଳ, ଚରିତ୍ର ପ୍ରତି ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରାମାୟଣ ଚରିତ୍ର ଆଧାରିତ କୌତୁହଳ ପୋଷାକ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗିମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।




କୌତୁହଳ ପୋଷାକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ।

## ଲାଞ୍ଜିଗଡ ବିଧାନସଭା ନିର୍ବାଚନମଣ୍ଡଳୀ

# ୬୦ ଜଣ ମତଦାନରୁ ବଞ୍ଚିତ

**ଭବାନୀପାଟଣା,୧୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବିଧାନସଭାନିର୍ବାଚନମଣ୍ଡଳୀର ବୁଥ ନଂ. ୨୯୧ ଶାସ୍ତୁଗୁଡା ୨ ବୁଥ କେନ୍ଦ୍ରରେ ୬୦ ଜଣ ଭୋଟର ମତଦେଇ ପାରି ନ ଥିବା ଅଭିଯୋଗ ହୋଇଛି। ଜୟପାଟଣା ବ୍ଲକ ଅନ୍ତର୍ଗତ ଧନଶୁଲି ପଞ୍ଚାୟତ ଶାସ୍ତୁଗୁଡା ଗ୍ରାମରେ ବୁଥ ନଂ. ୨୯୧ ବୁଥ କେନ୍ଦ୍ରରେ ୩ଟା ୪୫ରେ ୬୦ ଜଣଙ୍କୁ ଚିରିକୁଟ ପ୍ରଦାନ କରାଯାଇଥିଲା। ଏହି ସମୟରେ ଜଣେ ବ୍ୟକ୍ତି କୈଳାସ ସାହୁ ଆଉ ଚିରକୁଟ ଦିଅନାହିଁ ଭୋଟ ଗ୍ରହଣ ବନ୍ଦ କର ବୋଲି କହିବାରୁ ତାଙ୍କୁ କଥାରେ ପ୍ରିଜାଇଡିଂ ଅଫିସର ଭୋଟ ଗ୍ରହଣ ବନ୍ଦ କରି ଦେଇଥିଲେ। ଫଳରେ ୬୦ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ବିଜେଡି ଏଜେଣ୍ଟ ଉପେନ୍ଦ୍ର ସାହୁ, ଭାଜପା ଏଜେଣ୍ଟ ସୁଶାନ୍ତ ପୂଝାରୀ ଓ ଗୋପୀ ମାଝି ଏବଂ କଂଗ୍ରେସ ଏଜେଣ୍ଟ ରାଧାକାନ୍ତ ଧଙ୍ଗଡାମାଝି ପ୍ରମୁଖ ଜୟପାଟଣା ବିଡିଓଙ୍କୁ ଅଭିଯୋଗ କରିଥିଲେ । ପରେ ବିଡିଓ ଏବଂ ଜୟପାଟଣା ଥାନାଧିକାରୀ ବୁଥରେ ପହଞ୍ଚିଥିଲେ। ବିଡିଓ ଏହାର ସମାଧାନ କରାଯିବ କହି ସେଠାରୁ ଚାଲି ଆସିଥିଲେ। କିନ୍ତୁ କୌଣସି ସମାଧାନ ନ ହେବାରୁ ୬୦ ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇଥିଲେ। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# ନୂଆପଡ଼ା-ବଲାଙ୍ଗୀର ସୀମାନ୍ତରେ ମାତିଛନ୍ତି ହାତୀପଲ

**ନୂଆପଡା ଅଫିସ,୧୩।୪**

ନୂଆପଡା ଜିଲାରେ ଦିନକୁ ଦିନ ହାତୀପଲ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି । ନୂଆପଡା-ବଲାଙ୍ଗୀର ଜିଲା ସୀମାନ୍ତରେ ବର୍ଷବ୍ୟାପି ହାତୀପଲ ମାତି ରହିଥିବାବେଳେ ବିଭିନ୍ନ ସମୟରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । କେବଳ ବନବିଭାଗ ଦିନରେ ଜଗିବା ଛଡା କିଛି କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଖଡିଆଳ ବନଖଣ୍ଡ ଅଧୀନସ୍ଥ ଭୋଜପୁର ଗ୍ରାମାଞ୍ଚଳରେ ହାତୀପଲ ରାତିରେ ମାଡିଆସି ଚାଷୀଙ୍କ ରବି ଫସଲକୁ ନଷ୍ଟ କରି ଚାଲିଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି । ମିଳିଥିବା ସୂଚନାମୁତାବକ ୨୫ରୁ ୩୦ଟି ହାତୀ ଏହି ପଲରେ ରହିଛନ୍ତି । ସୂଚନାଯୋଗ୍ୟ ଯେ, ଆଜକୁ ୩/୪ମାସ ତଳେ ପ୍ରଥମେ ଏହି ହାତୀପଲ ତୁରେକେଲା ଜଙ୍ଗଲ ଅଞ୍ଚଳରୁ ଆସି ଖଡିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳରେ ପ୍ରବେଶ କରିଥିଲେ । ପରେ ଏମାନେ କୋମନା ବ୍ଲକ ପେଣ୍ଡ୍ରାବନ୍ଧ, ପଏଁର, ଟିକ୍ରାପଡା, ବୁଦ୍ଧିକୋମନା ଗ୍ରାମପଞ୍ଚାୟତର ଡୋଙ୍ଗରୀପାଲି ଗାଁ ଦେଇ ପୁଣି ଥରେ ବଲାଙ୍ଗୀର ଜିଲାକୁ ଚାଲିଯାଇଥିଲେ । ବର୍ତ୍ତମାନ ଏହି ହାତୀପଲ ପୁଣି ନୂଆପଡା ଜିଲା ସୀମାନ୍ତର ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି । ଗୁରୁବାର ମିଳିଥିବା ରିପୋର୍ଟ ମୁତାବକ ବିଳମ୍ବିତ ରାତିରେ ଖଡିଆଳ ସହରଠାରୁ ୭/୮ କି.ମି. ଦୂର ଭୋଜପୁର ଗାଁରେ ହଠାତ ହାତୀପଲ ମାଡିଆସିଥିଲେ । ବର୍ତ୍ତମାନ ଚାଷୀ ମୁଣ୍ଡର ଝାଳ ତୁଣ୍ଡରେ ମାରି କରିଥିବା ରବି ଧାନକୁ ହାତୀପଲ ଖାଇ ଦଳିଚକଟି ନଷ୍ଟ କରି ଦେଇଛନ୍ତି । ଭୋଜପୁର ଗାଁର ଚାଷୀ କେଶରୀ ସଗରିଆ, ଯୁଧିଷ୍ଠିର ସଗରିଆଙ୍କ ୨୫ରୁ ଉର୍ଦ୍ଧ୍ୱ ଏକର ଜମିର ଚାଷ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି । ସେହିଭଳି ନୂଆପଡା ଏବଂ ବଲାଙ୍ଗୀର ଜିଲା ସୀମାନ୍ତର ବହୁ ଚାଷୀଙ୍କ ଚାଷ ନଷ୍ଟ ହୋଇଛି । ସନ୍ଧ୍ୟା ହେଲେ ଚାଷୀମାନେ ହାତୀ ଭୟରେ ତାଟି କବାଟ ବନ୍ଦ କରି ଘରୁ ବାହାରୁନାହାନ୍ତି । ଚାଷରେ ପାଣି ମଡାଇବା ସହ ଅନ୍ୟାନ୍ୟ କାମ ବାଧାପ୍ରାପ୍ତ ହୋଇଛି । ଏହା ଉପରେ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ହାତୀପଲଙ୍କୁ ଦୁଇ ଜିଲା ତରଫରୁ ଯୁଗ୍ମ ଭାବେ ପଦକ୍ଷେପ ନେଇ ସ୍ଥାୟୀ ଭାବେ ଘଉଡାଇବାକୁ ଦାବି ହୋଇଛି । ପ୍ରତିବର୍ଷ ଏହି ହାତୀପଲ କେଉଁ ଜଙ୍ଗଲରୁ କେବେ ଆସୁଛନ୍ତି । କାହାରି ପାଖରେ ଏହି ରିପୋର୍ଟ ମିଳୁନାହିଁ । ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବାକୁ ସାଧାରଣରେ ଦାବି ହେଉଛି ।



ହାତୀପଲ ନଷ୍ଟ କରିଥିବା ରବିଧାନ ଫସଲ ।

- ପ୍ରତିଦିନ ନଷ୍ଟ କରୁଛନ୍ତି ଚାଷ
- ଚାଷୀ ମୁଣ୍ଡରେ ଚଡକ
- ବନବିଭାଗ ନିଦାବିଷ୍ଟ

## ପାଇପ ଯୋଗେ ଜଳସେଚନ ଯୋଗାଇବା ଦାବି

### ରାସ୍ତା ଅବରୋଧ ୧୫ରେ

**ଖଡିଆଳ,୧୩।୪ (ଡି.ଏନ.ଏ.)**

ଖଡିଆଳ ଓ କୋମନା ବ୍ଲକ ମଧ୍ୟ ଭାଗରେ ତିଖାଲି ଗାଁଠାରେ ନିର୍ମାଣ ହୋଇଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ । ଉଦ୍ଦେଶ୍ୟ ଥିଲା ଅଞ୍ଚଳରୁ ଜଳ ସେଚନର ସୁବିଧା ଯୋଗାଇବା । ହେଲେ ଦୀପ ତଳ ଅନ୍ଧାର ସ୍ୱରୂପ ପ୍ରକଳ୍ପର ମାତ୍ର ୧ରୁ ୨ କି.ମି. ମଧ୍ୟରେ ସାନ ମହେଶ୍ୱର, ବଡ ମହେଶ୍ୱର, କୁଲିଗାଁ, ରଜାମୁଣ୍ଡା, ଝୋଲପଥର ଓ ଦେଓବାହାଲ ଗାଁରେ ଥିବା ବେଳେ ଜମିଗୁଡିକୁ ଜଳସେଚନର ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ଗାଁ ଲୋକେ ବାରମ୍ବାର ପାଇପ ମାଧ୍ୟମରେ ଜଳସେଚନର ସୁବିଧା ଯୋଗାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଆସନ୍ତା ୧୫ ତାରିଖରେ ଆଞ୍ଚଳିକ କୃଷକ ସଂଘ ନେତୃତ୍ୱରେ ସାନମହେଶ୍ୱର ଗାଁ ନିକଟରେ ୩୫୩ ନଂ.ଜାତୀୟ ରାଜପଥ ଅବରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବେ। କୃଷକ ସଂଘ ସଭାପତି ଗୌତମ ତାଣ୍ଡି, ଉପସଭାପତି ବିଦୁର ଶବ ଏ ନେଇ ଚେତାବନୀ ଦେଇଛନ୍ତି ।

## ୭୬ ୟୁନିଟ ରକ୍ତ ସଂଗ୍ରହ

**ଟିପିଲିମା,୧୩।୪(ଡି.ଏନ.ଏ.)**

ବୁର୍ଲା ଭୀମସାର ରକ୍ତ ଭଣ୍ଡାର ପରିସରରେ ସେୟାର ଲାଇଫ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ୭୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ଭୀମସାର ଅଧକ୍ଷ ପ୍ରଫେସର ଡା. ବ୍ରଜମୋହନ ମିଶ୍ର, ଅଧକ୍ଷକ ପ୍ରଫେସର ଡା. ଜୟଶ୍ରୀ ଦୋରା, ବୁର୍ଲା ଥାନା ଅଧିକାରୀ ବିଭୁତିଭୂଷଣ ଭୋଇ, ସାମାଜିକ କର୍ମୀ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph- 9658822477
7008410379
(Clinical Psychologist)

BUSINESS BUSINESS

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | | Fuel Chg. |
|---|---|---|---|---|
| 13 / 17 | 18/-per Km. | 1800/- | Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- | Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- | Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- | Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Unit of Annapurna Ventures Pvt. Ltd. GST 5% applicable
Explore ODISHA
Tours, Travels, Package Tours
N5/525, IRC Village, BBSR www.exploreodishatours.com
7008652192, 9777968477


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ



### ସାଇବାବାଙ୍କ ମନ୍ଦିର ଭୂମି ପୂଜନ, ପାଲିଙ୍କି ଯାତ୍ରା

କେସିଙ୍ଗା,୧୩।୪(ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଶ୍ରୀ ସାଇରାମ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୱାର୍ଡ ନଂ. ୧୨ ଅଧୀସ୍ଥ ସାଇନଗରଠାରେ ଶ୍ରୀ ଶ୍ରୀ ସିରିଡି ସାଇବାବାଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପରକ୍ଷେ ଉକ୍ତ ଟ୍ରଷ୍ଟ ପକ୍ଷରୁ ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଦୁର୍ଗା ମଣ୍ଡପ ଦେଇ ସାଇନଗର ପର୍ଯ୍ୟନ୍ତ କରାଯାଇଥିଲା । ସାଇନଗରରେ ନୂତନ ମନ୍ଦିର ନିର୍ମାଣ ପାଇଁ ରାମ ନବମୀ ଉପଲକ୍ଷେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭୂମିପୂଜାରେ ଶିରିଡିଠାରୁ ସାଇବାବାଙ୍କ ପାଦୁକା ଓ ସିଦ୍ଧିଯନ୍ତ୍ର ଅଣାଯାଇ ଏହି ଭୂମିପୂଜାରେ ହୋମଯଜ୍ଞ କରାଯାଇ ସ୍ଥାପନ କରାଯାଇଥିଲା । ଭୂମି ପୂଜନରେ କର୍ତ୍ତା ଭାବେ ଧର୍ମେନ୍ଦ୍ର ସୋଲାଙ୍କି ଓ ଜାହ୍ନବୀ ସୋଲାଙ୍କିଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ଟ୍ରଷ୍ଟର ସଭାପତି ଅନୀଲ ଅଗ୍ରୱାଲ, ସମ୍ପାଦକ ଗୋଲକ ଚନ୍ଦ୍ର ପଟ୍ଟନାୟକ, ରମେଶ ପଟ୍ଟନାୟକଙ୍କ ସମେତ ଶତାଧିକ ସାଇଭକ୍ତ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



### ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପୂଜନୋତ୍ସବ

ପଲମ,୧୩।୪(ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପୂଜନ ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ କଳସଯାତ୍ରା ପରେ ଅଙ୍କୁରା ରୋପଣ, ବନଯୋଗ, ରତ୍ନମୁଦ, ଧାନଧିବାସ, ଜିବନ୍ୟାସ ପରେ ଅଷ୍ଟ ପ୍ରହର ନାମଯଜ୍ଞ ମଧ ହୋଇଥିଲା । ମା' ତାରିଣୀଙ୍କ ପୂଜା କାର୍ଯ୍ୟ ତୁଲାଇବା ପାଇଁ ମୁଖ୍ୟ ପୂଜକ ଭାବେ ମହେଶ୍ୱର ଶତପଥୀ ରହିଥିବା ବେଳେ ଅନ୍ୟାନ୍ୟ ଭକ୍ତମାନେ ସହଯୋଗ କରିଥିଲେ। ମା' ତାରିଣୀଙ୍କ ଯଜ୍ଞ କର୍ତ୍ତା ଭାବରେ ଗୌରଚନ୍ଦ୍ର ଭୋଇ ଓ ସାବିତ୍ରୀ ଭୋଇ ରହି ପୂଜା କାର୍ଯ୍ୟ କରିଥିଲେ । ନାମଯଜ୍ଞ କର୍ତ୍ତା ଭାବେ ଲକ୍ଷ୍ମୀକାନ୍ତ ମାଝି ଓ ବିଳାସନୀ ମାଝି ରହି ପୂଜା କାର୍ଯ୍ୟ ତୁଲାଇଥିଲେ । ଏଥିରେ ତାରିଣୀ ପୂଜକ ହେମନ୍ତ ମାଝି, ଲକ୍ଷ୍ମଣ ମାଝି, ହରେକୃଷ୍ଣ ସାହୁ, ଭରତ ଚନ୍ଦ୍ର ନାଏକ, ପରମା ବାଗ, ଅଜିତ ଭୋଇ, ଶିବାନୀ ଭୋଇ, ଭବାନୀ ଭୋଇ ପ୍ରମୁଖ ଭକ୍ତ ବୃନ୍ଦ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ।

## ଆଦିବାସୀ ଅଞ୍ଚଳରେ ବିକାଶ ଅପହଞ୍ଚ

# ପାଣି ପାଇଁ ଶଗଡ଼ା ନଦୀ, ଜଙ୍ଗଲୀ ରାସ୍ତା ଭରସା

ଉତ୍ତମ କୁମାର ଦାଶ
ଜୁନାଗଡ଼,୧୩।୪ (ଡି.ଏନ.ଏ.)

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ଭଳି ସର୍ବନିମ୍ନ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ନିରୀହ ଆଦିବାସୀଙ୍କ ପାଖରେ ଏହି ସବୁ ଯୋଜନା ପହଞ୍ଚି ପାରୁନାହିଁ। ସରକାରଙ୍କ ଏହି ଯୋଜନାଗୁଡିକ କେବଳ ସ୍ଲୋଗାନରେ ହିଁ ସୀମିତ ରହିଯାଉଛି। ଏପରି ଏକ ଚିତ୍ର ଦେଖିବାକୁ ମିଳେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଦିବାସୀ ତଥା ଦୁର୍ଗମଅଞ୍ଚଳ ଭାବେ ଜଣାଶୁଣା ଦେଦର ପଞ୍ଚାୟତ ସୁରଲି, କୁସୁମ୍ବରା ଓ ସୁପେଲ ଗ୍ରାମରେ। ଜୁନାଗଡ ବ୍ଲକ କାର୍ଯ୍ୟାଳୟଠାରୁ ଏଠାକୁ ପ୍ରାୟ ୧୫ କି.ମି. ଏବଂ ପଞ୍ଚାୟତରୁ ୧୦ କି.ମି. ଦୂର ପଡିଥାଏ। ବଣପାହାଡ ଭିତରେ ଥିବା ସୁରଲି, କୁସୁମ୍ବରା ଓ ସୁପେଲ ଗ୍ରାମର ଜନସଂଖ୍ୟା ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ। ଏହି ୩ ଗ୍ରାମରେ ପ୍ରାୟ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରିଥାନ୍ତି। ସମସ୍ତେ ପ୍ରାୟ ଗରିବ ଶ୍ରେଣୀର ହୋଇଥିବାବେଳେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନ ବିତାଇଥାନ୍ତି। ଏହାସହ କିଛି ଲୋକ ପୋଡୁ ଚାଷ କରି ପରିବାର ମଧ ପ୍ରତିପୋଷଣ କରିଥାନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ବି ଏଠାକାର ଅଧିବାସୀ ଅବହେଳିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହି ୩ଟି ଗାଁକୁ ଯିବାକୁ ବର୍ତ୍ତମାନ ସୁଦ୍ଧା ମଧ ଭଲ ରାସ୍ତା ନାହିଁ। କେବଳ ଜଙ୍ଗଲି ରାସ୍ତା ସାହା ଭରଷା। ଏହି ଜଙ୍ଗଲି ରାସ୍ତାରେ ବଡ ବଡ ପଥର ଖାଲଖମା ଥିବାରୁ ଚାଲିଚାଲି ଯିବାକୁ ପଡୁଥିବାବେଳେ ଅତିକଷ୍ଟରେ ବାଇକ୍ ଯାଇଥାଏ। ଆଉ କିଛି ସୁବିଧା ନ ଥିବାରୁ ଜୀବନକୁ ପାଣି ଛଡାଇ ଏଠାକାର ଅଧିବାସୀ ଏହି ରାସ୍ତା ଦେଇ ଗର୍ଭବତୀ ମହିଳା ଓ ରୋଗୀମାନଙ୍କୁ ଭାରରେ, ଖଟରେ ବୋହି ପ୍ରାୟ ୩/୫ କି.ମି. ସୁପେଲ ଗ୍ରାମ ପର୍ଯ୍ୟନ୍ତ ଆଣିଥାନ୍ତି। ସେଠାରେ ଗାଡି କିମ୍ବା ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନା ନେଇଥାନ୍ତି ।

ଭାରରେ ବୋହି ନେବା ସମୟରେ କେତେକ ରୋଗୀ ଅଧା ବାଟରେ ମଧ ଆଖି ବୁଜି ଦେଉଥିବା ଲୋକଙ୍କଠୁ ଜଣାପଡେ। ବର୍ଷା ହେଲେ ସୁପେଲ ଗ୍ରାମ ପର୍ଯ୍ୟନ୍ତ ବି ଗାଡିଯିବା କଷ୍ଟକର ହୋଇପଡିଥାଏ। ସ୍ୱାସ୍ଥ୍ୟ ସେବା ଏଠାରେ କିପରି ତାହା ସ୍ପଷ୍ଟ ଅନୁମେୟ। ସେହିପରି ପିଡିଏସ ସାମଗ୍ରୀ ଓ ଭତ୍ତା ନେବା ପାଇଁ ଏଠାକାର ଜନସାଧାରଣ ୧୦/୧୨ କି.ମି. ଦୂର ଦେଦର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି।ବର୍ଷା ଦିନରେ ଶଗଡା ନଦୀରେ ପାଣି ଆସୁ ଥିବାରୁ ସୁରଲି ଗ୍ରାମବାସୀ ପିଡିଏସ ଓ ଭତ୍ତା ସାମଗ୍ରୀ ଆଣି ଯାଇ ପାରନ୍ତି ନାହିଁ। ସେହିପରି କୁସୁମ୍ବରା ଗ୍ରାମ ଆଗରେ ଥିବା କୁଟେନ ନାଲ ଓ କର୍ଲା ନାଳ ରେ ପାଣି ଆସୁ ଥିବାରୁ ସେମାନେ ମଧ ପିଡିଏସ ଓ ଭତ୍ତା ସାମଗ୍ରୀ ଆଣି ଯାଇ ପାରନ୍ତି ନାହିଁ। ବର୍ଷା ସମୟରେ ଏହି ୩ଟି ଗାଁର ଲୋକ ଅତିକଷ୍ଟରେ ଚଳିଥାନ୍ତ। ସେହିପରି ପାନୀୟ ଜଳ ସରୁଲି, କୁସୁମ୍ବରା ୨ଟି ଗାଁ ପାଇଁ ଅଭିଶପ୍ତ ପାଲଟିଛି। ୨ଟି ଗାଁରେ ଗୋଟାଏ ଲେଖାଁଏ ନଳକୂପ ଅଛି। ତାହା ମଧ ପୂର୍ବର ହାତକୋଡା ନଳକୂପ ହୋଇଥିବାରୁ ଠିକ ଭାବରେ ପାଣି ବାହାରୁ ନାହିଁ। ଫଳରେ ଏହି ୨ଟି ଗ୍ରାମବାସୀ ଏବେ ଶଗଡା ନଦୀ ପାଣି ଉପରେ ପାନୀୟ ଜଳ ପାଇଁ ଭରସା କରନ୍ତି । ସେଠାରୁ ବାଲିଚୁଆଁ କରି ପାଣି ନେଉଛନ୍ତି। ଏବେ ଗ୍ରୀଷ୍ମ ଋତୁ ହୋଇଥିବାରୁ ପାନୀୟଜଳ ପାଇଁ ଲୋକେ ତହଲବିକଳ ହେଉଛନ୍ତି। ସେହିପରି ଶିକ୍ଷା କହିଲେ ଏହି ୩ଟି ଗାଁରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ବିଦ୍ୟାଳୟ ଅଛି। ଆଗକୁ ପଢିବା ପାଇଁ ଏଠାକାର ଛାତ୍ରୀଛାତ୍ର ପ୍ରାୟ ୯ କି.ମି. ଦୂର ଗୋଲାମୁଣ୍ଡା ଆଶ୍ରମ ବିଦ୍ୟାଳୟକୁ ଯାଇଥାନ୍ତି। ସେଠାରେ ରହି କି ସେମାନେ ପାଠ ପଢିଥାନ୍ତି। ଅନ୍ୟପକ୍ଷରେ,ଏହି ୩ଟି ଗାଁକୁ କୌଣସି ନେଟୱାର୍କର ଆସୁ ନ ଥିବାରୁ କୌଣସି ଜରୁରୀ ସୁଚନା ଗ୍ରାମବାସୀ କିମ୍ବା ବାହାରର ଲୋକ ଜାଣିପାରନ୍ତି ନାହିଁ। ଏହି ସବୁ ସମସ୍ୟା ପାଇଁ ଗୁରୁବାର ସୁରଲୀ, କୁସୁମ୍ବରା ଓ ସୁପେଲ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। କଳାହାଣ୍ଡି ଜିଲା ପ୍ରଶାସନ ଉପରୋକ୍ତ ସମସ୍ୟାଗୁଡିକ ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ନିବେଦନ କରିଛନ୍ତି ।



୩ଟି ଗାଁକୁ ଯାଉଥିବା ଜଙ୍ଗଲୀ ରାସ୍ତା।

**ଦେଦର ପଞ୍ଚାୟତ**

- ସ୍ୱାସ୍ଥ୍ୟ ସେବା ବାଟବଣା
- ଭତ୍ତା, ପିଡିଏସ ସାମଗ୍ରୀ ନେବା ପାଇଁ ୧୨ କି.ମି.
- ସୁରଲି, କୁସୁମ୍ବରା, ସୁପେଲ ଗ୍ରାମରେ ନେଟୱର୍କ ଲାଗେନାହିଁ
- ଚଳିତ ନିର୍ବାଚନରେ ଭୋଟ ବର୍ଜନ କଲେ

ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳରେ ମତଦାନ

### ଲଞ୍ଚରେ ଫେରିଲେ ପୋଲିଂ କର୍ମଚାରୀ

ଭବାନୀପାଟଣା,୧୩।୪ (ଡି.ଏନ.ଏ.)

ନିଜ ଅଞ୍ଚଳରେ ମତଦାତା ମତଦାନ କରି ବେଶ ଖୁସି ଥିବା ଖବର ମିଳିଛି। ଗତ କୋଡିଏ ବର୍ଷ ଧରି ଦୟନୀୟ ଜୀବନ କାଟୁଥିବା ଜଳବନ୍ଦୀ ଅଞ୍ଚଳର ମତଦାତା ଏଥର ନିଜ ଅଞ୍ଚଳରେ ଭୋଟ ଦେଇଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପୋଡାପଦର ପଞ୍ଚାୟତ ଘୃତ୍ଖାଲ ଓ ଭିତରଡଙ୍ଗାରେ ଚଳିତ ବର୍ଷ ବୁଥ୍ କରାଯାଇଥିଲା। ଏଠାରେ ଭୋଟର ସଂଖ୍ୟା ୧୭ ଶହ। ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ଲଞ୍ଚ ଯୋଗେ ସେଠାକୁ ଯାଇଥିଲେ। ସୂଚାରୁ ରୂପେ ଭୋଟ ଗ୍ରହଣ ପରେ ଫେରିଛନ୍ତି। ଫଳରେ ୧୬ଟି ଗାଁର ଭୋଟରମାନଙ୍କୁ ଆଉ ବିପଜ୍ଜନକ ଭାବେ ଡଙ୍ଗାରେ ଆସିବାକୁ ପଡିନାହିଁ। ସୂଚନାଯୋଗ୍ୟ ଯେ, ପ୍ରତିଥର ଭୋଟ ବେଳେ ଏଠାକାର ଭୋଟରମାନଙ୍କୁ ଡଙ୍ଗାରେ ବିପଦଜନକ ଭାବେ ଯାଇ ଭୋଟ ଦେବାକୁ ପଡୁଥିଲା। ଚଳିତବର୍ଷ ଘୃତ୍ଖାଲ ମତଦାନ କେନ୍ଦ୍ରରେ ଝିରି ଓ ତେନ୍ତୁଳିପଦର ମତଦାତାମାନେ ଭୋଟ ଦେଇଥିବା ବେଳେ ଭିତର ଡଙ୍ଗାଠାରେ ଲିଟିମସ୍କା, କାରବାଡି, ଉପରପୁଙ୍ଗା, ତଳପୁଙ୍ଗା, କଳାଟି, କୁତୃପାଟ ତଳଗୁଜଂମାଳୀ, ଉପର ଗୁଞ୍ଜମାଳୀ, ତଳଟେମରା, ଡିପ ଟେମରା, ଭୁରଭୁରୀ ଟେମରା, ସରାଫାସ ଆଦି ଅଞ୍ଚଳର ମତଦାତା ମତଦାନ କରିଥିଲେ। କିନ୍ତୁ ଏହିସବୁ ଦୁର୍ଗମ ବୁଥରେ ଭୋଟିଂ ମେଶିନ ଅଚଳ ହେବାରୁ ଲୋକଙ୍କୁ କିଛି ସମୟ ଧରି ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏଭଳି ଦୁର୍ଗମ ଓ ଜଳବନ୍ଦୀ ଅଞ୍ଚଳରେ ମତଦାତାଙ୍କ ସାମ୍ବିଧାନିକ ଭୋଟର ମର୍ଯ୍ୟାଦା ରଖି ଆଗାମୀ ପଞ୍ଚବାର୍ଷିକ ଯୋଜନାରେ ଗମନାଗମନର ସ୍ଥାୟୀ ସୁବିଧା ପାଇଁ ଦାବି ହେଉଛି।

କଳାହାଣ୍ଡି ଜିଲା

## ଗତ ନିର୍ବାଚନଠାରୁ ୦.୮୨% ଅଧିକ ମତଦାନ

ଭବାନୀପାଟଣା,୧୩।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ଗୁରୁବାର ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । ଏଥର ଗତ ନିର୍ବାଚନଠାରୁ ଏଥର ୦.୮୨ % ଅଧିକ ମତଦାନ ଅଧିକ ହୋଇଛି। ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଠାରୁ ଅଧିକ ୩.୪୫ % ଭୋଟ ହାର ବଢିଥିବା ବେଳେ ଲାଞ୍ଜିଗଡ ବ୍ଲକରେ ଭୋଟ ହାର ୧.୬୪ % କମିଛି। ମିଳିଥିବା ସୂଚନାରୁ ଅନୁସାରେ, କଳାହାଣ୍ଡି ଜିଲାରେ ଗତ ୨୦୦୯ ନିର୍ବାଚନ ବେଳେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ୬୮.୩୧ % ଭୋଟ ହାର ଥିବା ବେଳେ ୨୦୧୪ରେ ୭୭.୪୧ % ଓ ଚଳିତ ନିର୍ବାଚନରେ ଏହା ୧.୬୪ % ହ୍ରାସ ପାଇ ୭୫.୭୫ % ମତଦାନ ହୋଇଛି। ଜୁନାଗଡ ନିର୍ବାଚନମଣ୍ଡଳୀରେ ୨୦୦୯ରେ ୬୯.୬୩ %, ୨୦୧୪ରେ ୭୬.୪୦ % ଭୋଟ ହାର ଥିବା ବେଳେ ଚଳିତ ନିର୍ବାଚନରେ ଏଠାରେ ୨.୬୪ % ବୃଦ୍ଧି ପାଇ ୭୯.୦୪ % ଭୋଟ ହୋଇଛି। ଧର୍ମଗଡନିର୍ବାଚନମଣ୍ଡଳୀରେ ୨୦୦୯ରେ ୭୧.୫୧ % ୨୦୧୪ରେ ୭୬.୬୮ % ଥିବା ବେଳେ ଚଳିତନିର୍ବାଚନରେ ଏହା ୧.୮୨ % ବୃଦ୍ଧି ପାଇ ୭୮.୫୦ % ହୋଇଛି। ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀରେ ୨୦୦୯ରେ ୬୩.୭୦ %, ୨୦୧୪ରେ ୭୨.୮୬ % ଓ ବର୍ତ୍ତମାନ ୦.୦୮ % ବୃଦ୍ଧି ପାଇ ୭୨.୯୪ % ଭୋଟ ଦାନ ହୋଇଛି। ନର୍ଲା ନିର୍ବାଚନମଣ୍ଡଳୀରେ ୨୦୦୯ରେ ୭୦.୯୭ %, ୨୦୧୪ରେ ୭୬.୭୬ % ଥିବା ବେଳେ ବର୍ତ୍ତମାନ କଳାହାଣ୍ଡି ଜିଲାର ସବୁଠାରୁ ଅଧିକ ୩.୪୫ % ଭୋଟହାର ବୃଦ୍ଧି ପାଇ ୮୦.୨୧ % ମତଦାନ ହୋଇଛି। ଗତ ୨୦୦୯ରେ କଳାହାଣ୍ଡି ଜିଲାରେ ୬୮.୮୯ % ଥିବା ବେଳେ ୨୦୧୪ରେ ୭୬.୪୮ % ଥିବା ବେଳେ ବର୍ତ୍ତମାନ ୦.୮୨ ପ୍ରତିଶତ ବୃଦ୍ଧି ପାଇ ୭୭.୩୦ % ଭୋଟ ଗ୍ରହଣ ହୋଇଛି। ଜିଲାରେ ନର୍ଲାରେ ଆଶାତୀତ ଭୋଟ ହାର ବୃଦ୍ଧି ପାଇଥିବା ବେଳେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ହ୍ରାସ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

## ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଘାଟିତ

ପଲମ,୧୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ଟକର୍ଲା ପଞ୍ଚାୟତସ୍ଥିତ ମୁଣ୍ଡାପଲା ଗ୍ରାମରେ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ ସ୍ଥିରିକୃତ ହୋଇଛି । ରାମନବମୀ ପୂଜା କାର୍ଯ୍ୟ ପାଇଁ କର୍ତ୍ତା ଭାବେ ଚୂଡ଼ାମଣି ମାଝି ଓ ରେବତୀ ମାଝି ରହି ପୂଜା କାର୍ଯ୍ୟ ତୁଲାଇବା ନିମନ୍ତେ ସ୍ଥିର କରାଯାଇଛି । ଶୁକ୍ରବାର କଳସ ଯାତ୍ରା ପରେ ଶନିବାର ରାମ ନବମୀ ପୂଜା, ଶ୍ରୀରାମଚରିତ ମାନସ ପାଠ ଓ ପୁଣ୍ୟକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଉତ୍ସବରେ ରାମ ନବମୀ କମିଟି ସଭାପତି ବିଦେଶି ସାହୁ, ସମ୍ପାଦକ କେଦାର ସାହୁ ରହିଥିବା ବେଳେ ସଭ୍ୟ ଭାବେ ଉପେନ୍ଦ୍ର ମାଝି, ଉଗ୍ରେସନ ମାଝି, ଚିତ୍ରସେନ ମାଝି,ସୁନିଲ ସାହୁ ରହି ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରୁଛନ୍ତି । ଏହାକୁ ସମସ୍ତ ଗ୍ରାମବାସୀ ମିଳିତ ଭାବେ ଆୟୋଜନ କରିଛନ୍ତି । ପ୍ରତ୍ୟେକ ଗୁରୁବାର ବ୍ୟତୀତ ଅନ୍ୟ ରାତିରେ ରାମଲୀଳା ନାଟକ ପରିବେଷଣ କରିବା ପାଇଁ ସ୍ଥିର କରାଯାଇଛି ।

ମା' ତାରିଣୀଙ୍କ ଝାମୁଯାତ୍ରା

## ନିଆଁରେ ଚାଲିଲେ ବରୁଆ, ଭକ୍ତ

ରିଷିଡ଼ା,୧୩।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ପୀଠରେ ଝାମୁଯାତ୍ରା ଗୁରୁବାରରୁ ଆରମ୍ଭ ହୋଇଛି । ଶନିବାର ଏଠାରେ ଝାମୁ ଯାତ୍ରାରେ ନିଆଁରେ ବରୁଆ ଓ ଭକ୍ତମାନଙ୍କର ଚାଲିବା ମୁଖ୍ୟ ଆକର୍ଷଣ ଥିଲା । ମନ୍ଦିର ପରିସରରେ ୮ ଫୁଟ ଲମ୍ବ ଓ ୨ ଫୁଟ ଓସାରର ଖାଲ କରାଯାଇ ସେଥିରେ ନିଆଁ ଅଙ୍ଗାର ଭର୍ତ୍ତି କରାଯାଇଥିଲା । ଏକ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବରୁଆ ପ୍ରଥମେ ନିଆଁ ଉପରେ ଚାଲିଥିଲେ । ଏହା ପରେ ମାନସିକଧାରୀ ଭକ୍ତମାନେ ଚାଲନ୍ତି । ମନ୍ଦିର ପରିସରରେ ବିଭିନ୍ନ ଦେବଦେବୀ କାଳିଶି ବେଶରେ ଭକ୍ତଙ୍କ ହାରୀଗୁହାରୀ ଶୁଣନ୍ତି । ପ୍ରତିବର୍ଷ ଏଠାରେ ଆଶା ଓ ବିଶ୍ୱାସରେ ମା' ତାରିଣୀଙ୍କ ଝାମୁଯାତ୍ରା ଚାଲିଛି । ଏହି ଯାତ୍ରାରେ ଭକ୍ତଙ୍କ ସଂଖ୍ୟା ପ୍ରତିବର୍ଷ ଦ୍ୱିଗୁଣିତ ହେଉଥିବା ଲକ୍ଷ କରାଯାଉଛି । ଚୈତ୍ର ମାସ ମା' ତାରିଣୀଙ୍କ ପୂଜାର୍ଚ୍ଚନା କରିବା ପ୍ରକୃଷ୍ଟ ସମୟ ହୋଇଥିବାରୁ ଏହି ଯାତ୍ରାରେ ଅଂଶ ଗ୍ରହଣ କରିବାକୁ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସୁଅ ଛୁଟୁଛି । ମା' ତାରିଣୀ ପୂଜା କମିଟି ନନ୍ଦ କିଶୋର ରଣା, ଗୁରୁ ରଞ୍ଜନ ରଣା, ବରୁଆ ସୁଶାନ୍ତ ମଲ୍ଲିକ, ହୃଦାନନ୍ଦ ମଲ୍ଲିକ, ସୂର୍ଯ୍ୟମଣି ରଣା, ବୃହସ୍ପତି ରଣା, ପୀତାମ୍ବର ରଣା, ପ୍ରସନ୍ନ ରଣା, ଦୟାନିଧି ରଣା, ଶେଷଦେବ ରଣା, ସୁଶାନ୍ତ ଭୋଇ ପ୍ରମୁଖ ସହାୟତା କରିଥିଲେ । ପ୍ରତିବର୍ଷ ଏଠାରେ ରୀତିନୀତିରେ ପୂଜା ଅନୁଷ୍ଠିତ ହୋଇଥାଏ । ଭକ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗୁଛି । ଯାତ୍ରା ସମୟରେ ପୀଠ ସ୍ଥଳ ଉତ୍ସବ ମୁଖର ହୋଇ ଉଠିଛି ବୋଲି ଗୁରୁ ରଞ୍ଜନ ରଣା କହନ୍ତି । ମା'ଙ୍କ ଆର୍ଶିବାଦରୁ ଏହି ଝାମୁ ଯାତ୍ରା ସଫଳ ହୋଇପାରୁଛି । ଆଶା ଓ ବିଶ୍ୱାସରେ ଏହି ଯାତ୍ରା ଚାଲିଛି ବୋଲି ବରୁଆ ସୁଶାନ୍ତ ମଲ୍ଲିକ କହିଛନ୍ତି । ଜଣେ ଭକ୍ତ ହୃଦାନନ୍ଦ ମଲ୍ଲିକ କହନ୍ତି, ଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ବିଶେଷ ଦୃଷ୍ଟି ଦିଆଯାଉଛି । ଆଗାମୀ ଦିନରେ ଯାତ୍ରା ପରିସର ବୃଦ୍ଧି କରାଯିବ ।



ତାରିଣୀ ପୀଠରେ ଝାମୁଯାତ୍ରାରେ ବରୁଆ ନିଆଁ ଉପରେ ଚାଲୁଛନ୍ତି ।

## ରାମନବମୀରେ ବିଶାଳ ଶୋଭାଯାତ୍ରା

ଜୟପାଟଣା,୧୩।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣାଠାରେ ରାମ ନବମୀ ପାଳନ କମିଟି ତରଫରୁ ଶ୍ରୀରାମ ନବମୀ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀରାମଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ରାମ ମନ୍ଦିର ପାଳନ କମିଟି ସଭାପତି ହରିକିଷନ ଜୈନ, ସମ୍ପାଦକ ସାଗର ସୌରଭ ବେହେରା, କୋଷାଧ୍ୟକ୍ଷ ପ୍ରବୀଣ ଅଗ୍ରୱାଲ, ଉପସଭାପତି ପ୍ରମୋଦ ଠାକୁର, ଉପଦେଷ୍ଟା ଦିବାକର ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବକ ଜୟପାଟଣା ରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ରଥରେ ଶ୍ରୀରାମଙ୍କ ବିଗ୍ରହ ଅନ୍ୟ ଏକ ରଥରେ ପ୍ରଭୁ ପାଦୁକା ଅବଶେଷରେ କୋଦଣ୍ଡ ଧନୁର ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା । ଶହଶହ ଯୁବକ ଗୈରିକ ପତାକା ଧାରଣ କରି ସୈଁତଳାର ଘଣ୍ଟବାଦ୍ୟର ତାଳେ ତାଳେ ନଗର ପରିକ୍ରମା କରିଥିଲେ । ବିଭିନ୍ନ ଛକରେ ଜଳଛତ୍ର, ପଣାର ଆୟୋଜନ କରାଯାଇଥିଲା । ବ୍ଲକ ପଡ଼ାର ଶ୍ରୀରାମ ମନ୍ଦିରରୁ ଆରମ୍ଭ ହୋଇ ଚାରି କି.ମି. ଶୋଭାଯାତ୍ରାରେ ନଗର ପରିକ୍ରମାରେ ବାହାରି ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଶେଷ ହୋଇଥିଲା । ଏହି ଅବସରରେ ଜୟପାଟଣା ଗୀତା ଭବନଠାରେ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।



ଜୟପାଟଣାଠାରେ ଆୟୋଜିତ ଶ୍ରୀରାମ ନବମୀ ଶୋଭାଯାତ୍ରା ।

## ଇଞ୍ଜିନିୟରିଂ କଲେଜ ଷ୍ଟ୍ରଙ୍ଗରୁମ୍‌ର ଅବ୍ୟବସ୍ଥା

ଭବାନୀପାଟଣା,୧୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲାର ୫ଟି ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇଁ ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜରେ ଷ୍ଟ୍ରଙ୍ଗରୁମ କରାଯାଇଛି। ନିର୍ବାଚନୀ ଅବ୍ୟବସ୍ଥା ଯୋଗୁ ଇଭିଏମ ଗତ ୧୧ ତାରିଖ ରାତି ଓ ୧୨ ତାରିଖ ସକାଳୁ ଆସି ଇଞ୍ଜିନିୟରିଂ କଲେଜରେ ପହଞ୍ଚିଥିଲା। ଅବ୍ୟବସ୍ଥା ଯୋଗୁ ଦିନତମାମ ଇଭିଏମ ମେଶିନଗୁଡିକ ଟାଣ ଖରାରେ ପଡି ରହିବା ଓ କର୍ମଚାରୀ ହଟହଟା ହେବା ବୁଦ୍ଧିଜୀବୀଙ୍କ ମଧରେ ଉଦବେଗ ପ୍ରକାଶ ପାଇଥିଲା ବେଳେ ନିର୍ବାଚନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନଙ୍କ ଆଶଙ୍କା ବଢି ଯାଉଛି।

ପ୍ରକାଶ ଯେ, ଗତ ୧୧ ତାରିଖ ସନ୍ଧ୍ୟାରୁ ଇଭିଏମ ସହିତ ପୋଲିଂ ପାର୍ଟିମାନେ ପହଞ୍ଚିବା ପରେ କର୍ମଚାରୀମାନେ ସାମଗ୍ରୀ ଫେରସ୍ତ କରିଥିଲେ। ଲାଞ୍ଜିଗଡ ବିଧାନସଭା ନିର୍ବାଚନମଣ୍ଡଳୀର ଇଭିଏମ ୧୨ ତାରିଖ ସକାଳ ପ୍ରାୟ ସାଢେ ୯ଟାରେ ଷ୍ଟ୍ରଙ୍ଗରୁମକୁ ଯାଇଥିଲା। ଦିନ ତମାମ ଅନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀର ଇଭିଏମଗୁଡିକ ଷ୍ଟ୍ରଙ୍ଗରୁମକୁ ନେବାକୁ ବିଳମ୍ବ ହେବା ଯୋଗୁ ଖରାରେ ପଡି ରହିଥିଲା। ପ୍ରାୟତଃ ପ୍ରତିଦିନ ଜିଲାରେ ସନ୍ଧ୍ୟା ସମୟରେ କାଳବୈଶାଖି ଝଡ ବର୍ଷା ହେବାର ସମ୍ଭାବନା ଥିବାରୁ ବାହାରେ ପଡିଥିବା ଏହି ଏଭିଏମ୍ ମେଶିନଗୁଡିକର ନିରାପତ୍ତା ନେଇ ସମସ୍ତେ ସନ୍ଧିହାନ ହୋଇପଡିଥିଲେ। ସବୁ ଇଭିଏମ ଷ୍ଟ୍ରଙ୍ଗରୁମରେ ପହଞ୍ଚିଥିଲା। ୨୪ ଘଣ୍ଟା ଧରି ଇଭିଏମ ବାହାରେ ପଡି ରହିବା ନେଇ ରାଜନେତା ମହଲରେ କ୍ଷୋଭ ପ୍ରକାଶ ପାଇଛି। ଆଜି ସନ୍ଧ୍ୟାରେ ସମସ୍ତ ପ୍ରାର୍ଥୀ ଷ୍ଟ୍ରଙ୍ଗରୁମରେ ପହଞ୍ଚିବା ପରେ ସିଲ ହୋଇଥିଲା। ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁ କର୍ମଚାରୀମାନେ ମଧ୍ୟ ଦିନ ତମାମ ଖରାରେ ହଟହଟା ହୋଇଥିଲେ। ନିର୍ବାଚନ ବେଳେ କୌଣସି ବୁଥରେ ଛାମୁଣ୍ଡିଆ କିମ୍ବା ପାନୀୟ ଜଳ ବ୍ୟବସ୍ଥା ନ ହେବା ନେଇ କ୍ଷୋଭ ପ୍ରକାଶ ପାଇଛି। ସମସ୍ତ ବୁଥରେ ୨ ଜଣ ସ୍ୱେଚ୍ଛାସେବୀ ନିଯୁକ୍ତି ହୋଇଥିଲେ ମଧ ସେମାନଙ୍କୁ ଖାଇବାକୁ ମଧ୍ୟ ଦିଆଯାଇ ନ ଥିଲା। ଭବାନୀପାଟଣା ସହରରେ ଏନସିସି ଛାତ୍ରମାନଙ୍କୁ ନିୟୋଜିତ କରାଯାଇଥିଲା। ଜଣେ ଛାତ୍ର ଭୋକରେ ଥିବା ଯୋଗୁ ହଠାତ ଅସୁସ୍ଥ ହୋଇ ପଡିଥିଲେ। କର୍ମଚାରୀ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପରିଚାଳନା ଅଭାବ ଯୋଗୁ କର୍ମଚାରୀମାନେ ହଟହଟା ହୋଇଥିଲେ। ବହୁ ସ୍ଥାନରେ ଅଣ ତାଲିମପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରଥମ ପୋଲିଂ ଅଫିସର ଭାବେ ମଧ୍ୟ ପଠାଯାଇଥିଲା। କର୍ମଚାରୀମାନେ ସେମାନଙ୍କ ଟିଏଡିଏ ପାଇବା ପାଇଁ ନାକେଦମ ହୋଇଥିଲେ। ଜିଲାରେ ଥିବା ୧୪୦୫ଟି ମତଦାନ କେନ୍ଦ୍ରରେ ଭିନ୍ନକ୍ଷମମାନମଙ୍କୁ ଭୋଟ ଦେବାରେ ସହଯୋଗ କରିବା ତଥା ଧାଡିବାନ୍ଧି ଭୋଟ ଦେବାକୁ ଆସୁଥିବା ଭୋଟରମାନଙ୍କୁ ନିୟନ୍ତ୍ରୀତ କରିବା ପାଇଁ ସହାୟକ ଭାବେ କାର୍ଯ୍ୟ କରିବାକୁ ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କ ନିକଟରୁ ଯାଇଥିବା ପତ୍ର ଅନୁଯାୟୀ ପ୍ରତେକ ବୁଥକୁ ୨ ଜଣ ଲେଖାଏଁ ଏନସିସି ଛାତ୍ର, ଏନଏସଭି ଆଦି ପିଲାମାନଙ୍କୁ ନିୟୋଜିତ କରାଯାଇଥିଲା। ସରକାରୀ ପତ୍ର ଅନୁଯାୟୀ ପ୍ରତି ପିଲାକୁ ୧୦୦ ଟଙ୍କା ଲେଖାଏଁ ଦେବା ସହିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାର ସୁଯୋଗ ଦିଆଯିବା ପାଇଁ କୁହାଯାଇଥିଲା। କିନ୍ତୁ ଦୁଃଖର ବିଷୟ ଜିଲା ପ୍ରଶାସନ ପକ୍ଷରୁ ପିଲାମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜିଲାପାଳ ଡ. ଗାଭିଲ ପରାଗ ହର୍ଷଦଙ୍କୁ ପଚାରିବାରୁ ଏହି ନିର୍ବାଚନ ଆରମ୍ଭରୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବା ସହ ଶେଷ ପର୍ଯ୍ୟନ୍ତ ସୂଚାରୁ ରୂପେ ଓ ସୁରୁଖୁରୁରେ ସମ୍ପୂର୍ଣ୍ଣ କରାଯାଇଛି। କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଯେଉଁ କଥା କହୁଛନ୍ତି ମୋ ନଜରକୁ ସେଭଳି କିଛି ଆସିନାହିଁ।



ସମସ୍ତ ଇଭିଏମ୍ ଟେଣ୍ଟରେ ରଖାଯାଇଛି।